# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧/୨୦୨୩ (୧୮ ପୃଷ୍ଠା) | Bhubaneswar, Tuesday, August 1/2023 | Page 18 | ₹ 7.00

୪୯ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 247 | ମୂଲ୍ୟ ₹୭/-




## ବୁମ୍ରା ଅଧିନାୟକ ମନୋନୀତ

ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଯଶପ୍ରୀତ ବୁମ୍ରାଙ୍କୁ ଭାରତୀୟ ଦଳର ଅଧିନାୟକ କରାଯାଇଛି।

୧୫

୧୨

## ସୋନୁଙ୍କୁ ବିଶାଳ ପପ୍ ଆର୍ଟ ଉପହାର

ଅଭିନେତା ସୋନୁ ସୁଦ୍‌ଙ୍କ ଶନିବାର ଜନ୍ମଦିନ ଅବସରରେ ପ୍ରଶଂସକମାନେ ତାଙ୍କ ପାଇଁ ୧ ଲକ୍ଷ ୧୭ ହଜାର ବର୍ଗ ଫୁଟର ଏକ ପପ୍ ଆର୍ଟ ଉପହାର ସ୍ୱରୂପ ଦେଇଛନ୍ତି।





ସୋମବାର ଅପରାହ୍ନରୁ ହୋଇଥିବା ବର୍ଷାରେ କଟକ ଫ୍ରେଣ୍ଡ୍ସ କଲୋନୀ ରାସ୍ତାରେ ପାଣିର ସୁଅ ଛୁଟୁଛି। ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। **(ଫଟୋ: ରାଜକିଶୋର ମହାନ୍ତି)**

# ସିବିଆଇ କରିପାରିବନି ତଦନ୍ତ

**ନୂଆଦିଲ୍ଲୀ/ଭୁବନେଶ୍ୱର,୩୧।୭ (କୁଳଦୀପ ସିଂ/ ଅନିଲ ଦାସ)**

ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ସିବିଆଇ ତଦନ୍ତ କରିପାରିବ ନାହିଁ। ଆବେଦନକାରୀ ପିନାକ ପାଣି ମହାନ୍ତି ଚିଟ୍‌ଫଣ୍ଡ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହଯୋଗୀଙ୍କୁ ପକ୍ଷଭୁକ୍ତ କରିବା ସହ ତାଙ୍କ ବିରୋଧରେ ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ସୋମବାର ଏହାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ବିଚାରପତି ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ୩ ଜଣିଆ ପୀଠ ନବୀନଙ୍କ ବିରୋଧରେ ଆଗତ ଆବେଦନକୁ ଗ୍ରହଣ



କରିବାକୁ ମନା କରି ଦେଇଛନ୍ତି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ଆମେ କୌଣସି ତର୍ଜମା କରିବାକୁ ଚାହୁଁ ନାହୁଁ କିମ୍ବା ଆବେଦନକାରୀଙ୍କୁ ଏଥିପାଇଁ ସୁଯୋଗ ଦେବୁ ନାହିଁ ବୋଲି କହି ପିଟିଶନକୁ ଖାରଜ କରି ଦେଇଛନ୍ତି।

ସୂଚନାଯୋଗ୍ୟ, ଆବେଦନକାରୀ ମହାନ୍ତି ମୁଖ୍ୟମନ୍ତ୍ରୀ ଓ ତାଙ୍କ ଘନିଷ୍ଠ ସହଯୋଗୀ ସରୋଜ ସାହୁଙ୍କ ବିରୋଧରେ ଚିଟ୍‌ଫଣ୍ଡ ମାମଲାର ସିବିଆଇ ତଦନ୍ତ କରିବାକୁ ଆବେଦନ କରିଥିଲେ। ଏହାଛଡ଼ା ରାଜ୍ୟର ବିଭିନ୍ନ ଖଣି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଜେଡି ବିଧାୟକମାନଙ୍କ ସମ୍ପୃକ୍ତି ରହିଥିବାରୁ ସିବିଆଇ ତଦନ୍ତ ପାଇଁ ଆବେଦନ କରିଥିଲେ। ବକ୍ସାଇଟ ଖଣି ଅଞ୍ଚଳ, ଯାହା କି ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଦାନ କରାଯିବା ବିଷୟକୁ ମଧ୍ୟ ତଦନ୍ତ ପରିସର କରିବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ। ଆବେଦନକାରୀ ଜଣେ ସାମାଜିକ କର୍ମୀ। ସେ ୨୦୧୫ ମାର୍ଚ୍ଚ ୨୮ ତାରିଖରେ ସିବିଆଇ ଏସ୍‌ପିଙ୍କ ନିକଟରେ ଏକ ଅଡିଓ ସିଡୀ ସହ ଅଭିଯୋଗ ☞ପୃଷ୍ଠା-୪

## ଚନ୍ଦ୍ରୟାନ-୩ର ଟ୍ରାନ୍ସଲୁନାର ଇଞ୍ଜେକ୍ସନ ସଫଳ

**ବେଙ୍ଗାଲୁରୁ,୩୧।୭:** ଭାରତର ତୃତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩ ପୃଥିବୀ ଚାରିପଟେ ୧୭ ଦିନ ଘୂରିବା ସହ ୫ ଥର କକ୍ଷ ଉତ୍ଥାନ କରାଯିବା ପରେ ସୋମବାର ମଧ୍ୟରାତ୍ରରେ ଇସ୍ରୋ ଏହାର ଗୁରୁତ୍ୱପୂର୍ଣ୍ଣ ଟ୍ରାନ୍ସଲୁନାର ଇଞ୍ଜେକ୍ସନ (ଟିଏଲ୍‌ଆଇ) ସଫଳତାର ସହ କରାଇଛି। ମହାକାଶ ଯାନର ୨,୧୪୫ କିଲୋଗ୍ରାମ ପ୍ରପଲଶନ୍ ଇଞ୍ଜିନ ☞ପୃଷ୍ଠା-୪




## ଚଳନ୍ତା ଟ୍ରେନ୍‌ରେ ୪ ଜଣଙ୍କୁ ହତ୍ୟା କଲେ ରେଲୱେ କନଷ୍ଟେବଲ

**ମୁମ୍ବାଇ,୩୧।୭**

ମହାରାଷ୍ଟ୍ରର ପାଲ୍‌ଘର ନିକଟରେ ଚଳନ୍ତା ଟ୍ରେନ୍‌ରେ ଜଣେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) କନ୍‌ଷ୍ଟେବଲ ସୋମବାର ଗୁଳି ଚଳାଇବାରୁ ଜଣେ ଏଏସ୍‌ଆଇଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଖସି ପଳାଇଯିବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜୟପୁର-ମୁମ୍ବାଇ ସେଣ୍ଟ୍ରାଲ ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଏହି ଗୁଳିକାଣ୍ଡ ଘଟିଛି। ଆର୍‌ପିଏଫ୍ କନ୍‌ଷ୍ଟେବଲ ନିଜ ସରକାରୀ ସ୍ୱୟଂକ୍ରିୟ ରାଇଫଲ୍‌ରୁ ୧୨ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରେ ତାଙ୍କର ଅନ୍ୟତମ ସହକର୍ମୀ ତଥା ଭାରପ୍ରାପ୍ତ ଏଏସ୍‌ଆଇ ଟିକାରାମ ମୀନା ଏବଂ ୩ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଟ୍ରେନ୍‌ଟି ଜୟପୁରରୁ ମୁମ୍ବାଇ ଯାଉଥିଲା। ଟିକାରାମଙ୍କ ଘର ରାଜସ୍ଥାନର ସାୱାଇ ମାଧୋପୁର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ମହିଳା ଚୋରିରେ ପୋଲିସ**

# ଓସିଏସ୍ ୨୦୨୧: ସୁଦେବ ଟପ୍ପର

## ଶ୍ରେଷ୍ଠ ୧୦ରେ ୫ ପୁଅ, ୫ ଝିଅ

**କଟକ,୩୧।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୧ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ମୋଟ ୪୩୨ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ୧୬୪ ମହିଳା ରହିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୫ ପୁଅ ଏବଂ ୫ ଝିଅ ରହିଛନ୍ତି। ସୁଦେବ କୁମାର ପୃଷ୍ଟି ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଶୁଚିସ୍ମିତା ପାଣିଗ୍ରାହୀ ଓ ତୃତୀୟ ସ୍ଥାନରେ ପ୍ରଣବ ରଞ୍ଜନ ସାହୁ ରହିଛନ୍ତି। ସେହିପରି ଚତୁର୍ଥ ସ୍ଥାନରେ ବୈଶାଖୀ ଲେଙ୍କା, ପଞ୍ଚମରେ ଶ୍ୱେତଲିନା ମାହାନା, ଷଷ୍ଠରେ ଅଗ୍ନିଜା ଶିବଦତ୍ତା, ସପ୍ତମରେ ସନ୍ତୋଷ କୁମାର ପାତ୍ର, ଅଷ୍ଟମରେ ମୀମାଂସା ସାହୁ, ନବମରେ ବିନ୍ଦୁ ବଳୟ ରାଉତରାୟ ଏବଂ ଦଶମ ସ୍ଥାନରେ ସୌମ୍ୟରଂଜନ ମହାପାତ୍ର ରହିଛନ୍ତି। ପ୍ରକାଶିତ ପରୀକ୍ଷାଫଳରେ ଅଣସଂରକ୍ଷିତ ବର୍ଗରେ ୨୨୯ (୯୧-ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୯ (୧୨ ମହିଳା), ଅନୁସୂଚିତ



ସୁଦେବ କୁମାର ପୃଷ୍ଟି



ଶୁଚିସ୍ମିତା ପାଣିଗ୍ରାହୀ

ଜନଜାତି ବର୍ଗରେ ୯୩ (୩୪ ମହିଳା), ଅନୁସୂଚିତ ଜାତି ବର୍ଗରେ ୭୧ (୨୭-ମହିଳା), ଶାରୀରିକ ଅକ୍ଷମ ବର୍ଗରେ ୧୦, ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ ୨୮ ଏବଂ କ୍ରୀଡ଼ାବିତ ବର୍ଗରେ ଜଣେ ପ୍ରାର୍ଥୀ ରହିଛନ୍ତି।

ଗତ ୨୫ ତାରିଖରେ ୨୦୨୧ ଓସିଏସ୍ ପରୀକ୍ଷାର ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ଚୟନ ପ୍ରକ୍ରିୟା ଜାରି ରହିଲେ ବି କୋର୍ଟଙ୍କ ବିନାନୁମତିରେ ଫଳ ପ୍ରକାଶ ନ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ☞ପୃଷ୍ଠା-୪

# ଭୁଶୁଡ଼ିଲା କଲଭର୍ଟ, ୪ ଶିଶୁଙ୍କ ସହ ୫ ମୃତ



**ରାୟଗଡ଼ା,୩୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ଉପରସାଜା ଗ୍ରାମରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷାରେ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ନାଳରେ ଗାଧୋଉଥିବା ୪ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ବାପ-ପୁଅ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଭାଇ ବୋଲି ଜଣାପଡ଼ିଛି। ମୃତକମାନେ ହେଲେ ଲଛେନ୍ଦ୍ର ମିଣିଆକା (୫୦) ଓ ତାଙ୍କ

- **୨ ପୁଅଙ୍କ ମୃତ୍ୟୁ ପରେ ମା'ର ଆତ୍ମହତ୍ୟା ଉଦ୍ୟମ**
- **ନିମ୍ନମାନର କାମ ଯୋଗୁ ଅଘଟଣ ଅଭିଯୋଗ**

ପୁଅ ପ୍ରିନ୍ସ ମିଣିଆକା(୪), ଦୁଇ ଭାଇ ଚରଣ ମିଣିଆକା(୮) ଓ ସୁମନ ମିଣିଆକା(୫) ଏବଂ ଅନ୍ୟ ଜଣେ ମନୋଜ କୁଲେସିକା(୫)। ସୁମନ ଓ ମନୋଜଙ୍କ ବାପାଙ୍କ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଏବେ ☞ପୃଷ୍ଠା-୪

## ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା**

**ଭୁବନେଶ୍ୱର,୩୧।୭(ଅନିଲ ଦାସ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁରରେ ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ିବା ଫଳରେ ସୋମବାର ସକାଳେ ୪ ଜଣ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣା ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।




ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଅଗଷ୍ଟ , ୨୦୨୩

**ଆତଙ୍କବାଦୀ ଲୁଚାଇଥିବା ରାସାୟନିକ ସାମଗ୍ରୀ, ଲାବ୍ ଉପକରଣ ଜବତ**

ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ସୋମବାର ରାସାୟନିକ ସାମଗ୍ରୀ ସହ କେତେକ ଲାବୋରେଟୋରି ଉପକରଣ ଜବତ କରିଛି। ଚଳିତ ମାସ ୧୮ରେ ୨ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୁଣେ ପୋଲିସ କୋଥରୁଦ୍ ଅଞ୍ଚଳରୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ମହମ୍ମଦ ଇମ୍ରାନ ମହମ୍ମଦ ୟୁନୁସ୍ ଖାନ୍(୨୩) ବୋମା ତିଆରି ପାଇଁ ଏହି ସାମଗ୍ରୀ ଲୁଚାଇ ରଖିଥିବା ଏଟିଏସ୍‌ର ଜଣେ ଅଧିକାରୀ କହିଛନ୍ତି।



## ସଂକ୍ଷେପରେ

### ପାକିସ୍ତାନ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୫୪କୁ ବୃଦ୍ଧି

**ପେଶାଓ୍ୱର,୩୧।୭:** ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ଏକ ରାଜନୈତିକ ଦଳର ସମ୍ମିଳନୀ ବେଳେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ସୋମବାର ୫୪କୁ ବୃଦ୍ଧି ପାଇଛି। ଆକ୍ରମଣ ପଛରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ଆକ୍ରମଣ ପଛରେ ଆତଙ୍କବାଦୀ ସଂଗଠନ ଆଇଏସ୍ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଆଇଏସ୍‌ର ସ୍ଥାନୀୟ ଶାଖା ଜେୟୁଆଇ-ଏଫ୍ ଦଳର ନେତାଙ୍କ ଉପରେ ଆକ୍ରମଣ କରିଥିଲା। ରବିବାର ଅପରାହ୍ନରେ ଏହି ଦଳ ପକ୍ଷରୁ ବଜାଉର ଜିଲାର ଖାର୍‌ଠାରେ ସମ୍ମିଳନୀ ଚାଲିଥିବାବେଳେ ସେଥିରେ ୪୦୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ସମୟରେ ମଞ୍ଚ ନିକଟରେ ଜଣେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ।

**ଚାକିରି ପାଇଁ ଜମି ଦୁର୍ନୀତି ମାମଲା**

### ଲାଲୁଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ମୁମ୍ବାଇ,୩୧।୭:** ଚାକିରି ପାଇଁ ଜମି ଦୁର୍ନୀତି ମାମଲା ସହ ସମ୍ପୃକ୍ତ ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ, ତାଙ୍କ ପରିବାର ସଦସ୍ୟ ଓ ଅନ୍ୟ କେତେଜଣଙ୍କ କେତେକ ସମ୍ପତ୍ତି ବାଜ୍ୟାପ୍ତ କରିଛି। ସମ୍ପତ୍ତି ବାଜ୍ୟାପ୍ତ ଲାଗି ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଛି। ୨୦୦୪ରୁ ୨୦୦୯ ଲାଲୁ ରେଳମନ୍ତ୍ରୀ ଥିବାବେଳେ ନିଯୁକ୍ତି ନିୟମ ଓ ପ୍ରକ୍ରିୟାର ଉଲ୍ଲଂଘନ କରାଯାଇ ବିଭିନ୍ନ ଜୋନ୍‌ରେ ଗ୍ରୁପ୍ ଡି କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତି ପାଇଁ କୌଣସି ବିଜ୍ଞାପନ କିମ୍ବା ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ପ୍ରାର୍ଥୀମାନେ ରେଲ୍‌ୱେରେ ନିଯୁକ୍ତି ପାଇବା ପାଇଁ ଲାଲୁଙ୍କ ପରିବାର ସଦସ୍ୟଙ୍କ ନାଁରେ ଜମି ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଥିଲା। ନିକଟରେ ସିବିଆଇ ଲାଲୁଙ୍କ ସମେତ ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ଅନ୍ୟ ୧୪ ଜଣଙ୍କ ନାଁରେ ଦିଲ୍ଲୀର ଏକ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା।

### ଛାତ୍ରୀଙ୍କ ବୋତଲରେ ପରିସ୍ରାକୁ ନେଇ ଉତ୍ତେଜନା

**ଜୟପୁର,୩୧।୭:** ରାଜସ୍ଥାନର ଭିଲ୍‌ୱାରା ଜିଲା ଅନ୍ତର୍ଗତ ଏକ ସ୍କୁଲରେ କେତେଜଣ ଛାତ୍ର ଅନ୍ୟ ସମ୍ପ୍ରଦାୟର ଜଣେ ଛାତ୍ରୀଙ୍କ ପାଣି ବୋତଲରେ ପରିସ୍ରା ପୂରାଇବା ଘଟଣାକୁ ନେଇ ସୋମବାର ଉକ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଗ୍ରାମବାସୀ ଜଣେ ଛାତ୍ରଙ୍କ ଘରେ ପ୍ରବେଶ ଉଦ୍ୟମ କଲାବେଳେ ପୋଲିସ ଟିମ୍ ଅଟକାଇବାରୁ ସେମାନେ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପୋଲିସ ଲାଠିଚାଳନା କରିଥିଲା। ସରକାରୀ ଉଚ୍ଚମାଧ୍ୟମିକ ସ୍କୁଲ୍‌ର ଛାତ୍ର ଜଣକ ଗତ ଶୁକ୍ରବାର ଶ୍ରେଣୀଗୃହରେ ବ୍ୟାଗ୍ ଓ ବୋତଲ ରଖି ଘରକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ସେ ସ୍କୁଲ୍‌କୁ ଫେରି ବୋତଲରୁ ପିଇବାବେଳେ ଗନ୍ଧ ବାରିଥିଲେ। ପାଣିବୋତଲରେ କେତେଜଣ ଛାତ୍ର ପରିସ୍ରା ମିଶାଇଥିବା ସେ ଜାଣିବାକୁ ପାଇଥିଲେ। ସ୍କୁଲ୍ ପ୍ରିନ୍ସିପାଲଙ୍କୁ ଜଣାଇଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗ୍ରାମବାସୀ ଉତ୍ତେଜିତ ହୋଇଥିଲେ।

# ହରିୟାଣାରେ ଧର୍ମୀୟ ଶୋଭାଯାତ୍ରା ବେଳେ ହିଂସା

**ନୂଆଦିଲ୍ଲୀ,୩୧।୭**

- ଗୁଳିମାଡ଼ରେ ୨ ହୋମ୍‌ଗାର୍ଡ ମୃତ, ଅନେକେ ଆହତ
- ଇଣ୍ଟରନେଟ୍ ସେବା ବନ୍ଦ
- ୧୪୪ ଧାରା ଜାରି
- ମନ୍ଦିରରେ ଅଟକି ରହିଛନ୍ତି ୨,୫୦୦ ଲୋକ

ହରିୟାଣାର ନୁହ ଜିଲା ନନ୍ଦ ଗାଁ ନିକଟରେ ବିଶ୍ୱ ହିନ୍ଦୁ ପରିଷଦ କର୍ମୀମାନେ ଏକ ଶୋଭାଯାତ୍ରା ବାହାର କରିଥିବାବେଳେ ଗୋଷ୍ଠୀସଂଘର୍ଷରୁ ହିଂସାକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକଙ୍କ ଗୁଳିରେ ୨ଜଣ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବାବେଳେ ହିଂସା ରୋକିବା ପାଇଁ ନିୟୋଜିତ ଥିବା ଅନେକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହୋଦାଲ ଡିଏସ୍‌ପି ସାଜ୍ଜନ ସିଂଙ୍କ ମୁଣ୍ଡରେ ଗୁଳି ବାଜିଥିବାବେଳେ ଜଣେ ଇନ୍ସପେକ୍ଟରଙ୍କ ପେଟରେ ଗୁଳି ବାଜିଛି। ଉତ୍ୟକ୍ତ ଲୋକେ ୪ଟି ଗାଡ଼ି ଓ ଗୋଟିଏ ଦୋକାନ ଜାଳିଦେଇଛନ୍ତି। ବିକ୍ଷୋଭକାରୀମାନେ ଦୀର୍ଘସମୟ ଧରି ରାସ୍ତା ଅବରୋଧ କରିଥିଲେ। ଶାନ୍ତି ରକ୍ଷା ପାଇଁ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ଼ା ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ହରିୟାଣା ଗୃହମନ୍ତ୍ରୀ ଅନିଲ ଭିଜ୍ ମଧ୍ୟ ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛନ୍ତି।

ମୁସଲମାନ ବହୁଳ ନୁହ ଅଞ୍ଚଳରେ ଶୋଭାଯାତ୍ରା ଯାଉଥିବାବେଳେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପ୍ରବଳ ଟେକାମାଡ଼ ହୋଇଥିଲା। ଗୋରକ୍ଷକ ତଥା ଭିଓ୍ୱାନି ମୃତ୍ୟୁ ମାମଲାର ଅଭିଯୁକ୍ତ ମୋନୁ ମାନେସାର ମେଓ୍ୱାତ୍ ଅଞ୍ଚଳକୁ ଆସିଥିବାର ଖବର ପ୍ରକାଶ ପାଇବା ପରେ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଭୟରେ ଗୁରୁଗ୍ରାମ ନିକଟରେ ଥିବା ଏକ ମନ୍ଦିରାରେ ପ୍ରାୟ ୨,୫୦୦ ପୁରୁଷ, ମହିଳା ଓ ପିଲା ଆଶ୍ରୟ ନେଇଛନ୍ତି। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି। ଉତ୍ତେଜନା ଲାଗି ରହିଥିବାରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯିବା ସହ ୧୪୪ ଧାରା ଜାରି ହୋଇଛି।

ଖବର ଅନୁଯାୟୀ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରା କରାଯାଉଥିବାବେଳେ ଗୁରୁଗ୍ରାମ-ଅଲ୍‌ୱାର ଜାତୀୟ ରାଜପଥରେ ଗୋଟିଏ ଗୋଷ୍ଠୀ ଏହାକୁ ଅଟକାଇବା ସହ ଶୋଭାଯାତ୍ରା ଉପରକୁ ଟେକାମାଡ଼ କରିଥିଲା। ଉତ୍ତେଜନା ବଢ଼ିବା ସହ ସରକାରୀ ଓ ଘରୋଇ ଗାଡ଼ିଗୁଡ଼ିକୁ ଟାର୍ଗେଟ କରାଯିବା ସହ କେତେକରେ ନିଆଁ ଲଗାଇଦିଆଯାଇଥିଲା। ଧର୍ମୀୟ ଶୋଭାଯାତ୍ରାରେ ଭାଗନେଇଥିବା ୨,୫୦୦ ଲୋକ ନୁଲ୍‌ହାର ମହାଦେବ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ବଜାରଙ୍ଗ ଦଳର ଜଣେ କର୍ମୀଙ୍କ ବିବାଦୀୟ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ସଂଘର୍ଷ ଦେଖାଦେଇଥିଲା। ବହୁ ଅପରାଧରେ ସମ୍ପୃକ୍ତ ମୋନୁ ମାନେସାର ଓ ତାଙ୍କ ସହଯୋଗୀ ଯାତ୍ରା ବେଳେ ମେଓ୍ୱାତ୍‌ରେ ରହିବେ ବୋଲି ଭିଡିଓରେ ଉଲ୍ଲେଖ ଥିଲା। ଯାତ୍ରାରେ ସେମାନଙ୍କୁ ଦେଖିଥିବା କେତେଜଣ ଦାବି କରୁଥିବାବେଳେ ଏହାକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଥିଲା।


ଉତ୍ୟକ୍ତ ଲୋକେ ଏକ କାର୍‌କୁ ପୋଡୁଛନ୍ତି।

# ହିଂସା ଥିଲା ଅଭୂତପୂର୍ବ ଭୟଙ୍କର

## ମଣିପୁର ଭିଡିଓକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ମନ୍ତବ୍ୟ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**



ମଣିପୁରରେ ମେ ୪ରେ ଦୁଇ ଆଦିବାସୀ ମହିଳାଙ୍କୁ ଯେଭଳି ଉଲଗ୍ନ ପରେଡ୍ କରାଯାଇ ନିର୍ଯାତନା ଦିଆଯାଇଥିଲା ଓ ତାହାର ଦୃଶ୍ୟ ଭିଡ଼ିଓରୁ ଦେଖିବାକୁ ମିଳିଥିଲା, ତାହା ଥିଲା ଅଭୂତପୂର୍ବ ଭୟଙ୍କର। ସୋମବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ପୀଠ ମଣିପୁର ହିଂସା ଉପରେ ମନ୍ତବ୍ୟ ଦେଇ ଏଭଳି କଠୋର ଶବ୍ଦ ବ୍ୟବହାର କରିଛନ୍ତି। ଏଥିସହିତ ସେ ମଣିପୁର ପୋଲିସକୁ ଭର୍ତ୍ସନା କରିଛନ୍ତି। ଏହି ଘଟଣାର ଏତଲା ରୁଜୁ କରିବାରେ ମଧ୍ୟ ପୋଲିସ ବହୁ ବିଳମ୍ବ କରିଛି। ମହିଳାଙ୍କୁ ଯେଭଳି ଭାବେ ପୋଲିସ ଉତ୍ୟକ୍ତ ଲୋକଙ୍କୁ ଟେକି ଦେଉଥିବାର ଦୃଶ୍ୟ ସମ୍ପୃକ୍ତ ଭିଡିଓରୁ ଦେଖିବାକୁ ମିଳୁଛି, ସେହି ଦୃଷ୍ଟିରୁ ଦେଖିଲେ ମଣିପୁର ପୋଲିସ ଉକ୍ତ ଘଟଣାର ତଦନ୍ତ କରୁ ବୋଲି କୋର୍ଟ କେବେ ଚାହିଁବେ ନାହିଁ। ପୀଠର ଅନ୍ୟ ସଦସ୍ୟ ଜଷ୍ଟିସ୍ ଜେ. ବି. ପର୍ଡିଓ୍ୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରା ମଣିପୁର ହିଂସା ସଂକ୍ରାନ୍ତ ଏକାଧିକ ଆବେଦନ ଉପରେ ଶୁଣାଣି କରିବା ଅବସରରେ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତି କେନ୍ଦ୍ର ଓ ମଣିପୁର ସରକାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ୨୪ ଘଣ୍ଟା ଭିତରେ ଉତ୍ତର ରଖିବାକୁ କହିଛନ୍ତି। ଏପରିକି 'ସବୁ ଝିଅଙ୍କୁ ସୁରକ୍ଷା ଦିଅ କିମ୍ବା କାହାରିକୁ ଦିଅ ନାହିଁ' ଭଳି କଥା କହି ସର୍ବୋଚ୍ଚ ଅଦାଲତ ମଣିପୁର ଭିଡିଓ ଘଟଣାକୁ ଗମ୍ଭୀରତାର ସହିତ ନେଇଛନ୍ତି।

ଶୁଣାଣିର ପ୍ରାରମ୍ଭିକ ସମୟରେ ସଲିସିଟର ଜେନେରାଲ କେନ୍ଦ୍ର ପକ୍ଷରୁ କହିଥିଲେ ଯେ, ମଣିପୁର ହିଂସା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଯଦି ନିଜ ଆଡୁ ତଦନ୍ତ ପରିଚାଳନା କରନ୍ତି, ସେଥିରେ କୌଣସି ଆପତ୍ତି ରହିବ ନାହିଁ। ଅନ୍ୟପକ୍ଷରେ ମେ ୪ ଭିଡିଓରେ ଉଲଗ୍ନ ପରେଡ୍‌ରେ ଯାଉଥିବା ଦୁଇ ମହିଳାଙ୍କ ପକ୍ଷରୁ ସିନିୟର ଆଡ୍‌ଭୋକେଟ କପିଲ ଶିବଲ କହିଥିଲେ ଯେ, ଏହି ଘଟଣାରେ ସେମାନେ ଏକ ପିଟିଶନ ଦାଖଲ କରିସାରିଛନ୍ତି। ତେବେ ଆଡଭୋକେଟ ବାନ୍‌ସୁରି ସ୍ୱରାଜ ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ମହିଳାଙ୍କ ବିରୋଧରେ ହେଉଥିବା ହିଂସା ବିଷୟରେ କହିବାରୁ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ପୀଠ କହିଥିଲେ ଯେ କୌଣସି ଭାବେ ମଣିପୁର ହିଂସାକୁ ଅନ୍ୟ କେଉଁଠାରେ ଘଟିଥିବା ଘଟଣାର ଦୃଷ୍ଟାନ୍ତ ଦିଆଯାଇ ଯଥାର୍ଥତା ପ୍ରତିପାଦନ କରାଯାଇପାରିବ ନାହିଁ। ନିଃସନ୍ଦେହରେ କୁହାଯାଇପାରେ ଯେ, ଦେଶର ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ବିରୋଧରେ ଅତ୍ୟାଚାର ଘଟୁଛି। କିନ୍ତୁ ଏଠାରେ ଆମେ ଅଭୂତପୂର୍ବ ଭୟଙ୍କର ହିଂସା ବିଷୟରେ କଥା ହେଉଛେ, ଯେଉଁଠାରେ ସାମ୍ପ୍ରଦାୟିକ ଓ ଜାତିଆଣ ବିବାଦକୁ ନେଇ ମହିଳାଙ୍କ ବିରୋଧରେ ହିଂସା ଦେଖାଦେଉଛି। ତେଣୁ ଦେଶର ବିଭିନ୍ନ ଭାଗରେ ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧ କଥା କହି ମୁଖ୍ୟ ହିଂସାକୁ ତା' ସହ ଯୋଡ଼ି ଦିଆଯାଇପାରିବ ନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆମେ ମଣିପୁରକୁ ନେଇ କିଭଳି ବ୍ୟବହାର ଦେଖାଉଛେ ବୋଲି କୋର୍ଟ କହିଛନ୍ତି। ଆମ ହାତରୁ ସମୟ ଖସି ଯାଉଛି। ଏଭଳି ସ୍ଥଳେ ମଣିପୁରକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି କାର୍ଯ୍ୟ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଶୀର୍ଷ ଅଦାଲତ ଆହୁରି କହିଛନ୍ତି, ଦୁଇ ଆଦିବାସୀ ମହିଳାଙ୍କ ଉଲଗ୍ନ ପରେଡ୍‌ର ଭିଡିଓ ଘଟଣାକୁ ଭିନ୍ନ ଭାବେ ଦର୍ଶାଯାଇ ନ ପାରେ ବୋଲି ସ୍ୱରାଷ୍ଟ୍ର ସଚିବ ତାଙ୍କ ସତ୍ୟପାଠରେ ଦର୍ଶାଇଥିଲେ। ତେବେ ଏ ନେଇ କେତେ ସତ୍ୟପାଠ ଦାଖଲ କରାଯାଇଛି ବୋଲି ସୁପ୍ରିମକୋର୍ଟ ପଚାରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ପୀଠ ଜାତିଆଣ ହିଂସାକୁ ନେଇ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ମହିଳାଙ୍କ ବିରୋଧରେ ହୋଇଥିବା ଯୌନ ଅତ୍ୟାଚାର ସଂକ୍ରାନ୍ତରେ କେତେ ଏତଲା ପଞ୍ଜୀକୃତ ହୋଇଛି, ତାହାର ସବିଶେଷ ତଥ୍ୟ ଦେବାକୁ ମଣିପୁର ସରକାରଙ୍କୁ କହିଛନ୍ତି। ଏହିଭଳି ଘଟଣାରେ ଏତଲା ପଞ୍ଜୀକରଣକୁ ସୁନିଶ୍ଚିତ କରିବା ଲାଗି ଏକ ବ୍ୟବସ୍ଥା କରାଯାଇ ତତ୍‌କ୍ଷଣାତ୍ ପଦକ୍ଷେପ ନିଆଯିବା କଥା। କିନ୍ତୁ ମହିଳାଙ୍କ ବିରୋଧରେ ନିର୍ଯାତନା ସଂକ୍ରାନ୍ତ ଭିଡିଓ ଆସିବା ଓ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବା ପରେ ଘଟଣାକୁ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି। ମେ ୪ରେ ଘଟଣା ଘଟିଥିବା ବେଳେ ମେ ୧୮ରେ କାହିଁକି ଏତଲା ରୁଜୁ କରାଗଲା ବୋଲି ପୀଠ ପ୍ରଶ୍ନ କରିଛନ୍ତି। ମେ ୪ରୁ ମେ ୧୮ ଯାଏ ପୋଲିସ କ'ଣ କରୁଥିଲା। ଦୁଇ ମହିଳାଙ୍କୁ ଯେଭଳି ଭାବେ ଅତ୍ୟାଚାର କରାଯାଇଛି, ସବିଆଇ ଏବଂ ଏସ୍‌ଆଇଟି ତଦନ୍ତ ଯଥେଷ୍ଟ ନୁହେଁ । ତେଣୁ ନ୍ୟାୟର ପ୍ରକ୍ରିୟା ପୀଡ଼ିତଙ୍କ ପାଖକୁ କିଭଳି ଯାଇ ପହଞ୍ଚିବ ତାହା ସୁନିଶ୍ଚିତ କରାଯିବା ଦରକାର। ଏହି ଘଟଣାକୁ ସିବିଆଇକୁ ହସ୍ତାନ୍ତର କରିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏହା କହିଛନ୍ତି।

ତେବେ ସିନିୟର ଆଡ୍‌ଭୋକେଟ କପିଲ ଶିବଲ ମଣିପୁର ମାମଲାକୁ ଆସାମକୁ ହସ୍ତାନ୍ତର କରାଯିବା ବିଷୟକୁ ବିରୋଧ କରିଛନ୍ତି। ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି କହିଛନ୍ତି, ଏହି ଘଟଣାର ତଦନ୍ତ ସିବିଆଇ କରୁଛି ଏବଂ ଯେତେବେଳେ ଏହାର ବିଚାର କଥା ଉଠିବ ସେତେବେଳେ ଶୀର୍ଷ ଅଦାଲତ ନିଷ୍ପତ୍ତି ନେବେ।

ସୁପ୍ରିମକୋର୍ଟ ଏହି ଘଟଣାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ଅପରାହ୍ନ ୨ଟାରେ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୁଇ ମହିଳାଙ୍କ ପ୍ରତି କରାଯାଇଥିବା ଅତ୍ୟାଚାର ଭିଡିଓ ଭାଇରାଲ ହେବା ପରେ ଜୁଲାଇ ୨୦ରେ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ହିଂସା ଘଟାଇବା ଲାଗି ମହିଳାଙ୍କୁ ବ୍ୟବହାର କରାଯିବା ସାମ୍ବିଧାନିକ ଗଣତନ୍ତ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଜୁଲାଇ ୨୭ରେ କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଉକ୍ତ ଘଟଣାର ତଦନ୍ତଭାର ସିବିଆଇକୁ ଦିଆଯାଇଛି ଏବଂ ମହିଳାଙ୍କ ବିରୋଧରେ ଅପରାଧକୁ କୌଣସି ଭାବେ ବରଦାସ୍ତ କରାଯିବ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହାର ସଚିବ ଅଜୟ କୁମାର ଭାଲା ଉକ୍ତ ଘଟଣାର ବିଚାର ମଣିପୁର ବାହାରେ କରିବା ଲାଗି ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ଅଦ୍ୟାବଧି ୭ ଜଣଙ୍କୁ ଗିରଫ କରାଯାଇଛି।

**ଜ୍ଞାନବାପି ବିବାଦ**

### ମୁସଲମାନ ପକ୍ଷଙ୍କୁ ଭୁଲ୍ ସୁଧାରିବାକୁ ହେବ: ୟୁପି ମୁଖ୍ୟମନ୍ତ୍ରୀ



**ବାରାଣସୀ,୩୧।୭**

ବାରାଣସୀର ଜ୍ଞାନବାପି ମସ୍‌ଜିଦକୁ ନେଇ ହିନ୍ଦୁ ଓ ମୁସଲମାନ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ସମସ୍ୟାର ସମାଧାନ ପାଇଁ ସରକାର ସମସ୍ତ ଉଦ୍ୟମ କରୁଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର କହିଛନ୍ତି। ଜ୍ଞାନବାପି ପରିସରରେ ଦେବଦେବୀଙ୍କ ମୂର୍ତ୍ତି ରହିଛି। ହିନ୍ଦୁମାନେ ଏହାକୁ ସେଠାରେ ରହିବାକୁ ଦେବେ ନାହିଁ। ଯଦି ଆମେ ତାହାକୁ ମସ୍‌ଜିଦ କହିବା ତେବେ ବିବାଦ ହେବ। ସରକାର ବିବାଦର ସମାଧାନ ଚାହାନ୍ତି। ମୁସଲମାନ ପକ୍ଷ ଏକ ଐତିହାସିକ ଭୁଲ୍ କରିଛନ୍ତି। ଏହାକୁ ସେମାନଙ୍କୁ ସୁଧାରିବାକୁ ହେବ ବୋଲି ଆଦିତ୍ୟନାଥ କହିଛନ୍ତି। ଯଦି ଜ୍ଞାନବାପୀ ଏକ ମସ୍‌ଜିଦ ତେବେ ସେଠାରେ ତ୍ରିଶୂଳ କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଜ୍ଞାନବାପିର ସର୍ଭେ କରିବା ଲାଗି ବାରାଣସୀ କୋର୍ଟ ରାୟ ଦେଇଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ଜ୍ଞାନବାପି ମାମଲାର ରାୟ ଅଗଷ୍ଟ ୩ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ଅଟଳ

**ନୂଆଦିଲ୍ଲୀ,୩୧।୭**

ମଣିପୁର ହିଂସା ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ସୋମବାର ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ ଜାରି ରଖିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁରର ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିବୃତି ରଖନ୍ତୁ ବୋଲି ପୁଣି ଦାବି କରିଥିଲେ। ହିଂସାପ୍ରବଣ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଉପରେ ରାଜ୍ୟ ସଭାରେ ସଂକ୍ଷିପ୍ତ ଆଲୋଚନା ଆରମ୍ଭ ହୋଇଥିବାବେଳେ ବିରୋଧୀମାନେ ଏହାର ପ୍ରତିବାଦ କରିଥିଲେ। ଗୃହର ରୁଲ୍ ୨୬୭ ଅନୁଯାୟୀ ମଣିପୁର ପ୍ରସଙ୍ଗରେ ସବିଶେଷ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଗୃହରେ ଉପସ୍ଥିତ ରହନ୍ତୁ ବୋଲି ସେମାନେ ଦାବି କରିଥିଲେ। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନକର ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଲୋକ ସଭାରେ ମଧ୍ୟ ଅନୁରୂପ ଦାବିକୁ ନେଇ ଅଚଳାବସ୍ଥା ଜାରି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇ ସିନେମାରେ ନକଲକୁ ବନ୍ଦ କରିବା ପାଇଁ ଅଣାଯାଇଥିବା

**ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ**

ସିନେମାଟୋଗ୍ରାଫ ସଂଶୋଧନ ବିଲ୍, ୨୦୨୩ ଗୃହୀତ ହୋଇଥିଲା। ପୂର୍ବରୁ ଉକ୍ତ ବିଲ୍ ରାଜ୍ୟ ସଭାର ଅନୁମୋଦନ ଲାଭ କରିସାରିଛି। ଚଳଚ୍ଚିତ୍ରର କାହାଣୀ ଚୋରି ହୋଇଥିବା ଜଣାପଡ଼ିଲେ ୩ ବର୍ଷ ଜେଲଦଣ୍ଡ ସାଙ୍ଗକୁ ଫିଲ୍ମର ଉତ୍ପାଦନ ଖର୍ଚ୍ଚର ୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି।

## ଶିବକୁମାରଙ୍କ ବିରୋଧରେ ସିବିଆଇ ପିଟିଶନ ଖାରଜ

**ନୂଆଦିଲ୍ଲୀ,୩୧।୭(ପି.ଟି.):** କର୍ନାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଥିବାବେଳେ ତଦନ୍ତକାରୀ ସଂସ୍ଥା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ସୋମବାର ମନା କରିଛନ୍ତି। ଜଷ୍ଟିସ ବି.ଆର୍. ଗଭାଇ, ସି.ଟି ରବିକୁମାର ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ସିବିଆଇ ପିଟିଶନକୁ ଖାରଜ କରିଦେଇଛନ୍ତି।

ମାମଲା ଏବେ କର୍ନାଟକ ହାଇକୋର୍ଟର ଜଣିକିଆ ଖଣ୍ଡପୀଠରେ ବିଚାରାଧୀନ ରହିଛି। ଦୁର୍ନୀତି ମାମଲାରେ ସିବିଆଇ ଶିବକୁମାରଙ୍କ ବିରୋଧରେ ଏତଲା ଦାଏର କରିଥିବାବେଳେ ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ପୋଲିସ ପ୍ରତ୍ୟାହାର ଦାବିରେ ମହିଳାଙ୍କ ବିକ୍ଷୋଭ

**ମଣିପୁରର ସବୁ ଆଦିବାସୀ ଜିଲାରେ ଆନ୍ଦୋଳନ ଚେତାବନୀ**

**ଇମ୍ଫାଲ,୩୧।୭**


ମୋରେହ ସହରରୁ ରାଜ୍ୟ ପୋଲିସ ପ୍ରତ୍ୟାହାର ଦାବିରେ ମଣିପୁର ମହିଳାମାନେ ସୋମବାର ଚୁରାଚାନ୍ଦପୁରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ମ୍ୟାନ୍‌ମାର ସୀମାକୁ ଲାଗିଥିବା ମଣିପୁରର ମୋରେହ ସହରରୁ ପୋଲିସ ଫୋର୍ସ ପ୍ରତ୍ୟାହାର ଦାବିରେ ୧,୦୦୦ରୁ ଊର୍ଦ୍ଧ୍ୱ ମହିଳା ସୋମବାର ଚୁରାଚାନ୍ଦପୁରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ରାଜ୍ୟ ପୋଲିସଙ୍କୁ ପ୍ରତ୍ୟାହାର କରି ନିଆ ନ ଗଲେ ମଣିପୁରର ସମସ୍ତ ଆଦିବାସୀ ଜିଲାରେ ଆନ୍ଦୋଳନ କରାଯିବ ବୋଲି ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ସୋମବାର ଚେତାବନୀ ଦେଇଛି। ନିଷ୍ପକ୍ଷତା ବଜାୟ ରଖିବାକୁ ହେଲେ ମୋରେହରୁ ସୁରକ୍ଷା ବଳ ହଟିବା ଆବଶ୍ୟକ। ତାହା ନ ହେଲେ ଆମେ ଜନଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଆଇଏଲ୍‌ଟିଏଫ୍ କହିଛି।

## ୟୁକ୍ରେନ୍ ସୀମାରେ ରୁଷିଆର ମିଶାଇଲ ମାଡ଼: ୪ ନିହତ

**କିଭ୍,୩୧।୭**

ରୁଷିଆର ଏକ କ୍ଷେପଣାସ୍ତ୍ର ସୋମବାର କେନ୍ଦ୍ରୀୟ ୟୁକ୍ରେନ୍‌ର କ୍ରିଭ୍ୟି ରିହ ସହରର ଏକ ଆପାର୍ଟମେଣ୍ଟରେ ମାଡ଼ ହୋଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା ୟୁକ୍ରେନ୍ ଗୃହମନ୍ତ୍ରୀ କହିଛନ୍ତି। ରୁଷିଆ ଛାଡ଼ିଥିବା ଦୁଇଟି ମିଶାଇଲ ମଧ୍ୟରୁ ଗୋଟିଏ ଆପାର୍ଟମେଣ୍ଟ ବିଲ୍ଡିଂର ଚତୁର୍ଥ ଓ ନବମ ମହଲା ମଧ୍ୟରେ ଥିବା କିଛି ଅଂଶକୁ ଧ୍ୱଂସ କରିଦେଇଛି। ସେଠାରୁ ପ୍ରବଳ ଧୂଆଁ ଉଠୁଥିବା ଭିଡିଓରୁ ଦେଖିବାକୁ ମିଳିଛି। ବିଲ୍ଡିଂ ବାହାରେ ଥିବା କେତେକ କାର୍ ମଧ୍ୟ ଜଳିଯାଇଛି। ମୃତକଙ୍କ ମଧ୍ୟରେ ଜଣେ ୧୦ ବର୍ଷୀୟା ବାଳିକା ରହିଛନ୍ତି। ସକାଳେ ଅନ୍ୟ ଏକ କ୍ଷେପଣାସ୍ତ୍ର ମାଡ଼ରେ ୪ ମହଲା ୟୁନିଭର୍ସିଟି ବିଲ୍ଡିଂର କିଛି ଅଂଶ ଭାଙ୍ଗିଯାଇଥିଲା। ଡୋନେସ୍କ ପ୍ରଦେଶର ଅନେକ ଅଞ୍ଚଳକୁ ରୁଷିଆ ଅକ୍ତିଆର କରିଥିବାବେଳେ ସେଠାରେ ୟୁକ୍ରେନ୍‌ର କମାଣ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ଆହତ ହୋଇଛନ୍ତି। ସେହିପରି ୟୁକ୍ରେନ୍ ସେନାର ସେଲ୍ ମାଡ଼ରେ ଏକ ବସ୍ କ୍ଷତିଗ୍ରସ୍ତ ହୋଇଛି।


କ୍ଷେପଣାସ୍ତ୍ର ମାଡ଼ରେ ଆପାର୍ଟମେଣ୍ଟର କିଛି ଅଂଶ ଭାଙ୍ଗିଯାଇଛି।




## ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା | ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଶେଷ

**ସପ୍ତାହକ ମଧ୍ୟରେ ଯୁକ୍ତି ଉପସ୍ଥାପନ କରିବେ ଉଭୟ ପକ୍ଷ**

**କଟକ,୩୧।୭ (କାର୍ତ୍ତିକ ସାହୁ)**

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ମାମଲାର ଶୁଣାଣି କଟକ ପରିବାର ଅଦାଲତରେ ସୋମବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବର୍ଷାଙ୍କ ପୂର୍ଣ୍ଣାଙ୍ଗ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଅନୁଭବଙ୍କ ଓକିଲ ପ୍ରାୟ ୨ ଘଣ୍ଟା ଧରି ବର୍ଷାଙ୍କୁ ଜେରା କରି ୧୮୦ରୁ ୧୮୫ଟି ପ୍ରଶ୍ନ ପଚାରିଥିବା ଜଣାପଡିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଉଭୟ ପକ୍ଷ ପରିବାର ଅଦାଲତରେ ନିଜର ଯୁକ୍ତି ଉପସ୍ଥାପନ କରିବେ। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅକ୍ଟୋବର ୧୩ ସୁଦ୍ଧା ମାମଲାର ରାୟ ପ୍ରକାଶ ପାଇବ।

ମାମଲାର ବିବରଣୀ ଅନୁସାରେ, କଟକ ପରିବାର ଅଦାଲତରେ ଅନୁଭବ-ବର୍ଷାଙ୍କ ଛାଡ଼ପତ୍ର ମାମଲାର ଶୁଣାଣି ବିଳମ୍ୱ ହେଉଥିବା ଦର୍ଶାଇ ମାମଲାକୁ ଖୋର୍ଦ୍ଧା ପରିବାର ଅଦାଲତକୁ ସ୍ଥାନାନ୍ତର କରିବା ପାଇଁ ଅନୁଭବଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। କଟକ ପରିବାର ଅଦାଲତ ବର୍ଷାଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଓ ଜାଣିଶୁଣି ବର୍ଷାଙ୍କ ସାକ୍ଷ୍ୟଗ୍ରହଣରେ ମହଲତ ଦେଉଥିବା ଅନୁଭବ ଦର୍ଶାଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ଗତ ଜୁଲାଇ ୧୩ ତାରିଖରେ ମାମଲାର ଶୁଣାଣି କରି ଜୁଲାଇ ୩୧ ସୁଦ୍ଧା ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଶେଷ କରିବା ସହ ଆଗାମୀ ୩ ମାସ ମଧ୍ୟରେ ମାମଲାର ରାୟ ପ୍ରକାଶ କରିବାକୁ କଟକ ପରିବାର ଅଦାଲତକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖୋର୍ଦ୍ଧା ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ପାଇଁ ଅନୁଭବଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଅନୁଭବ ତାଙ୍କ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ ଦିଲ୍ଲୀର ପଟିଆଲା କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପୁଣି ବର୍ଷାଙ୍କ ଆବେଦନ ଅନୁସାରେ ପଟିଆଲା କୋର୍ଟରୁ କଟକର ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ହୋଇଥିଲା। କଟକ ପରିବାର ଅଦାଲତରେ ଏହି ମାମଲାରେ ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇଥିବା ବେଳେ ବର୍ଷାଙ୍କୁ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଛି।

## ବଦଳିଲା ଯୁକ୍ତ୨ ପାଠ୍ୟକ୍ରମ

**ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)**

ଯୁକ୍ତ୨ରେ କେତେକ ପାଠ୍ୟକ୍ରମ ବଦଳିବା ସହ ସିବିଏସ୍‌ଇ ଢାଞ୍ଚାରେ ସରଳୀକରଣ କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୂଆ ପାଠ୍ୟକ୍ରମ ସମ୍ପର୍କିତ ତଥ୍ୟ ସିଏଚ୍‌ଏସଇ ୱେବସାଇଟ୍ www.chseodisha.nic.inରେ ଉପଲବ୍ଧ ହୋଇଛି। ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ କ୍ଷେତ୍ରରେ ଏହି ନୂଆ ପାଠ୍ୟକ୍ରମ ଲାଗୁ କରାଯାଇଛି। ବିଜ୍ଞାନର ଅନ୍ୟ ସମସ୍ତ ବିଷୟ ସହ କଳା, ବାଣିଜ୍ୟ ଓ ଧନ୍ଦାମୂଳକ ବିଷୟରେ ପିଲାମାନେ ପୂର୍ବ ପାଠ୍ୟକ୍ରମ ଅନୁସାରେ ପରୀକ୍ଷାଦେବେ। ତେବେ ଗଣିତ ବିଷୟ ନେଇଥିବା ଏକାଦଶ ବା ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ନୂଆ ପାଠ୍ୟକ୍ରମ ଅନୁସାରେ ପାଠପଢ଼ା ହେବ। ଦ୍ୱାଦଶ ବା ଯୁକ୍ତ ଦୁଇ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ପୁରୁଣା ପାଠ୍ୟକ୍ରମରେ ପରୀକ୍ଷାଦେବେ। ଧନ୍ଦାମୂଳକ ପିଲାଙ୍କ ପାଇଁ ନିର୍ଦ୍ଧାରିତ ପାଠ୍ୟକ୍ରମ ସମ୍ପର୍କରେ ଖୁବ୍‌ଶୀଘ୍ର ସୂଚନା ଦିଆଯିବ ବୋଲି ପରିଷଦ ପକ୍ଷରୁ କୁହାଯାଇଛି। ସେହିପରି ଯୁକ୍ତ ୨ରେ ହେଉଥିବା ୩ଟି କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ବଦଳରେ ୨ଟି ଇଣ୍ଟରନାଲ ପରୀକ୍ଷା କରାଯିବ। ୨୦୨୨-୨୩ରେ ହୋଇଥିବା କ୍ୱାର୍ଟର ଏଣ୍ଡ୍ ପରୀକ୍ଷା ଢାଞ୍ଚାରେ ଏହି ଇଣ୍ଟରନାଲ ପରୀକ୍ଷା କରାଯିବ। ଉଭୟ ଥିଓରୀ ଓ ପ୍ରାକ୍ଟିକାଲରେ ଇଣ୍ଟରନାଲ ପରୀକ୍ଷା ୨୦ ପ୍ରତିଶତ ଓ ବାର୍ଷିକ ପରୀକ୍ଷା ୮୦ ପ୍ରତିଶତ ମାର୍କର ହେବ। ୨୦୨୪ରେ ଅନୁଷ୍ଠିତ ହେବାକୁ ଥିବା ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ ପରୀକ୍ଷା ପାଇଁ ଏନ୍‌ସିଇଆର୍‌ଟି ପକ୍ଷରୁ ପ୍ରକାଶିତ ପୁସ୍ତକ ସହ ଓଡ଼ିଶା ଷ୍ଟେଟ୍ ବ୍ୟୁରୋ ଅଫ୍ ଟେକ୍ସଟ୍ ବୁକ୍ସ ପକ୍ଷରୁ ପ୍ରସ୍ତୁତ ପୁସ୍ତକ ପଢ଼ାଯିବ। ଗଣିତ ନେଇଥିବା ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଷ୍ଟେଟ୍ ବ୍ୟୁରୋ ଅଫ୍ ଟେକ୍ସଟ୍ ବୁକ୍ସ ପକ୍ଷରୁ ପ୍ରସ୍ତୁତ ପୁସ୍ତକ ପଢ଼ିବାକୁ ହେବ।

## ସ୍ପଟ୍ ଆଡମିଶନ ଅବଧି ବଢ଼ିଲା

**ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)**

ଯୁକ୍ତ୨ରେ ନାମଲେଖା ପାଇଁ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ମନୋନୀତ ହୋଇ ନ ଥିବା କିମ୍ବା ଶିକ୍ଷାନୁଷ୍ଠାନ ପରିବର୍ତ୍ତନ କରିବାକୁ ଚାହଁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଜୁଲାଇ ୨୧ରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜୁଲାଇ ୨୭ରେ ଏହାର ମେଧା ତାଲିକା ପ୍ରକାଶ ପାଇଥିବାବେଳେ ୩୧ ସୁଦ୍ଧା ନାମଲେଖା ପ୍ରକ୍ରିୟା ଶେଷ ହେବାର ଥିଲା। ମାତ୍ର ରାଜ୍ୟରେ ପ୍ରବଳ ବର୍ଷା ଲାଗି ରହିଥିବାରୁ ଏହି ନାମଲେଖା ଅବଧିକୁ ଅଗଷ୍ଟ ୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ସମସ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅବଗତ କରାଯାଇଛି।

ସାମ୍ସ ପୋର୍ଟାଲ ତଥ୍ୟ ଅନୁସାରେ, ରାଜ୍ୟର ୨୧୬୬ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମୋଟ୍ ୫ ଲକ୍ଷ ୯ ହଜାର ୩୦୯ ସିଟ୍‌ରେ ନାମଲେଖା ହେବାକୁଥିବାବେଳେ ୪ ଲକ୍ଷ ୭୨ ହଜାର ୨୭୯ଜଣ ଆବେଦନ କରିଥିଲେ। ଏମାନଙ୍କ ମଧ୍ୟରୁ ୩ ଲକ୍ଷ ୭୬ ହଜାର ୮୯୧ଜଣ ନାମ ଲେଖାଇଛନ୍ତି। ୧ ଲକ୍ଷ ୩୨ ହଜାର ୪୧୮ ସିଟ୍ ଖାଲି ରହିଛି। କଳାରେ ୨ ଲକ୍ଷ ୮୯ ହଜାର ୪୯୬ ସିଟ୍ ମଧ୍ୟରୁ ୨ ଲକ୍ଷ ୩୯ ହଜାର ୪୪୦ ସିଟ୍‌ରେ ନାମଲେଖା ହୋଇଛି ଓ ୫୦ ହଜାର ୫୬ଟି ସିଟ୍ ଖାଲି ରହିଛି। ବିଜ୍ଞାନରେ ୧ଲକ୍ଷ ୫୭ ହଜାର ୨୪୧ ସିଟ୍ ମଧ୍ୟରୁ ୧ଲକ୍ଷ ୩ ହଜାର ୨୭୬ ସିଟ୍‌ରେ ନାମଲେଖା ହୋଇଛି ଓ ୫୩ ହଜାର ୯୬୫ ସିଟ୍ ଖାଲି ରହିଛି। ବାଣିଜ୍ୟରେ ୩୯ ହଜାର ୨୪୪ ସିଟ୍ ମଧ୍ୟରୁ ୨୩ ହଜାର ୧୨୮ ସିଟ୍‌ରେ ନାମଲେଖା ହୋଇଥିବାବେଳେ ୧୬ ହଜାର ୨୧୬ ସିଟ୍ ଖାଲି ରହିଛି। ସଂସ୍କୃତରେ ୧୨ ହଜାର ୭୩୬ ସିଟ୍ ମଧ୍ୟରୁ ୬ ହଜାର ୫୫୦ ସିଟ୍‌ରେ ନାମଲେଖା ହୋଇଛି ଓ ୬ହଜାର ୧୮୬ ସିଟ୍ ଖାଲି ରହିଛି। ଧନ୍ଦାମୂଳକ ବିଷୟରେ ୧୦ ହଜାର ୪୯୨ ସିଟ୍ ରହିଥିବାବେଳେ ୪ ହଜାର ୪୯୨ ସିଟ୍‌ରେ ନାମଲେଖା ହୋଇଛି। ୫ ହଜାର ୯୯୫ ସିଟ୍‌ଖାଲି ରହିଥିବା ସୂଚନା ଦିଆଯାଇଛି।

## ଚାକିରି ଦେବା ଆଳରେ କୋଟିଏରୁ ଊର୍ଦ୍ଧ୍ୱ ଠକେଇ | ନକଲି ବିଏସ୍‌ଏନ୍‌ଏଲ୍ ଅଧିକାରୀ ଗିରଫ

**ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)**

ନିଜକୁ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପଦସ୍ଥ ଅଧିକାରୀ ପରିଚୟ ଦେଇ ଚାକିରି ଦେବା ଆଳରେ ପଶ୍ଚିମ ଓଡ଼ିଶାର ଅନେକ ଯୁବତୀଯୁବକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ବରଗଡ଼ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଲାଙ୍ଗୀର ଜିଲା ସଇଁତଳା ଥାନା କନ୍ଧକେଲ ପଞ୍ଚାୟତ ଅଧୀନ ଡଙ୍ଗରପଡ଼ା ଗ୍ରାମର ନିତେଇଗୌର ବାରିକ(୩୦)। ତାଙ୍କ ପାଖରୁ ଠକେଇରେ ବ୍ୟବହୃତ ନକଲି ପରିଚୟ ପତ୍ର, ଚେକ୍ ବୁକ୍, ନକଲି ନିଯୁକ୍ତି ପତ୍ର, ଡାଏରୀ ସମେତ ନଗଦ ୧୩ଲକ୍ଷ ୫୫୦ ଟଙ୍କା ଜବତ ହୋଇଛି। ଏ ନେଇ ବରଗଡ଼ ସଦର ଥାନା ପୋଲିସ ଏକ ମାମଲା (ନଂ.୨୬୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି।



ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ବରଗଡ଼ ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଥିଲେ, ଅଭିଯୁକ୍ତ ନିତେଇଗୌର ଫେସ୍‌ବୁକରେ ୨ଟି ଆକାଉଣ୍ଟ ଖୋଲିଥିଲେ। ସେ ଏସ୍. ପ୍ରଧାନ ନାମରେ ଖୋଲିଥିବା ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ବିଏସ୍‌ଏନ୍‌ଏଲ୍‌ର ଏଜିଏମ୍ ଏବଂ ଜ୍ଞାନେନ୍ଦ୍ର ବାରିକ ନାମରେ ଖୋଲିଥିବା ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ଡିଜିଏମ୍ ବୋଲି ପରିଚୟ ଦେଇଥିଲେ। ସେ ନିଜର ଏହି ୨ଟି ଫେସ୍‌ବୁକ ଆକାଉଣ୍ଟରେ ଯୁବତୀ ଯୁବକଙ୍କ ସହିତ ଯୋଡ଼ି ହୋଇ ଚାଟିଂ କରିବା ସହ ବିନା ପରୀକ୍ଷାରେ ବିଏସ୍‌ଏନ୍‌ଏଲରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଥିଲେ। ଏହାକୁ ବିଶ୍ୱାସ କରି ବରଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଜିଲାର ବହୁ ବେକାର ଯୁବତୀ ଯୁବକ ଅଭିଯୁକ୍ତଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। ଏଭଳି ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇ ଅଭିଯୁକ୍ତ ସେମାନଙ୍କୁ ନକଲି ନିଯୁକ୍ତିପତ୍ର ଦେଇଥିଲେ। ସେହି ନିଯୁକ୍ତିପତ୍ର ନକଲି ଜଣାପଡିବା ପରେ ସମ୍ପୃକ୍ତ ଯୁବତୀ ଯୁବକ ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ଟଙ୍କା ଫେରାଇବା ବଦଳରେ ଅଭିଯୁକ୍ତ ସେମାନଙ୍କୁ ଚେକ୍ ଦେଇଥିଲେ ଏବଂ ତାହା ବାଉନ୍ସ ହୋଇଯାଇଥିଲା। ଏ ସମ୍ପର୍କରେ ଶନିବାର ବରଗଡ଼ ଜିଲା ସୋହେଲା ଥାନା କନଗାଁ ନିବାସୀ ଦୁଲେଶ୍ୱର ସାହୁ(୨୩) ବରଗଡ଼ ସଦର ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ କରି ତଦନ୍ତ କରିଥିଲା ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି।

## ଓଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କ ଇସ୍ତଫା ଦାବି କଲେ ୩ ଜିଲାର ଛାତ୍ରୀଛାତ୍ର




ବାଲେଶ୍ୱର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

**ପ୍ରଶ୍ନପତ୍ର ଲିକ୍ ମାମଲା**

**ବାଲେଶ୍ୱର,୩୧।୭(ମାନସ ବିଶ୍ୱାଳ)**

ଓଡ଼ିଶା ଷ୍ଟାଫ ସିଲେକଶନ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଜେଇଇ ସିଭିଲ୍ ମେନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ନେଇ ସାରା ରାଜ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆଶାୟୀ ଛାତ୍ରୀଛାତ୍ରମାନେ ଆନ୍ଦୋଳନମୁହାଁ ହୋଇଛନ୍ତି। ସୋମବାର ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ଶତାଧିକ ଆଶାୟୀ ଛାତ୍ରୀଛାତ୍ର ଏକାଠି ହୋଇ ହୋହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ମାମଲାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କେବଳ ଜେଇଇ ସିଭିଲ୍ ମେନ ପରୀକ୍ଷା ନୁହେଁ, ବରଂ ଓଡ଼ିଶାରେ ହେଉଥିବା ପ୍ରତ୍ୟେକ କମ୍ପିଟିଟିଭ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିବାରୁ ସମସ୍ତ ପରୀକ୍ଷାକୁ ରଦ୍ଦ ସହ ପୁଣି କରାଇବା ଏବଂ ଓଏସ୍‌ଏସ୍‌ସି ଅଧ୍ୟକ୍ଷଙ୍କ ଇସ୍ତଫା ଦାବି କରି ଛାତ୍ରୀଛାତ୍ରମାନେ ଅଡ଼ି ବସିଥିଲେ। ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ଉକ୍ତ ୩ ଜିଲାର ଛାତ୍ରୀଛାତ୍ରମାନେ ବାଲେଶ୍ୱର ଷ୍ଟେଶନଛକଠାରେ ଏକାଠି ହେବା ପରେ ସହରର ୦ଟି ରୋଡକୁ ଜାମ୍ କରିଦେଇଥିଲେ। ଫଳରେ ଫକୀରମୋହନ ଗୋଲେଇଠାରୁ ଆଇଟିଆଇ ଛକ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ନେଇଆସିଥିଲା। ଛାତ୍ରୀଛାତ୍ରମାନେ ସେଠାରେ ରାସ୍ତା ଉପରେ ବସି ରହିବା ସହ ରାଜ୍ୟରେ ଚାଲିଥିବା ନିଯୁକ୍ତି ଦୁର୍ନୀତି ଓ ପ୍ରଶ୍ନପତ୍ର ଲିକ୍ ବନ୍ଦ ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ସମ୍ପ୍ରତି ସରକାରୀ ବିଭାଗରେ ନିଯୁକ୍ତି ପାଇଁ ରାଜ୍ୟରେ ହେଉଥିବା ପ୍ରତ୍ୟେକ ପରୀକ୍ଷାରେ କଟ୍-ଅଫ ମାର୍କ ସର୍ବୋଚ୍ଚ ୯୫ ପ୍ରତିଶତ ହେବା ପ୍ରଶ୍ନପତ୍ର ଲିକ୍ ହିଁ ଏକମାତ୍ର କାରଣ ବୋଲି ସେମାନେ ଆରୋପ ଉଠାଇଥିଲେ। ବହୁ ମେଧାବୀ ଛାତ୍ରୀଛାତ୍ର ଦୈନିକ ୧୬ ଘଣ୍ଟା ପର୍ଯ୍ୟନ୍ତ ପାଠପଢ଼ି ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ବେଳେ ଅସାଧୁ ବ୍ୟକ୍ତିମାନେ ପ୍ରଶ୍ନପତ୍ର ଲିକ୍ କରାଇ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଯେଉଁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଛି ସେହି ପରୀକ୍ଷାଗୁଡିକ ପୁନର୍ବାର କରାଯିବା ସହିତ ଏଭଳି କେଳେଙ୍କାରୀରେ ଓଏସ୍‌ଏସ୍‌ସି ସଦସ୍ୟଙ୍କ ସମ୍ପୃକ୍ତିକୁ ନେଇ ଯାଞ୍ଚ ପାଇଁ ଛାତ୍ରୀଛାତ୍ରମାନେ ଦାବି ଉଠାଇଥିଲେ। ଆଗାମୀ ଦିନରେ ଓଏସ୍‌ଏସ୍‌ସିର ସମସ୍ତ ପରୀକ୍ଷାକୁ ନିରପେକ୍ଷ ଏଜେନ୍ସି କିମ୍ବା ଅନଲାଇନ୍ ମାଧ୍ୟମରେ କରାଇବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।



**ଆଜିର ମନ୍ତବ୍ୟ**

"ହିଂସା ପ୍ରପୀଡ଼ିତ ମଣିପୁରର ଜନସାଧାରଣଙ୍କ ଯନ୍ତ୍ରଣା ପ୍ରତି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଉଦାସୀନ। ନିର୍ବାଚନୀ ରାଲି, ଟ୍ରେନ୍ ଉଦ୍‌ଘାଟନ ଓ ଭାଜପା ବୈଠକରେ ଯୋଗ ଦେଉଥିବା ପ୍ରଧାନମନ୍ତ୍ରୀଙ୍କ ପାଖରେ ମଣିପୁର ଲୋକଙ୍କ ବ୍ୟଥା ଦୂର କରିବା ଓ ଜାତିଆଣ ସମସ୍ୟା ସମାଧାନ କରିବା ପାଇଁ ସମୟ ନାହିଁ।
– ମଲ୍ଲିକାର୍ଜ୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ

## ଉଗଡମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଉଗଡମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଆକୁ ବାଟ ନାହିଁ, ଅନ୍ଧାର କୁ ଛାଟ ନାହିଁ।**

କୁଆ ପାଇଁ ଯେମିତି କୌଣସି ବାଟ ବନ୍ଦ କରାଯାଇପାରି ନ ଥାଏ ସେମିତି ଅନ୍ଧାରରେ କାହାକୁ ଧରିବା କି ମାରିବା ସହଜ ହୋଇପାରି ନ ଥାଏ। ପରୋକ୍ଷରେ ବେଶାସନିଆକୁ ଶାସନ କରି ହେଉନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଅଁଣ? ଘର ଭିତରେ ଚାରିଟା କଣ, ନଇଁ ପଡିକରି ଗଣ।**

ଅଛାଳିଆ ଓ ବେଖାତିରିଆ ଉତ୍ତର। ଜଣକୁ କଥା କ'ଣ, ବିଷୟ କ'ଣ ବୋଲି ଜାଣିବାକୁ ପଚାରିଲେ ବେଳେବେଳେ ଅନ୍ୟ ଜଣକ ଉପଯୁକ୍ତ ଉତ୍ତର ନଦେଇ ବୁଲେଇ ବଙ୍କେଇ କଥା କହିଥାଏ। ପଚାରିଥିବା ବ୍ୟକ୍ତିର କିଛି ଜାଣିବାର ଆବଶ୍ୟକତା ନ ଥିବା ବିଚାର କରି ଯାଡୁସାଡୁ କଥା କହି ମୋଡ଼ ବଦଳେଇ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଉଗଡମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କୋଇଲା ଉତ୍ପାଦନରେ ରେକର୍ଡ

## ୨୦୨୨-୨୩ରେ ୮୯୩.୧୯ ନିୟୁତ ଟନ୍‌କୁ ବୃଦ୍ଧି

ଭୁବନେଶ୍ୱର,୩୧।୭ (ଅନିଲ ଦାସ)

ଗତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ରେକର୍ଡ ଭାଙ୍ଗିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶରେ ସର୍ବାଧିକ ୮୯୩.୧୯ ନିୟୁତ ଟନ୍ କୋଇଲା ଉତ୍ପାଦନ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୭୭୮.୨୧ ନିୟୁତ ଟନ କୋଇଲା ଉତ୍ପାଦନ ହୋଇଥିଲା। ଓଡ଼ିଶା ସମେତ ୮ଟି ରାଜ୍ୟ ଆସାମ, ଛତିଶଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ରାଜ୍ୟରୁ ଏ ସବୁ କୋଇଲା ଉତ୍ପାଦନ କରାଯାଇଛି। ତେବେ ଜମ୍ମୁକଶ୍ମୀରରୁ କୋଇଲା ଉତ୍ପାଦନ ହ୍ରାସ ପାଇଛି। ସୋମବାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ଦେଶରେ ଘରୋଇ ଉତ୍ପାଦନ ଓ ଯୋଗାଣ ପାଇଁ ଏହି ଉତ୍ପାଦନ କରାଯାଇଛି। କେନ୍ଦ୍ର ସରକାର ବାହାରୁ ଅନାବଶ୍ୟକ ଆମଦାନୀକୁ ବନ୍ଦ କରି ଘରୋଇ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି। ଘରୋଇ ଉତ୍ପାଦନ ବୃଦ୍ଧି ଫଳରେ ଅନାବଶ୍ୟକ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସପାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ସୁପ୍ରିମକୋର୍ଟରେ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲା

## ୨୫ ଜମାକାରୀଙ୍କ ଷ୍ଟାଟସ୍ ରିପୋର୍ଟ ଦେବାକୁ ରାଜ୍ୟକୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୧।୭(ଅନିଲ ଦାସ)

ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ସୋମବାର ବିଭିନ୍ନ ଚିଟ୍‌ଫଣ୍ଡ କମ୍ପାନୀର ୨୫ ଜଣ ଜମାକାରୀଙ୍କର ଷ୍ଟାଟସ ରିପୋର୍ଟ ମାଗିଛନ୍ତି। ଆସନ୍ତା ୪ ସପ୍ତାହ ମଧ୍ୟରେ ଏହି ରିପୋର୍ଟ ଦେବାକୁ ସର୍ବୋଚ୍ଚ ଅଦାଲତ କହିଛନ୍ତି। ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ୨୫ ଜଣଙ୍କର ଷ୍ଟାଟସ ରିପୋର୍ଟ ଜାଣିବା ପରେ ଅନ୍ୟ ଜମାକାରୀଙ୍କ ବିଷୟରେ କ'ଣ କରାଯାଇପାରିବ ସେ ନେଇ ସର୍ବୋଚ୍ଚ ଅଦାଲତ ପଦକ୍ଷେପ ନେବେ ବୋଲି କହିଛନ୍ତି। ଏଥିସହିତ ଜମାକାରୀଙ୍କ ବିଷୟରେ ସମ୍ପୂର୍ଣ୍ଣ ତଥ୍ୟ ଆସନ୍ତା ୨ ସପ୍ତାହ ମଧ୍ୟରେ ପ୍ରଦାନ କରିବାକୁ ଖଣ୍ଡପୀଠ ଆବେଦନକାରୀଙ୍କୁ କହିଛନ୍ତି। ପ୍ରଥମେ ୧୫ ଜଣ ଜମାକାରୀଙ୍କ ସ୍ଥିତି କ'ଣ ଅଛି ଅନୁଧ୍ୟାନ କରାଯିବ। ସେମାନେ ଜମା କରିଥିବା ଟଙ୍କା ଚିଟ୍‌ଫଣ୍ଡ କମ୍ପାନୀରେ କେଉଁ ଅବସ୍ଥାରେ ଅଛି ସେସବୁର ଅନୁଧ୍ୟାନ କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି।

## ସିବିଆଇ କରିପାରିବନି...

ପ୍ରଥମ ପୃଷ୍ଠାରୁ...

ଦାଖଲ କରିଥିଲେ। ସେଥିରେ ୪୭ଜଣ ବିଜେଡି ବିଧାୟକ, ଏମ୍‌ପି, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟତମ ସହଯୋଗୀ ସରୋଜ ସାହୁ ସି-ଶୋର ଚିଟ୍‌ଫଣ୍ଡ କମ୍ପାନୀଠାରୁ ୫୫୦ କୋଟି ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହେବା ପରେ ରାଜ୍ୟ ସରକାର ୨୦୧୩ ଜୁଲାଇ ୯ ତାରିଖରେ ହାଇକୋର୍ଟର ପୂର୍ବତନ ବିଚାରପତି ଆର.କେ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ଗଠନ କରିଥିଲେ। ଜଷ୍ଟିସ ପାତ୍ରଙ୍କ ମୃତ୍ୟୁପରେ ୨୦୧୫ ଫେବୃୟାରୀରେ ସରକାର ମଦନମୋହନ ଦାସଙ୍କୁ ତଦନ୍ତ କମିଶନର ଭାର ପ୍ରଦାନ କରିଥିଲେ। ତେବେ କମିଶନଙ୍କ କାର୍ଯ୍ୟକାଳ ୨୦୨୦ ଫେବୃୟାରୀ ୪ ତାରିଖରୁ ଶେଷ ହୋଇଯାଇଛି। କୋଭିଡ-୧୯ ମହାମାରୀ ଦେଖା ଦେବାରୁ ରାଜ୍ୟ ସରକାର କମିଶନଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି କରି ନାହାନ୍ତି। କମିଶନ ନିଜ କାର୍ଯ୍ୟକାଳରେ ୧୦ ହଜାର ଟଙ୍କାରୁ କମ୍ ଜାମାକାରୀଙ୍କ ପ୍ରାୟ ୮.୮୬ ଲକ୍ଷ ଆବେଦନକାରୀଙ୍କ ସତ୍ୟପାଠ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୪୦ ଚଟ୍‌ଫଣ୍ଡ କମ୍ପାନୀର ୪ ଲକ୍ଷ ୯୭ ହଜାର ୮୪୪ ଆବେଦନକାରୀଙ୍କୁ କ୍ଷତିପୂରଣ ରାଶି ଫେରାଇବାକୁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ୨୦୨୧ ଜୁନ ୪ ତାରିଖରେ ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରାଇବା ପାଇଁ ଏକ ୱେବ୍‌ସାଇଟ ଜରିଆରେ ସତ୍ୟପାଠ ଦାଖଲ କରିବାକୁ ଜମାକାରୀଙ୍କୁ ପରାମର୍ଶ ଦେଇଥିଲେ। ଇତି ମଧ୍ୟରେ ରାଜ୍ୟ ସରକାର ସି-ଶୋର, ରୋଜଭ୍ୟାଲି ଭଳି ଅନେକ ଚିଟଫଣ୍ଡ କମ୍ପାନୀ ସମ୍ପତ୍ତି ବାଜ୍ୟାପ୍ତ କରିଛନ୍ତି।

## ଚନ୍ଦ୍ରୟାନ-୩ର ଟ୍ରାନ୍ସଲୁନାର...

ଫାୟାର ଅପ୍ ହେବା ପରେ ଏହା ଚନ୍ଦ୍ରୟାନକୁ ଚନ୍ଦ୍ର କକ୍ଷପଥରେ ଅବସ୍ଥାପିତ କରିବା ଲାଗି ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ବାହାରକୁ ନେଇଯାଇଛି। ଅଗଷ୍ଟ ୫ରେ ଏହା ଚନ୍ଦ୍ର କକ୍ଷପଥରେ ପ୍ରବେଶ କରିବ ବୋଲି ଇସ୍ରୋ କହିଛି। ଚନ୍ଦ୍ରୟାନ ଚନ୍ଦ୍ର ଚାରିପଟେ ଘୂରିବା ସହ ଧୀରେ ଧୀରେ ଏହାର ନିକଟତର ହେବ। ୧୦୦ କିଲୋମିଟର କକ୍ଷପଥରେ ପହଞ୍ଚିବା ପରେ ଲ୍ୟାଣ୍ଡର ସେଠାରୁ ତଳକୁ ଖସି ଅଗଷ୍ଟ ୨୩ରେ ଚନ୍ଦ୍ରର ଦକ୍ଷିଣ ପାର୍ଶ୍ୱରେ ସଫ୍ଟ ଲ୍ୟାଣ୍ଡିଂ କରିବ। ଜୁଲାଇ ୧୪ରେ ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୩କୁ ଲଞ୍ଚ କରାଯାଇଥିଲା। ଅଣ୍ଡାକୃତି କକ୍ଷପଥରେ ଘୂରିବା ସହ ୫ଟି ମ୍ୟାନୋଭର ପରେ ପୃଥିବୀଠାରୁ ଏହାର ସର୍ବାଧିକ ଦୂରତା ୧,୨୭,୬୦୩ କିଲୋମିଟରରେ ପହଞ୍ଚିଥିଲା।

## ଓସିଏସ୍ ୨୦୨୧...

ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ସତୀଶ କୁମାର ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଅଙ୍କୁଶ ହଟାଇବା ପରେ ସୋମବାର ଫଳ ପ୍ରକାଶ ପାଇଛି। ଓସିଏସ୍ ପରୀକ୍ଷା ୩ ପର୍ଯ୍ୟାୟ (ପ୍ରିଲିମିନାରି ପରୀକ୍ଷା, ମୁଖ୍ୟ ପରୀକ୍ଷା ଏବଂ ସାକ୍ଷାତ୍‌କାର)ରେ ଅନୁଷ୍ଠିତ ହୁଏ। ଓପିଏସସି ପରୀକ୍ଷା ପାଇଁ ୫୮,୨୪୧ (୨୦,୯୩୦ ଜଣ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ। ୧୬।୧୦।୨୦୨୨ରେ ୨୯,୨୯୫ (୧୦,୨୮୪ ଜଣ ମହିଳା) ପ୍ରାର୍ଥୀଙ୍କୁ ନେଇ ପ୍ରିଲିମିନାରି ପରୀକ୍ଷା ହୋଇଥିଲା। ୨୧।୦୨।୨୦୨୩ରୁ ୧୮।୦୩।୨୦୨୩ରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ପରୀକ୍ଷାରେ ୪,୪୩୦ (୧୫୩୯ ଜଣ ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୮୬୧ (୩୧୩ ମହିଳା) ପ୍ରାର୍ଥୀଙ୍କୁ ସାକ୍ଷାତ୍‌କାର ପାଇଁ କଟକ ସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟକୁ ୧୫।୦୭।୨୦୨୩ରୁ ୨୫।୦୭।୨୦୨୩ ମଧ୍ୟରେ ଡକାଯାଇଥିଲା। ତେବେ ଏହି ବର୍ଷର ଓସିଏସ୍ ପରୀକ୍ଷାଫଳ ପ୍ରିଲିମିନାରି ପରୀକ୍ଷା ତାରିଖଠାରୁ ସାଢ଼େ ୯ ମାସରେ ପ୍ରକାଶ ପାଇଛି, ଯାହାକି ସର୍ବକାଳୀନ ରେକର୍ଡ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

ଓସିଏସ୍ ପରୀକ୍ଷାରେ ଟପ୍ପର ହୋଇଥିବା ସୁଦେବ କୁମାର ପୃଷ୍ଟିଙ୍କ ଘର କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ଟାଙ୍ଗରପଡ଼ା ଗ୍ରାମରେ। ଏହି ସଫଳତା ପରେ ପାଟଣା ଓ ଟାଙ୍ଗରପଡ଼ା ଅଞ୍ଚଳରେ ଖୁସିର ଲହରି ପ୍ରକାଶ ପାଇଛି। ବିଭିନ୍ନ ଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରଶାସନିକ ପଦପଦବୀରେ ଯୋଗଦେଲେ ବୃତ୍ତିରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହ ଗରିବଙ୍କ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି ସେ କହିଛନ୍ତି।

# ରିଭ୍ୟୁ, ରିଟ୍ ପିଟିଶନ ଖାରଜ: କାଏମ ରହିଲା ପୂର୍ବ ନିର୍ଦ୍ଦେଶ

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

କଟକ,୩୧।୭ (କାର୍ତ୍ତିକ ସାହୁ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷା ଅନିୟମିତତା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ପୂର୍ବ ରାୟକୁ କାଏମ ରଖିଛନ୍ତି। ଏଥିସହ ପୂର୍ବ ରାୟର ପୁନର୍ବିଚାର ପାଇଁ ଦାଏର ହୋଇଥିବା ରିଭ୍ୟୁ ପିଟିଶନ ଓ ରିଟ୍ ପିଟିଶନ୍‌କୁ ଖାରଜ କରିଛନ୍ତି। ଫଳରେ ହାଇକୋର୍ଟଙ୍କ ଆଦେଶ ମୁତାବକ ଓପିଏସ୍‌ସି ସାନି ମେଧା ତାଲିକା ପ୍ରକାଶ କରିବା ସ୍ପଷ୍ଟ ହୋଇଛି।

ପ୍ରକାଶ ଯେ, ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ଏଏସ୍‌ଓ ପରୀକ୍ଷାର ମେରିଟ୍ ଲିଷ୍ଟକୁ ନେଇ ହାଇକୋର୍ଟରେ ରିଟ୍ ଓ ରିଭ୍ୟୁ ଭାବେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା। ଦୁଇଯୋଡ଼ା ପିଟିଶନର ଏକାଠି ଶୁଣାଣି କରିବାକୁ ହାଇକୋର୍ଟ ଜୁନ୍ ୨୬ ତାରିଖ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୩ରେ ଶୁଣାଣି ଶେଷ କରାଯାଇ ରାୟ ସଂରକ୍ଷିତ ରହିଥିଲା। ଏଏସ୍‌ଓ ନିଯୁକ୍ତି ପରୀକ୍ଷାରେ ପ୍ରକାଶିତ ମେଧା ତାଲିକାକୁ ହାଇକୋର୍ଟ ଖାରଜ କରି ସାନି ମେଧା ତାଲିକା ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ନିଯୁକ୍ତି ନିୟମ ଅନୁସାରେ ଗ୍ରହଣୀୟ ନୁହେଁ। ଓଡ଼ିଶା ସେକ୍ରେଟାରିଏଟ୍‌ର ଏଏସ୍‌ଓ ନିଯୁକ୍ତି ପ୍ରଣାଳୀ ଓ ସର୍ଭିସ ସର୍ତ୍ତାବଳୀ, ୨୦୧୬କୁ ଉଲ୍ଲଂଘନ କରାଯାଇ ବିଷୟ ଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ପ୍ରକାଶିତ ମେଧା ତାଲିକା ରଦ୍ଦ କରାଯାଉଛି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୧୬ର ନିୟମ ପାଳନ କରି ସାନି ମେରିଟ୍ ଲିଷ୍ଟ ୨ ମାସ ଭିତରେ ପ୍ରକାଶ କରିବାକୁ କହିଥିଲେ। ଏଥିସହ ହାଇକୋର୍ଟଙ୍କ ବିନା ଅନୁମତିରେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇ ପାରିବ ନାହିଁ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ତେବେ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା ଜାରି ରହିବ ବୋଲି ହାଇକୋର୍ଟ କହିଥିଲେ। ଏନେଇ କେତେଜଣ ପରୀକ୍ଷାରେ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ ଯେ, ଏଏସ୍‌ଓ ପରୀକ୍ଷା ଅନିୟମିତତା ଯୋଗୁ ଆମେ ପ୍ରଭାବିତ ହୋଇଛୁ। ହାଇକୋର୍ଟ ଉକ୍ତ ମାମଲାରେ ଆମ୍ଭମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ଆମକୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ରିଟ୍ ପିଟିଶନ୍ ଜରିଆରେ ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ପୂର୍ବ ମେରିଟ୍‌ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍ସାନାଆରା ବେଗମ୍‌ଙ୍କ ସମେତ ମୋଟ ୫ ଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ନେଇ ଜୁନ୍ ୨୨ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ୭୯୬ଟି ଏଏସ୍‌ଓ ପଦବୀ ପାଇଁ ୨୦୨୨ ଅଗଷ୍ଟ ୨୭ରେ ଲିଖିତ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୪୮ହଜାର ୮୮୮ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୧୧୦୪ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ/ନଥିପତ୍ର ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ ଟେଷ୍ଟ ପାଇଁ ଡକାଯାଇଥିଲା। ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏ ନେଇ ପୂର୍ବରୁ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା।

# ବଜ୍ରପାତ ନେଲା ୯ ଜୀବନ

ବାଲୁଗାଁ,(ସଂଗ୍ରାମ ପାଇକରାୟ)/ ନାଉଗାଁ,(ସୁଧା ବେହୁରା)/ ପିପିଲି,୩୧।୭(ପ୍ରଭାତ ମହାପାତ୍ର) ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)/ ଭଦ୍ରକ(ସନାତନ ରାଉତ)/

ରାଜ୍ୟର ବିଭିନ୍ନ ଜିଲାରେ ଲଗାଣ ବର୍ଷା ସହ ବଜ୍ରପାତ ଘଟି ୩ ମହିଳାଙ୍କ ସମେତ ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲାର ୨ ମହିଳା ସମେତ ୪ଜଣ ଥିବାବେଳେ ଖୋର୍ଦ୍ଧା ଜିଲାର ୨ ବାପପୁଅ, ଜଗତ୍‌ସିଂହପୁର ଜିଲାର ୨ ବାପପୁଅ ଓ ପୁରୀ ଜିଲାର ଜଣେ ମହିଳା ଥିବା ସୂଚନା ମିଳିଛି।

ଖୋର୍ଦ୍ଧା ଜିଲା ବାଲୁଗାଁ ତଟବର୍ତ୍ତୀ ଚିଲିକାରେ ରବିବାର ରାତିରେ ଚିଲିକାକୁ ମାଛ ଧରିବାକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ବାପପୁଅଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବାଲୁଗାଁ ଚିଲିକାକୂଳ ସନ୍ନ୍ୟାସୀନଗର ବଙ୍ଗୀୟ ବସ୍ତିରେ ରହୁଥିବା ବିଧାନ ବିଶ୍ୱାସ(୬୦) ଏବଂ ପୁଅ ଉତ୍ତମ ବିଶ୍ୱାସ(୩୫)। ଅନ୍ୟପକ୍ଷେ ଠିକ୍ ଏହି ସମୟରେ ଉତ୍ତମଙ୍କ ସ୍ତ୍ରୀ ବାଲୁଗାଁ ଡାକ୍ତରଖାନାରେ ଏକ କନ୍ୟାସନ୍ତାନ ଜନ୍ମ ଦେଇଥିଲେ। ଶିଶୁ କନ୍ୟାଟି ଆଖି ଖୋଲିବା ପୂର୍ବରୁ ବାପାଙ୍କୁ ହରାଇବା ଘଟଣା, ଯାହା ସ୍ଥାନୀୟ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀ ମହଲରେ ଶୋକର ଛାୟା ଖେଳାଇଦେଇଛି। ସୂଚନା ମୁତାବକ, ସବୁଦିନ ଭଳି ରବିବାର ଅପରାହ୍ଣ ୫ଟାରେ ବାପପୁଅ ଡଙ୍ଗା ନେଇ ଚିଲିକାକୁ ମାଛ ଧରିବାକୁ ଯାଇଥିଲେ। ରାତି ପ୍ରାୟ ୯ଟାରେ ହଠାତ୍ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ସହ ବଜ୍ରପାତ ହୋଇଥିଲା। ଫଳରେ ଘଟଣାସ୍ଥଳରେ ବାପପୁଅଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପଟେ ସେଦିନ ରାତିରେ ଉତ୍ତମଙ୍କ ସ୍ତ୍ରୀ ପ୍ରସବଜନିତ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା। ଏହି ଖବର ଜଣାଇବା ପାଇଁ ଉତ୍ତମଙ୍କ ଫୋନ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ଉଠାଇ ନ ଥିଲେ। ସୋମବାର ଚିଲିକା ତଟବର୍ତ୍ତୀ ନଇରୀ ଅଞ୍ଚଳର କେତେଜଣ ମତ୍ସ୍ୟଜୀବୀ କଳିଯୁଗେଶ୍ୱର ପାହାଡ଼ ଏବଂ ରାହାଣବେଲୀ ଗ୍ରାମ ମଧ୍ୟସ୍ଥ ଚିଲିକା ଜଳରାଶିରେ ଏକ ଡଙ୍ଗାରେ ୨ଟି ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ସନ୍ନ୍ୟାସୀନଗରର ବାସିନ୍ଦା ଡଙ୍ଗାରେ ସେଠାରେ ପହଞ୍ଚି ବାପପୁଅଙ୍କ ମୃତଦେହକୁ ଚିହ୍ନଟ କରି କୂଳକୁ ଆଣିବା ସହ ବାଲୁଗାଁ ଡାକ୍ତରଖାନା ନେଇଥିବା ବେଳେ ସେଠାରେ ଉଭୟଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ ବାଲୁଗାଁ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପୋଲିସ ୨ଟି ମାମଲା (୯,୧୦/୨୩)ରୁଜୁ କରିଛି।

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅନ୍ତର୍ଗତ ଅଙ୍ଗେଶ୍ୱରପଡା (ମଠକୂଳ) ଗ୍ରାମର ରାଜକିଶୋର କାଣ୍ଡି(୫୫) ଓ ତାଙ୍କ ପୁଅ ଆଶୁତୋଷ(୧୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜକିଶୋର ରବିବାର ମଜୁରି ପାଇଁ କାକଟପୁର ଅଞ୍ଚଳକୁ ଯାଇଥିଲେ। ବାପାଙ୍କୁ ଆଣିବା ପାଇଁ ପୁଅ ଯାଇ ବାଇକ୍‌ରେ ଉଭୟ ଫେରୁଥିବାବେଳେ କାକଟପୁର ବ୍ଲକ ସୁନନ୍ଦା ନିକଟରେ ବଜ୍ରପାତ ହେବାରୁ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନାଉଗାଁ ଥାନାରେ ମାମଲା (ନଂ.୪/୨୩)ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ କହିଛନ୍ତି।

ପୁରୀ ଜିଲା ପିପିଲି ବ୍ଲକ ଦାଣ୍ଡମକୁନ୍ଦପୁର ବାହାବଜାର ଗ୍ରାମର ବୁଧି ବେହେରା(୫୪) ସୋମବାର ଘରେ ଏକାକୀ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକ ପିପିଲି ମେଡିକାଲ ନେଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ବୁଧିଙ୍କ ପୁଅ ପିପିଲି ଥାନାରେ ଅଭିଯୋଗ କରିଛନ୍ତି।

ବାଲେଶ୍ୱର ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ମହାଳିକସାହି ଗ୍ରାମର କୈଳାସ ମଲିକଙ୍କ ସ୍ତ୍ରୀ ଯମୁନା ମଲିକ(୫୫) ନିକଟ ଚାଷଜମିକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଅଚେତ୍ ହୋଇ ଟଳିପଡିଥିଲେ। ପାଖରେ କାମ କରୁଥିବା ଅନ୍ୟମାନେ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ମହାନ୍ତିପୋଖରୀ ଅଞ୍ଚଳର ଦିଲୀପ ସିଂ(୨୮)ଚାଷକାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ସିମୁଳିଆ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଭଦ୍ରକ ଜିଲାର ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ତଳକାଁପଡ଼ା ଗ୍ରାମର ଜେମାମଣି ମଲିକ(୬୦) ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁରର ମିଟୁ ମଲିକ(୩୦), ଭଦ୍ରକ ବ୍ଲକ ରାନ୍ଧିଆ ରାଉଳସାହିର ସସ୍ମିତା ରାଉଳ ଏବଂ ସାବରଙ୍ଗ ଥାନା ଅଧୀନ ତୋରଣପଦାର ମଞ୍ଜୁଲତା ନାୟକ (୨୮) ବଜ୍ରପାତର ଶିକାର ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମର ପଦ୍ମନାଭ ପହି (୬୬) ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ହାଟଡ଼ିହୀ ଓ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ଉପଖଣ୍ଡ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲା (ନଂ. ୧୬/୨୩)ରୁଜୁ କରିଛି।

## ଚଳନ୍ତା ଟ୍ରେନ୍‌ରେ...

ହୋଇଥିବାବେଳେ ଚେତନ ଉତ୍ତରପ୍ରଦେଶ ହାଥ୍ରାସ ବାସିନ୍ଦା। ସେମାନଙ୍କ ସହ ଥିବା ଅନ୍ୟ ୨ ଜଣ ଆର୍‌ପିଏଫ୍ ଯବାନଙ୍କ ବୟାନ ପୋଲିସ ରେକର୍ଡ କରିଛି। ଆର୍‌ପିଏଫ୍ (ୱେଷ୍ଟର୍ନ ରେଲୱେ)ର ଆଇଜି ପ୍ରବୀଣ ସିହ୍ନା କହିଛନ୍ତି, ଚେତନଙ୍କ ସହ ଟିକାରାମଙ୍କର କୌଣସି ବଚସା ହୋଇ ନ ଥିଲା। ତେବେ ଚେତନ ଜଣେ ବଦରାଗୀ। ସେ ହଠାତ୍ ଉତ୍ତେଜିତ ହୋଇ ବରିଷ୍ଠ ଅଫିସରଙ୍କୁ ଗୁଳି ଚଳାଇବା ପରେ ପାଖରେ ଯାହାକୁ ଦେଖିଥିଲେ ଗୁଳି କରିଥିଲେ ବୋଲି ଆଇଜି କହିଛନ୍ତି। ମୃତ ଯାତ୍ରୀଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଚେତନଙ୍କୁ ଅଟକ ରଖାଯିବା ସହ ତାଙ୍କ ରାଇଫଲକୁ ଜବତ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉଥିବା ୱେଷ୍ଟର୍ନ ରେଲ୍‌ୱେ ପକ୍ଷରୁ କୁହାଯାଇଛି।

## ଭୁଶୁଡ଼ିଲା କଲଭର୍ଟ...

ଦୁଇ ପୁଅଙ୍କ ମୃତ୍ୟୁ ପରେ ମା' ଦିପାଇ ମିଣିଆକା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅପରପକ୍ଷରେ ଏକାଧିକ ଠିକାଦାରଙ୍କ ଦ୍ୱାରା ତଥା ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ସୋମବାର ସକାଳେ ୮ଜଣ ଗାଁ ନିକଟସ୍ଥ ନାଳରେ ଗାଧୋଇବା ସମୟରେ ଲଗାଣ ବର୍ଷା ଯୋଗୁ ନାଳରେ ନିର୍ମାଣାଧୀନ କଲଭର୍ଟର ଛାତ ଖସିପଡ଼ିଥିଲା। ଫଳରେ ବ୍ରିଜ୍ ତଳେ ଚାପି ହୋଇ ୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ନାଳର ଅପରପାର୍ଶ୍ୱରେ ଗାଧୋଉଥିବା ୩ ଜଣ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷେ ନିମ୍ନମାନର କାମ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ କଲ୍ୟାଣସିଂହପୁର ବିଡିଓ ସୁନୀଲ ଖରା, ଅଗ୍ନିଶମ ବିଭାଗ କର୍ମଚାରୀ, ଏସ୍‌ପି ବିବେକାନନ୍ଦ ଶର୍ମା, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଉତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଡାକ୍ତରୀ ଟିମ୍ ପହଞ୍ଚି ୫ଜଣ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

କଲଭର୍ଟଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ଚାଲିଛି। ଆରଡି ରାସ୍ତା କଲଭର୍ଟ ସହିତ ୫.୧୫ କିମି ଦୂରତାର ହୋଇଥିବା ବେଳେ ୨୦୨୧ ଫେବୃୟାରୀ ୧୯ରେ ଏହା ଆରମ୍ଭ ହୋଇଥିଲା। ୨୭୪.୧୮ ଲକ୍ଷଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଏହି ରାସ୍ତାକାମ ୨୦୨୨ ନଭେମ୍ବର ୧୮ତାରିଖରେ ଶେଷ ପାଇଁ ଧାର୍ଯ୍ୟ ହୋଇଥିଲା। ହେଲେ ଏଯାବତ କାର୍ଯ୍ୟ ଶେଷ ହୋଇନାହିଁ। କଲଭର୍ଟ ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବାରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ବରଂ ନିମ୍ନମାନର କାମ କରାଯାଉଛି। ଅନ୍ୟପକ୍ଷେ ସିକରପାଇ ଗ୍ରାମର ଠିକାଦାର ବୁଗଡ଼ା ଜ୍ୟୋତିଙ୍କ ନାମରେ ରାସ୍ତାକାମ ଆସିଥିବାବେଳେ ତାଙ୍କ ଦିଅର ଈଶ୍ୱର ଚେଟ୍ଟି ରାୟଗଡ଼ାର ଅନ୍ୟ ଜଣେ ଠିକାଦାରଙ୍କୁ ସବ୍ କଣ୍ଟ୍ରାକ୍ଟ ଦେଇଛନ୍ତି। ସେହିପରି ଉକ୍ତ ଠିକାଦାର ଜଣକ କାମ ନ କରି ଅନ୍ୟ ଜଣେ ଠିକାଦାରଙ୍କୁ ସବ କଣ୍ଟ୍ରାକ୍ଟ ଦେଇଛନ୍ତି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ କେଉଁ ଆଧାରରେ ଏହିଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଅପରପକ୍ଷେ ଏହି ଘଟଣା ପରଠାରୁ ଠିକାଦାର ମୋବାଇଲ ବନ୍ଦ କରି ଫେରାର ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ବିଧାୟକ ମକରନ୍ଦ ମୁଦୁଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଧାୟକ କହିଛନ୍ତି ଯେ, ରାୟଗଡ଼ା ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଲୋକଙ୍କ ଉପରେ ଦାଉ ସାଧୁଛି। କାମ କେବଳ କାଗଜ କଲମରେ ସୀମିତ ରହିଯାଉଛି। ତେବେ ଏନେଇ ଘଟଣାସ୍ଥଳରେ ଉପସ୍ଥିତ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଖୋଦ କ୍ୟାବିନେଟ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏହିଭଳି ଦୁର୍ନୀତି ଚାଲିଛି ତାହା ହେଲେ ଜିଲାର ଅନ୍ୟ ଅଞ୍ଚଳରେ କିଭଳି ବିକାଶ ହୋଇଥିବ ତାହା ସହଜେ ଅନୁମେୟ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ମଙ୍ଗଳ ଓ ବୁଧଙ୍କ ସଂଯୋଗ ସ୍ୱାସ୍ଥ୍ୟହାନି ସାଙ୍ଗକୁ ଅର୍ଥ ସମ୍ପର୍କିତ ବିବାଦର ସୂତ୍ରପାତ କରାଇପାରେ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟିକଲେ ମଧ୍ୟ କାମ ଅଟକିରହିବ ନାହିଁ। କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନକରି ପ୍ରଶଂସିତ ହେବେ। ପାରିବାରିକ ସ୍ଥିତି ଭଲ ରହିବ। କୌଣସି ବ୍ୟକ୍ତି ମିଥ୍ୟାଭିଯୋଗ ଆଣିପାରନ୍ତି।

**ବୃଷ** – ଆଜି ରାଶିଚକ୍ରର ଚତୁର୍ଥ କେନ୍ଦ୍ରର ଶୁଭତ୍ୱ ଏକାଧାରରେ ଅର୍ଥ, ସମ୍ମାନ, ଯାନବାହନାଦି ପ୍ରାପ୍ତ କରାଇପାରେ। କିନ୍ତୁ ମୃଗଶିରା ନକ୍ଷତ୍ର ପ୍ରତି ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ନିଜ ଲୋକଙ୍କଠାରୁ ମଧ୍ୟ ଆସ୍ଥା ହରାଇପାରନ୍ତି। କର୍ମଜଞ୍ଜାଳ ହେତୁ ଘରକାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ।

**ମିଥୁନ** – ଭାଗ୍ୟସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ସୌଭାଗ୍ୟଦାୟକ ହେଲେ ମଧ୍ୟ ଶନିଦୃଷ୍ଟିରୁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ତଥା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଘରର ଅଭାବ ଅସୁବିଧା ନେଇ ଦୁଃଖିତ ରହିପାରନ୍ତି।

**କର୍କଟ** – ଶନିକ୍ଷେତ୍ରସ୍ଥ ଚନ୍ଦ୍ରଜନିତ ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ କେହି ନିଜଲୋକ ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀ/ସ୍ୱାମୀଙ୍କ ସହ ଆଲୋଚନା କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** – ବ୍ୟୟସ୍ଥାନରେ ରବି ହେତୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରିବେ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ।

**କନ୍ୟା** – କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାଜନିତ ବନ୍ଧୁମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଭଲ ସମ୍ପର୍କ ନ ଥିବା ପଡ଼ୋଶୀ ପଛରେ ନାନାଦି କଥା କହିବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ।

**ତୁଳା** – କେତୁ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନ ଭିତରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ରାଜନୈତିକ କ୍ଷେତ୍ରରେ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ।

**ବିଛା** – ଶନିଙ୍କ ଶୁଭତ୍ୱରୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଇଚ୍ଛା ନ ଥିଲେ ମଧ୍ୟ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ବେକାର କଥାରେ ମନଦେଇ ଟେନ୍‌ସନକୁ ନିମନ୍ତ୍ରଣ କରିବେ।

**ଧନୁ** – ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବ୍ୟବସାୟିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଚନ୍ଦ୍ର ଧନ ସ୍ଥାନସ୍ଥ ହେତୁ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର** – କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗିବ ନାହିଁ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ରବି ସପ୍ତମସ୍ଥ ଯୋଗୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଶାରୀରିକ ପରିଶ୍ରମଜନିତ କ୍ଲାନ୍ତି ଅନୁଭବ କରିବେ, କିନ୍ତୁ କଳା, ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** – ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ ଆକସ୍ମିକ ଭାବରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜ ଲୋକମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ହରାଇବେ।

**ମୀନ** – ବୁଧ ଷଷ୍ଠରେ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

ଆଜି ଶ୍ରାବଣ(ମଳ) ପୂର୍ଣ୍ଣିମୀ ମଙ୍ଗଳବାର, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଅଗଷ୍ଟ ୧ ତାରିଖ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ । ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୯ ଗତେ ଘ.୧୦।୪୫ ମଧ୍ୟେ, ଘ.୦୧।୧୦ ଗତେ, ଘ. ୦୧।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୬ ଗତେ, ଘ.୦୪।୪୩ ମଧ୍ୟେ ରାହୁକାଳ।

# ଗୁଜରାଟ ଠିକାସଂସ୍ଥା ସର୍ଜନ ଇନଫ୍ରାକନ୍ ବିଦା

**ବ୍ୟାସନଗରର ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ**

- କାର୍ଯ୍ୟରେ ମନ୍ଥରତା, ନିମ୍ନମାନର ଅଭିଯୋଗ
- ଓଏମ୍‌ବିଏଡିସିରୁ ମଞ୍ଜୁର ହୋଇଛି ୭୦ କୋଟି ଟଙ୍କା

ଯାଜପୁର,୩୧।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲାର ଅନ୍ୟତମ ସହର ବ୍ୟାସନଗର ବାସିନ୍ଦା ଉପଯୁକ୍ତ ଭାବେ ପାନୀୟ ଜଳ ପାଇବାରୁ ବଞ୍ଚିତ ରହୁଛନ୍ତି। ଅର୍ବାନ ଇନଫ୍ରାଷ୍ଟ୍ରକ୍ଚର ଡେଭଲପମେଣ୍ଟ ଫର୍ ସ୍ମଲ୍ ଆଣ୍ଡ୍ ମିଡିୟମ ଟାଉନ (ୟୁଆଇଡିଏସ୍ଏମ୍‌ଟି) ଯୋଜନାରେ ୫ ବର୍ଷ ପୂର୍ବରୁ କାର୍ଯ୍ୟକାରୀ ହୋଇଥିବା ଏକ ଜଳଯୋଗାଣ ପ୍ରକଳ୍ପ ସହରବାସୀଙ୍କୁ ପର୍ଯ୍ୟାପ୍ତ ପରିମାଣରେ ଜଳ ଯୋଗାଇପାରୁନାହିଁ। ଏହିକ୍ରମରେ ଓଡ଼ିଶା ମିନେରାଲ ବିଅରିଂ ଏରିଆ ଡେଭଲପମେଣ୍ଟ କର୍ପୋରେଶନ(ଓଏମ୍‌ବିଏଡିସି) ପାଣ୍ଠିରୁ ଦ୍ୱିତୀୟ ମେଗା ଜଳଯୋଗାଣ ପ୍ରକଳ୍ପ ୨୦୨୧ ଜୁଲାଇରୁ ଆରମ୍ଭ ହୋଇଛି। ଏହି କାର୍ଯ୍ୟକୁ ଗୁଜରାଟର ଅହମଦାବାଦସ୍ଥିତ ଏକ ଠିକାସଂସ୍ଥା ସର୍ଜନ ଇନଫ୍ରାକନ୍ ପ୍ରାଇଭେଟ ଲିଃକୁ ଦାୟିତ୍ୱ ଦିଆଯାଇଥିଲା। ହେଲେ କାର୍ଯ୍ୟରେ ମନ୍ଥରତା ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁ ଉକ୍ତ ଠିକାସଂସ୍ଥାକୁ ବିଦା କରାଯାଇଥିବା ସୂଚନା ମିଳିଛି। ଗତ ଫେବୃୟାରୀରେ ଉକ୍ତ ଠିକାସଂସ୍ଥା ସହ ଚୁକ୍ତି ବାତିଲ କରାଯାଇଛି। ଏହା ବିରୋଧରେ ଉକ୍ତ ଠିକାସଂସ୍ଥା କୋର୍ଟର ଆଶ୍ରୟ ନେଇଥିଲା। ଏଥିରେ ଉକ୍ତ ସଂସ୍ଥା ଏବେ ବିଫଳ ହୋଇଥିବା ୱାଟର କର୍ପୋରେଶନ ଅଫ ଓଡ଼ିଶା (ୱାଟ୍‌କୋ) ଜେନେରାଲ ମ୍ୟାନେଜର ଦେବବ୍ରତ ମହାନ୍ତି କହିଛନ୍ତି। ଏହାପରେ ୱାଟ୍‌କୋ ପକ୍ଷରୁ ନୂତନ ଟେଣ୍ଡର ଆହ୍ୱାନ କରାଯିବା ସହ ପ୍ରକଳ୍ପ କାର୍ଯ୍ୟକୁ ଭାଗ ଭାଗ କରି ୬ଟି ଠିକାସଂସ୍ଥାକୁ ଦାୟିତ୍ୱ ବଣ୍ଟନ ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ତେବେ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାର ସମୟସୀମା ୨୦୨୩ ଅଗଷ୍ଟ ଥିଲା। ଏହି ସମୟ ମଧ୍ୟରେ ସହରବାସୀଙ୍କୁ ପର୍ଯ୍ୟାପ୍ତ



ଭାବେ ସ୍ୱଚ୍ଛ ପାଣି ମିଳିବା ଆଶା ଧୂଳିସାତ ହୋଇଛି।

ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାସନଗରରେ ଦ୍ୱିତୀୟ ପ୍ରକଳ୍ପ ପାଇଁ ଓଏମ୍‌ବିଏଡିସିରୁ ପ୍ରଥମେ ୪୫ କୋଟି ୧୨ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଥିଲା। ଏଥିପାଇଁ ଓଏମ୍‌ବିଏଡିସିର ସିଇଓଙ୍କୁ ଉପରୋକ୍ତ ଅର୍ଥ ମଞ୍ଜୁର କରିବା ନିମନ୍ତେ ୨୦୧୯ରେ ଅନୁରୋଧ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ ପାଇଁ ୭୦ କୋଟି ଟଙ୍କା ମଞ୍ଜୁର ହୋଇଥିଲା। ଏହିକ୍ରମରେ ସମ୍ପୃକ୍ତ ଠିକାସଂସ୍ଥା ଦ୍ୱାରା ଦ୍ୱିତୀୟ ପମ୍ପହାଉସ ଏବଂ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ଆରମ୍ଭ ହୋଇଥିଲା। ହେଲେ ଏହି ପ୍ରକଳ୍ପ ମଞ୍ଜୁର ହେବାର ୪ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ଏହାର ଅଗ୍ରଗତି ନୈରାଶ୍ୟଜନକ ହୋଇଛି। ନିର୍ଦ୍ଧାରିତ ୯୧ କିମିରୁ ପ୍ରାୟ ୪୦ କିମି ପର୍ଯ୍ୟନ୍ତ ପାଇପ୍ ବିଛା ହୋଇଥିବାବେଳେ ସମୁଦାୟ ମଞ୍ଜୁର ଅର୍ଥରୁ ୧୪% କାର୍ଯ୍ୟ ହୋଇଛି। ଏଥିରେ ବି ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। କମ୍ ଗାତ ଖୋଳି ପାଇପ୍ ବିଛାହୋଇଛି। ଏହାସହ ପୁରୁଣା ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିକଟରେ ନିର୍ମାଣାଧୀନ ପ୍ରକଳ୍ପର ପାଚେରିରେ ବର୍ଷେ ନ ପୂରୁଣୁ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଷ୍ଟିମେଟ୍ ଅନୁସାରେ ପାଚେରିରେ ଆବଶ୍ୟକ ନିହ ନ ଖୋଳି ନିମ୍ନମାନର କଂକ୍ରିଟୀକରଣ ଏବଂ ୧୦ ଏମ୍ଏମ୍ ବିଶିଷ୍ଟ ଲୁହାରଡ୍ ଲଗାଇ ବ୍ୟାପକ ହରିଲୁଟ୍ କରାଯାଇଛି। ଏଭଳି ସ୍ଥିତିରେ ଉକ୍ତ ପାଚେରି ଭୁଶୁଡ଼ି ଯିବା ଆଶଙ୍କା ରହିଛି। ଏହାବାଦ୍ ଟ୍ରିଟମେଣ୍ଟ ପ୍ଲାଣ୍ଟର ଟାଙ୍କି ନିର୍ମାଣ ମଧ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ଏହିକ୍ରମରେ ନୂତନ ଠିକାସଂସ୍ଥା ଦ୍ୱାରା ପ୍ରକଳ୍ପ ନିର୍ମାଣରେ ହୋଇଥିବା ତ୍ରୁଟିଗୁଡ଼ିକ ସଂଶୋଧନ କରିବାର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଇଛି। ତେବେ ହୋଇଥିବା ଅଭିଯୋଗ ଏବଂ ପ୍ରକଳ୍ପରୁ ବିଦା ହେବା ସଂକ୍ରାନ୍ତରେ ମତାମତ ନେବାକୁ ସର୍ଜନ ଇନଫ୍ରାକନ୍ ପ୍ରା.ଲି. ଠିକାସଂସ୍ଥାର ମ୍ୟାନେଜର ଏଚ୍.କେ. ଦାସଙ୍କ ମୋବାଇଲକୁ ସୋମବାର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

ସୂଚନାଥାଉ କି, ଗତ ପ୍ରାୟ ୨ ବର୍ଷ ହେବ ବ୍ୟାସନଗର ଜଳଯୋଗାଣ ବ୍ୟବସ୍ଥାର ପରିଚାଳନା ଦାୟିତ୍ୱ ଜନସ୍ୱାସ୍ଥ୍ୟ ବିଭାଗରୁ କାଢ଼ି ନିଆଯାଇ ୱାଟ୍‌କୋକୁ ନ୍ୟସ୍ତ କରାଯାଇଛି।

# ପୂର୍ବତନ ବିଧାୟକଙ୍କ ସମେତ ୧୩ ଜଣଙ୍କୁ ଆଜୀବନ ଜେଲ

## ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ରିଜର୍ଭ ଇନ୍ସପେକ୍ଟରଙ୍କୁ ହତ୍ୟା ମାମଲା

ବ୍ରହ୍ମପୁର,୩୧।୭(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଏଡିଜେ-୩ କୋର୍ଟ ସୋମବାର ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ରିଜର୍ଭ ଇନ୍ସପେକ୍ଟରଙ୍କ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କ ସମେତ ୧୩ ଜଣଙ୍କୁ ବିଚାରପତି ରାଜ କୁମାର ଦାସ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଦେଢ଼ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ବିଚାରପତି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପୂର୍ବତନ ବିଧାୟକ ରେଡ୍ଡୀ, ସିନ୍ଧିଗାଁର ପି.କାମରାଜୁ ରେଡ୍ଡୀ(୭୫), ବଡ଼ ଅର୍ଜିପଲ୍ଲୀର କାଳିଆ ସେଠୀ(୪୫), ଚମାଖଣ୍ଡିର ଏନ୍.ଦିଲୀପ କୁମାର ରେଡ୍ଡୀ(୫୦), ବଡ଼ପୁଟିର ଗୁରୁଦେବ ବେହେରା (୫୦), ସିନ୍ଧିଗାଁର ପି.ନାଗେଶ୍ୱର ରେଡ୍ଡୀ (୬୫), ପି.ଉମ୍ବରୁଧର ରେଡ୍ଡୀ(୬୬), ଏଲ୍.ଚନ୍ଦ୍ରମଣି ରେଡ୍ଡୀ (୬୦), ପି.ଲକ୍ଷ୍ମୀପୁରର ଡି.କାମରାଜୁ ବର୍ମା (୬୯), ସିନ୍ଧିଗାଁର ପି.ପୋଟୁଡୁ(୬୮), ଟୁନା ବେହେରା (୫୨), ସୁଣ୍ଡିଗାଁର ଘନ ରେଡ୍ଡୀ (୬୦) ଓ ବାଣଭୁଲାପଲ୍ଲୀ ଗ୍ରାମର ସୁଦାମ ରାଉଳ (୫୯)। ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ବିଧାୟକ ରେଡ୍ଡୀ ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟାଟା ଜମି ଅଧିଗ୍ରହଣ ସମୟରେ ବିରୋଧ ଏକ ଜନଆନ୍ଦୋଳନ ଥିଲା। ବୋମାମାଡ଼ ସମୟରେ ସେ ସିନ୍ଧିଗାଁରେ ତତ୍କାଳୀନ ଜିଲାପାଳ, ଏସ୍‌ପି ଓ ଗ୍ରାମବାସୀଙ୍କ ସହ ଶାନ୍ତିବୈଠକରେ ଉପସ୍ଥିତ ଥିଲେ।



ଦଣ୍ଡାଦେଶ ପାଇଥିବା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ଅନ୍ୟ ଅଭିଯୁକ୍ତ।

ତାଙ୍କର ଉକ୍ତ ଘଟଣାରେ କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି। ଦଣ୍ଡାଦେଶ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବୁ। ଆବଶ୍ୟକ ହେଲେ ଆମେ ସୁପ୍ରିମକୋର୍ଟ ଯିବୁ ବୋଲି ରେଡ୍ଡୀ କହିଛନ୍ତି।

ସୂଚନା ଅନୁଯାୟୀ, ୧୯୯୮ରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସେହିବର୍ଷ ଜୁନ୍ ୧୮ରେ ଏହାକୁ ନେଇ ପୋଲିସ ଓ ସ୍ଥାନୀୟ ଜନତା ମୁହାଁମୁହିଁ ହୋଇଥିଲେ। ବୋମାମାଡ଼ରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର୍ (ଆର୍‌ଆଇ) ବିନୋବା ମେହେରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଛତ୍ରପୁର ଥାନା ପୋଲିସ ରୁଜୁ କରିଥିବା ମାମଲାରେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ୨୨ଜଣଙ୍କ ନାମରେ ମାମଲା (୧୧୫/୯୮) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ଥାନା ଅଧିକାରୀ ନଳିନୀ ରଞ୍ଜନ ମହାନ୍ତି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଅନ୍ୟପକ୍ଷେ ସେହିଦିନ ତତ୍କାଳୀନ ଜିଲାପାଳ ସନ୍ତୋଷ କୁମାର ଶତପଥୀ, ଏସ୍‌ପି ୱାଇ.ବି.ଖୁରାନିଆ ଶାନ୍ତି ପ୍ରତିଷ୍ଠା ପାଇଁ ସିନ୍ଧିଗାଁ ଯାଇଥିଲେ। ସେଠାରେ ଉଭୟଙ୍କ ପିଏସ୍‌ଓ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସିନ୍ଧିଗାଁ ଫାଣ୍ଡି ପୋଲିସ୍ ଆଉ ଏକ ମାମଲା (୧୧୬/୯୮) ରୁଜୁ କରିଥିଲା। ଏହି ମାମଲାର ତଦନ୍ତ ଅଧିକାରୀ ଭାବେ ତତ୍କାଳୀନ ଫାଣ୍ଡି ଅଧିକାରୀ ପି.କିଷାନ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ତେବେ ଗୋଟିଏ କାରଣକୁ ନେଇ ୨ଟି ଅପରାଧ ଘଟିଥିବାରୁ ୨୦୦୧ରେ ସିଆରପିସି ୨୨୦ ଅନୁସାରେ, କୋର୍ଟ ଉଭୟ ମାମଲାକୁ ଗୋଟିଏ କେସ୍ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ମାମଲାରେ ମୋଟ ୬୫ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ବିଚାରପତି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନିରଞ୍ଜନ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଥାଇ ବିଚାର ସମୟରେ ମୃତ୍ୟୁ ଘଟିଥିବା ୮ଜଣ ବ୍ୟକ୍ତି ହେଲେ ଏନ୍.ସୀମାଞ୍ଚଳ ରେଡ୍ଡୀ, ବି.ବାଲାଜୀ ରେଡ୍ଡୀ, କୃଷ୍ଣଚନ୍ଦ୍ର ପାତ୍ର, ପି.ଚାନ୍ଦ୍ରେୟା ରେଡ୍ଡୀ, ପି.ଗୁରୁମୂର୍ତ୍ତି ରେଡ୍ଡୀ, ପି.ଚାନ୍ଦ୍ରେୟା ରେଡ୍ଡୀ (ନାୟୁଡୁ), ପି.ମାଧବ ରେଡ୍ଡୀ। ସେହିପରି ଅନ୍ୟତମ ଅଭିଯୁକ୍ତ ଏସ.ଜାଗେୟାଙ୍କୁ ବାଦ ଦିଆଯାଇଥିବା ବେଳେ ତାଙ୍କର ପରବର୍ତ୍ତୀ ବିଚାର ହେବ ବୋଲି କୋର୍ଟ ସୂତ୍ରରୁ ଜଣାପଡ଼ିଛି।

# ସବୁ ସରକାରୀ କୋଠା ଆଲୋକରେ ଝଲସିବ



**୭୭ତମ ସ୍ୱାଧୀନତା ଦିବସ ପାଳନ ପ୍ରସ୍ତୁତି**

- ମୁଖ୍ୟ ଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

ଚଳିତ ବର୍ଷ ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସୋମବାର ଅପରାହ୍ନରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ-୨୦୨୩ ପାଳନର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଚିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ୟୁନିଟ୍-୩ ପ୍ରଦର୍ଶନୀ ପଡ଼ିଆଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରେଡ୍ ଓ ପତାକା ଉତ୍ତୋଳନ ସ୍ଥାନରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧାପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ। ଏହାସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଉତ୍ସବସ୍ଥଳର ସାନିଟାଇଜେଶନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ। ବୈଠକରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ୨୬୦ ଛୁଇଁଲା ଟମାଟୋ

**ମଧ୍ୟସ୍ଥ ମାଲାମାଲ, ଆର୍ଥିକ ବୋଝରେ ଖାଉଟି**

ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)

ଗତ ଜୁନ୍ ମାସରୁ ରାଜ୍ୟରେ ଟମାଟୋ ଦର ଅନିୟନ୍ତ୍ରିତ ହୋଇରହିଛି। ଜିଲା ସ୍ତରରେ ଏହାର ଦର ଭିନ୍ନ ରହୁଛି। ପାଣିପାଗରେ ଅନିୟମିତତା, ଅଧିକ ଖରା ଯୋଗୁ ଉତ୍ପାଦନ ହ୍ରାସ, ବର୍ଷା, ବନ୍ୟା, ରାସ୍ତା ସମସ୍ୟା ସହ ଗାଡ଼ି ଭଡ଼ା ବୃଦ୍ଧି ଯୋଗୁ ଟମାଟୋ ଦର ଉଚ୍ଚା ରହୁଥିବା କୁହାଯାଉଛି। ହେଲେ ବାସ୍ତବରେ ଦର ନିୟନ୍ତ୍ରଣ କରିବା ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଇ ନାହିଁ। ପ୍ରତିଦିନ ଟମାଟୋର ଉଚିତ ଦର ଖାଉଟି ଜାଣିପାରୁନାହାନ୍ତି। ତେଣୁ ଏହି ବ୍ୟବସାୟ ସହ ଜଡ଼ିତ ମଧ୍ୟସ୍ଥମାନେ ଲାଭବାନ ହେଉଥିବାବେଳେ ଖାଉଟି ଆର୍ଥିକ ବୋଝରେ ବେହାଲ ହେଉଛି।

ଜୁନ୍‌ରେ ଜିଲାରେ ଟମାଟୋ କିଲୋ ପ୍ରତି ୪୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ଜୁଲାଇରେ ଏହା ବୃଦ୍ଧି ପାଇ ସୋମବାର ୨୬୦ ଟଙ୍କାରେ ପହଞ୍ଚିଛି। ମାନେଶ୍ୱର ସାପ୍ତାହିକ ବଜାରରେ ଏହି ଦରକୁ ନେଇ ଖାଉଟି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। କେବଳ ମାନେଶ୍ୱର ନୁହେଁ, ସମ୍ବଲପୁର ସହରର ବିଭିନ୍ନ ଖୁଚୁରା ବ୍ୟବସାୟୀ ଏହି ଦରରେ ବିକ୍ରି କରୁଥିଲେ। ଦର ବୃଦ୍ଧି ଯୋଗୁ ବଜାରରେ ଟମୋଟାର ଚାହିଦା ହ୍ରାସ ପାଇଛି। କେତେଜଣ ହାତଗଣତି ଅଣଓଡ଼ିଆ ବେପାରୀ ଏହା ବିକ୍ରି କରୁଥିବା ଦେଖାଯାଇଥିଲା।

ରାଜ୍ୟକୁ ଟମାଟୋ ବିଶେଷକରି ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ଚାଷୀଙ୍କଠାରୁ ଆସିଥାଏ। ଦରଦାମ ନିୟନ୍ତ୍ରଣ କରିବା ପାଇଁ ଜିଲା ସ୍ତରରେ ଯୋଗାଣ ବିଭାଗ ଅଧିକାରୀ ନିୟୋଜିତ ଅଛନ୍ତି। ପ୍ରତିଦିନ କେତେ ଦରରେ ଟମାଟୋ ଜିଲାକୁ ଆସୁଛି, କେଉଁ ଡିଲରମାନଙ୍କ ଜରିଆରେ ଖୁଚୁରା ବେପାରୀଙ୍କୁ ଦିଆଗଲା ଏସବୁ ରିପୋର୍ଟ ମଧ୍ୟ ତିଆରି କରାଯାଉଛି। ହେଲେ ଖୁଚୁରା ବେପାରୀ ବଜାରରେ ଖାଉଟିମାନଙ୍କୁ ବିକ୍ରିକରିବା ସମୟରେ ଅଧିକ ଲାଭ ରଖୁଛନ୍ତି। ବିଶେଷକରି ଜୁଲାଇ-ଅଗଷ୍ଟ ଓ ଅକ୍ଟୋବର-ନଭେମ୍ବରରେ ଟମାଟୋ ଉତ୍ପାଦନ କମ୍ ହୋଇଥାଏ।



ଟମାଟୋ ବିକ୍ରି କରୁଛନ୍ତି ଜଣେ ଖୁଚୁରା ବ୍ୟବସାୟୀ।

ଏହି ସମୟରେ ମୌସୁମୀଜନିତ ବର୍ଷା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେବା ମଧ୍ୟ ଦରବୃଦ୍ଧିର କାରଣ ହୋଇଥାଏ। ମହାରାଷ୍ଟ୍ର ନାସିକରୁ ନୂଆ ଫସଲ ଆସିଲେ ଦର କମିବ ବୋଲି ଆଶା କରାଯାଉଛି। ଦରବୃଦ୍ଧି ପାଇଁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଦୋଷ ଦେଉଛନ୍ତି। ଦର ନିୟନ୍ତ୍ରଣ ଓ ଖାଦ୍ୟ ସାମଗ୍ରୀ ବିପଣନ ଉପରେ କେନ୍ଦ୍ର ଲଗାମ ଲଗାଇପାରୁ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ପାଇଁ ପ୍ରତିଦିନ ପ୍ରାୟ ୧୮୦ରୁ ୨୦୦ କୁଇଣ୍ଟାଲ ଟମାଟୋ ଆବଶ୍ୟକ ପଡ଼ିଥାଏ। ହେଲେ ସୋମବାର ରାଜ୍ୟ ବାହାରୁ ହୋଲ୍‌ସେଲରଙ୍କ ପାଖକୁ ମାତ୍ର ୫୦ କୁଇଣ୍ଟାଲ ଟମାଟୋ ଆସିଥିଲା। ଆଜିର ହୋଲ୍‌ସେଲ ଦର କିଲୋ ପ୍ରତି ୧୬୦ ଟଙ୍କା ରହିଥିବା ବେଳେ ଖୁଚୁରା ବେପାରୀ ୮୦ରୁ ୧୦୦ ଟଙ୍କା ଲାଭ ରଖି ବିକ୍ରି କରୁଥିଲେ। ନିୟମ ଦୃଷ୍ଟିରୁ କିଣା ଦରଠାରୁ ଖୁଚୁରା ବେପାରୀ କେଜି ପ୍ରତି ୧୦ ଟଙ୍କା ଲାଭ ରଖିପାରିବେ। ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ବୀରେନ୍ଦ୍ର ସୁରେନ କହିଛନ୍ତି, ଟମାଟୋ ଦର ପ୍ରତିଦିନ କମ୍‌ବେଶି ହୋଇଥାଏ। ଆଜି କିଣା ଦର ୧୬୦ ଟଙ୍କା ରହିଥିଲା। ବଜାରରେ ଅଧିକ ଦରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହୋଲସେଲର ବିଭିନ୍ନ ରାଜ୍ୟରେ ଥିବା ଦର ଅନୁସାରେ ଟମାଟୋ କିଣି ବିକ୍ରି କରନ୍ତି। ସବୁ ଯାଞ୍ଚ କରାଯାଇଥାଏ। ଆଜିର ଖାଉଟିଙ୍କ ଅଭିଯୋଗ ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

Azadi Ka Amrit Mahotsav
G20 ଭାରତ 2023 INDIA
ଇ-ଇନ୍‌ଭଏସ୍
ବ୍ୟବସାୟ କରିବା ହେଲା ସହଜ
୧ ଅଗଷ୍ଟ, ୨୦୨୩
ଆଜିଠାରୁ ଇ-ଇନ୍‌ଭଏସ୍ ଉତ୍ପନ୍ନ କରିବା ବାଧ୍ୟତାମୂଳକ ଅଟେ
ସାମଗ୍ରୀ କିମ୍ବା ସେବାର ସମସ୍ତ ବି୨ବି ଯୋଗାଣ କିମ୍ବା ରପ୍ତାନି ନିମନ୍ତେ, ପୂର୍ବବର୍ତ୍ତୀ ଯେକୌଣସି ଆର୍ଥିକବର୍ଷରେ ₹୫ କୋଟିରୁ ଅଧିକ ସର୍ବମୋଟ ବାର୍ଷିକ କାରବାର କରିଥିବା ଟିକସଦାତାଙ୍କ* ପାଇଁ।
ଇନ୍‌ଭଏସ୍ ରେଜିଷ୍ଟ୍ରେଶନ୍ ପୋର୍ଟାଲ ମାଧ୍ୟମରେ ଉତ୍ପନ୍ନ କରାଯାଇଥିବା ଇ-ଇନ୍‌ଭଏସ୍‌ଗୁଡ଼ିକରେ ଅଦ୍ୱିତୀୟ ଇନ୍‌ଭଏସ୍ ରେଫରେନ୍ସ ନମ୍ବର ରହିଥାଏ
ଇ-ଇନ୍‌ଭଏସ୍ ଦ୍ୱାରା ଆପଣ କିପରି ଲାଭାନ୍ୱିତ ହେବେ?
ସମରୂପୀ ଏବଂ ମାନକୀକୃତ ଇନ୍‌ଭଏସ୍
ଜିଏସ୍‌ଟି ପୋର୍ଟାଲକୁ ସ୍ୱୟଂକ୍ରିୟ ରିପୋର୍ଟିଂ
ଇ-ୱେ ବିଲ୍‌ର ସ୍ୱୟଂକ୍ରିୟ ଉତ୍ପତ୍ତି
ଅନୁପାଳନର ବୋଝ ହ୍ରାସିତ ହୁଏ
ପ୍ରତିଲିଖନଜନିତ ତ୍ରୁଟି ହ୍ରାସିତ ହୁଏ
ଇନ୍‌ଭଏସ୍‌ର ନିର୍ବିଘ୍ନ ସଞ୍ଚାରଣ
ଜିଏସ୍‌ଟି ରିଟର୍ଣ୍ଣ ସ୍ୱୟଂକ୍ରିୟ ଭାବେ ପୂରଣ ହୋଇଥାଏ
ରିକନ୍‌ସିଲିଏଶନ୍ ପାଇଁ କ୍ରେତାଙ୍କ ସହିତ ସ୍ୱୟଂକ୍ରିୟ ଶେୟାରିଂ
କମ୍ କାଗଜପତ୍ର କାମ
ଅଧିକ ବିବରଣୀ ପାଇଁ
ଦୟାକରି ତା୧୦।୦୫।୨୦୨୩ରିଖର ଅଧିସୂଚନା ସଂ.୧୦/୨୦୨୩-କେନ୍ଦ୍ରୀୟ ଟିକସ ସହିତ ତା୨୧।୦୩।୨୦୨୦ରିଖର ପ୍ରଧାନ ଅଧିସୂଚନା ସଂ.୧୩/୨୦୨୦-କେନ୍ଦ୍ରୀୟ ଟିକସ ଦେଖନ୍ତୁ
*କେବଳ ନିର୍ଦ୍ଦିଷ୍ଟ ଅଧିସୂଚିତ ବର୍ଗର ଟିକସଦାତାଙ୍କୁ ଛାଡ଼ି (ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ)
Central Board of Indirect Taxes and Customs
@cbic_india @cbicindia www.cbic.gov.in @cbic @cbicindia @CBIC INDIA
cbc 15502/13/0009/2324

ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ ତତ୍ତ୍ୱଗୁଡିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ ତୁଦାମାରି ଯାଇପାର। –ଶ୍ରୀମା



# ମହିଳା ଚୋରିରେ ପୋଲିସ

ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇଗଲାଣି। ଏହାର ମୋଟ ଜନସଂଖ୍ୟାର ପାଖାପାଖି ଅଧା ହେଉଛନ୍ତି ମହିଳା। ସେଥିପାଇଁ ଭାରତରେ ମହିଳା ସଶକ୍ତୀକରଣ ଉପରେ ଡିଣ୍ଡିମ ପିଟାଯାଉଛି ଓ ବେଟି ବଚାଓ, ବେଟି ପଢ଼ାଓ ଧ୍ୱନି ଦିଆଯାଉଛି। ଅନ୍ୟପକ୍ଷରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ଦେଶକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଉଛି। କିନ୍ତୁ ସେମାନଙ୍କୁ ଏଯାବତ ଏସବୁ ଦିଗରେ ସମାନ ସୁବିଧା ଓ ଅଧିକାର ପ୍ରାପ୍ତ ହୋଇପାରିନାହିଁ। ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଆଇନଠାରୁ ଆରମ୍ଭକରି ବିଭିନ୍ନ ଯୋଜନା ଗଢ଼ାଯାଉଛି , ହେଲେ ଏଗୁଡ଼ିକର କାର୍ଯ୍ୟକାରିତା ଉପରେ ଏବେ ପ୍ରଶ୍ନ ଉଠାଇଛି ସେମାନଙ୍କ ନିଖୋଜ ସଂଖ୍ୟା। ଜୁଲାଇ ୨୬ରେ ରାଜ୍ୟ ସଭାରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ଦ୍ୱାରା ସଂଗୃହୀତ ତଥ୍ୟକୁ ଆଧାରକରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ର ଜଣାଇଛନ୍ତି ଯେ, ଦେଶରେ ୨୦୧୯ରୁ ୨୦୨୧ ମଧ୍ୟରେ ୧୩.୧୩ ଲକ୍ଷରୁ ଊର୍ଦ୍ଧ୍ୱ ଝିଅ ଓ ମହିଳା ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୮ ବର୍ଷ ବୟସରୁ ଅଧିକ ୧୦ ଲକ୍ଷ ୬୧ ହଜାର ୬୪୮ ଥିବାବେଳେ ଏହି ବୟସରୁ କମ୍ ୨, ୫୧, ୪୩୦ ଝିଅ ଅଛନ୍ତି। ନିଖୋଜ ସଂଖ୍ୟାରେ ମଧ୍ୟପ୍ରଦେଶ ସବୁଠୁ ଆଗରେ ଥିବାବେଳେ ତା'ପଛକୁ ଅଛି ପଶ୍ଚିମବଙ୍ଗ। ଓଡ଼ିଶାରେ ଏହି ୩ ବର୍ଷରେ ୭୦,୨୨୨ ମହିଳା ଓ ୧୬,୬୪୯ ଝିଅ ନିଖୋଜ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସଂଖ୍ୟା ଭୟ ସୃଷ୍ଟି କରୁଥିବାବେଳେ ଏହା ମଧ୍ୟ ସୂଚାଉଛି ଯେ ଏହା ସମ୍ପୂର୍ଣ୍ଣ ତଥ୍ୟ ହୋଇ ନ ଥାଇପାରେ। କାରଣ ଅନେକ ସ୍ଥାନରେ ଅନାଥ ଝିଅଙ୍କୁ ପରିବାରବର୍ଗ ବିକିଦେଇ ପୋଲିସକୁ କୌଣସି ଏତଲା ଦିଅନ୍ତି ନାହିଁ। ଏଥିସହିତ ଓଡ଼ିଶା ସମେତ ଅନ୍ୟ ସବୁ ରାଜ୍ୟରେ ନିଖୋଜ ହୋଇଥିବା ଝିଅ ସମ୍ପର୍କରେ ଏତଲା ଦେବାକୁ ଯାଇଥିବା ବ୍ୟକ୍ତିଙ୍କୁ ଥାନା ଅଧିକାରୀମାନେ ବିଭିନ୍ନ ଆଳରେ ଏତଲା ନେବାକୁ ମନା କରନ୍ତି। ନାବାଳିକା କିମ୍ବା ଯୁବତୀ ହୋଇଥିଲେ ତାହାର ପ୍ରେମିକ ବା ବାନ୍ଧବୀ ସହିତ ପଳାଇଯାଇଥାଇପାରେ ବୋଲି କହି ଅପେକ୍ଷା କରିବାକୁ ପୋଲିସ ତରଫରୁ ବାଧ୍ୟ କରାଯାଇଥାଏ। ସେଥିପାଇଁ ଅନେକ ପରିବାର ବିଧିବଦ୍ଧ ଏତଲା ଦାୟର କରନ୍ତି ନାହିଁ। ସବୁଠାରୁ ଜଘନ୍ୟ ବିଷୟ ହେଉଛି, କୌଣସି ଝିଅ ବା ମହିଳା ନିଖୋଜ ହେବା ଘଟଣା ସେଠାକାର ଥାନାର ଅଜାଣତରେ ହୁଏ ନାହିଁ। ଭାରତବର୍ଷ ସାରା ମହିଳା ଅପହରଣକାରୀମାନେ ସ୍ଥାନୀୟ ପୋଲିସର ସହଯୋଗ ବିନା କାର୍ଯ୍ୟ କରିପାରିବେ ନାହିଁ। ଅର୍ଥାତ୍ ଭୁବନେଶ୍ୱରରୁ ଅପହରଣ ହୋଇଥିବା ଝିଅ ଦିଲ୍ଲୀରୁ କିମ୍ବା ମିରଟରୁ ଉଦ୍ଧାର ହୋଇଥିବା ଖବର ମିଳିବା ମାତ୍ରକେ ବୁଝାପଡ଼ିଯାଏ ଯେ, ତାଙ୍କର ଲକ୍ଷ୍ୟସ୍ଥଳୀରେ ପହଞ୍ଚିବା ପାଇଁ ଯେଉଁ ଚୋରା ଚାଲାଣ ବାଟ ରହିଛି ସେଥିରେ ଥିବା ପ୍ରତ୍ୟେକଟି ଥାନା ସଚେତନ ଥାଏ ଏବଂ ଆର୍ଥିକ ଲାଭ ମଧ୍ୟ ପାଇଥାଏ। ପୋଲିସର ଅଜାଣତରେ ଏହି ବିରାଟକାୟ ଅପରାଧ ଘଟାଇବା ଅସମ୍ଭବ ବୋଲି ସ୍ପଷ୍ଟ ଭାବେ କହିହେବ।

> **ସବୁଠାରୁ ଜଘନ୍ୟ ବିଷୟ ହେଉଛି, କୌଣସି ଝିଅ ବା ମହିଳା ନିଖୋଜ ହେବା ଘଟଣା ସେଠାକାର ଥାନାର ଅଜାଣତରେ ହୁଏ ନାହିଁ। ଭାରତବର୍ଷ ସାରା ମହିଳା ଅପହରଣକାରୀମାନେ ସ୍ଥାନୀୟ ପୋଲିସର ସହଯୋଗ ବିନା କାର୍ଯ୍ୟ କରିପାରିବେ ନାହିଁ।**

ମୋଟ ନିଖୋଜଙ୍କ ମଧ୍ୟରୁ ଅନେକଙ୍କୁ ଉଦ୍ଧାର କରାଯାଇଥିବା ଏନ୍‌ସିଆର୍‌ବି ପ୍ରକାଶ କରିଥିଲେ ମଧ୍ୟ ଏତେ ସଂଖ୍ୟାରେ ମହିଳା ଓ ଝିଅ ନିଖୋଜ ହେବା ଦେଶ ପାଇଁ ଚିନ୍ତାଜନକ । ଭାରତରେ ମହିଳାମାନଙ୍କ ସ୍ଥିତିକୁ ଦେଖିଲେ ନିଖୋଜ ଘଟଣା ନୂଆ ନୁହେଁ। ଏହା ବ୍ରିଟିଶ ସମୟରେ ଥିଲା ଏବେ ବି ଅଛି। ହେଲେ ସ୍ୱାଧୀନତାର ୭୫ ବର୍ଷ ପରେ ଅଧିକ ସଂଖ୍ୟକ ମହିଳା ନିଖୋଜ ହେବା ଦେଶ ପାଇଁ ଏକ ଲଜ୍ଜା। ଏହା ମଧ୍ୟ ଦେଶରେ ମହିଳାଙ୍କ ଅଧିକାରଠାରୁ ଆରମ୍ଭକରି ଶିକ୍ଷାଗତ, ବୃତ୍ତିଗତ ଓ ଆର୍ଥିକ ସ୍ୱାଧୀନତା ପାଇଁ ଲାଗୁ ହୋଇଥିବା ଯୋଜନା ଏବଂ ଆଇନଗୁଡ଼ିକ ଉପରେ ବିତର୍କକୁ ଉଜାଗର କରିବା କଥା। ମନେରଖିବାକୁ ହେବ ଯେ, କୌଣସି ଦେଶର ବିକାଶ ତା' ମହିଳା ଶକ୍ତି ଉପରେ ଅଧିକ ନିର୍ଭରଶୀଳ। ସେଥିପାଇଁ ମହିଳା ନିଖୋଜ ହେବା ଭାରତ ପ୍ରତି ଏକ ବଡ଼ ଆହ୍ୱାନ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ଉଲ୍ଲେଖ କରିବାର ଦୀର୍ଘ ୨୮ ବର୍ଷ ପରେ ୨୦୧୭–୧୮ରେ ଏହା ଏକ ବଡ଼ ସମସ୍ୟା ଓ ଦେଶ ଏହାକୁ ସାମ୍ନା କରୁଛି ବୋଲି ଇକୋନୋମିକ ସର୍ଭେ ସ୍ୱୀକାର କରିଛି । ଦେଶରେ ମହିଳା ଓ ଝିଅ ନିଖୋଜ ହେବାର କାରଣ ମାନବ ଚାଲାଣ। ଉକ୍ତ ଚାଲାଣର ସିଂହଭାଗ ହେଉଛନ୍ତି ମହିଳା। ଚାଲାଣ ପଛରେ ରହିଛି ଅର୍ଥାଭାବରୁ ଚାକିରି କରିବାର ଆଶା, ମଣିପୁର ଭଳି ଆଞ୍ଚଳିକ ସଂଘର୍ଷ, ନିରକ୍ଷରତା, ମାନବ ସୁରକ୍ଷାର ଅଭାବ ପରି ସମ୍ବେଦନଶୀଳ ବିଷୟ। ଏହା ବାସ୍ତବ ଓ ଅତ୍ୟନ୍ତ ଗମ୍ଭୀର ଯେ,ମହିଳାମାନେ ଚାଲାଣ ଯନ୍ତାରେ ପଡୁଛନ୍ତି। ଦେଖିବାକୁ ଗଲେ ଏନ୍‌ସିଆର୍‌ବି ରିପୋର୍ଟ ସରକାରଙ୍କ ମହିଳା ସଶକ୍ତୀକରଣର ଅନ୍ଧକାର ଦିଗକୁ ପ୍ରକାଶ କରିଛି। ଏହା ପ୍ରଚଳିତ ବ୍ୟବସ୍ଥା ଓ ଯୋଜନାର ଦୋଷତ୍ରୁଟିକୁ ସାମ୍ନାକୁ ଆଣିଛି। ସବୁଠୁ ବଡ଼ କଥା ହେଉଛି, କିଛିଦିନ ତଳେ ଏନ୍‌ସିଆର୍‌ବି ଦର୍ଶାଇଥିଲା ଯେ, ଗୁଜରାଟରେ ୫ ବର୍ଷ ମଧ୍ୟରେ ୪୦ ହଜାର ମହିଳା ନିଖୋଜ ହୋଇଛନ୍ତି; ଯାହା ବିକାଶର ମୋହର ଭାବେ ଦର୍ଶାଯାଉଥିବା 'ଗୁଜରାଟ ମଡେଲ'ରେ ବି ଦାଗ ଲଗାଇଦେଇଛି।

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 2 | | 7 | | 9 | |
| 7 | | | | 8 | | | | |
| | 8 | 3 | | | | | | |
| 9 | | | | 3 | | | | 6 |
| 2 | | | 8 | | 5 | | | |
| | | | | 4 | | 2 | | |
| 6 | 2 | | | | | 7 | | |
| | 4 | | 9 | | | 5 | 6 | |
| | 1 | | | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 6 | 9 | 1 | 8 | 5 | 3 | 2 |
| 1 | 5 | 9 | 2 | 3 | 4 | 7 | 8 | 6 |
| 8 | 2 | 3 | 7 | 5 | 6 | 9 | 1 | 4 |
| 5 | 7 | 4 | 3 | 8 | 1 | 6 | 2 | 9 |
| 3 | 1 | 2 | 6 | 9 | 7 | 4 | 5 | 8 |
| 6 | 9 | 8 | 5 | 4 | 2 | 1 | 7 | 3 |
| 4 | 3 | 5 | 1 | 2 | 9 | 8 | 6 | 7 |
| 9 | 6 | 1 | 8 | 7 | 3 | 2 | 4 | 5 |
| 2 | 8 | 7 | 4 | 6 | 5 | 3 | 9 | 1 |

ଗତକାଲିର ଉତ୍ତର



# ଆଶା ଓ ନିରାଶାରେ ମେଧାବୀ

ଅକ୍ଷୟ କୁମାର ମିଶ୍ର

ପରୀକ୍ଷାର୍ଥୀମାନେ ଅଭିଯୋଗ କରୁଥିଲେ କଠିନ ପରିଶ୍ରମ କରି ଫଳ ଯାହା ମିଳିଲା ସବୁଦିନ ବୁଲାବୁଲି କରି ପାଠ ନ ପଢ଼ି ଫଳ ସେଇଆ ପାଇଲା। ଏବେ ଅଭିଯୋଗ ଉଠିଲାଣି ରାତି ଅନିଦ୍ରା ରହି ପାଠ ପଢ଼ିଲି ହେଲେ ଲାଭ କିଛି ହେଲାନାହିଁ। ପ୍ରଥମ ଅଭିଯୋଗଟି ସେହି ମେଧାବୀ ଛାତ୍ରୀଛାତ୍ରଙ୍କର ଯେଉଁମାନେ ବର୍ଷସାରା ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇଲା ପରେ ନିଜର ପରୀକ୍ଷା ଫଳ ଦେଖି ସେମାନେ ଯେତିକି ଖୁସି ହୁଅନ୍ତି ନାହିଁ ସେତିକି ନିରାଶ ହୁଅନ୍ତି ଯେତେବେଳେ ଶ୍ରେଣୀରେ ଭଲ ପଢୁ ନ ଥିବା ସାଙ୍ଗସାଥୀ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୁଅନ୍ତି। ସେମାନଙ୍କ ମନରେ ପରୀକ୍ଷା ବ୍ୟବସ୍ଥା ପ୍ରତି କ୍ଷୋଭ ହୁଏ। ସେମାନଙ୍କ ମୁହଁରୁ ଉପରୋକ୍ତ ଅଭିଯୋଗ ବାହାରି ଆସେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେମାନେ ମନକୁ ବୁଝାଇ ଦେଇ ଉଚ୍ଚଶିକ୍ଷାରେ ଆହୁରି ଭଲ କରିବା ପାଇଁ ଲାଗିପଡ଼ନ୍ତି।

ହେଲେ ସମ୍ପ୍ରତି ଯେଉଁ ସବୁ ଘଟଣା ଆମ ରାଜ୍ୟରେ ଘଟୁଛି ତାହା ଦେଖି ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଜି ବାଧ୍ୟ କରିଛି ଏମିତି ହତାଶାପୂର୍ଣ୍ଣ ମନ୍ତବ୍ୟ ଦେବାକୁ। ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକରେ ଏହା ଶୁଣିବାକୁ ମିଳୁଥିଲା। ଯିଏ ଲକ୍ଷ ଲକ୍ଷ ଟଙ୍କା ଦେଇ ପାରିଲା ସିଏ ଚାକିରି ହାତେଇ ପାରିଲା। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତିକୁ ନେଇ ଏ ପ୍ରକାର ଅଭିଯୋଗ ଶୁଣିବାକୁ ମିଳୁଥିଲା। ଏପରିକି ଏହା ଉପରେ ବିଚାରାଳୟକୁ ମଧ୍ୟ ହସ୍ତକ୍ଷେପ କରିବାକୁ ପଡ଼ିଛି। ସରକାରଙ୍କର ଜଣେ ବଡ଼ ମନ୍ତ୍ରୀ ଏବେ ଜେଲରେ। ଆମ ରାଜ୍ୟରେ କିନ୍ତୁ ଏମିତି ଅଭିଯୋଗ ଶୁଣାଯାଉ ନ ଥିଲା। ଯଦି କାଁଭାଁ କେହି ଅଭିଯୋଗ ଆଣୁଥିଲେ ଅଧିକାଂଶ ଲୋକ ଏହାକୁ ବିଶ୍ୱାସ କରୁ ନ ଥିଲେ। ଅବଶ୍ୟ ବ୍ୟକ୍ତିବିଶେଷଙ୍କ ଉପରେ ଏମିତି ଅଭିଯୋଗ ଯେ ହେଉ ନ ଥିଲା ଏହା କୁହାଯାଇପାରିବ ନାହିଁ। କିନ୍ତୁ ବିଗତ ୩/୪ ବର୍ଷ ହେଲା ଏହି ଅଭିଯୋଗ ଅଧିକ ଶୁଣିବାକୁ ମିଳୁଛି। ମାଧ୍ୟମିକ ଶିକ୍ଷକ ଚୟନ କ୍ଷେତ୍ରରେ ଅନିୟମିତତା ହୋଇଛି ଏବଂ ୧୫/ ୨୦ ଲକ୍ଷ ଟଙ୍କା ବିନିମୟରେ ଚାକିରି ଦିଆଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣି ଶହ ଶହ ପରୀକ୍ଷାର୍ଥୀ ଆନ୍ଦୋଳନ କରିବା ଭଳି ଏକ ଅଭାବନୀୟ ଦୃଶ୍ୟ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତର ଅଭିଯୋଗ ଥିଲା ଯେଉଁ ସଂସ୍ଥାକୁ ସରକାର ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦେଇଥିଲେ, ସେହି ସଂସ୍ଥା କୁଆଡ଼େ ଅନ୍ୟ ରାଜ୍ୟରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥାଇ ଅନିୟମିତତା କରିଛି ଏବଂ ଅର୍ଥ ଜରିମାନା ଦେଇଛି। ଅନେକଙ୍କ ପାଇଁ ଏହା ଥିଲା ଅର୍ଦ୍ଧସତ୍ୟ।

ତା'ପରେ ଟଙ୍କା ଦେଲେ ଚାକିରି ମିଳିବ ଏହି କଥା ଖୋଲାଖୋଲି ଆଲୋଚନା ଚାଲିଲା। ଟଙ୍କା ଦେଲେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସହିତ ଉତ୍ତର ଦିଆଯିବ। ପ୍ରସ୍ତୁତ ହୁଅ। ପରୀକ୍ଷାରେ ବସ। ପ୍ରଥମେ ପ୍ରମାଣପତ୍ର ଜମା ଦିଅ। ପରୀକ୍ଷା ଦେଇ ସାରିବା ପରେ ଅଧା ଟଙ୍କା ଦେବାକୁ ପଡିବ। ଚାକିରିରେ ନିଯୁକ୍ତି ପାଇବା ପରେ ଅବଶିଷ୍ଟ ଟଙ୍କା ନିଆଯିବ। କେଉଁ ଚାକିରି ପାଇଁ କେତେ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ତାହା ମଧ୍ୟ ମୂଲଚାଲ ସରିଥିବ। ଏହାପରେ କିଏ ବା ଅବିଶାସ କରିବ ? ଅର୍ଦ୍ଧସତ୍ୟ ବୋଲି ବିଚାର କରୁଥିବା ଲୋକମାନେ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ବୋଲି ଧରିନେଲେ। ଏହାସତ୍ତ୍ୱେ କେତେଜଣ ଲୋକ ଏଭଳି କଥାକୁ ଖଣ୍ଡନ କରୁଥିଲେ। ଠକାମିର ଶିକାର ହେବାକୁ ପଡ଼ିବ ବୋଲି ସେମାନେ ସତର୍କବାଣୀ ଶୁଣାଉଥିଲେ।




ଏବେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଜେଇ ସିଭିଲ ମୁଖ୍ୟ ପରୀକ୍ଷା ପୂର୍ବରୁ କୌଣସି ଏକ ହୋଟେଲରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କିଛି ପରୀକ୍ଷାର୍ଥୀ ଏକତ୍ରିତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଥିବା ସମୟରେ ପୋଲିସ ଚଢ଼ାଉକରି କେତେଜଣ ଦଲାଲଙ୍କୁ ଗିରଫ କରିବା ଖବର ରାଜ୍ୟରେ ଚହଳ ପକାଇଦେଇଛି। ଏହା ଉପରେ ସତ୍ୟର ମୋହର ଲଗାଇଛି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)। ପ୍ରଶ୍ନପତ୍ର ପ୍ରଘଟକୁ ସ୍ୱୀକାର କରିନେଇ ଜେଇ ସିଭିଲ ମୁଖ୍ୟ ପରୀକ୍ଷାକୁ ରଦ୍ଦ କରିଦିଆ ଯାଇଛି ଏବଂ ପୁନର୍ବାର ପରୀକ୍ଷା ହେବ ବୋଲି ଘୋଷଣା କରାଯାଇଛି। ଏତିକିରେ କଥାଟି ଥମିଯାଇ ନାହିଁ। ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କିଛି ପରୀକ୍ଷାର୍ଥୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାର ପୁନରାବୃତ୍ତି ନ ଘଟୁ ଦାବି କରିଛନ୍ତି। କର୍ତ୍ତୃପକ୍ଷଙ୍କ ପାଖରୁ ପ୍ରତିଶ୍ରୁତି ଚାହିଁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ମଧ୍ୟ କରାଗଲା ନାହିଁ। ସତେ ଯେମିତି ଏହା ଏକ ମାମୁଲି କଥା!

ଲୋକେ କୁହାକୁହି ହେଲେଣି ପ୍ରଶ୍ନପତ୍ର ପ୍ରଘଟ ହେବା ନୂଆ କଥା ନୁହେଁ। ଏହା ପୂର୍ବରୁ ବହୁବାର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ବିଭିନ୍ନ ସାର୍ଟିଫିକେଟ ପରୀକ୍ଷାରେ ଏହା ହେଉଥିଲା। ଯେତେବେଳେ ଏହା ଦାଣ୍ଡରେ ପଡ଼ି ହାଟରେ ଗଡ଼େ ପରୀକ୍ଷା ବାତିଲ କରିଦିଆଯାଏ। ଆଉ କେତେବେଳେ ଏହାକୁ ଅସ୍ୱୀକାର କରି ଛାତ୍ରୀଛାତ୍ରଙ୍କ ସମସ୍ତ ଆପତ୍ତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଦିଆଯାଏ। ସମାଜ ଉପରେ ଏହାର କୁପ୍ରଭାବ ପଡ଼ିବା କଥାଟିକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଇଠୁ ଆରମ୍ଭ ହୁଏ କମ୍ ପରିଶ୍ରମ କରି ଅଧିକ ପ୍ରାପ୍ତ ହେବାର ପ୍ରବଣତା। କିନ୍ତୁ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା କଥାଟିକୁ ସହଜରେ ହଜମ କରିହେଉ ନାହିଁ। ଏହା ପଛରେ ଏକ ବଡ଼ ଧରଣର ସ୍କାମ୍ ହୋଇଥାଏ। ସରକାରୀ ଓ ବେସରକାରୀ ବହୁ ଦାମୀନାମୀ ଲୋକଙ୍କର ସମ୍ପୃକ୍ତି ଥାଏ। ଅଥଚ କେବେହେଲେ କେହି ବଡ଼ ମାଛ ତଦନ୍ତ ଜାଲରେ ଧରାପଡ଼ିବା ଏ ଯାଏଁ କାନ ଶୁଣିନାହିଁ। ବେଳେ ବେଳେ କେରାଣ୍ଡି ଧରି ଏମିତି ପ୍ରଚାର ହୁଏ ସତେ ଯେମିତି ଏକ ବଡ଼ ରୋହି ଧରି ପକାଇଛନ୍ତି। ସେହି ହୋହଲ୍ଲା ଭିତରେ ଅସଲ ଦୋଷୀ ଖସିଯାଏ

ଦୋଷୀ ଧରାପଡୁ କି ନ ପଡୁ ଏହା ଭିନ୍ନ କଥା। କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଯୁବଶକ୍ତି ଉପରେ ପଡୁଛି। ମେଧାବୀ ଛାତ୍ରୀଛାତ୍ରମାନେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ସେମାନେ ଠେଲି ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉତ୍କଟ ବେକାରି ସମସ୍ୟାରେ ଯେତେବେଳେ ଯୁବଶକ୍ତି ଜର୍ଜରିତ ସେତିକିବେଳେ ଏମିତି ପ୍ରଶ୍ନପତ୍ର ପ୍ରଘଟ ଘଟଣା ସମସ୍ତ ସନ୍ଦେହକୁ ଦ୍ୱିଗୁଣିତ କରିଦେଇଛି।

ଏହା ନିଶ୍ଚିତ ଯେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗର ଦକ୍ଷତା, ନିରପେକ୍ଷତା ତଥା ସ୍ୱଚ୍ଛତାକୁ ନେଇ ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ସନ୍ଦେହ ଦୂର କରିବା ପାଇଁ ସରକାର ତୁରନ୍ତ ଏକ ନିରପେକ୍ଷ ତଦନ୍ତ ସଂସ୍ଥା ଦ୍ୱାରା ତଦନ୍ତ କରାଇବା ଆବଶ୍ୟକ ଏବଂ ଯେଉଁମାନେ ଅସାଧୁ କାର୍ଯ୍ୟରେ ଲିପ୍ତ ରହି ଗୋପନୀୟତାକୁ ଧ୍ୱଂସ କରୁଛନ୍ତି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଜରୁରୀ। ନ ହେଲେ ସରକାର ମଧ୍ୟ ଲୋକଙ୍କ ସନ୍ଦେହ ଘେରକୁ ଆସିବେ। କେବଳ ଓଏସ୍‌ଏସ୍‌ସି ନୁହେଁ, କ୍ରମେ ଲୋକେ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ ଏବଂ ଅନ୍ୟ ଯେଉଁ ସଂସ୍ଥା ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରୁଛନ୍ତି ସେଗୁଡ଼ିକୁ ମଧ୍ୟ ବିଶ୍ୱାସ କରିବେ ନାହିଁ। ଆଜିର ଦିନରେ ନୂତନ ସମୟୋପଯୋଗୀ ପଦ୍ଧତି ଅନୁସରଣ କରିବା ଆବଶ୍ୟକ। ସମାନ ମାନଦଣ୍ଡ ଥାଇ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ନିମନ୍ତେ ଏକ ଏକ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି କମ୍ପ୍ୟୁଟର ମାଧ୍ୟମରେ ପରୀକ୍ଷା କଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ଫଳରେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସନ୍ତା।

**ସଭାପତି, ଓଷ୍ଟା**
**ମୋ:୭୦୦୮୦୭୩୫୯୯**



# ଜଳବାୟୁ ପରିବର୍ତ୍ତନ ଓ କୃଷି

ଡି. ଶୁଭମ୍

ଓଡ଼ିଶାରେ ଚାଷୀମାନେ ଉତ୍ପାଦିତ ଫସଲକୁ ଠିକ୍ ଭାବରେ ବିକ୍ରୟ କରିବାକୁ ଶତ ଚେଷ୍ଟା କରନ୍ତି ସତ କିନ୍ତୁ ଏଥିରେ ବିଫଳ ହୁଅନ୍ତି। ଚାଷୀ ନିଜ ଫସଲର ଉପଯୁକ୍ତ ମୂଲ୍ୟ ସବୁବେଳେ ଠିକ୍ ଭାବରେ ପାଏ ନାହିଁ। ତଥାପି ସେ ଚାଷ କରେ। କିନ୍ତୁ ଏଇ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଆମ ବାପା ଅଜା ଅମଳରେ ଖରାଦିନେ ଖରା, ବର୍ଷାଦିନେ ବର୍ଷା ଆଉ ଶୀତ ଦିନେ ଶୀତ – ଏସବୁ ଲୋକେ ଅନୁଭବ କରିପାରୁଥିଲେ। ହେଲେ ଆଜି ଆମେ ଆଷାଢ଼ର ଧାରାଶ୍ରାବଣରେ ନିଦାଘର ତାପକୁ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ କୃଷିକୁ ଏବେ ଅବନତି ଦିଗରେ ଟାଣି ନେଲାଣି।

ଜୈବ ବିବିଧତା ହେଉଛି କୃଷିର ପ୍ରମୁଖ ମାନଦଣ୍ଡ। ଏହା ଭୂତଳ ଜଳ ସଂରକ୍ଷଣ, ମାଟିର ସଂରଚନା,ଗଠନ,ଉର୍ବରତାଠାରୁ ଆରମ୍ଭ କରି ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନେଇଥାଏ। ଜଳବାୟୁ ପରିବର୍ତ୍ତନ ଏବଂ କୃଷି ପରସ୍ପର ସହ ଜଡିତ ପ୍ରକ୍ରିୟା। ଗ୍ଲୋବାଲ ୱାର୍ମିଂର ପ୍ରଭାବ ବିଷୟରେ ଅବଗତ ହେବା ଜରୁରୀ। କାରଣ ଏହା ଜଳବାୟୁ ପରିବର୍ତ୍ତନର ପ୍ରଥମ ଓ ମୁଖ୍ୟ କାରଣ। ଏହା କୃଷିକୁ ଅନେକ ଉପାୟରେ ପ୍ରଭାବିତ କରିଥାଏ। ତାପମାତ୍ରା, ବର୍ଷାର ପରିମାଣ ଏବଂ ରୋଗପୋକର ଅଚାନକ ବୃଦ୍ଧି କଥା ହେଉ ଅବା ଅଙ୍ଗାରକାମ୍ଳର ବୃଦ୍ଧି ଏସବୁ ପାଇଁ ଗ୍ଲୋବାଲ ୱାର୍ମିଂ ହିଁ ଦାୟୀ। ଜେନେଟିକ୍ ପ୍ରଜାତି ଏବଂ ଇକୋସିଷ୍ଟମ୍ ସ୍ତରରେ ଖାଦ୍ୟ ଏବଂ କୃଷି ପାଇଁ ଜୈବବିବିଧତାର ଅନେକ ମୁଖ୍ୟ ଉପାଦାନ ହ୍ରାସ ପାଇବାରେ ଲାଗିଛି। କୃଷକମାନଙ୍କ କ୍ଷେତରେ ଉପସ୍ଥିତ ଫସଲର ବିବିଧତା ହ୍ରାସ ପାଇଛି ଏବଂ ଫସଲର ବିବିଧତା ପ୍ରତି ବିପଦ ମଧ୍ୟ ବଢ଼ିବାରେ ଲାଗିଛି।

କଥା ହେଉଛି ଜଳବାୟୁ ପରିର୍ତ୍ତନ ଶୁଣିବାକୁ ଛୋଟ ଲାଗୁଥିଲେ ବି ଏହାର ପ୍ରଭାବ ଭାଷାରେ ବର୍ଣ୍ଣନା କରିହେବନାହିଁ। ଆପଣମାନେ ଏହି ପରିବର୍ତ୍ତନର ପ୍ରଭାବ ମଧ୍ୟ ଲକ୍ଷ୍ୟ କରିପାରୁଥିବେ। ଏହା ଖାଦ୍ୟ ଉତ୍ପାଦନକୁ କମେଇ ଉତ୍ପାଦିତ ଫସଲର ଦାମ ବୃଦ୍ଧି କରେ। ଆଇପିସିସିର ମତ ଅନୁଯାୟୀ ଏଇ ଶତାବ୍ଦୀର ତାପମାତ୍ରା ୦.୪ରୁ ୨.୬ ଡିଗ୍ରୀ ଯାଏ ବୃଦ୍ଧି ପାଇଛି। କୃଷି ସବୁଜ ଘର ବା ଗ୍ରୀନ୍ ହାଉସ ଗ୍ୟାସ ବୃଦ୍ଧିର ଏକ କାରଣ, ଏଥିରେ ଦ୍ୱିମତ ନାହିଁ। ତେବେ କେତେବେଳେ ମରୁଡ଼ିର ସ୍ଥିତି ତ କେବେ ଅସହ୍ୟ ହିଟ୍ ୱେଭ୍ ଚାଷ ଓ ଚାଷୀକୁ ବେଶ୍ ପ୍ରଭାବିତ କରୁଛି। ଚାଷୀଟିଏ ଯେବେ କ୍ଷେତରେ ଚାଷ କରିବାକୁ ମନ ବଳାଏ ସବୁବେଳେ ବର୍ଷାକୁ ଅପେକ୍ଷା କରି ରହିଥାଏ। କିନ୍ତୁ ଏବେ ବର୍ଷାର ପରିମାଣ କମି କମି ଯାଉଛି। ଜୁନ୍ ମାସରେ ଯେଉଁ ମୌସୁମୀ ବାୟୁ ଚାଷ ପାଇଁ ଅନୁକୂଳ ହେବା କଥା ଆଜି ସେହି ସମୟରେ ଆମେ ଉତ୍ତାପ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷର ସମୟ ବଢ଼ିଯିବା ସହ ଚାଷ କାର୍ଯ୍ୟ କରିବା କଷ୍ଟକର ହୋଇଯାଏ। ଏହା ସର୍ବୋପରି କୃଷି, ମୃତ୍ତିକାର ଗୁଣବତ୍ତା, ଗ୍ରାମ୍ୟ ଜୀବନ ତଥା ଚାଷୀକୁଳକୁ ପ୍ରଭାବ କରିଥାଏ। ଯେଉଁ ଚାଷୀମାନଙ୍କର ଚାଷର ଅବଧି ଅଧିକ ସମୟ ଯାଏ, ସେମାନଙ୍କୁ ଜମିରେ ଅଧିକ ପରିଶ୍ରମ, ଜଳସେଚନଠାରୁ ସବୁ ଖର୍ଚ୍ଚ ଅଧିକ ପଡିଥାଏ। ଏପରିକି ଯେତେବେଳେ ଗଛ ଭୂତଳ ଓଜୋନକୁ ଅଧିକ ପରିମାଣରେ ଶୋଷଣ କରେ, ସେବେ ଆଲୋକ ସଂଶ୍ଲେଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଫଳସ୍ୱରୂପ ଫସଲ ଠିକ୍ ଭାବରେ ବଢ଼ିପାରେନି ଓ ରୋଗପୋକ ସହନଶୀଳ ହୋଇପାରେନାହିଁ। ଜଳବାୟୁ ପରିବର୍ତ୍ତନ ଜଙ୍ଗଲ ନିଆଁ ଉପରେ ବି ଅଧିକ ପ୍ରଭାବ ପକାଇଥାଏ। ଫଳସ୍ୱରୂପ ଏହା ଆଖପାଖ ଚାଷ ଜମି ଓ ଗୋଚର ଜମି ନଷ୍ଟ କରିବାରେ ସାହାଯ୍ୟ କରିଥାଏ। ଚଳିତ ବର୍ଷ ରାଜ୍ୟରେ ଅଧିକ ତାପମାତ୍ରା ଅନୁଭବ କରିଛେ। ତାପମାତ୍ରାରେ ପରିବର୍ତ୍ତନ ଯୋଗୁ କୃଷି କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳିଛି। ଅଧିକ ତାପମାତ୍ରାକୁ ସହ୍ୟ କରି ଚାଷୀଟିଏ ନିଜ ଜମିରେ ଚାଷ କରେ, ରୋଗପୋକ ଅଧିକ ଲାଗିଲେ କୀଟନାଶକ ସ୍ପ୍ରେ କରିବା ଯୋଗୁ ପରିବେଶ ସନ୍ତୁଳନ ନଷ୍ଟ ହୁଏ।



ଏବେ ବଜାରକୁ ପରିବା କିଣିବାକୁ ଗଲେ ପନିପରିବାର ଚଢ଼ା ଦର ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ସବୁ ଖବରରେ ପରିବା ଦର ଆକଶଛୁଆଁ ଏମିତି ଶୀର୍ଷକ ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ ଚାଷୀଟିଏ ଫସଲ ଉତ୍ପାଦ କରି ଲାଭ ପାଇପାରେନି। ଜଳବାୟୁ ପରିବର୍ତ୍ତନ ଗୋଟିଏ ପଟେ ଉତ୍ପାଦ କମାଇଥିବା ବେଳେ ଲୋକମାନଙ୍କ ମନରେ ଚାଷ ପାଇଁ ଉତ୍ସାହ ଓ ଆଗ୍ରହ ବି ସମପରିମାଣରେ କମିଛି। ଆମେ ସହରୀକରଣ ଢାଞ୍ଚାରେ ଆଉ ନିଜ ବାଡ଼ିରେ ପନିପରିବାଟିଏ ବି ଲଗାଉନାହୁଁ। ପାକଶାଳା ବଗିଚା ଆଉ ରୁଫ୍‌ଟପ ଗାର୍ଡେନିଙ୍ଗ ଆଜି କେବଳ କଥାରେ ସୀମିତ ରହିଯାଇଛି। ସହରରେ ରହିଲେ ମଧ୍ୟ ଆମେ ଛାତ ଉପରେ ବାଇଗଣ, ଲଙ୍କା ପରି ଅନେକ ଫସଲ କରିପାରିବା, ଯାହା ଆମ ନିତ୍ୟ ବ୍ୟବହାର ପାଇଁ ଉପଯୋଗ ହୋଇପାରିବ। ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିଥିବା ଚୁକ୍ତିଭିତ୍ତିକ ଚାଷ ବା କଣ୍ଟ୍ରାକ୍ଟ ଫାର୍ମିଙ୍ଗ। ଆଜି ସେସବୁ କ୍ୱଚିତ ଦୃଶ୍ୟମାନ ହେଉଛି। ଉଦ୍ୟୋଗୀମାନେ କେବଳ ନୂଆ ଫଳ କି ପରିବା ନୁହେଁ ବରଂ ନେଟ୍‌ହାଉସ,ପଲିହାଉସ କରି ଅଫ୍ ସିଜିନ୍ ଚାଷ ଉପରେ ଗୁରୁତ୍ୱ ଦେବା ଦରକାର। ରାଜ୍ୟରେ ଶୀତଳଭଣ୍ଡାରର ଅବ୍ୟବସ୍ଥା ମଧ୍ୟ ଦରଦାମ ବୃଦ୍ଧିର ଅନ୍ୟ ଏକ କାରଣ। ଆମେ ଉତ୍ପାଦ କରୁଛେ ସତ କିନ୍ତୁ ଗଚ୍ଛିତ କରି ରଖିବା ପାଇଁ ଆମ ପାଖରେ ଶୀତଳଭଣ୍ଡାରର ଅଭାବ ରହୁଛି। ଆମେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। କୃଷି ଉଦ୍ୟୋଗୀମାନେ କିପରି ନିଜ ରାଜ୍ୟରେ ବୈଜ୍ଞାନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଚାଷ କରାଯାଇପାରିବ, ସେ ଦିଗରେ ଧ୍ୟାନ ଦେବାର ସମୟ ଅଛି। ନିଜ ବାଡ଼ିବଗିଚାକୁ ଖାଲି ନ ପକାଇ ସେଥିରେ କିଛିଟା ଫସଲ ଲଗାନ୍ତୁ। ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏକ ସବୁଜିମାମୟ ପୃଥିବୀ ଗଠନରେ ନିଜକୁ ସାମିଲ କରିବାକୁ ହେବ। ଏହା ଆମ ସମସ୍ତଙ୍କ ପାଇଁ ଆହ୍ୱାନ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (ଓସୋକା), ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ପାହାଡ଼ିଆ ଅଞ୍ଚଳରେ ପାନୀୟ ଜଳଠାରୁ ଆରମ୍ଭ କରି କୃଷି ପାଇଁ ହ୍ରଦର ଆବଶ୍ୟକତା ବେଶି। ସେଥିପାଇଁ ସଙ୍ଗେ ଲାମା ସିକିମର ସିମ୍‌ଗୋ ହ୍ରଦକୁ ବର୍ଜ୍ୟମୁକ୍ତ କରି ତାହାକୁ ବ୍ୟବହାର ଯୋଗ୍ୟ କରିପାରିଛନ୍ତି। ହ୍ରଦରେ ମିଲ୍କ କାର୍ଟୁନଠାରୁ ଆରମ୍ଭ କରି ସ୍ନାକ୍ସ ପ୍ୟାକେଟ,ବିସ୍କୁଟ ଜରି, ପ୍ଲାଷ୍ଟିକ ବୋତଲ ଭର୍ତ୍ତି ହୋଇ ରହିଥିଲା। ଏହା ବ୍ୟତୀତ ଆଖପାଖର ସ୍ୱେରେଜ ଜଳ ମଧ୍ୟ ଏଥିରେ ମିଶି ପାଣିକୁ ବିଷାକ୍ତ କରିଦେଇଥିଲା। ତଥାପି ଆଖପାଖର ୨୭୦ଟି ପରିବାର ଏଭଳି ଜଳକୁ ବ୍ୟବହାର କରୁଥିଲେ। ଏହା ଲକ୍ଷ୍ୟ କରି ସଙ୍ଗେ ଲାମା ହ୍ରଦର ପୁନରୁଦ୍ଧାର ଆରମ୍ଭ କରିଥିଲେ। ସେ ବନ ବିଭାଗ ଅଧିକାରୀ, ଦୋକାନ ମାଲିକ ଏବଂ ଗ୍ରାମ ପଞ୍ଚାୟତକୁ ନେଇ 'ସିମ୍‌ଗୋ ପୋଖରୀ ସଂରକ୍ଷଣ ସମିତି' ଗଠନ କରିଥିଲେ। ଏହା ମଧ୍ୟରେ ସେ ଦୋକାନୀଙ୍କ ଠାରୁ ବର୍ଜ୍ୟ ସଂଗ୍ରହ କରି ତାହାକୁ ଡମ୍ପିଂୟାର୍ଡକୁ ନେବାର ବ୍ୟବସ୍ଥା କରିବା ସହ ତାହାକୁ ରିକଭରି ସେଣ୍ଟରକୁ ପଠାଉଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଲାଗି ଷ୍ଟିଲ୍ ଗ୍ଲାସ୍ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ଅଭିଯାନ ଦ୍ୱାରା ଏବେ ହ୍ରଦର ଜଳ ପ୍ରଦୂଷଣ ମୁକ୍ତ ହୋଇଯାଇଛି ଓ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଅଗଷ୍ଟ ୧୯୯୮**

- ଧର୍ଷଣ ଅଭିଯୋଗରେ ଅଭିଯୁକ୍ତ ଇନ୍ଦ୍ରଜିତ ରାୟଙ୍କୁ ଆଡ୍‌ଭୋକେଟ ଜେନେରାଲ ପଦବୀରୁ ବହିଷ୍କାର କରିବା ଦାବିରେ ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନଙ୍କ ଭଙ୍ଗାରୁଜା।
- ଜମ୍ମୁ–କଶ୍ମୀରସ୍ଥିତ ଭାରତ–ପାକିସ୍ତାନ ସୀମାନ୍ତରେ ପାକ୍ ସୈନ୍ୟଙ୍କ ଗୁଳିବର୍ଷଣରେ ୨୪ ନିହତ।
- କଲମ୍ବୋ ଘୋଷଣାନାମା ଭାବେ ବିବେଚିତ ୨୩ ପୃଷ୍ଠା ସମ୍ବଳିତ ଘୋଷଣାନାମାରେ ଭାରତର ପରମାଣୁ ନୀତିକୁ ଅନୁମୋଦନ।

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତ୍ୟେକ ଘର ସର୍ଭେ କରାଯିବା ଉଚିତ

ମହାଶୟ,

ଭାରତ ସରକାର ଓ ଓଡ଼ିଶା ସରକାରଙ୍କର ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ରାଶନ କାର୍ଡ ଜରିଆରେ ଏବଂ ସମୟେ ସମୟେ ମାଗଣା ଚାଉଳ ବଣ୍ଟନ ଏକ ଜନାଭିମୁଖୀ ଯୋଜନା। ମାତ୍ର ଦେଖାଯାଏ ଦଳୀୟ ନେତାଙ୍କ ଆଶୀର୍ବାଦରୁ ଥିଲାବାଲା (୪ ଚକିଆ, ୪ ଚକିଆ, ଦାମୀ ଘର, ଦାମୀ କୃଷି ଯନ୍ତ୍ରପାତି ମାଲିକ), ପେନ୍‌ସନଧାରୀଙ୍କ ଏକାନ୍ନରେ ରହୁଥିବା ପୁଅ, ବୋହୂ ୱାର୍ଡମେମ୍ବର ପାଇଖାନା, ଘର ଏବଂ ରାଶନ କାର୍ଡ ହାତେଇଛନ୍ତି। କହିବାର କଥା ହେଲା, ସରକାର ଯଦି ଘରକୁ ଘର ସର୍ଭେକରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଲାଇସେନ୍ସ ତାଲିକା, ସମ୍ପତ୍ତି ବିବରଣୀ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମନ୍ୱୟରେ ତଦାରଖ କରାଯାଆନ୍ତା ତା'ହେଲେ ସତ ଧରା ପଡ଼ନ୍ତା। ବାସ୍ତବ କାର୍ଯ୍ୟାନ୍ୱୟନରେ ନିର୍ମିତ ଘର ନାମରେ ଗୃହ ବିଲ୍ , ପାଇଖାନା ଆଦୌ ନାହିଁ। ଆଗକୁ ନିର୍ବାଚନ। ଏପରି କଲେ ଭୋଟଦାନ ଭିନ୍ନ ପ୍ରକାର ହୋଇପାରେ।

**–ଶ୍ରୀରାମ ଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**

ସାରଳା ମହାବିଦ୍ୟାଳୟ, ରାହାମା

# ଯୁବପିଢ଼ି ଚାହିଁଲେ ପରିବର୍ତ୍ତନ ଅବଶ୍ୟମ୍ଭାବୀ






ଜଗତ୍‌ସିଂହପୁର ଜିଲା ରାହାମାସ୍ଥିତ ସାରଳା ମହାବିଦ୍ୟାଳୟରେ ସୋମବାର ଧରିତ୍ରୀ ପକ୍ଷରୁ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ କଲେଜ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ଉଦ୍‌ବୋଧନ ଦେଉଛନ୍ତି। କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରତିଯୋଗୀ, ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଜଗତ୍‌ସିଂହପୁର, ୩୧।୭ (ପ୍ରମୋଦ କୁମାର ନାୟକ)** ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି ପରସ୍ପର ସଂଯୁକ୍ତ ହୋଇ ରହିଛନ୍ତି। ସମ୍ପ୍ରତି ସମାଜରେ ଏଭଳି ଶୀର୍ଷକ ଆଲୋଚନାର ପ୍ରାସଙ୍ଗିକତା ରହିଛି। ଧରିତ୍ରୀ ପକ୍ଷରୁ ଏହିବିଷୟରେ ହେଉଥିବା ବକ୍ତୃତା ପ୍ରତିଯୋଗିତା ଏକ ଅଭିନବ ପ୍ରୟାସ ଏବଂ ବାସ୍ତବିକ ସ୍ୱାଗତଯୋଗ୍ୟ। ଯୁବପିଢ଼ିଙ୍କୁ ଗଣମାଧ୍ୟମ ସହାୟତାରେ ଗଣତନ୍ତ୍ରକୁ ସୁଦୃଢ଼ ଓ ସୁରକ୍ଷିତ ରଖିବା ପାଇଁ ଉଦ୍ୟମ ହେଉଛି। ଏହା କେବଳ ଆଜି ପାଇଁ ନୁହେଁ, ଭବିଷ୍ୟତ ପିଢ଼ି ପାଇଁ ଶୁଭଙ୍କର ହେବ। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ରାହାମାସ୍ଥିତ ସାରଳା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ବକ୍ତୃତା ପ୍ରତିଯୋଗିତାରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଧ୍ୟକ୍ଷ ନରେନ୍ଦ୍ର କୁମାର ଦାସ ଏହା କହିଛନ୍ତି। 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତା ଛାତ୍ରୀଛାତ୍ରଙ୍କ ଭିତରେ ସାମାଜିକ ମୂଲ୍ୟବୋଧର ସ୍ଥାପନ ପାଇଁ ଉଦ୍ଦିଷ୍ଟ। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ଉତ୍ସାହିତ ହେବା ସହ ସମାଜ ଗଠନରେ ନିଜର ଭାଗୀଦାରିତା ବଢ଼ାଇବେ ବୋଲି ଆଶା ଓ ବିଶ୍ୱାସ। ଯୁବପିଢ଼ି ଚାହିଁଲେ ସମାଜରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ ବୋଲି ମହାବିଦ୍ୟାଳୟ ଅଧ୍ୟକ୍ଷ ଦାସ କହିଛନ୍ତି।

ବିଚାରକ ଭାବେ ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ଅବସରପ୍ରାପ୍ତ ରିଡର (ରସାୟନ ବିଜ୍ଞାନ) କ୍ଷୀରୋଦ କୁମାର ଓଝା ଯୋଗଦେଇ କହିଛନ୍ତି, ସମାଜରେ ଦେଖାଦେଇଥିବା ଅସ୍ଥିରତା, ଅସମାନତା ଦୂର ପାଇଁ ଧରିତ୍ରୀ ପକ୍ଷରୁ ବହୁତ ବଡ଼ ପଦକ୍ଷେପ ନିଆଯାଇଛି। ଆମ ଦେଶ ଓ ରାଜ୍ୟର ପ୍ରଗତି ପାଇଁ ଯୁବ ସମାଜର ଗୁରୁଦାୟିତ୍ୱ ରହିଛି। ପ୍ରଗତିରେ ବଡ଼ ବାଧକ ସାଜିଛି ଦୁର୍ନୀତି। ଏହାର ମୂଳୋତ୍ପାଟନ ପାଇଁ ଯୁବ ସମାଜ ଆଗେଇ ଆସିବା ଉଚିତ ବୋଲି ଓଝା କହିଛନ୍ତି। ଅନ୍ୟତମ ବିଚାରକ ତଥା କନିମୂଳସ୍ଥିତ ବାୟା ଅବଧୂତ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧ୍ୟାପକ (ଇତିହାସ) ସୁରେଶ ଚନ୍ଦ୍ର ନାୟକ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଭିତରେ ଯେଉଁ ବକ୍ତୃତା ପ୍ରତିଯୋଗିତା ହୋଇଛି, ତାହା ସୁନ୍ଦର ପରିବେଶ ସୃଷ୍ଟି କରିଛି। ଧରିତ୍ରୀ ପକ୍ଷରୁ ଜାରି ରହିଥିବା ଏଭଳି ପ୍ରୟାସ କେବଳ ଜିଲା ନୁହେଁ, ସାରା ରାଜ୍ୟବାସୀଙ୍କ ଭିତରେ ଜାଗରଣ ସୃଷ୍ଟି କରିବ। ଆଞ୍ଚଳିକବାଦ, ତିକ୍ତତା ଓ ଆମ ଭିତରେ ଥିବା ସଂକୀର୍ଣ୍ଣ ମନୋଭାବ ସାମାଜିକ ଅସ୍ଥିରତା ସୃଷ୍ଟି କରିବା ସହ ପ୍ରଗତିରେ ବାଧକ ସାଜୁଛି। ଏଥିଯୋଗୁ ଗଣତନ୍ତ୍ର ନିମ୍ନଗାମୀ ହେଉଛି। ତେଣୁ ଯୁବ ସମାଜ ଆଗେଇ ଆସିଲେ ସବୁ ଠିକ୍ ହୋଇଯିବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଅନେକ ଉପାଦେୟ କଥା କହିଛନ୍ତି। ଆଜି ସାମାଜିକ ଗଣମାଧ୍ୟମ କ୍ରାନ୍ତି ଆଣିପାରୁଛି। ନିର୍ଭୟା, ମଣିପୁର ଘଟଣା କିମ୍ବା ୧୯୯୯ ମହାବାତ୍ୟା ଭଳି ଖବର ଗଣମାଧ୍ୟମ ଲୋକଙ୍କୁ ଜଣାଇ ପାରୁଛି। ଯୁବପିଢ଼ିଙ୍କୁ ଗଣମାଧ୍ୟମ ଠିକ୍ ମାର୍ଗରେ ନେଇପାରିବ। କିନ୍ତୁ କେତେକ ଗଣମାଧ୍ୟମ ନକରାତ୍ମକ ଖବର ପରିବେଷଣ କରି ଯୁବଗୋଷ୍ଠୀଙ୍କୁ ପଥଚ୍ୟୁତ କରୁଛନ୍ତି। ଏଥିରେ ସୁଧାର ଆସିବା ଜରୁରୀ। ଅନ୍ୟପଟେ ଭାରତୀୟ ସମ୍ବିଧାନରେ ଗଣମାଧ୍ୟମକୁ ସ୍ୱାଧୀନତା ଦିଆଯାଉ। ଭାରତୀୟଙ୍କ ଭିତରେ ଶୃଙ୍ଖଳା, ସମ୍ମାନବୋଧ କମିବା ଦୁଃଖର କଥା। ମୂଲ୍ୟବୋଧକୁ ସମ୍ବଳ କଲେ ସୁଖ, ଶାନ୍ତି ଓ ଉନ୍ନତି ସମ୍ଭବ। ସରକାର ତଥା ନେତା ଓ ମନ୍ତ୍ରୀମାନଙ୍କର ଗୁରୁଦାୟିତ୍ୱ ହେଉଛି ସତ୍ୟ, ଧର୍ମ ଓ ନ୍ୟାୟର ପ୍ରତିଷ୍ଠା କରିବା। କିନ୍ତୁ ଭୋଟ ପାଇଁ ମଦ, ମାଂସ ଓ ଅର୍ଥ ଦ୍ୱାରା ପ୍ରଭାବିତ କରାଯାଉଛି। ଗଣତନ୍ତ୍ର କେବଳ କାଗଜ, କଲମରେ ସୀମିତ ଅଛି। ଏହା କୌଣସି ଗୁଣରେ ରାଜତନ୍ତ୍ରଠାରୁ କମ୍ ନୁହେଁ ବୋଲି ଅନେକ ପ୍ରତିଯୋଗୀ ମତବ୍ୟକ୍ତ କରିଛନ୍ତି। ପ୍ରତିଯୋଗିତାରେ ୫ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିବା ବେଳେ ଶୁଭ୍ରସ୍ମିତା ସାମନ୍ତରାୟ ପ୍ରଥମ, ରାଜଶ୍ରୀ ନାୟକ ଦ୍ୱିତୀୟ ଓ ଶେଫାଳୀ ବରାଳ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। କାର୍ଯ୍ୟକ୍ରମରେ ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରାରମ୍ଭିକ ଉଦ୍‌ବୋଧନ ଓ ମଞ୍ଚ ପରିଚାଳନା କରିଥିଲେ। ଧରିତ୍ରୀର ଜଗତ୍‌ସିଂହପୁର ଜିଲା ପ୍ରତିନିଧି ପ୍ରମୋଦ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାହାମା ପ୍ରତିନିଧି ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ରାକେଶ କାଣ୍ଡି, ଧରିତ୍ରୀ ସହସମ୍ପାଦକ ଅରୁଣପ୍ରସାଦ କାନୁନ୍‌ଗୋ, ସହସମ୍ପାଦକ ଅରବିନ୍ଦ ମହାନ୍ତି, ପ୍ରସାରଣ ବିଭାଗର ବିଜୟ ମହାପାତ୍ର, କୁଜଙ୍ଗ ବ୍ଲକ ପ୍ରତିନିଧି ମନୋଜ କୁମାର ପ୍ରଧାନ ସହଯୋଗ କରିଥିଲେ।

## ସାମାଜିକ ଗଣମାଧ୍ୟମର ଠିକ୍ ଦିଗକୁ ଆପଣାଇବା ଉଚିତ



ବର୍ତ୍ତମାନ ଦେଶର ୯୦% ଯୁବଗୋଷ୍ଠୀ ସାମାଜିକ ଗଣମାଧ୍ୟମରେ ସକ୍ରିୟ। କିନ୍ତୁ ଏହାର ଠିକ୍ ଦିଗକୁ ଆପଣାଇବା ଉଚିତ। ନକାରାତ୍ମକ ଦିଗରେ ଗଲେ ଏହି ଗଣମାଧ୍ୟମ କ୍ଷତିରେ ପହଞ୍ଚାଇବ। ଆମ ଦେଶରେ ଗଣତନ୍ତ୍ରକୁ ସୁଦୃଢ଼ କରିବାକୁ ହେଲେ ଗଣମାଧ୍ୟମର ଠିକ ବିନିଯୋଗ କରିବାକୁ ପ୍ରଚେଷ୍ଟା ଜାରି ରଖିବା ଉଚିତ। ଧରିତ୍ରୀ ପକ୍ଷରୁ ଏହି ବକ୍ତୃତା ପ୍ରତିଯୋଗିତା ମାଧ୍ୟମରେ ଯୁବପିଢ଼ିଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ପାଇଁ ନିଆଯାଇଥିବା ପଦକ୍ଷେପକୁ ସାଧୁବାଦ ଜଣାଉଛି।

- ଶୁଭ୍ରସ୍ମିତା ସାମନ୍ତରାୟ, ଯୁକ୍ତ୩ ଶେଷ ବର୍ଷ (ଉଦ୍ଭିଦ ବିଜ୍ଞାନ ସମ୍ମାନ)

## କଥା କମ୍, କାମ ଉପରେ ବେଶି ବିଶ୍ୱାସ ରଖିବା ଉଚିତ



ଅନେକ ନେତାଙ୍କ କାର୍ଯ୍ୟକଳାପ ସମାଜର ପ୍ରଭୁତ କ୍ଷତି କରୁଛି। ଯୁବ ସମାଜ ଏ ଦିଗରେ ଦାୟିତ୍ୱବାନ ହେବା ଉଚିତ। ମଦ, ମାଂସ, ଟଙ୍କା ଲୋଭରେ ନ ପଡ଼ି ଗଣତନ୍ତ୍ରକୁ ସଶକ୍ତ କରିବାକୁ ଆଗେଇ ଆସିବା ଦରକାର। ମୋଟାମୋଟି ଭାବେ କହିବାକୁ ଗଲେ ଆମ୍ଭେମାନେ କଥା ବେଶି ନ କହି କାମ ଉପରେ ବିଶ୍ୱାସ ରଖିବା ଜରୁରୀ। ସେହିପରି ଗୋଟିଏ ଖରାପ ଖବର ସମାଜର ପ୍ରଭୁତ କ୍ଷତି କରେ। ତେଣୁ ଗଣମାଧ୍ୟମ ଦାୟିତ୍ୱବାନ ହେବାକୁ ପଡ଼ିବ। ଏକ ଦାୟିତ୍ୱବାନ ଗଣମାଧ୍ୟମ ହିସାବରେ ଧରିତ୍ରୀ ପକ୍ଷରୁ ନିଆଯାଉଥିବା ପ୍ରୟାସକୁ ସମ୍ମାନ ଜଣାଉଛି।

- ରାଜଶ୍ରୀ ନାୟକ, ଯୁକ୍ତ୩ ୩ୟ ବର୍ଷ (ଓଡ଼ିଆ ସମ୍ମାନ)

## ଅନେକ ଶିଖିବାର ସୁଯୋଗ ମିଳିଛି



ସମାଜରେ ଏବେ ବି ଅନେକ ଲୋକଙ୍କ ଭିତରେ କୁତ୍ସିତ ମାନସିକତା ରହିଛି। ଏହାକୁ ବଦଳାଇବାକୁ ପଡ଼ିବ। ଗଣତନ୍ତ୍ରର ସୁରକ୍ଷା ପାଇଁ ଧରିତ୍ରୀ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ଆନ୍ତରିକତାର ସହ ସମର୍ଥନ କରିବା ସହ ସମ୍ମାନ ଜଣାଉଛି। ଏହାଦ୍ୱାରା ଯୁବ ସମାଜ ଉପକୃତ ହେଉଛନ୍ତି। ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ପ୍ରତିଯୋଗିତାର ପ୍ରସଙ୍ଗ ସମାଜ ଉପରେ ସୁପ୍ରଭାବ ପକାଇବ, ଯଦ୍ୱାରା ଦେଶକୁ ଆଗକୁ ନେବା ପାଇଁ ନୂଆ ଚିନ୍ତାଧାର ସୃଷ୍ଟି ହେବ।

- ସେଫାଳି ବରାଳ, ଯୁକ୍ତ୩ ଶେଷ ବର୍ଷ (ଉଦ୍ଭିଦ ବିଜ୍ଞାନ ସମ୍ମାନ)

## ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର


ଆଦିତ୍ୟ ନାରାୟଣ ଓଝା


ଅର୍ଜୁନ ପ୍ରଧାନ


ବର୍ଷା ପ୍ରିୟଦର୍ଶିନୀ ସାହୁ


ବିଶ୍ୱଜିତ୍ ଭୋଳ


ଜୟଶ୍ରୀ ସ୍ୱାଇଁ


ମାମାଲି ପାତ୍ର


ପ୍ରଜ୍ଞା ବିଜୟିନୀ ବିଶ୍ୱାଳ


ପ୍ରତୀକ୍ଷା ପ୍ରିୟଦର୍ଶିନୀ


ପ୍ରତିଭା ତ୍ରିପାଠୀ


ରୁଦ୍ର ନାରାୟଣ ତ୍ରିପାଠୀ


ଶର୍ମିଷ୍ଠା ସ୍ୱାଇଁ


ସୁଶ୍ରୀ ବେବି ପଲକ

## ୭ ଦିନିଆ ଓଡ଼ିଶା ଗସ୍ତରେ ମୋହନ ଭାଗବତ

**ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର):** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ମୋହନ ଭାଗବତ ସୋମବାର ୭ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ସେ ଗଣ୍ଡମୁଣ୍ଡାସ୍ଥିତ ସ୍ୱାମୀ ବିବେକାନନ୍ଦ କେନ୍ଦ୍ରର କାର୍ଯ୍ୟକ୍ରମରେ ଯୋଗଦେବେ। ଏହାସହ ପୁରୀ ଯାଇ ଗୋବର୍ଦ୍ଧନ ପୀଠରେ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ୍ କରିବେ। ଭାଗବତ ତାଙ୍କ ଗସ୍ତ କାଳରେ ଅନ୍ୟ କିଛି ସଂଘ କାର୍ଯ୍ୟକ୍ରମ କରିବେ ବୋଲି ଜଣାପଡ଼ିଛି। ଆସନ୍ତା ୬ ତାରିଖରେ ସେ ଓଡ଼ିଶାରୁ ଫେରିଯିବେ ବୋଲି ଜଣାପଡ଼ିଛି।


**The Odisha Small Industries Corporation Ltd.**
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-1481 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.3797/RE/OSIC Dt.28.07.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for execution of 2 nos. of works i.e. "Supply and installation of Mini High Mast Light in different area of Kendrapara District under MPLADS fund" and "Supply and installation of solar pumps and solar street lights under MI Division, Khariar in the Dist. of Nuapada". Tender details can be downloaded from the OSIC website www.osicltd.in . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.

Sd/- GENERAL MANAGER(O)

OIPR-14073/11/0043/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES No.CAD-1478

**OFFICE OF THE CHIEF GENERAL MANAGER (CIVIL)**
**IDCO, IDCO TOWER, BHUBANESWAR**
Bid Identification No. Civil/EST-14/2023-24
**Notice No.: 23383 dtd.28.07.2023**

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. **Name of the Work :** Construction of CC Road & Precast Drain (Balance Work) around Kalamandal Project, near Sainik School, Bhubaneswar.
2. **Value of the Work:** Rs.330.00 Lakhs (Approx.)
3. **Period of completion:** 01 (One) Calendar Month.
4. Availability of tender online for Bidding:
   I. **Start date** : 18.00 Hours of dt.05.08.2023.
   II. **End date:** 15.00 Hours of dt.21.08.2023
   III. **Opening date**: 16.00 Hours of dt.21.08.2023.

Tender details can be seen from the e-procurement portal www.tendersorissa.gov.in. Corrigendum or Addendum if any will not be published in newspapers and can be seen in **e-procurement portal** as well as in **IDCO website**.

**Sd./- Chief General Manager (Civil), IDCO, Bhubaneswar**

OIPR-14003/11/0153/2324



**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE CHIEF CONSTRUCTION ENGINEER, DEO IRRIGATION PROJECT, KARANJIA**
AT/PO- KARANJIA, DIST-MAYURBHANJ-757037
Tel: 06796-296144, e-mail: cce.dip.dowr@gmail.com

**"e" Procurement Notice**
**Bid Identification No. 01/CCEDIP of 2023-24**

No. A-388:-

| | | |
|---|---|---|
| Name of Work | : | As per Detailed Tender Call Notice |
| Total No. of Packages | : | 01 (One) No. of Individual work |
| Estimated cost of Package | : | **169.65 Lakh** |
| Period of Completion | : | Nine (09) months |
| Class of Contractor | : | "B & A" |
| Other Details | : | |

| Procurement Officer | Bid-Identification No. | Availability of tender on-line for bidding | |
|---|---|---|---|
| | | From | To |
| Chief Construction Engineer, Deo Irrigation Project, Karanjia | 01/CCEDIP of 2023-24 (on-line) | **04.08.2023** at 10.00 AM | **24.08.2023** up to 05.00 PM |

Further details can be seen from the Govt. website **www.tendersorissa.gov.in**. Any addendum/corrigendum/cancellation of tender can also be seen in the said Website.

**Sd./- Chief Construction Engineer, Deo Irrigation Project, Karanjia**

OIPR-32337/11/0001/2324



**GOVT. OF ODISHA** No.i-274
**OFFICE OF THE PANCHAYAT SAMITI, BADAMBA, CUTTACK**
Phone No. 0671-2352226; Email - ori-BADAMBA@nic.in
**'e'-procurement Notice No.:- BMB/12/2023-24**

| | | | |
|---|---|---|---|
| 1. | Name of work | : | **Const. of Sub-Centre Building at Krushnachandrapur.** |
| 2. | Total No. of works | : | **01 (One) No. of work.** |
| 3. | Tender Cost | : | **Rs.3419157.00** |
| 4. | Mode of Payment of EMD (Bid Security) & Bid Cost | : | 34200.00 & 6000.00 (Online) |
| 5. | Period of completion | : | 6 (Six) Calendar Months |
| 6. | Other details as follows: | | |
| (i) | Procurement Officer | : | Block Development Officer, BADAMBA, Cuttack |
| (ii) | Availability of Tender online for Bidding | : | **01.08.2023 from 10.00 A.M. to 16.08.2023 up to 3.00 P.M. (Selling) 01.08.2023 from 10.00 A.M. to 16.08.2023 up to 5.00 P.M. (Submission)** |
| (iii) | Date, Time & Venue of opening of Bid through Online | : | **Dtd. 17.08.2023 - 11 A.M.** in the Office of the Panchayat Samiti, BADAMBA |
| (iv) | Date of Transparent Lottery to be Conducted (if required) | : | **On 22.08.2023 at 11 A.M. in the office Chamber of Block Development Officer, BADAMBA, Cuttack** (Bidders shall furnish their present e-mail id, address and Telephone No. for furhter correspondence) |

Further details can be seen from the Govt. website www.tendersodisha.gov.in

**Sd./- Block Development Officer, Badamba**

OIPR-19052/11/0004/2324



**TPWODL**
**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office:Burla, Dist-Sambalpur (Odisha)-768017

**Notice Inviting Tender**

TP Western Odisha Distribution Limited invites tender quotations (in 2part bidding) from eligible vendors for the following packages:
1. TPWODL/NP/O/SU/032: RC for supply of PSC pole.
2. TPWODL/NP/O/SU/033: RC for supply of WPB & RS Joist Pole.
3. TPWODL/AB/O/SU/034: PO for 1.1 KV AL 4Cx10 sqmm XLPE Armoured cable.
4. TPWODL/AK/O/SER/035: RC for incremental asset update of GIS surveyed and mapped electrical network and asset at TPWODL.

Interested bidders to submit Tender Participation Fee and Authorization Letter through email on or before 10th August 2023, 19:00 Hrs. respectively, after which link from e-Tender system shall be shared.
For detailed tender documents of the above mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.
Prospective bidders are requested to visit the website for detailed amendment and updated tender document.

**Sd./- Chief Contracts and Stores**



**GOVERNMENT OF ODISHA**
**"e" - PROCUREMENT NOTICE**
**WORKS DEPARTMENT**
E-mail: pwdoff_khd@yahoo.com

**Tender Call Notice No. 07/2023-24**

No. B-564: The Executive Engineer, Khurda (R&B) Division, Khurda on behalf of Governor of Odisha invites percentage rate bid in **Single Cover** System in ONLINE MODE from eligible class of contractors having valid registration certificate for execution of the Civil works as detailed below:

| | | | |
|---|---|---|---|
| 1. | Nature of Work | : | Building Work |
| 2. | No. of Work | : | 01 No. |
| 3. | Tender Cost | : | Rs.6000.00 (Online) |
| 4. | Class of Contractor | : | 'C' & 'B' Class Contractor |
| 5. | Available of Bid documents in the website | : | From Dt.02.08.2023 at 10.30 A.M. to Dt.11.08.2023 at 5.00 P.M. |
| 6. | Date of Opening of Bids | : | Dt.14.08.2023 at 11.30 A.M. |

7. Bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any information regarding Addendum/Corrigendum/Cancellation of tender can be available in the said website.

**Sd./- Executive Engineer Khurda (R&B) Division, Khurda**

OIPR-34095/11/0006/2324



**GOVERNMENT OF ODISHA** No. A-386
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER & BASIN MANAGER**
**SUBARNAREKHA & BUDHABALANGA BASIN**
At/P.O.: Laxmiposi, Dist.: Mayurbhanj, Mail Id: cebmsbb2019@gmail.com
**Government of Odisha "e" PROCUREMENT NOTICE**
**Bid Identification No. 11/23-24 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | A. Construction of Raghunathpur Distributary from RD 0.00m to RD 10220m along with minor and sub minors including all structures with CC lining and service road.<br>B. Raising and strengthening of Badadhandadi to Asuradiha saline embankment |
| 2 | Estimated Cost | A. Rs.9243.09 Lakh<br>B. Rs.1461.99 Lakh |
| 3 | Bid Security/E.M.D. | A. Rs.92,43,100/-<br>B. Rs.14,62,000/- |
| 4 | Period of Completion | For 1. A. 30 (Thirty) Calendar Months & 1. B. 18 (Eighteen) Calendar Months |
| 5 | Class of Contractor | For 1. A. "Super" Class & 1. B "A" Class and "Special" Class |
| 6 | Date & Time of availability of bid document in the portal | 04.08.2023 at 10.00 A.M. |
| 7 | Last date/time for receipt of bid in the portal | 31.08.2023 upto 5.00 P.M. |
| 8 | Date & time for Pre-Bid Conference | For Sl. No. 1 A.:- 21.08.2023 Offie of the CE & BM, S & B Basin, Laxmiposi in Physical/Virtual mode through Google Meet. The interested bidder should ask to link giving their email id to **cebmsbb2019@gmail.com** (Joining time in Google Meet 11.00 A.M. to 11.30 A.M.) |
| 9 | Date of Opening of Bid | 01.09.2023 at 11.00 A.M. |
| 10 | Name & Address of the O.I.T. | Chief Engineer & Basin Manager, O/o. the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-Procurement Portal **"https://tendersodisha.gov.in"**.

**Sd./- Chief Engineer & Basin Manager Subarnarekha & Budhabalanga Basin, Laxmiposi, Mayurbhanj**

OIPR-32074/11/0022/2324



No. CAD-1476 **GOVERNMENT OF ODISHA** Email: itdagnp@nic.in
**OFFICE OF THE PROJECT ADMINISTRATOR**
**INTEGRATED TRIBAL DEVELOPMENT AGENCY, GUNUPUR**
**E-Procurement Notice**
Bid Identification No. ITDAGNP - Online - 02/2023-24

No. 901/VII-89/2023 Date: 28.07.2023

| | | | |
|---|---|---|---|
| 1. | Name of the Work | : | Construction of Building Works |
| 2. | Total No. of Works | : | 06 Nos. (Percentage rate tender) |
| 3. | Estimated Cost | : | As mentioned in Col. 3 of Annexure |
| 4. | Class of Contractor | : | As mentioned in Col. 5 of Annexure |
| 5. | Period of Completion | : | As mentioned in Col. 4 of Annexure |
| 6. | EMD | : | As mentioned in Col. 6 of Annexure |
| 7. | Paper Cost | : | As mentioned in Col. 7 of Annexure |
| 8. | Other details | : | |

| Procurement Officer | Bid Identification No. | Availability of Tender Online for Bidding | | Last date & time of seeking tender clarification | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Project Administrator, I.T.D.A., Gunupur | ITDAGNP Online 02/2023-24 | 31.07.2023 at 10.00 A.M. | 16.08.2023 upto 5.00 P.M. | 16.08.2023 upto 1.00 P.M. | 24.08.2023 at 10.00 hrs. |

9. The amount put to tender is exclusive of 18% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in**.

OIPR-26072/11/0007/2324 **Sd./- Project Administrator, I.T.D.A., Gunupur**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MINOR IRRIGATION DIVISION, ANANDAPUR**
No. A-358 At/P.O.: Salapada, Dist.: Keonjhar, PIN - 758020
**ODISHA INTEGRATED IRRIGATION PROJECT FOR CLIMATE RESILIENT AGRICULTURE (OIIPCRA)**
(WORLD BANK PROJECT ID: PI63533)
**REQUEST FOR BIDS (RFB) E-Procurement Notice**
NATIONAL OPEN COMPETITIVE PROCUREMENT FOR SMALL WORKS
RFB No. OIIPCRA-AND/W2-1/2023-24 Date: 18.07.2023

| | | |
|---|---|---|
| Name of Work | : | Modernization work of MIPS under M.I. Division, Anandapur |
| No. of works | : | 11 Minor Irrigation Tanks |
| Estimated Cost | : | From Rs.07.48 Lakhs to Rs.497.35 Lakhs Approx. (Total estimated cost of 11 tanks Rs.1346.65) |
| Cost of Bid Document | : | Free of Cost |
| Period of Completion | : | As per DTCN |
| Availability of bid documents | : | From 07.08.2023, 10.00 Hrs. to 04.09.2023 upto 15.00 Hrs. in the e-procurement website **(https://tendersodisha.gov.in)** |
| Date of Pre-Bid Meeting | : | 18 Aug. 2023 as per Para - 7 of DTCN |
| Last date & time of receipt of bid | : | Upto 04.09.2023, 15.00 Hrs. through online |
| Period of receipt of Bid Security | : | To be paid online along with the bid. Bank Guarantees also acceptable subject to verification. |
| Date of Opening of Technical Bid | : | On Dt.04.09.2023 at 15.30 Hrs. |
| Date of Opening of Financial Bid | : | To be intimated online after Offline evaluation of Technical Bid |
| Digital Signature Certificate of Bidder | : | The bidder must possess compatible Digital Signature Certificate (DSC) of Class - II or III. |
| The detail tender call notice can also be seen in the DOWR website | : | **https://dowrodisha.gov.in https://octdms.in** |
| Name & Address of the OIT | : | Superintending Engineer, M.I. Division, Anandapur, At/P.O.: Salapada, Dist.: Keonjhar, PIN - 758020 E-Mail: **mianandapur@yahoo.co.in** |
| Further details can be seen from the e-Procurement market place in | : | **https://tendersodisha.gov.in** |

**Sd./- Superintending Engineer M.I. Division, Anandapur**

OIPR-32108/11/0004/2324

# ବର୍ଷା ଦୁର୍ଦ୍ଦଶା

କେନ୍ଦ୍ରାପଡ଼ା



ସୋମବାର ବର୍ଷାରେ କେନ୍ଦ୍ରାପଡ଼ା କୋର୍ଟ ସମ୍ମୁଖ ରାସ୍ତାରେ ପାଣି ଜମିଥିବାବେଳେ ପିଲାମାନେ ସ୍କୁଲ ଛୁଟିପରେ ସେଥିରେ ପଶି ଯାଉଛନ୍ତି

ଭୁବନେଶ୍ୱର




ପୁରୁଣାଭୁବନେଶ୍ୱରର ରଥ ରୋଡ୍‌ରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି



ଭୁବନେଶ୍ୱର ରାଜମହଲ ଛକରୁ ମାଷ୍ଟରକ୍ୟାଣ୍ଟିନ୍ ଯିବା ରାସ୍ତା ବର୍ଷା ପାଣିରେ ଭରିଯାଇଛି



ଭୁବନେଶ୍ୱର ଲକ୍ଷ୍ମୀସାଗର ଦାଣ୍ଡସାହି ରାସ୍ତାରେ ଜମିଥିବା ପାଣିରେ ଗାଡିମୋଟର ଅଧା ବୁଡ଼ିଯାଇଥିବାବେଳେ ଲୋକେ ପାଣିରେ ପଶି ଯାତାୟତ କରୁଛନ୍ତି

## ଲଘୁଚାପ ଘନୀଭୂତ

# ୨ ଦିନ ପ୍ରବଳ ଛେଚିବ

**ଭୁବନେଶ୍ୱର,୩୧।୭ (ଅନିଲ ଦାସ)**

କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅଗଷ୍ଟ ୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ମହାନଦୀ ଉପରମୁଣ୍ଡ ଛତିଗଡରେ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏଥିଯୋଗୁ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ନଦୀ ଫୁଲିବ। ଏପରିକି ଏହି ନଦୀଗୁଡିକରେ ବନ୍ୟା ହେବାର ସମ୍ଭାବନା ଆଶଙ୍କା ସୃଷ୍ଟି ହୋଇଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ ମଙ୍ଗଳବାର ଓ ବୁଧବାର ଅଧିକାଂଶ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁସାରେ ମଙ୍ଗଳବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, କେନ୍ଦ୍ରାପଡା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା ଓ ଢେଙ୍କାନାଳ ଜିଲାର ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲାରେ ୧୫ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ଏହି ଜିଲାଗୁଡିକ ପାଇଁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଏହି ସମୟରେ କେନ୍ଦୁଝର, ଅନୁଗୋଳ, ଦେବଗଡ, ସୁନ୍ଦରଗଡ, ସମ୍ବଲପୁର, ସୋନୁପର, ବୌଦ୍ଧ, କନ୍ଧମାଳ, ରାୟଗଡା, ନବରଙ୍ଗପୁର, କୋରାପୁଟ ଏବଂ ନୟାଗଡରେ ଗୋଟିଏରୁ ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବ। ଏହି ସବୁ ଜିଲା ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବୁଧବାର ମୟୂରଭଞ୍ଜ, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, ଦେବଗଡ, ସମ୍ବଲପୁର, ସୋନପୁର, ବୌଦ୍ଧ, ସୁନ୍ଦରଗଡ, କଟକ ଓ ବାଲେଶ୍ୱର ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

ମୌସୁମୀ ସକ୍ରିୟ ରହିଥିବାରୁ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ବର୍ଷା ହୋଇଛି। ଭୁବନେଶ୍ୱରରେ ସର୍ବାଧିକ ୧୮୬ ମିଲିମିଟର ବର୍ଷା ହୋଇଥିବା ବେଳେ, ଚାନ୍ଦବାଲିରେ ୨୦, ବାରିପଦାରେ ୧୪.୨, ତାଳଚେରରେ ୪୨, ଫୁଲବାଣୀ ୧୮.୨, ସୋନପୁର ୧୬.୮, ନୟାଗଡରେ ୧୯.୮ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ମହାନଦୀ, ବୈତରଣୀରେ ବନ୍ୟା ଆଶଙ୍କା





ଭୁବନେଶ୍ୱର କସ୍‌ମୋପଲିସ୍ ଅଞ୍ଚଳରେ ଜମି ରହିଥିବା ପାଣି



ଭୁବନେଶ୍ୱର ଝାରପଡ଼ା କେନାଲ ରୋଡ୍‌ରୁ ଚିନ୍ତାମଣିଶ୍ୱର ମନ୍ଦିର ଯିବା ରାସ୍ତାରେ ଜଣଙ୍କ ଘରେ ପଶିଥିବା ବର୍ଷା ପାଣି



ପୁରୀ

ପୁରୀ ବଡ଼ଦାଣ୍ଡରେ ବର୍ଷାପାଣିର ସୁଅ ଛୁଟୁଛି



କଟକ

କଟକ ସହରର ପଟ୍ଟାପୋଲ ଅଞ୍ଚଳରେ ବର୍ଷା ପାଣି ବୁଡ଼ି ରହିଛି ଗାଡ଼ି, ଘର



ପୁରୁଣା ଭୁବନେଶ୍ୱରର ଗୋସାଗୋରେଶ୍ୱର ଛକ ଜଳାର୍ଣ୍ଣବ



କେନ୍ଦ୍ରାପଡ଼ା ଜିଲା ଗରଦପୁର ରାସ୍ତା ଉପରେ ପାଣି




ଭୁବନେଶ୍ୱରରେ ସୋମବାର ଅପରାହ୍ନରେ ପ୍ରବଳ ବର୍ଷା ଯୋଗୁ ଖଣ୍ଡଗିରି ରାଜୀବନଗରରେ ପାଣି ଘେରରେ ଫସିରହିଥିବା ମହିଳା ଓ ଶିଶୁଙ୍କୁ ବୋଟ୍‌ରେ ଉଦ୍ଧାର କରାଯାଉଛି।




ସତ୍ୟନଗରରେ ଲୋକଙ୍କ ଘର ଭିତରେ ବର୍ଷା ପାଣି ପଶିଛି। ଅନ୍ୟଜଣଙ୍କ ଘର ପରିସରରେ ବର୍ଷା ଓ ଡ୍ରେନ୍ ପାଣି ଲହରି ଭାଙ୍ଗୁଛି।

**ରାଜଧାନୀରେ ପ୍ରବଳ ବର୍ଷା**

# ରାସ୍ତା, ଘର ଏକାକାର

*ଭୁବନେଶ୍ୱର, ୩୧।୭ (ବନ୍ଦନା ସେଠୀ): ରାଜ୍ୟରେ ଲଘୁଚାପଜନିତ ମୌସୁମୀ ବର୍ଷା ଲାଗି ରହିଥିବାବେଳେ ସୋମବାର ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ଅଞ୍ଚଳରେ ଘଡ଼ଘଡ଼ି, ବଜ୍ରପାତ ସହ ପ୍ରବଳ ବର୍ଷା ହୋଇଥିଲା। ଅପରାହ୍ନ ୫ ଟା ୩୦ ସୁଦ୍ଧା ୧୮୬ମି.ମି. ବର୍ଷା ହୋଇଥିବାବେଳେ ରାତି ତମାମ ତୁହାକୁ ତୁହା ବର୍ଷା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା। ସହରର ପ୍ରମୁଖ ରାସ୍ତା ନଦୀର ଭ୍ରମ ସୃଷ୍ଟି କରୁଥିବାବେଳେ କଲୋନୀ ଓ ବସ୍ତି ରାସ୍ତାରେ ବର୍ଷା ପାଣିର ସୁଅ ଛୁଟିଥିଲା। ସ୍ଥିତି ଏପରି ହୋଇଥିଲା ସହରର ବହୁ ସ୍ଥାନରେ ରାସ୍ତା ଓ ଘର ଏକାକାର ହୋଇପଡିଥିଲା। ଘରେ, ବାହାରେ, ଅଫିସ୍ ଭିତରେ ବର୍ଷା ପାଣିର ରାଜୁତି ଚାଲିଥିଲା। ବିଶେଷକରି ତଳି ଅଞ୍ଚଳର ସ୍ଥିତି ଉଦ୍‌ବେଗଜନକ ହୋଇପଡିଥିଲା। ଗାଡିମୋଟର ପାଣିରେ ବୁଡ଼ି ରହିଥିବାଛାତ୍ରୀଛାତ୍ର, ସାଧାରଣ ଲୋକେ କେଉଁଠି ଆଣ୍ଠୁଏ ତ ଆଉ କେଉଁଠି ଛାତିଏ ପାଣିରେ ପଶି ଯିବା ଆସିବା କରୁଥିବା ଦେଖିବାକୁ ମିଳିଥିଲା। ଖଣ୍ଡଗିରି ରାଜୀବନଗରରେ ବହୁ ପରିବାର ଫଶି ରହିଥିଲେ। ଖବର ପାଇବା ପରେ ବିଏମ୍‌ସି କମିଶନରଙ୍କ ସମେତ ଅନ୍ୟ ଅଧିକାରୀମାନେ ଅଗ୍ନିଶମ ବାହିନୀ ସହାୟତାରେ ବୋଟ୍ ଯୋଗେ ଲୋକଙ୍କୁ ଉଦ୍ଧାର କରିବା ସହ ରିଲିଫ୍ ବାଣ୍ଟିଥିଲେ।*

## ବାରମ୍ବାର ବୈଠକ, ଠିକ୍ ସମୟରେ ବିଏମ୍‌ସି ଫେଲ୍

ସହରକୁ ଜଳବନ୍ଦୀରୁ ରକ୍ଷା କରିବା ପାଇଁ ବିଏମ୍‌ସି ବିଭିନ୍ନ ରଣନୀତି ଆପଣାଉ ଥିବାବେଳେ ଠିକ୍ ସମୟରେ ଫେଲ୍ ମାରୁଛି। ଅସରାଏ ବର୍ଷା ସବୁ ବିଗାଡ଼ି ଦେଉଛି। ବିଶେଷକରି ଡ୍ରେନ୍ ନିର୍ମାଣ, ସଫେଇ କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି। କୁଢ କୁଢ ଅଳିଆ ଡ୍ରେନ୍‌ରେ ଫଶି ରହି ଥିବାରୁ ବର୍ଷା ପାଣି ଡ୍ରେନ୍‌କୁ ନ ଯାଇ ରାସ୍ତା ଏବଂ ଲୋକଙ୍କ ଘରେ ପଶୁଛି। ପ୍ରତିବର୍ଷ ଏଭଳି ସ୍ଥିତି ଉପୁଜୁଥିଲେ ବି ବିଏମ୍‌ସି ନିଦା ବିଷ୍ଣୁ ସାଜିଛି। ଗତମାସ ୧୯ ତାରିଖରେ ଜଳବନ୍ଦୀ ସମସ୍ୟାର ମୁକାବିଲା ପାଇଁ ବିଏମ୍‌ସି ଏନ୍‌ଏଚ୍‌ଏଆଇ ସହିତ ଆଲୋଚନା କରିଥିଲା। ତୁରନ୍ତ ଜାତୀୟ ରାଜପଥ ପ୍ରାଧିକରଣଙ୍କ ଅଧିନରେ ଥିବା ସମସ୍ତ ଡ୍ରେନ୍ ସମସ୍ୟା ସମାଧାନ କରିବାକୁ କମିଶନର କହିଥିଲେ। ମାତ୍ର ନିର୍ଦ୍ଦେଶ କେତେଦୂର କାର୍ଯ୍ୟକାରୀ ହୋଇଛି ତାହା ଏହି ଜଳବନ୍ଦୀକୁ ଦେଖି ସ୍ପଷ୍ଟ ହେଉଛି। ସେହିପରି କେବଳ ଚଳିତ ମାସରେ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ବିଏମ୍‌ସି ୪ଥର ବୈଠକ କରିଛି। କେତେବେଳେ ଡ୍ରେନେଜ୍ ବିଭାଗ ଅଧିକାରୀଙ୍କ ସହିତ ତ କେତେବେଳେ ୱାର୍ଡ ଅଫିସର ଆଉ କେତେବେଳେ ଏନ୍‌ଏଚ୍‌ଆଇ ଏବଂ ମୁଖ୍ୟ ଶାସନ ସଚିବଙ୍କ ସହିତ। ବୈଠକ ପରେ ବୈଠକ କରି ବିଏମ୍‌ସି କେବଳ ଲୋକଙ୍କୁ ଭୂଆଁ ବୁଲାଉଥିବାବେଳେ ବାସ୍ତବରେ ସେତିକି କାମ କରୁନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି।

## ଜଳବନ୍ଦୀ ସମସ୍ୟା ନେଇ ଅଭିଯୋଗ କଲେ ସହରବାସୀ

ଜଳବନ୍ଦୀ ସମସ୍ୟା ହେବା ପରେ ବିଏମ୍‌ସି କମିଶନର ସହରର ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। ପ୍ରବଳମାତ୍ରାରେ ବର୍ଷା ହୋଇଥିବାରୁ ବିଏମ୍‌ସିର ମୁଖ୍ୟ ଡ୍ରେନ୍ କୁହାଯାଉଥିବା ଡ୍ରେନ୍ ନଂ. ୧୦, ୭, ୪ ଏବଂ ୫ରେ ବର୍ଷା ଜଳ ଓଭରଫ୍ଲୋ ହୋଇଥିଲା। ଫଳରେ ବିଭିନ୍ନ ସ୍ଥାନରେ ଡ୍ରେନ୍ ଏବଂ ବର୍ଷା ପାଣି ରାସ୍ତାକୁ ଉଛୁଳିଥିଲା। ତେବେ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବା ନେଇ ପଦକ୍ଷେପ ଜାରି ରହିଥିବା କମିଶନର କହିଥିଲେ। ଅପରପକ୍ଷେ ସୋମବାର ରାତି ୯ଟା ସୁଦ୍ଧା ଜଳବନ୍ଦୀ ସମସ୍ୟା ନେଇ ୱାକିଟକି ଏବଂ ୧୯୨୯ ଟୋଲ ଫ୍ରି ନଂ.ରେ ମୋଟ୍ ୭୯ଟି ଅଭିଯୋଗ ଆସିଛି। ଅଭିଯୋଗ ପାଇବା ପରେ ୨୫ଟି ପମ୍ପସେଟ୍ ଲଗାଯାଇଛି। ଦକ୍ଷିଣପୂର୍ବ ଜୋନ୍‌ର ୱାର୍ଡ ନଂ. ୫୪ ଅନ୍ତର୍ଗତ ରାମକୃଷ୍ଣ ମିଶନ ସ୍କୁଲ ନିକଟରେ ପମ୍ପସେଟ୍ ଲଗାଯାଇ ଜଳ ନିଷ୍କାସନ କରାଯାଉଛି। ଏବଂ ସେଠାରୁ ୨୮୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ସେହିପରି ୱାର୍ଡ ନଂ. ୬୨ ଓ ୪୬ର କିଛି ଅଞ୍ଚଳରେ ମଧ୍ୟ ଲୋକଙ୍କୁ ସ୍ଥାନାନ୍ତର କରାଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

## ଭୁଶୁଡ଼ିଲା ଏମ୍ସ ପାଚେରି

### ଦୁଇ କର୍ମଚାରୀ, ଚା' ଦୋକାନୀ ଆହତ



ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ): ଭୁବନେଶ୍ୱରରେ ସୋମବାର ପ୍ରବଳ ବର୍ଷାରେ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍ସ)ର ପାଚେରି ଭୁଶୁଡ଼ି ଯାଇଛି। ଏଥିରେ ଏମ୍ସର ୨ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଜଣେ ଚା' ଦୋକାନୀ ଆହତ ହୋଇଛନ୍ତି। ସେମାନେ ହେଲେ ହାଉସ୍‌କିପିଂ କର୍ମଚାରୀ ଆକାଶ ନାୟକ ଓ ରମେଶ ନାୟକ ଏବଂ ଚା' ଦୋକାନୀ ମୀନତି ନାୟକ। ମୀନତି ସେଠାରେ ଅସ୍ଥାୟୀ ଚା' ଦୋକାନ କରିଥିବା ବେଳେ କର୍ମଚାରୀ ଦ୍ୱୟ ସେଠାକୁ ଚା' ପିଇବାକୁ ଆସିଥିଲେ ବୋଲି ସୂଚନା ମିଳିଛି। ସମସ୍ତେ ଏମ୍ସରେ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ସୂଚନାଯୋଗ୍ୟ, ସନ୍ଧ୍ୟା ପ୍ରାୟ ୬ଟାରେ ଏହି ଘଟଣା ଘଟିଥିଲା। ମ୍ସ ବାମ ପାର୍ଶ୍ୱ ପାଚେରି ପାଖରେ ବର୍ଷା ପାଣି ଜମି ରହିଥିଲା। ପ୍ରାୟ ୨୦ ଫୁଟ ଲମ୍ବ ଓ ପ୍ରାୟ ୧୦ ଫୁଟ ଉଚ୍ଚର ପାଚେରିଟି ହଠାତ୍ ଭୁଶୁଡି ପଡିଥିଲା। ଖବର ପାଇ ଅଗ୍ନିଶମ ଟିମ୍ ସେଠାରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲା। ତେବେ ଉକ୍ତ ପାଚେରିଟି ବହୁ ପୁରୁଣା ବୋଲି ସୂଚନା ମିଳିଛି।

## ଘରେ ପଶିଲା ବର୍ଷା ପାଣି

ନ୍ୟୁ ଫରେଷ୍ଟ ପାର୍କ ଅଞ୍ଚଳରେ ଥିବା ବଡ କନେକ୍ଟିଙ୍ଗ୍ ଡ୍ରେନ୍ ଭାଙ୍ଗି ଯାଇଥିବାରୁ ଅଞ୍ଚଳରେ ଜଳବନ୍ଦୀ ସ୍ଥିତି ଦେଖାଦେଇଥିଲା। ଏଠାରେ ରହିଥିବା ଘରର ଗ୍ରାଉଣ୍ଡ୍ ଫ୍ଲୋର୍, ପାଖରେ ଥିବା ଦୋକାନଗୁଡିକରେ ପାଣି ପଶି ଯାଇଥିଲା। ଜଳବନ୍ଦୀ ସୃଷ୍ଟି ହୋଇଥିବାରୁ ଯିଏ ଯେଉଁଠି ପାରିଥିଲେ ଅଟକି ରହିଥିଲେ। ପ୍ରାୟ ୫ଶହ ଲୋକେ ପାଣି ଘେରରେ ରହିଥିଲେ। ସେହିଭଳି ପୁରୁଣା ଭୁବେନଶ୍ୱର, ଖଣ୍ଡଗିରି ରାଜୀବ ନଗର, ଲକ୍ଷ୍ମୀସାଗର କେନାଲ ରୋଡ୍, ପାଣ୍ଡବ ନଗର, ଗଜପତି ନଗର, ଜାଗମରା, କସ୍ମୋପଲିସ୍, ସାମନ୍ତରାପୁର, ୱାର୍ଡ ନଂ. ୬୪ ଅନ୍ତର୍ଗତ ମଧୁସୂଦନ ସମବାୟ ନଗର, ସତ୍ୟନଗର ଆଦି ବିଭିନ୍ନ ଅଞ୍ଚଳରେ ଲୋକଙ୍କ ଘରେ ପାଣି ପଶିଯିବାରୁ ସେମାନେ ଦୁର୍ଦ୍ଦଶା ଭୋଗିଥିଲେ। ସେହିପରି ବର୍ଷା ହେବା ମାତ୍ରେ ସହରରେ ଟ୍ରାଫିକ୍ ଯନ୍ତ୍ରଣା ଆରମ୍ଭ ହୋଇ ଯାଇଥିଲ। ଜାଭିୟର ଛକରୁ ଜୟଦେବ ବିହାର, ଲକ୍ଷ୍ମୀସାଗର ଛକରୁ ବମିଖାଲ ଛକ, ରସୁଲଗଡ଼ ଛକ ବିଭିନ୍ନ ସ୍ଥାନରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା।

## ଗଛ ପଡି ସ୍କୁଟି ଚାଳକଙ୍କ ଜୀବନ ଗଲା

**ରାଜଧାନୀରେ ଅଭାବନୀୟ ଘଟଣା**



**ଭୁବନେଶ୍ୱର,୩୧।୭ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀରେ ବର୍ଷା ସମୟରେ ଚନ୍ଦ୍ରଶେଖରପୁରସ୍ଥିତ ରେଲ୍ ସଦନ ସମ୍ମୁଖ ରାସ୍ତାରେ ଏକ ଅଭାବନୀୟ ଘଟଣା ଘଟିଥିଲା। ଏକ ଗଛ ଉପୁଡି ପଡିବାରୁ କାର୍ ଓ ସ୍କୁଟି ଭାଙ୍ଗି ଯାଇଥିବାବେଳେ ଏଥିରେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶିଖରଚଣ୍ଡି ଅଞ୍ଚଳରେ ରହୁଥିବା ଗଞ୍ଜାମ ଖଲ୍ଲିକଟର ଟୁଟୁ ମହାରଣା। ମୈତ୍ରୀବିହର ଥାନା ପୋଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସୂଚନାନୁସାରେ, ସୋମବାର ଅପରାହ୍ନରେ ରାଜଧାନୀରେ ପ୍ରବଳ ମାତ୍ରାରେ ଘଡଘଡି ମାରିବା ସହ ବର୍ଷା ହେଉଥିଲା। ଏହି ସମୟରେ ନାଲକୋ ଛକରୁ ନନ୍ଦନକାନନ ରାସ୍ତାରେ ଏକ କାର୍ (ଓ ୩୩ ଆର୍ ୫୫୯୯) ଓ ଏହା ପଛକୁ ଏକ ସ୍କୁଟି ଯାଉଥିଲା। ମୈତ୍ରିବିହାର ଥାନା ଅନ୍ତର୍ଗତ ବିଡିଏ ସାଇମନ୍ଦିର ନିକଟସ୍ଥ ରାସ୍ତାରେ ହୋଇଥିବାବେଳେ ଏକ କୃଷ୍ଣଚୁଡା ଗଛ ହଠାତ୍ ଉପୁଡି ଦୁଇ ଗାଡି ଉପରେ ପଡିଥିଲା। ଏଥିରେ କାର ଚାଳକ ଅଳ୍ପକେ ବର୍ତ୍ତିଯାଇଥିବାବେଳେ ସ୍କୁଟି ଚାଳକଙ୍କ ମୁଣ୍ଡରେ ଗଛ ଗଣ୍ଡି ପଡ଼ିଯିବାରୁ ସେ ଗୁରୁତର ଆହତ ହୋଇଥିଲେ। ପିସିଆର ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତରେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ପିସିଆର୍ ଓ ଆମ୍ବୁଲାନ୍ସ ବିଳମ୍ବରେ ପହଞ୍ଚିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିଭଳି ରାସ୍ତା ଉପରେ ଗଛ ପଡିବାରୁ ଦୀର୍ଘ ସମୟ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଟ୍ରାଫିକ ପୋଲିସ ଟ୍ରାଫିକ ନିୟନ୍ତ୍ରଣ କରିବା ସହ ଚନ୍ଦ୍ରଶେଖରପୁର ଅଗ୍ନିଶମ ବିଭାଗ ରାସ୍ତା ଉପରେ ପଡିଥିବା ଗଛର ଡାଳ କାଟି ହଟାଇଥିଲା।



ଗଜପତି ନଗରରେ ଘରେ ପଶିଥିବା ବର୍ଷା ଜଳ।



ବର୍ଷା ପାଣିରେ ବୁଡି ରହିଛି ଜାତୀୟ ରାଜପଥ ଓ ଇସ୍କନ ମନ୍ଦିର ପରିସର।



ନୟାପଲ୍ଲୀ ବେହେରା ସାହି ଛକ।



ଝାରପଡା କେନାଲ ରୋଡ୍‌ରୁ ଚିନ୍ତାମଣିଶ୍ୱର ମନ୍ଦିର ରାସ୍ତାରେ ଆଣ୍ଠୁଏ ପାଣି ଜମିଛି।



ସିଆର୍‌ପି ରୋଡ୍‌ରେ ବର୍ଷା ଜଳ ଲହଡ଼ି ମାରୁଛି।



ଝାରପଡା ଜେଲ ରୋଡ୍ ।

(ଫଟୋ:ବିକାଶ ନାୟକ, ମନୋରଞ୍ଜନ ମିଶ୍ର ଓ ମୌସମ୍ ନନ୍ଦ)

# ନିଷ୍ପତ୍ତି ପରିବର୍ତ୍ତନ ପାଇଁ ବିରୋଧୀ କର୍ପୋରେଟରଙ୍କ ଧାରଣା

## ସିଏମ୍‌ସି କାଉନ୍‌ସିଲ ବୈଠକ

କଟକ, ୩୧।୭ (ସୁପ୍ରିୟା ପ୍ରିୟଦର୍ଶିନୀ)


ସିଏମ୍‌ସି କାଉନ୍‌ସିଲ୍ ବୈଠକରେ ଭାଜପା ଓ କଂଗ୍ରେସ କର୍ପୋରେଟରମାନେ ଧାରଣାରେ ବସିଛନ୍ତି।

ବିଭାଗ ପାଖରେ ହୋର୍ଡିଂ ଲଗାଇଥିବା ସଂସ୍ଥା ସମ୍ପର୍କରେ ତଥ୍ୟ ନାହିଁ। ଏପରି କି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅବମାନନା କରାଯାଇ ବିଭିନ୍ନ ସ୍ଥାନରେ ହୋର୍ଡିଂ ଲଗାଯାଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ହୋର୍ଡିଂ ଲଗାଯିବା ପାଇଁ ନିୟମ ନ ଥିଲେ ମଧ୍ୟ ଏହାକୁ କେହି ମାନୁ ନାହାନ୍ତି। ଏପରି କି ଲଗାଯାଇଥିବା ହୋର୍ଡିଂଗୁଡ଼ିକୁ କଟକ ମହାନଗର ନିଗମ(ସିଏମ୍‌ସି) କର୍ତ୍ତୃପକ୍ଷ ଏହାକୁ ହଟାଉ ନାହାନ୍ତି। ବିଭିନ୍ନ ରୁଫ୍‌ଟପ୍ ହୋର୍ଡିଂ ଲଗାଯାଇଥିଲେ ମଧ୍ୟ ସିଏମ୍‌ସି ରାଜସ୍ୱ ଆଦାୟରେ ବିଫଳ ହେଉଛି ବୋଲି ସ୍ଥାନୀୟ ବିଜୁଭବନ ପରିସରରେ ସୋମବାର ଅନୁଷ୍ଠିତ ସିଏମ୍‌ସି କାଉନ୍‌ସିଲ ବୈଠକରେ କର୍ପୋରେଟରମାନେ ଅଭିଯୋଗ କରିଛନ୍ତି।

ବୈଠକ ପ୍ରାରମ୍ଭରେ ରାଷ୍ଟ୍ରପତିଙ୍କ ଗସ୍ତ ସୁରୁଖୁରୁରେ ସମ୍ପାଦିତ ହୋଇଥିବରୁ ମେୟର ସୁବାସ ସିଂ ଖୁସି ବ୍ୟକ୍ତ କରିଥିଲେ। ଏଥିସହ ସିଏମ୍‌ସି ସଫଳତାର ସହିତ ସମସ୍ତ କାର୍ଯ୍ୟ ନିର୍ବାହ କରିଥିବାରୁ କର୍ପୋରେଟର, ଅଧିକାରୀ ଓ ଗଠିତ କମିଟିକୁ କୃତଜ୍ଞତା ଜଣାଇଥିଲେ। ଏହାପରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ କିଭଳି ପାଳନ କରାଯିବ, ସେଥିପାଇଁ ଶିକ୍ଷା ଓ ସଂସ୍କୃତି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ସ୍ୱର୍ଣ୍ଣଦେବୀ ସଂସ୍ଥାକୁ କାର୍ଯ୍ୟ ଦିଆଯିବା ନେଇ ବିରୋଧୀ ଦଳର କର୍ପୋରେଟର ମେୟରଙ୍କୁ ଘେରିଥିଲେ। ବିରୋଧୀ କର୍ପୋରେଟରଙ୍କ କହିବାନୁଯାୟୀ, ଗତ କାଉନସିଲ୍ ବୈଠକରେ ଉକ୍ତ ସଂସ୍ଥାର ଟେଣ୍ଡର ସ୍ଥଗିତ ରଖାଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ହେଲେ କାଉନ୍‌ସିଲ ରିଜୋଲ୍ୟୁସନରେ ଏହାର ପୁନର୍ବାର ତର୍ଜମା କରାଯିବ ବୋଲି ଲେଖାକୁ ନେଇ ବୈଠକରେ ବିରୋଧୀମାନେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଉକ୍ତ ଟେଣ୍ଡର ବାତିଲ ଦାବିରେ ସଭାଗୃହ ମଝିରେ କଂଗ୍ରେସ ଓ ଭାଜପା କର୍ପୋରେଟରମାନେ ଧାରଣା ଦେଇଥିଲେ। ପ୍ରକୃତରେ ସର୍ଭିସ କୋଡ୍ ଅନୁସାରେ ନିୟମ କ'ଣ ରହିଛି, ସେହି ଅନୁସାରେ ପଦକ୍ଷେପ ନେବାକୁ କର୍ପୋରେଟର ପ୍ରଦୀପ୍ତ ଖୁଣ୍ଟିଆ ମେୟରଙ୍କୁ ଅନୁରୋଧ କରିଥିଲେ। ଏଥିସହ ସେ ବିରୋଧୀଙ୍କୁ ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ସେହିପରି ଜାତୀୟ ରାଜପଥ ପାର୍ଶ୍ୱ, କାଠଯୋଡ଼ି ସେତୁ ମଝିରେ ଲଗାଯାଇଥିବା ସୁଉଚ୍ଚ ହୋର୍ଡିଂ ଲୋକଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ତୁରନ୍ତ ଏହାକୁ ହଟାଇବାକୁ ଦାବି କରାଯାଇଥିଲା। ଏପରି କି ବେଆଇନ ହୋର୍ଡିଂରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଥିଲା। ଏ ଦିଗରେ ଆଲୋଚନା କରାଯାଇ ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମେୟର କହିଥିଲେ। ଏହି ବୈଠକରେ ସିଏମ୍‌ସି କମିଶନର ନିଖିଲ ପଓ୍ୱନ କଲ୍ୟାଣ, ଡେପୁଟି କମିଶନର ଅମିୟ କୁମାର ପଣ୍ଡା, ଅଜୟ ମହାନ୍ତି, ନଗର ଯନ୍ତ୍ରୀ ଅତନୁ ସାମନ୍ତ, ନିର୍ବାହୀ ଯନ୍ତ୍ରୀ ଡି.ଆର୍ ତ୍ରିପାଠୀଙ୍କ ସମେତ ବିଭାଗୀୟ ଅଧିକାରୀ ଓ ବିଭିନ୍ନ ୱାର୍ଡର କର୍ପୋରେଟର ଯୋଗଦେଇଥିଲେ।

### ଆହାରକେନ୍ଦ୍ର ନିର୍ମାଣ ପାଇଁ ୫ କୋଟି ଖର୍ଚ୍ଚ

କଟକ ନେତାଜୀ ବସ୍ ଟର୍ମିନାଲ(ସିଏନ୍‌ବିଟି) ଆହାର କେନ୍ଦ୍ରର ଇଣ୍ଟେରିୟର ଡିଜାଇନ ବାବଦକୁ ୫ କୋଟି ଖର୍ଚ୍ଚକୁ ନେଇ କଂଗ୍ରେସ କର୍ପୋରେଟର ସନ୍ତୋଷ ଭୋଳ ବର୍ଷିଥିଲେ। ସେ କହିଥିଲେ, କିଭଳି ଭାବେ ଏହାର କାର୍ଯ୍ୟ ହୋଇଛି ଓ ଏଥିପାଇଁ କାହାକୁ କାର୍ଯ୍ୟାଦେଶ ଦିଆଯାଇଛି ସେ ସମ୍ପର୍କରେ କିଛି ତଥ୍ୟ ନାହିଁ। ହେଲେ ଏଥିପାଇଁ ପ୍ରାୟ ୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ରିଜୋଲ୍ୟୁସନରେ ଦର୍ଶାଯାଇଛି। ଏତେ ଟଙ୍କା ଖର୍ଚ୍ଚ କରାଯାଇ ପାଞ୍ଚ ତାରକା ହୋଟେଲ ନିର୍ମାଣ ଭଳି ଏହା ଲାଗୁଛି।

### ଅସନ୍ତୋଷ ବ୍ୟକ୍ତ କଲେ ଦଳୀୟ କର୍ପୋରେଟର

ବହୁ କର୍ପୋରେଟର ସେମାନଙ୍କ ୱାର୍ଡରେ କାମ ହେଉ ନ ଥିବା ନେଇ ମେୟରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାକୁ ନେଇ ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆ ଅସନ୍ତୋଷ ବ୍ୟକ୍ତ କରିବା ସହିତ କମିଟି କାହିଁକି ରହିବ ବୋଲି ପ୍ରଶ୍ନ କରିଥିଲେ। କମିଟିର ଅଜାଣତରେ ବିଭିନ୍ନ କାର୍ଯ୍ୟ କରାଯାଉଛି। ହେଲେ କମିଟି ଅଧ୍ୟକ୍ଷାଙ୍କୁ କୌଣସି ସୂଚନା ଦିଆଯାଉନାହିଁ। ୱାର୍ଡରେ ପଙ୍କୋଦ୍ଧାର ଠିକ୍ ଭାବେ ନ ହେବାରୁ ବର୍ଷା ହେଲେ ଜଳବନ୍ଦୀ ସ୍ଥିତି ଉପୁଜୁଛି। ଏପରି ଅନେକ ସମସ୍ୟା ନେଇ ମେୟରଙ୍କୁ ପ୍ରଶ୍ନ କରିଥିଲେ ସ୍ୱାସ୍ଥ୍ୟ କମିଟି ଅଧ୍ୟକ୍ଷା।

### ୨ ଦିନ ପାଳନ ହେବ ସ୍ୱାୟତ୍ତ ଶାସନ ଦିବସ

ଆସନ୍ତା ଅଗଷ୍ଟ ୩୧ରେ ସ୍ୱାୟତ୍ତ ଶାସନ ଦିବସ ପାଳନ ହେବ। ଏଥିପାଇଁ ଦୁଇଦିନ ଧରି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ପ୍ରକଳ୍ପ ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି ହୋଇଛି। ସ୍କୁଲଗୁଡ଼ିକରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ। ଏଥିସହ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## ସଂକ୍ଷେପରେ

### ଧବଳେଶ୍ୱରଙ୍କୁ ଦର୍ଶନ କଲେ ୮ ହଜାର ଶ୍ରଦ୍ଧାଳୁ

ଖୁଣ୍ଟୁଣୀ, ୩୧।୭ (ସଚ୍ଚିଦାନନ୍ଦ ପଣ୍ଡା)

ଶ୍ରାବଣ ମାସର ୪ର୍ଥ ସୋମବାର ମହାପ୍ରଭୁଙ୍କଠାରେ ଜଳଲାଗି କରିବାକୁ ଦେବୋତ୍ତର ପ୍ରଶାସନ ପକ୍ଷରୁ ବାରଣ ସତ୍ତ୍ୱେ ୮ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଧବଳେଶ୍ୱରଙ୍କୁ ଦର୍ଶନ କରିଛନ୍ତି। ଠାକୁରଙ୍କୁ ନୀତିକାନ୍ତି ପରେ ଭୋର ସାଢେ ୪ଟାରେ ମନ୍ଦିର ଦ୍ୱାର ଖୋଲାଯାଇଥିଲା। ଏହାପରେ ବୋଲ୍‌ବମ୍ ଭକ୍ତମାନେ ଧାଡିରେ ଯାଇ ମନ୍ଦିର ମୁଖଶାଳାରେ ଥିବା ଠାକୁରଙ୍କ ଲିଙ୍ଗରେ ଜଳ ଲାଗି କରିଥିଲେ। ସୋମବାର ପ୍ରାୟ ୩ ହଜାର ବୋଲ୍‌ବମ୍ ଭକ୍ତ ଓ ୫ ହଜାରରୁ ଅଧିକ ଶ୍ରଦ୍ଧାଳୁ ଠାକୁରଙ୍କୁ ଦର୍ଶନ କରିଥିବା ଧବଳେଶ୍ୱର ପୂଜକ ସମାଜ ସଭାପତି ବିଷ୍ଣୁ ଚରଣ ପତ୍ରି କହିଛନ୍ତି। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଂକ୍ରିଟ ସେତୁ ଓ ପୀଠ ନିକଟରେ ଗୁରୁଡିଝାଟିଆ ଆଇଆଇସି ସଂଯୁକ୍ତା ଖିଲାର, ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ ଓ ଧବଳେଶ୍ୱର ଫାଣ୍ଡି ଅଧିକାରୀ ପ୍ରଦୀପ ସେଠୀଙ୍କ ତତ୍ତ୍ୱାବଧାନରେ ଫୋର୍ସ ମୁତୟନ ହୋଇଥିଲେ। ଏଥିରେ ଖୁଣ୍ଟୁଣୀ, ଟାଙ୍ଗି ପୋଲିସ ସହଯୋଗ କରିଥିଲା। ଆଠଗଡ଼ର ନୂତନ ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ଓ ଦେବୋତ୍ତର ସୁପରଭାଇଜର ଭବାନୀ ଶଙ୍କର ପଣ୍ଡା ପୀଠରେ ପହଞ୍ଚି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ।

### ପରୀକ୍ଷାମୂଳକ ଭାବେ ଖୋଲିଲା ଆହାର କେନ୍ଦ୍ର

କଟକ, ୩୧।୭(ସୁପ୍ରିୟା ପ୍ରିୟଦର୍ଶିନୀ)

ନେତାଜୀ ବସ୍ ଟର୍ମିନାଲଠାରେ ନିର୍ମାଣ ହୋଇଥିବା ଅତ୍ୟାଧୁନିକ ଆହାର କେନ୍ଦ୍ର ସୋମବାର ପରୀକ୍ଷାମୂଳକ ଭାବେ ଖୋଲାଯାଇଥିଲା। ମା' ତାରିଣୀ ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ସଦସ୍ୟାମାନେ ଏହି ଆହାର କେନ୍ଦ୍ର ପରିଚାଳନା କରିବେ। ଆସନ୍ତା ୧୫ ତାରିଖରୁ ଏହା ବିଧିବଦ୍ଧ ଭାବେ ଖୋଲିବ ବୋଲି କୁହାଯାଉଛି। ସୋମବାର ଏଠାରେ ୫୦ ଜଣଙ୍କ ପାଇଁ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଏସ୍‌ଏଚ୍‌ଜିର ସଭାପତି କୁସୁମ ସାହୁ, ସେକ୍ରେଟାରୀ ଲକ୍ଷ୍ମୀପ୍ରିୟା ସାହୁ, ପୁଷ୍ପିତା ସାହୁ ପ୍ରମୁଖ ଏଠାରେ ଦାୟିତ୍ୱ ନିର୍ବାହ କରିବେ। ଏହି ଆହାର କେନ୍ଦ୍ରରେ ବିଭିନ୍ନ ପ୍ରକାର ବ୍ୟବସ୍ଥା କରାଯାଇଛି, ଆହାର କେନ୍ଦ୍ର ପରିସରରେ ଏକ କେପେଟ୍ରିଆର ବ୍ୟବସ୍ଥା ମଧ୍ୟ କରାଯାଇଛି। ଯେଉଁଠାରେ ମିଶନ ଶକ୍ତି ମହିଳାମାନେ ଚା' ଜଳଖିଆ ସହ ବିଭିନ୍ନ ପ୍ରକାର ପିଠା ବିକ୍ରି କରିବେ।

### ରେଳଧାରଣାରେ ଗୋରୁ ଛାଡ଼ି ଜଣେ ଗିରଫ

କଟକ,୩୧।୭ (କାର୍ତ୍ତିକ ସାହୁ)

ରେଳ ଧାରଣାରେ ବେଆଇନ ଭାବେ ଗୋରୁ ଛାଡ଼ିବା ଅଭିଯୋଗରେ କଟକ ଆର୍‌ପିଏଫ୍ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ତାଙ୍କ ନାମ ମନୋରଞ୍ଜନ ସାହୁ(୫୪)। ଗତ ଏପ୍ରିଲ ୯ ତାରିଖରେ କପିଳାସ ରୋଡ୍ ଷ୍ଟେଶନଠାରେ ରେଳଧାରଣା ଉପରକୁ କେତେକ ଗୋରୁ ଚାଲିଆସିଥିଲେ। ଫଳରେ ଏକ ମାଲ୍‌ବାହୀ ଟ୍ରେନ୍ ଗୋରୁଙ୍କୁ ଧକ୍କା ଦେବାରୁ କପିଳାସ ରୋଡ୍ ଓ ବୈରୀ ରେଳଷ୍ଟେଶନ ମଧ୍ୟରେ ରେଳ ଚଳାଚଳ ପ୍ରଭାବିତ ହେବା ସହ ବିଳମ୍ବିତ ହୋଇଥିଲା। ଏ ନେଇ ଆର୍‌ପିଏଫ୍ ପକ୍ଷରୁ ଏକ ମାମଲା(ନଂ.୧୦୩୮/୨୩) ରୁଜୁ ହୋଇଥିଲା। ତଦନ୍ତ କରାଯିବା ପରେ ଅଭିଯୁକ୍ତ ଜଣଙ୍କ ତାଙ୍କ ଗୋରୁଙ୍କୁ ବେପରୁଆ ଭାବେ ରେଳଧାରଣା ଉପରକୁ ଛାଡ଼ିଥିବା ଜଣାପଡ଼ିଥିଲା। ତେବେ ଆରପିଏଫ୍ ପକ୍ଷରୁ ଜନସାଧାରଣଙ୍କୁ ଗୃହପାଳିତ ପ୍ରାଣୀ ରେଳଧାରଣା ଉପରକୁ ନ ଛାଡ଼ିବା ପାଇଁ ନିବେଦନ କରାଯାଇଛି।

## ଅବକାରୀ ଏଏସ୍‌ଆଇ, ଡ୍ରାଇଭରଙ୍କୁ ଆକ୍ରମଣ ଘଟଣା, ଆଉ ଜଣେ ଅଭିଯୁକ୍ତ ଗିରଫ

ଖୁଣ୍ଟୁଣୀ,୩୧।୭(ସଚ୍ଚିଦାନନ୍ଦ ପଣ୍ଡା)

ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଡାଲୁଆ ଓ ଖଣ୍ଡୁଆଳି ଗ୍ରାମ ନିକଟ ବଣିଆବନ୍ଧ ସଂରକ୍ଷିତ ଜଙ୍ଗଲରେ ବେଆଇନ ଭାବେ ଚାଲିଥିବା ଚୋରା ଦେଶୀ ମଦଭାଟି ଉପରେ ରାଜ୍ୟ ଫ୍ଲାଇଂ ସ୍କ୍ୱାଡ୍, କଟକ ୟୁନିଟ୍-୧ର ମୋବାଇଲ ସ୍କ୍ୱାଡ୍ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ମିଳିତ ଭାବେ ଚଢାଉ କରାଯାଇଥିଲା। ଚଢ଼ାଉବେଳେ କେତେଜଣ ଚୋରା ମଦ ବ୍ୟବସାୟୀ ମୁହଁରେ ମୁଖା ପିନ୍ଧି ଅବକାରୀ ଏଏସ୍‌ଆଇ ହେମନ୍ତ ମଲ୍ଲିକ ଓ ଡ୍ରାଇଭର ବିଷ୍ଣୁ ମୋହନ ଦାସଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିସହ ୪ ଗାଡି ଭଙ୍ଗାରୁଜା କରିଥିଲେ। ଏହି ଘଟଣାରେ ପୋଲିସ ସ୍ଥାନୀୟ ଡାଲୁଆ ଗ୍ରାମ ଶବର ସାହିର ମନୋଜ ଦେହୁରୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ପୂର୍ବରୁ ଏହି ଘଟଣାରେ ରାଧାକୃଷ୍ଣପୁର ପଞ୍ଚାୟତ ଅନ୍ତର୍ଗତ ଖଣ୍ଡୁଆଳି ଗ୍ରାମର କମଳଲୋଚନ ଦାସଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଏନେଇ ଅଭିଯୋଗ ହେବା ପରେ ଖୁଣ୍ଟୁଣୀ ଥାନାରେ ଏକ ମାମଲା(ନଂ.୧୪୬/୨୩) ରୁଜୁ ହୋଇଛି।

## ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରଶାସନିକ ତତ୍ପରତା

ଚୌଦ୍ୱାର,୩୧।୭(ଆଶୁତୋଷ ଦାସ)

ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିବା ପାଇଁ ଆସନ୍ତା ୮ତାରିଖ ଅପରାହ୍ନରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ସ୍ଥାନୀୟ ଗୋପବନ୍ଧୁ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ନେତୃତ୍ୱରେ ପ୍ରଶାସନର ଏକ ଟିମ୍ ସୋମବାର ଚୌଦ୍ୱାର ଅଞ୍ଚଳ ପରିଦର୍ଶନ କରିଥିଲା। ଜିଲାପାଳ ପ୍ରଥମେ ଗୋପବନ୍ଧୁ ପଡିଆରେ ହେବାକୁ ଥିବା ହେଲିପ୍ୟାଡ, ପରେ ସଭାସ୍ଥଳ ଓ ଗୋପବନ୍ଧୁ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସହିତ ବାର୍ତ୍ତାଳାପ କରିବା ପାଇଁ ସ୍ଥାନ ନିରୂପଣ କରିଥିଲେ। ଏହି ପରିଦର୍ଶନ ସମୟରେ ବିଧାୟକ ସୌଭିକ୍ ବିଶ୍ୱାଳ, ଅତିରିକ୍ତ ତହସିଲଦାର ନାରାୟଣ ବେହେରା, ଚୌଦ୍ୱାର ଥାନା ଆଇଆଇସି ସସ୍ମିତା ଖିଲାର, ବିଡିଓ ଆଶୁତୋଷ ମିଶ୍ର, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପ୍ରେମଚାନ୍ଦ ନାୟକ, ବିଷ୍ଣୁ ଚରଣ ପରିଡ଼ା, ସୁବ୍ରତ ସାମଲ, ଅର୍ଜ୍ଜୁନ ପଣ୍ଡା, ଅଜିତ ରାୟ, ନିର୍ବାହୀ ଯନ୍ତ୍ରୀ ବସନ୍ତ ବେହେରା, ପ୍ରଦ୍ୟୁମ୍ନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସୋଭନ ମହାନ୍ତି ସମସ୍ତ ଜାଗା ଜିଲାପାଳଙ୍କୁ ନେଇ ତନଖି କରିଥିଲେ।


କଟକ ବକ୍ସିବଜାରସ୍ଥିତ ସତ୍‌ସଙ୍ଗ ବିହାରରେ ଶ୍ରୀ ଶ୍ରୀ ବଡମା'ଙ୍କ ଜନ୍ମ ଉତ୍ସବ ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗରେ ଯୋଗଦେଇଥିବା ଶ୍ରଦ୍ଧାଳୁ।

## ମୋବାଇଲ ଲୁଟ୍ ଅଭିଯୋଗରେ ୩ ଗିରଫ

ଫୁଲନଖରା,୩୧।୭ (ସତ୍ୟରଞ୍ଜନ ଦାସମହାପାତ୍ର)

ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ କଟକ ସଦର ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ଅନ୍ତର୍ଗତ ବରକୁଦା ଅଞ୍ଚଳର ପ୍ରତାପ ଭୋଇ, ଜଟଣୀ ଥାନା ଅଧୀନ ନିରଞ୍ଜନପୁର ଗ୍ରାମର ବିଶ୍ୱଜିତ୍ ବେହେରା, ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ଲେମାପଡା ଗ୍ରାମର ସୂର୍ଯ୍ୟକାନ୍ତ ଭୋଇ। ସେମାନଙ୍କଠାରୁ ୩ଟି ସ୍ମାର୍ଟଫୋନ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୪୬/୨୨) ରୁଜୁ ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ୨୦୨୨ ମେ' ୩୦ ତାରିଖ ସନ୍ଧ୍ୟାରେ କଟକ ଜିଲା ଦଧିବାମନପୁର ଗ୍ରାମର ସନ୍ଧ୍ୟାରାଣୀ ମହାପାତ୍ର ଓ ତାଙ୍କ ସ୍ୱାମୀ ଘନଶ୍ୟାମ ମହାପାତ୍ର ଏକ ସ୍କୁଟିରେ ଭୁବନେଶ୍ୱରରୁ ଘରକୁ ଫେରୁଥିଲେ। ଏହି ସମୟରେ ଅଭିଯୁକ୍ତମାନେ ଦୁଇଟି ବାଇକ୍‌ରେ ଆସି ତେଲେଙ୍ଗାପେଣ୍ଠ ଓଭରବ୍ରିଜ ନିକଟରେ ସନ୍ଧ୍ୟାରାଣୀଙ୍କ ହାତରୁ ମୋବାଇଲ ଫୋନ୍ ଲୁଟି ପଳାଇଥିଲେ। ଏନେଇ ସନ୍ଧ୍ୟାରାଣୀ ଥାନାରେ ଅଭିଯୋଗ କରିଥିଲେ। ପ୍ରତାପଙ୍କ ନାମରେ ବିଭିନ୍ନ ଥାନାରେ ୩ଟି ଆପରାଧିକ ମାମଲା ଓ ବିଶ୍ୱଜିତ୍‌ଙ୍କ ନାଁରେ ଗୋଟିଏ ମାମଲା ରହିଥିବା ଥାନାଧିକାରୀ ରଶ୍ମିରଞ୍ଜନ ମହାପାତ୍ର କହିଛନ୍ତି।

## ମେୟରଙ୍କୁ ସମସ୍ୟା ଜଣାଇଲେ ବରିଷ୍ଠ ନାଗରିକ

### ମେୟରଙ୍କ ମୋ' ୱାର୍ଡ ଅଭିଯାନ

କଟକ,୩୧।୭(ସୁପ୍ରିୟା ପ୍ରିୟଦର୍ଶିନୀ)

କଟକ ମହାନଗର ନିଗମ(ସିଏମ୍‌ସି)ର ୭ ନମ୍ବର ୱାର୍ଡରେ ମେୟର ସୁବାସ ସିଂଙ୍କ ଦ୍ୱାରା ମୋ' ୱାର୍ଡ ଅଭିଯାନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୋନାଲିସା ପ୍ୟାଲେସ ପରିସରରେ ପ୍ରଥମେ ବରିଷ୍ଠ ନାଗରିକଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରାୟ ୨୦୦ଜଣ ବରିଷ୍ଠ ନାଗରିକ ଏଥିରେ ଯୋଗଦେଇ ଡ୍ରେନ୍ ସମସ୍ୟା, ରାସ୍ତାଘାଟ, ସ୍ୱଚ୍ଛତା, ଡାକ୍ତରଖାନା, ନୂତନ କଲେଜ ପ୍ରତିଷ୍ଠା, ସ୍କୁଲ, ମଶାଣି, ଖେଳପଡିଆ, ଅଙ୍ଗନୱାଡ଼ି ସମ୍ପର୍କିତ ସମସ୍ୟା ବିଷୟରେ ମତ ଉପସ୍ଥାନ କରିଥିଲେ। ମେୟର ସିଂ ଏବଂ ସ୍ଥାନୀୟ କର୍ପୋରେଟର ମମତା ନାୟକ ପ୍ରମୁଖ ସେମାନଙ୍କ ସମସ୍ୟା ଶୁଣିଥିଲେ। ସମସ୍ୟାଗୁଡିକ ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ମେୟର ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମେୟର ସତୀଗୁମ୍ଫା ବସ୍ତିରେ ପହଞ୍ଚି ବିଭିନ୍ନ ସମସ୍ୟା ସମ୍ପର୍କରେ ବସ୍ତିବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୨୫୦ଜଣ ବସ୍ତିବାସିନ୍ଦା ମେୟରଙ୍କୁ ରାସ୍ତାଘାଟର ଉନ୍ନତୀକରଣ, ଡ୍ରେନ୍‌ଜ ସୁବିଧା, ରାସ୍ତାରେ ପେଭର୍ ବ୍ଲକ ବିଛାଯିବା, କମ୍ୟୁନିଟି ସେଣ୍ଟର ବ୍ୟବସ୍ଥା, ଅଙ୍ଗନୱାଡ଼ି ଗୃହ, ଠାକୁର ଘର ନିର୍ମାଣ, ଜାଗା ମିଶନ ଦ୍ୱାରା ସ୍ଥାୟୀ ପଟ୍ଟା ପ୍ରଦାନ, ନିର୍ମାଣ ଶ୍ରମିକ ପତ୍ର ପ୍ରଦାନ ପାଇଁ ପ୍ରସ୍ତାବ ଦେଇଥିଲେ। ମେୟର ଉକ୍ତ ପ୍ରସ୍ତାବ ଗ୍ରହଣ କରି ଏ ଦିଗରେ ଦୃଷ୍ଟି ଦିଆଯିବ ବୋଲି କହିଥିଲେ। ଏହାପରେ ଖବର କାଗଜ ବିକ୍ରେତା ସ୍ୱର୍ଗତ ରଘୁ ବେହେରାଙ୍କ ଘରେ ଖାଦ୍ୟ ଖାଇ ରାତ୍ରିଯାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କମିଶନର ଅଜୟ କୁମାର ମହାନ୍ତି, ବସ୍ତିବାସିନ୍ଦା ପୁରୁଷୋତ୍ତମ ବେହେରା, ରିତାଞ୍ଜଳି ଶତପଥୀ, ମିନତି ବେହେରା, ମମତା ଜେନା, ବାପି ସେଠୀ, ରୂପା ରାଉତ, ସିଦ୍ଧାର୍ଥ କୁମାର ବିଶ୍ୱାଳ, ଦେବାଶିଷ ରଏ ଓ ସୌମ୍ୟ ରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଖୁବ୍‌ଶୀଘ୍ର ନିର୍ମାଣ ହେବ ଅଙ୍ଗନୱାଡ଼ି ଗୃହ

### ଚୌଦ୍ୱାର ପୌର ପରିଷଦ ବୈଠକ

ଚୌଦ୍ୱାର,୩୧।୭(ଆଶୁତୋଷ ଦାସ)


ଚୌଦ୍ୱାର ପୌର ପରିଷଦ ବୈଠକରେ କାଉନ୍‌ସିଲରଙ୍କ ସହ ଅନ୍ୟମାନେ।

- ୫ ଛକରେ ଭେଣ୍ଡିଂ ଜୋନ୍ ନିର୍ମାଣକୁ ଗୁରୁତ୍ୱ
- ସ୍ୱାଧୀନତା ଦିବସ ପାଇଁ ହେବ ପ୍ରତିଯୋଗିତା

ଚୌଦ୍ୱାର ପୌର ପରିଷଦର ସାଧାରଣ ବୈଠକ ସୋମବାର ପୌର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୌର କନିଷ୍ଠ ସହାୟକ ପୂର୍ଣ୍ଣଚନ୍ଦ୍ର ପାଣି ଗତ ଜୁନ୍ ମାସର ଆୟବ୍ୟୟ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିଥିଲେ। ପୌରପାଳିକାର ଆୟ ବୃଦ୍ଧି ପାଇଁ ଚିହ୍ନଟ ହୋଇଥିବା ୫ଟି ଛକରେ ଭେଣ୍ଡିଂ ଜୋନ୍ ନିର୍ମାଣ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆସନ୍ତା ସ୍ୱାଧୀନତା ଦିବସ ପରିପ୍ରେକ୍ଷୀରେ ବିଦ୍ୟାଳୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯିବ। ଏଥିସହ କୃତୀ ପ୍ରତିଯୋଗୀମାନଙ୍କୁ ସ୍ୱାଧୀନତା ଦିବସରେ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ପୌରପାଳିକାର ବିଭିନ୍ନ ୱାର୍ଡରେ ସ୍ଥାୟୀ ଅଙ୍ଗନୱାଡ଼ି ଗୃହ ନ ଥିବା ସମ୍ପର୍କରେ କାଉନ୍‌ସିଲରମାନେ ପୌରାଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହାର ଯବାବରେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ ବିସ୍ତୃତ ବିବରଣୀ ପ୍ରଦାନ କରି କହିଥିଲେ, ଅଙ୍ଗନୱାଡ଼ି ଗୃହ ନିର୍ମାଣ ପାଇଁ ଅର୍ଥ ରହିଛି। ଖୁବ୍‌ଶୀଘ୍ର ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଥିଲେ। ସେହିପରି ୬ନଂ. ୱାର୍ଡ କାଉନ୍‌ସିଲର ଦିଲୀପ କୁମାର ସାହୁ ନିଜ ୱାର୍ଡରେ ଉନ୍ନୟନ କାର୍ଯ୍ୟ ଆଶାନୁରୂପକ ଭାବେ ହେଉ ନ ଥିବା କହି କକ୍ଷତ୍ୟାଗ କରିଥିଲେ। ପରେ ପୌରାଧ୍ୟକ୍ଷା ଓ ଉପାଧ୍ୟକ୍ଷ ଆଗାମୀ ସ୍ୱାଧୀନତା ଦିବସ ପୂର୍ବରୁ ସମସ୍ତ ୱାର୍ଡରେ ଆବଶ୍ୟକ ଉନ୍ନୟନ କାର୍ଯ୍ୟ ଶେଷ କରିବାକୁ ପୌରଯନ୍ତ୍ରୀ ସଞ୍ଜୟ କୁମାର ସାମଲ ଓ ଶୁଭଶ୍ରୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ବୈଠକରେ ନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ପ୍ରେମଚାନ୍ଦ ନାୟକ, ବିଧାୟକଙ୍କ ପ୍ରତିନିଧି ବିଷ୍ଣୁ ଚରଣ ପରିଡ଼ାଙ୍କ ସମେତ ସମସ୍ତ କାଉନ୍‌ସିଲର ଓ ପୌର କର୍ମଚାରୀ ଉପସ୍ଥିତ ଥିଲେ।


ସୋମବାର ଅପରାହ୍ନରେ ଲଗାଣ ବର୍ଷା ଯୋଗୁ କଟକ ଲିଙ୍କ୍‌ରୋଡ ରାସ୍ତାରେ ଜମି ରହିଥିବା ବର୍ଷାପାଣି।


କଟକ ପଟାପୋଲ ଅଞ୍ଚଳର ଏକ ଘରେ ବର୍ଷାପଣି ପଶିଛି।


କଟକ ବାରପଥର କେନାଲରୋଡ୍‌ରେ ବର୍ଷାପାଣିର ସୁଅ।

# ଡ୍ରେନ୍ ସଫା ହେଲାନି, ଭାସିଲା ଆର୍ବଜନା

ଖୋର୍ଦ୍ଧା,୩୧।୭ (ପ୍ରଭାତ ପାଣିଗ୍ରାହୀ)

ବର୍ଷାଦିନ ପୂର୍ବରୁ ଡ୍ରେନ୍ ସଫେଇ ଓ ମରାମତି ଉପରେ ଖୋର୍ଦ୍ଧା ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ସୋମବାର ଲଗାଣ ବର୍ଷାରେ ଖୋର୍ଦ୍ଧା ସହରର ସାହି, ଗଳିକନ୍ଦି, ମୁଖ୍ୟ ରାସ୍ତାରେ ପାଣି ଜମିରହିଥିଲା। ଆବର୍ଜନା ଭାସିବା ସହ ଯାତାୟାତ କରିବାରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଅନ୍ୟପଟେ ମୁଖ୍ୟ ରାସ୍ତାକୁ ବାଦ୍ ଦେଲେ ସାହିଗଳିକନ୍ଦିରୁ ଅଳିଆ ହଟୁନି। ଫଳରେ ବର୍ଷାଦିନେ ପାଣି ଜମି ଡେଙ୍ଗୁକୁ ଆମନ୍ତ୍ରଣ କରୁଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ନିକଟରେ ଡେଙ୍ଗୁ ନିରାକାରଣ ବୈଠକରେ ଜିଲାପାଳ ଖୋର୍ଦ୍ଧା ସହର ଡ୍ରେନ ସଫେଇ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଜିଲାପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ପୌର ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ। ପୌର କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ସହର ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଜିଲାପାଳଙ୍କ କାର୍ଯ୍ୟାଳୟ, ଭିଜିଲାନ୍ସ ଅଫିସ, ବ୍ଲକ ଅଫିସ, ପୌର କାର୍ଯ୍ୟାଳୟ ଆଦି ସରକାରୀ କାର୍ଯ୍ୟାଳୟ ସମେତ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ବର୍ଷା ଜଳ ନିଷ୍କାସନ ଲାଗି କୌଣସି ବ୍ୟବସ୍ଥା ନ ଥିବାରୁ ପାଣି ଜମି ରହୁଛି। ଏଠାରେ ବର୍ଷା ଜଳ ଲହଡ଼ି ମାରୁଛି। ଭିଜିଲାନ୍ସ ଅଫିସ ନିକଟ ୱାର୍ଡ -୫ ସ୍ଥିତି ଦୟନୀୟ ହୋଇ ରହିଛି। ଅପରିଷ୍କାର ପାଣିରେ ଲୋକେ ଯାତାୟାତ କରୁଛନ୍ତି। ଏଥିସହିତ ରାସ୍ତା କଡରେ ଗଦା ହୋଇଥିବା ଅଳିଆ ଆବର୍ଜନା ମଧ୍ୟ ରାସ୍ତାରେ ଏଣେତେଣେ ପଡି ରହିଛି। ରାସ୍ତାଠାରୁ ଡ୍ରେନ ଉପରେ ରହିଥିବାରୁ ବର୍ଷା ଜଳ ନିଷ୍କାସନ ହୋଇ ନ ପାରି ଜମି ରହୁଛି। ପଲ୍ଲା ଛକ, ନୂଆବସଷ୍ଟାଣ୍ଡ ରୋଡର ଏକାଧିକ ସ୍ଥାନ, ନୟାଗଡ ରୋଡ, ପୁରୁଣା ଦମକଳ ଛକ, ତଳ, ଉପର ସାହି, ଖ୍ରୀଷ୍ଟିଆନ ସାହି, ବରୁଣେଇ ସାହି, ଗୋପିନାଥ ସାହି, ରାଧାବଲ୍ଲଭ ସାହିରେ ବର୍ଷା ପାଣି ଜମିଥିବା ଦେଖିବାକୁ ମିଳିଛି। ବର୍ଷା ପୂର୍ବରୁ ଡ୍ରେନ ସଫେଇ ନ ହେବାରୁ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତା ଉପରେ ଆଣ୍ଠୁଏ ଉପରେ ପାଣି ଚାଲିଛି। ବର୍ଷାଜଳରେ ଡ୍ରେନର ଅଳିଆ ଆର୍ବଜନା ମଧ୍ୟ ଭାସି ପୂତଗନ୍ଧମୟ ସୃଷ୍ଟି ହୋଇଛି। ପୌର କାର୍ଯ୍ୟାଳୟ ନିକଟରେ ରହିଥିବା ବିଦ୍ୟାଳୟ ସମ୍ମୁଖ ଡ୍ରେନ ପୋତି ହୋଇଗଲାଣି। ଏହାକୁ ମଧ୍ୟ ସଫା କରାଯାଉନାହିଁ। ଫଳରେ ଡ୍ରେନରେ ପାଣି ଭର୍ତ୍ତି ହୋଇ ରାସ୍ତାରେ ଭାସୁଛି। ଏଥିପ୍ରତି ପୌର ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି।


ରାସ୍ତାରେ ଜମି ରହିଥିବା ବର୍ଷାଜଳ।

## ଏମାନେ ଯାହା କୁହନ୍ତି...

"ଖୋର୍ଦ୍ଧା ସହରରେ ଏହି ସମସ୍ୟା ଆଜିକାଲିର ନୁହଁ, ଦୀର୍ଘ ବର୍ଷ ଧରି ଲାଗି ରହିଛି। କେବଳ ବର୍ଷାଦିନ ଆସିଲେ ଲୋକଦେଖାଣିଆ ଭାବେ ସଫା କରି ଛାଡି ଦିଆଯାଉଛି। ବଳକା ଦିନ ସମାନ ସମସ୍ୟା ରହୁଛି। ପରିମଳ ସୁଧାରିବା ଲାଗି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ସବୁ ସରକାରୀ କାଗଜ କଲମରେ ସୀମିତ, କୌଣସି ପରିବର୍ତ୍ତନ ନାହିଁ।
- ଗୋପାଳ କୃଷ୍ଣ ଦାସ, ସାମାଜିକ କର୍ମୀ

"ବର୍ତ୍ତମାନ ସୁଦ୍ଧା ଡ୍ରେନ୍ ମରାମତି ଏବଂ ଡ୍ରେନ ସଫେଇ ପ୍ରତି ପୌର ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଗଲା ନାହିଁ। ଫଳରେ ଏଭଳି ସ୍ଥିତି ଉପୁଜିଛି। ଆଗକୁ ଏଭଳି ବର୍ଷା ହେଲେ ସହର ଅବସ୍ଥା ଏହାଠାରୁ ଅଧିକ ଖରାପ ହେବାର ସମ୍ଭାବନା ରହିଛି।
- ଶିଶିର ପରିଡା, କଂଗ୍ରେସ ପିସିସି ସଦସ୍ୟ

"ଡ୍ରେନ ସଫେଇ ଲାଗି ଠିକାସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ସହରର ମୁଖ୍ୟ ଡ୍ରେନ୍ ସଫା କରାଯାଇଛି। ଆଗକୁ ଏହାକୁ ତ୍ୱରାନ୍ୱିତ କରାଯିବ। ପୌର ପ୍ରଶାସନ ପକ୍ଷରୁ ଡ୍ରେନେଜ୍ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଗୁରୁତ୍ୱ ଦିଆଯାଉଛି।
- ଶୌର୍ଯ୍ୟ ରଞ୍ଜନ ମହାନ୍ତି, ପୌର ଉପାଧ୍ୟକ୍ଷ

## ସଂକ୍ଷେପରେ

### ଘରେ ପଶି ୪ଲକ୍ଷ ଟଙ୍କାର ସୁନାଅଳଙ୍କାର ନେଇଗଲେ

ବୋଲଗଡ଼,୩୧।୭(ଦେବବ୍ରତ ହୋତା)

ବୋଲଗଡ଼ ଥାନା ଅଞ୍ଚଳରେ ଦିନକୁ ଦିନ ଲୁଟେରାଙ୍କ ଉତ୍ପାତ ବଢ଼ିଚାଲିଛି। ଏହି ଥାନା ଅଧୀନ ସଂପୁର ବାଉତିପାଟଣା ସାହିର ପାଣ୍ଡବ ଦେଓଙ୍କ ଘରେ ପଶି ଦୁର୍ବୃତ୍ତମାନେ ୪ ଲକ୍ଷ ଟଙ୍କାର ସୁନା ଅଳଙ୍କାର ନେଇଯାଇଥିବା ଅଭିଯୋଗ ହୋଇଛି। ପୋଲିସ ଏସ୍ଆଇ ଲିଲି ପାତ୍ରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଅଭିଯୋଗ ମୁତାବକ, ଶନିବାର ରାତିରେ ପାଣ୍ଡବ ଘରେ ନ ଥିବା ବେଳେ ପରିବାରର ସଦସ୍ୟମାନେ ଘରେ ଶୋଇଥିଲେ। ଏହି ସୁଯୋଗରେ ଦୁର୍ବୃତ୍ତମାନେ ଘରେ ପଶିବା ସହିତ ଶୋଇଥିବା ପରିବାର ସଦସ୍ୟଙ୍କ ମୁହଁରେ ନିଶା ଔଷଧ ସ୍ପ୍ରେ କରିବା ପରେ ଗଡରେଜ ଭାଙ୍ଗିଥିଲେ। ସେଥିରେ ଥିବା ଗୋଟିଏ ସୁନାହାର, ଦୁଇ ହଳ କାନ ପେଣ୍ଡି, ସୁନାଚେନ, ୬ଟି ସୁନାବାହୁଟି, ୪ଟି ସୁନାକାଚ, ୧୮୦ ଗ୍ରାମ ରୁପା ଅଳଙ୍କାର ଓ ୫ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ। ରବିବାର ସକାଳେ ଘରୁ ଚୋରି ହୋଇଥିବା ପରିବାର ଲୋକେ ଜାଣିବାକୁ ପାଇଥିଲେ। ଖବରପାଇ ପାଣ୍ଡବ ଘରେ ପହଞ୍ଚି ଘଟଣା ସମ୍ପର୍କରେ ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ।

### ଚଳନ୍ତା ଟ୍ରେନରୁ ଖସି ୨ ଶ୍ରମିକ ଗୁରୁତର

ବାଲୁଗାଁ,୩୧।୭(ସଂଗ୍ରାମ ପାଇକରାୟ)

ଖୋର୍ଦ୍ଧା ରେଳ ଡିଭିଜନ ଅନ୍ତର୍ଗତ ବାଲୁଗାଁ ରେଳ ଷ୍ଟେଶନର ଅନତି ଦୂରରେ ରବିବାର ରାତିରେ ଏକ ଟ୍ରେନରୁ ଖସି ପଡ଼ି ଦୁଇ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗଞ୍ଜାମ ଜିଲା କୋଦଳା ଥାନା ଅଞ୍ଚଳର ଅଭିରାମ ଦୋରା ଏବଂ ପୁରୀ ଜିଲା ବ୍ରହ୍ମଗିରି ଥାନା ଅଞ୍ଚଳର ହରି ବେହେରା। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୮ଟାରେ ପୁରୀ-ଚେନ୍ନାଇ ସୁପରଫାଷ୍ଟ ବାଲୁଗାଁ ଷ୍ଟେଶନରେ ରହଣି ପରେ ଛାଡ଼ିଥିଲା। ପ୍ରାୟ ଦୁଇ କିଲୋମିଟର ଅତିକ୍ରମ କରିଥିବା ବେଳେ ଟ୍ରେନର ଫାଟକ ନିକଟରେ ଛିଡ଼ା ହୋଇଥିବା ଉପରୋକ୍ତ ଦୁଇ ଶ୍ରମିକ ଅସାବଧାନତାବଶତଃ ଟ୍ରେନରୁ ଖସି ପଡ଼ିଥିଲେ। ଖବରପାଇ ବାଲୁଗାଁ ରେଳ ସୁରକ୍ଷା ବାହିନୀ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ଦୁଇ ଶ୍ରମିକ କାମ ଉଦ୍ଦେଶ୍ୟରେ ଚେନ୍ନାଇ ଯାଉଥିବା ଜଣାପଡ଼ିଛି।

### ଶିକ୍ଷକଙ୍କ ଘରୁ ସୁନା ଅଳଙ୍କାର ଚୋରି

ବେଗୁନିଆ,୩୧।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ଥାନା ଅନ୍ତର୍ଗତ କୋଲ୍ଥୁଆପାଟଣା ଗ୍ରାମର ଶିକ୍ଷକ ନିରଞ୍ଜନ ଛାଟୋଇଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଚୋରି ହୋଇଥିବା ନେଇ ସୋମବାର ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ନିରଞ୍ଜନ ଏବଂ ତାଙ୍କ ପରିବାର ଲୋକେ ରବିବାର ରାତିରେ ଘରେ ଶୋଇଥିଲେ। ଦୁର୍ବୃତ୍ତମାନେ ମୁଖ୍ୟ ଘର କବାଟ କାଟି ଗୋଟିଏ କୋଠରିରେ ପଶିବା ସହ ଏକ ବାକ୍ସକୁ ନେଇ ବାରିପଟକୁ ଯାଇଥିଲେ। ବାକ୍ସରେ ଥିବା ସୁନା ହାର, ମୁଦି, ପେଣ୍ଡି ଓ କାନଫୁଲ ଆଦି ଅଳଙ୍କାର ନେଇ ଦୁର୍ବୃତ୍ତମାନେ ପଳାଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୧ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅଭିଯୋଗପର୍ଦ୍ଦରେ ଦର୍ଶାଯାଇଛି।

### ବିକାଶ ପାଇଁ ସାମାଜିକ କର୍ମୀଙ୍କ ସହଯୋଗ ଲୋଡ଼ିଲେ

ନିରାକାରପୁର,୩୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ମିରିଗଦୟଣୀଠାରେ ଥିବା ଈଶାଣେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ନିରାକାରପୁର ଏବଂ ଡିଆ କପିଳେଶ୍ୱର ଦେବଙ୍କ ପୀଠରେ ଯେଭଳି ଆଲୋକ ବ୍ୟବସ୍ଥା କରାଯାଇଛି। ସେହିଭଳି ଉକ୍ତ ଗ୍ରାମ ଓ ଈଶାଣେଶ୍ୱର ଦେବଙ୍କ ପୀଠରେ ଆଲୋକ ବ୍ୟବସ୍ଥା କରିବା ପାଇଁ ସାମାଜିକ କର୍ମୀ ଶୁଭମ ଦାଶଙ୍କ ସହଯୋଗ ଲୋଡ଼ିଥିଲେ। ଏକ ମାସ ମଧ୍ୟରେ ଗ୍ରାମରେ ଆଲୋକ ବ୍ୟବସ୍ଥା ସହ ମନ୍ଦିର ଉନ୍ନତି ପାଇଁ ସରକାରଙ୍କୁ ନିବେଦନ କରିବେ ବୋଲି ଦାଶ କହିଛନ୍ତି। ଚନ୍ଦନପୁର, ମଧୁବନ, ମିରିଗଦୟଣୀ, ପଦ୍ମପୁର ଆଦି ଅଞ୍ଚଳର ଯୁବକ ଓ ବରିଷ୍ଠ ନାଗରିକ ଏହି ବୈଠକରେ ଉପସ୍ଥିତ ଥିଲେ।

## ହାତିଆଶୁଣି ଜଙ୍ଗଲରୁ ମିଳିଲା ଅଳଙ୍କାର

### ମା' ଉଗ୍ରତାରାଙ୍କ ମନ୍ଦିରରୁ ଚୋରି ଘଟଣା



ନିରାକାରପୁର,୩୧।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ଥାନା ଅଧୀନ ମୁଳିଝରଗଡ଼ସ୍ଥିତ ପ୍ରସିଦ୍ଧ ଶକ୍ତିପୀଠ ମା'ଉଗ୍ରତାରା ମନ୍ଦିରରୁ ଶନିବାର ରାତିରେ ଚୋରି ହୋଇଥିଲା। ଦୁର୍ବୃତ୍ତମାନେ ମା'ଙ୍କ ମୁକୁଟ, ଅଣ୍ଟା ପଟି, ହାର, ହାତପଲା, ଆଖି, ମଥା ଚିତା, ହାତ ପଟି ନେଇଯାଇଥିଲେ। ଏନେଇ ଅଭିଯୋଗ ପରେ ପୋଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ଉଗ୍ରତାରାଙ୍କ ମନ୍ଦିର ନିକଟରେ ଥିବା ହାତିଆଶୁଣି ଜଙ୍ଗଲରୁ ସୋମବାର ମା'ଙ୍କର କିଛି ସୁନାଅଳଙ୍କାର ମିଳିଥିବା ଭୂଷଣ୍ଡପୁର ଫାଣ୍ଡି ଅଧିକାରୀ ବିଚିତ୍ରା ନନ୍ଦ ପରିଡ଼ା କହିଛନ୍ତି। ଏଥିସହ ପୋଲିସ ସନ୍ଦେହରେ କେତେଜଣଙ୍କୁ ଥାନାକୁ ନେଇ ପଚରାଉଚରା ଚଳାଇଛି। ପ୍ରକାଶ ଯେ, ହାତିଆଶୁଣି ଜଙ୍ଗଲକୁ ସୋମବାର କେତେଜଣ ପିଲା ଗାଇ ଚରାଇବାକୁ ଯାଇଥିଲେ। ସେଠାରେ ମା'ଙ୍କର କିଛି ଅଳଙ୍କାର ପଡିଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ଅଳଙ୍କାର ଜବତ କରିଥିଲା।


ଜଟଣୀ: ନିର୍ମାଣାଧୀନ ଓଭରବ୍ରିଜ୍‌ରେ ବିପଦପୂର୍ଣ୍ଣ ଭାବେ ଯାନବାହନ ଚଳାଚଳ କରୁଛି। (ଫଟୋ-ରବୀନ୍ଦ୍ର ନାଥ ମହାକୁଡ଼)

## ଡ୍ରାଇଭର ସଂଘର ପଞ୍ଚାୟତସ୍ତରୀୟ ବୈଠକ

ବେଗୁନିଆ,୩୧।୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ପଞ୍ଚାୟତର ମା' ତାରା ଦେବୀଙ୍କ ପୀଠ ପରିସରରେ ସୋମବାର ପଞ୍ଚାୟତସ୍ତରୀୟ ଡ୍ରାଇଭର ସଂଘର ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଶ୍ରୀକାନ୍ତ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବଡବେରଣା ପଞ୍ଚାୟତର ସଭାପତି ପ୍ରତାପ ପ୍ରଧାନ, ସମ୍ପାଦକ ଅଜୟ ମାଝୀ, ଗେଡିଆପଲ୍ଲୀ ପଞ୍ଚାୟତର ଉପସଭାପତି ଭାଗୀରଥି ମହାପାତ୍ର, ପ୍ରମୋଦ ମୁଦୁଲି, ପ୍ରମୋଦ ପାତ୍ର, ପ୍ରଭାତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଅକ୍ଷୟ ବଳିୟାରସିଂହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସିକୋ ପଞ୍ଚାୟତ ଡ୍ରାଇଭର ସଂଘର ଅନିଲ ସାମନ୍ତରାୟ, ଅକ୍ଷୟ ଚମ୍ପତିଙ୍କ ସହିତ ଅନ୍ୟ ସଭ୍ୟମାନେ ଏକତ୍ରିତ ହୋଇ ଏହି ପ୍ରଥମ ସାଧାରଣ ବୈଠକ ଆୟୋଜନ କରିଥିଲେ। ଡ୍ରାଇଭର ଭାଇମାନଙ୍କ ମଧ୍ୟରେ ସଙ୍ଗଠନ କିଭଳି ସୁଦୃଢ଼ ହୋଇପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ସିକୋ ପଞ୍ଚାୟତର ନୂତନ ସଭାପତି ଭାବେ ଅନୀଲ କୁମାର ସାମନ୍ତରାୟ, ଉପସଭାପତି ସଞ୍ଜୟ କୁମାର ପାତ୍ର, ସମ୍ପାଦକ ଅକ୍ଷୟ କୁମାର ଚମ୍ପତି,ସହସମ୍ପାଦକ ଭାବେ ଭାଗୀରଥି ସାହୁଙ୍କୁ ଚୟନ କରାଯାଇଛି। ସୁରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ହାବିଲଦାରଙ୍କୁ ସେବାନିବୃତ୍ତ ସମ୍ବର୍ଦ୍ଧନା

ବୋଲଗଡ଼,୩୧।୭(ଦେବବ୍ରତ ହୋତା)

ବୋଲଗଡ ଅଗ୍ନିଶମ କେନ୍ଦ୍ରର ହାବିଲଦାର ମହାଦେବ ବେହେରାଙ୍କୁ ସୋମବାର ସେବାନିବୃତ୍ତ ସମ୍ବର୍ଦ୍ଧନା ଦିଆଯାଇଛି। ଅଗ୍ନିଶମ କେନ୍ଦ୍ର ନିରୀକ୍ଷକ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ତାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ସେ ସମ୍ବଲପୁର, ଢେଙ୍କାନାଳ, ତିଗିରିଆ ଓ ନୟାଗଡରେ କାମ କରିଥିଲେ। ହାବିଲଦାର ଜୟରାମ ବେହେରାଙ୍କ ସମେତ ଅନ୍ୟାନ୍ୟ ସମସ୍ତ ଅଗ୍ନିକମାନେ ମହାଦେବଙ୍କ ସହିତ ଥିବା ସ୍ମୃତି ବଖାଣି ଥିଲେ। ପୂର୍ଣ୍ଣଚନ୍ଦ୍ର ଦାସ ଧନ୍ୟବାଦ ଦେଇଥିଲେ।

# ୧୦ ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ

## ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନ ମେଳା


ଅତିଥିମାନେ ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

ବେଗୁନିଆ,୩୧।୭(ହର ପ୍ରସନ୍ନ ପଣ୍ଡା)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକସ୍ତରୀୟ ବିଜ୍ଞାନ ମେଳା ସୋମବାର ଡାଲତୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ଆୟୋଜିତ ଏହି ବିଜ୍ଞାନମେଳାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରିଣୀ ସ୍ନିଗ୍ଧା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ପ୍ରଧାନ, ଲକ୍ଷ୍ମୀ ଦେଈ, ଚନ୍ଦ୍ରକାନ୍ତି ନାୟକ, କୁଞ୍ଜୁରୀ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ପରମାନନ୍ଦ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ସାହୁ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ବିଦ୍ୟାଳୟରେ ବିଜ୍ଞାନ ମେଳାର ଉପକାର ଓ ବିଜ୍ଞାନ ସମ୍ପର୍କରେ ଅନେକ ସାରଣୀ ଅତିଥିମାନେ ଉପସ୍ଥାପନା କରିଥିଲେ। ଏହି ମେଳାରେ ୫୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପରିବେଶ, ଜଳ ଓ ବାୟୁମଣ୍ଡଳର ବିବର୍ତ୍ତନ, ଗଛ, ଇନ୍ଧନ, ଆଲୋକ ଆଦି ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ କୁନି ବୈଜ୍ଞାନିକମାନେ ଟିପ୍ପଣୀ ଦେଇଥିଲେ। ଆଗକୁ ହେବାକୁ ଥିବା ଜିଲାସ୍ତରୀୟ ବିଜ୍ଞାନମେଳାକୁ ୧୦ଟି ପ୍ରକଳ୍ପ ବିଚାରକଙ୍କ ଦ୍ୱାରା ମନୋନୀତ ହୋଇଛି। ଶିକ୍ଷକ ରତିକାନ୍ତ କହଲ ସିଂହ ମଞ୍ଚ ପରିଚାଳନା କରିଥିବା ବେଳେ ବିଜ୍ଞାନ ଶିକ୍ଷକ ଶ୍ରୀନିବାସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର, ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଏବଂ ଅକ୍ଷୟ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସିଆରସିସି ଗଣେଶ କୁମାର ସାହୁ ଧନ୍ୟବାଦ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ମାନପତ୍ର ଏବଂ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା।

# ଦାବି ପୂରଣ ନ ହେଲେ ୯ରେ ବିକ୍ଷୋଭ ସମାବେଶ

ବେଗୁନିଆ,୩୧।୭(ହର ପ୍ରସନ୍ନ ପଣ୍ଡା)

ଯୋଗ୍ୟ ବିବେଚିତ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟର କର୍ମଚାରୀଙ୍କୁ ଚାକିରି ସର୍ତ୍ତାବଳୀ ଓ ପେନସନ୍ ପ୍ରଦାନ, ଏହି ବର୍ଗର ବିଦ୍ୟାଳୟରେ ଖାଲି ପଡିଥିବା ପଦବୀ ପୂରଣ ଆଦି ରହିଥିବା ସମସ୍ୟା ପ୍ରତିବାଦରେ ବେଗୁନିଆ ଓଷ୍ଟା ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ପାଇଁ ନିଷ୍ପତ୍ତି ନିଆଯାଇଛି। ବ୍ଲକ ସଭାପତି ଗଣେଶ୍ୱର ମିଶ୍ରଙ୍କ ଅଧ୍ୟକ୍ଷତାରେ ଡାଲତୋଳା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସୋମବାର ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଏଥିରେ ବେଗୁନିଆ ବ୍ଲକର ଶତାଧିକ ଶିକ୍ଷୟିତ୍ରୀ,ଶିକ୍ଷକ ଓ କର୍ମଚାରୀ ଉପସ୍ଥିତ ଥିଲେ। ସରକାରଙ୍କ ନୀତି ନିୟମକୁ ସମାଲୋଚନା କରିବା ସହ ଅଗଷ୍ଟ ୫ରେ ଖୋର୍ଦ୍ଧା ଜିଲା ଓଷ୍ଟା ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମା' ଭୁଆଶୁଣିଙ୍କ ପୀଠରେ ଅନୁଷ୍ଠିତ ହେବ ବୋଲି ବ୍ଲକ ସମ୍ପାଦକ ରତିକାନ୍ତ କହଲସିଂହ ସୂଚନା ଦେଇଛନ୍ତି। ଉକ୍ତ ବୈଠକରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହିତ ଅନ୍ୟ ଜଣେ ସହକାରୀ ଶିକ୍ଷକ ଯୋଗଦେବା ପାଇଁ ସର୍ବସମ୍ମତିକ୍ରମେ ସ୍ଥିର ହୋଇଛି। ଦାବି ପୂରଣ ନ ହେଲେ ଅଗଷ୍ଟ ୯ କ୍ରାନ୍ତି ଦିବସ ଅବସରରେ ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ସମାବେଶ ହେବ ବୋଲି ସ୍ଥିର କରାଯାଇଛି। ଉକ୍ତ ସମାବେଶରେ ପ୍ରତ୍ୟେକ ବ୍ଲକରୁ ୩୦ଜଣ ଲେଖାଏ ଯୋଗଦେବାକୁ ଆହ୍ୱାନ ଦିଆଯାଇଛି। ସେହିପରି ରାଜ୍ୟ ଓଷ୍ଟା ସଙ୍ଗଠନର ନିଷ୍ପତ୍ତିକ୍ରମେ ଅଗଷ୍ଟ ୧୬,୧୭ ଓ ୧୮ ତିନିଦିନ ଧରି ଭୁବନେଶ୍ୱର ଲୋୟର ପିଏମଜି ଠାରେ ଅହୋରାତ୍ର ଧାରଣା ଦିଆଯିବ। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଉକ୍ତ ବୈଠକରେ ଡାଲତୋଳା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ପଟ୍ଟନାୟକ, ଶ୍ରୀନିବାସ ମିଶ୍ର, ଅକ୍ଷୟ କୁମାର ମହାପାତ୍ର, ପ୍ରଭାତ କୁମାର ସାହୁ, ବ୍ରହ୍ମାନନ୍ଦ ସାହୁ, ସାବିତ୍ରୀ ପ୍ରଧାନ, ବେବି ରୂପାଲି ରାଉତରାୟ, ଗୀତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଡାଲତୋଳା ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବୈଠକରେ ଓଷ୍ଟା ସଙ୍ଗଠନର କର୍ମକର୍ତ୍ତା।

# ଜନଶୁଣାଣି ଶିବିରରେ ୭୬ ଅଭିଯୋଗ

ଟାଙ୍ଗୀ(ରଘୁନାଥ ସାହୁ)/ ଗମ୍ଭାରୀମୁଣ୍ଡା, (ଦିଲ୍ଲୀପ ସ୍ୱାଇଁ) ୩୧।୭

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ସଭାଗୃହରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ଗୋଷ୍ଠୀ ଉନ୍ନୟନ ଅଧିକାରୀ(ବିଡିଓ) ଜଗଦୀଶ ଷଡ଼ଙ୍ଗୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତ୍ସ୍ନା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ମୋଟ୍ ୭୬ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ୬୯ଟି ଅଭିଯୋଗ ବ୍ୟକ୍ତିଗତ ଥିବା ବେଳେ ୩ଟି ଗ୍ରାମ ସମ୍ବନ୍ଧୀୟ ସାମୂହିକ ଅଭିଯୋଗ ରହିଥିଲା। ଜଣଙ୍କୁ ରେଡକ୍ରସ୍ ପକ୍ଷରୁ ୨ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ତତ୍କାଳ ୩ଟି ଅଭିଯୋଗର ସମାଧାନ କରାଯାଇଥିଲା। ଅନ୍ୟପକ୍ଷରେ ଚିଲିକା ବ୍ଲକ ମିଶନ ଶକ୍ତି ପକ୍ଷରୁ ଏକ କାଫେ ଉଦ୍‌ଘାଟିତ ହୋଇଯାଇଛି। ମହିଳା ସଶକ୍ତୀକରଣ ଦିଗରେ ଏହା ସହାୟକ ହୋଇପାରିବ ବୋଲି ବିଡିଓ ଷଡ଼ଙ୍ଗୀ ଉଦ୍‌ଘାଟନ କରିବା ଅବସରରେ କହିଥିଲେ। ମିଶନ ଶକ୍ତି ମହାସଂଘର ସଭାପତି, ସମ୍ପାଦକ ଓ ସଦସ୍ୟମାନେ ଉପସ୍ଥିତ ଥିଲେ।


ଜନଶୁଣାଣି ଶିବିରରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଓ ଅନ୍ୟ ଅଧିକାରୀ।

# 'ବିଜ୍ଞାନ ବିନା ବିକାଶ ଅସମ୍ଭବ'

ବୋଲଗଡ଼,୩୧।୭(ଦେବବ୍ରତ ହୋତା)

ବୋଲଗଡ଼ ଶିକ୍ଷା ବ୍ଲକ ଅନ୍ତର୍ଗତ ଟାଙ୍ଗୀସାହି ଗ୍ରାମସ୍ଥିତ ରଘୁନାଥ ମଧୁସୂଦନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ବିଜ୍ଞାନମେଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନମେଳାରେ ୨୮ଟି ମାଧ୍ୟମିକ ବିଦ୍ୟାଳୟରୁ ୫୩ଜଣ କୁନି ବୈଜ୍ଞାନିକମାନଙ୍କ ଦ୍ୱାରା ୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକଭାବେ ବୋଲଗଡ଼ସ୍ଥିତ ପରମାନନ୍ଦ ମହାବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧାପିକା ଡ. ସଞ୍ଜୁକ୍ତା ମିଶ୍ର ଓ ଜୀବବିଜ୍ଞାନ ବିଭାଗୀୟ ମୁଖ୍ୟ ଅଧାପକ ପ୍ରିୟରଞ୍ଜନ ପରିଡା ପ୍ରମୁଖ ଯୋଗଦେଇ ୧୦ଟି ପ୍ରକଳ୍ପକୁ ଚୟନ କରି ଜିଲାସ୍ତରକୁ ମନୋନୀତ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥିଭାବେ ବୋଲଗଡ଼ ମଣ୍ଡଳ ସାଧନକେନ୍ଦ୍ର ସଂଯୋଜକ ପଦ୍ମଚରଣ ବେହେରା, ମୁଖ୍ୟ ବକ୍ତା ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ କୈଳାସ ନାଥ ସ୍ୱାଇଁ, ଅମିତା ମିଶ୍ର, ସମ୍ମାନିତ ଅତିଥିଭାବେ ପ୍ରମୋଦ କୁମାର ସ୍ୱାଇଁ, ହରିବନ୍ଧୁ ତ୍ରିପାଠୀ, ପ୍ରଦୀପ କୁମାର ପରିଡା ପ୍ରମୁଖ ଯୋଗଦେଇ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଓ ବିଜ୍ଞାନ ପ୍ରକଳ୍ପର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲଛମନ ପରିଡା ଅତିଥିଭାବେ ଯୋଗଦେଇ ଏହି ବିଜ୍ଞାନ ମେଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଶିକ୍ଷକ ସନ୍ତୋଷ କୁମାର ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ କୁମାର ସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କୃତୀ କୁନି ବୈଜ୍ଞାନିକମାନଙ୍କୁ ଅତିଥିମାନେ ଟ୍ରଫି ସହିତ ପ୍ରମାଣପତ୍ର ପ୍ରଦାନ କରିଥିଲେ। ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିକ୍ଷକ ମୁନା ଖଟୁଆ ଧନ୍ୟବାଦ ଦେଇଥିଲେ।



ବ୍ଲକସ୍ତରୀୟ ବିଜ୍ଞାନମେଳାରେ ମଞ୍ଚାସୀନ ଅତିଥି।

## ବ୍ଲକସ୍ତରୀୟ ବିଜ୍ଞାନ ମେଳା

# ବର୍ଷାରେ ଅସ୍ତବ୍ୟସ୍ତ ପୁରୀବାସୀ

- ତଳିଆ ଅଞ୍ଚଳରେ ଥିବା ଘରେ ପଶିଲା ପାଣି
- ଲୋକନାଥ ପୀଠ ପରିସରରେ ପାଣି

ପୁରୀ,୩୧।୭(ଅଜିତ୍ ମହାନ୍ତି)



ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଘୂର୍ଣ୍ଣିବଳୟ ଅଧିକ ଘନୀଭୂତ ହୋଇ ଲଘୁଚାପ ରୂପ ନେଇଛି। ଏହାର ପ୍ରଭାବରେ ପୁରୀ ସମେତ ରାଜ୍ୟରେ ପ୍ରବଳ ବର୍ଷା ହୋଇଛି। ଲଘୁଚାପ କାରଣରୁ ସୋମବାର ଦିନତମାମ ସହରରେ ବର୍ଷା ଲାଗି ରହିଥିଲା। ସକାଳ ଏବଂ ମଧ୍ୟାହ୍ନ ପର୍ଯ୍ୟନ୍ତ ଆକାଶ ମେଘାଚ୍ଛନ୍ନ ରହିଥିଲା। ତେବେ ହଠାତ୍ ଅପରାହ୍ନ ୩ଟା ସମୟରେ କଳାହାଣ୍ଡିଆ ମେଘ ଆକାଶକୁ ମାଡ଼ି ଆସିଥିଲା। ପରେ ଲଗାଣ ବର୍ଷା ଆରମ୍ଭ ହୋଇଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ଝିପି ଝିପି ତଥା ମଧ୍ୟମ ଧରଣର ବର୍ଷା ଲାଗିରହିଥିଲା। ତେବେ ସନ୍ଧ୍ୟା ୬ଟାରୁ ବର୍ଷାର ପରିମାଣ ବଢ଼ିଥିଲା। ରାତି ପ୍ରାୟ ୯ଟା ପର୍ଯ୍ୟନ୍ତ ବର୍ଷା ଲାଗି ରହିଥିଲା। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି।

ରବିବାର ମଧ୍ୟ ଲଗାଣ ବର୍ଷା ହୋଇଥିବାରୁ ସହରର କିଛି ଅଞ୍ଚଳ ଏବଂ ବିଶେଷ କରି ତଳିଆ ଅଞ୍ଚଳରେ ବର୍ଷାଜଳ ଜମିଥିଲା। ଆଗାମୀ ଦୁଇ ତିନ ଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେଣୁ ଯଦି ଏପରି ବର୍ଷା ଲାଗି ରହେ ତେବେ ବିଶେଷ କରି ପୁରୀର ସୁଜାତା ନଗର, ମାଟି ତୋଟା, ବାଲି ଘାଟ, ବଳିଆ ପଣ୍ଡା ଭଳି ସହରର ଅନେକ ତଳିଆ ଅଞ୍ଚଳରେ ବାସ କରୁଥିବା ଲୋକମାନେ ଜଳ ବନ୍ଦୀ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସୋମବାର ପୁରୀରେ ମୂଷଳ ଧରଣର ବର୍ଷା ଲାଗି ରହିବା ଫଳରେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ଘରେ ବର୍ଷାଜଳ ପଶିଥିବା ଦେଖିବାକୁ ମିଳିଛି। ଲୋକମାନେ ସେମାନଙ୍କ ଜିନିଷପତ୍ର ଉପରକୁ ଉଠାଇ ଖଟ ଉପରେ ରହିବା ସହ ଘରୁ ପାଣି କାଢୁଥିବା ଦେଖିବାକୁ ମିଳିଥିଲା। ଅପରପକ୍ଷେ ଲଘୁଚାପ ବର୍ଷା ଯୋଗୁ ସମୁଦ୍ର ଅଶାନ୍ତ ଥିବାରୁ ସମୁଦ୍ରରେ ଧୀବରମାନଙ୍କୁ ମାଛ ଧରିବାରେ ମଧ୍ୟ ବାରଣ କରାଯାଉଛି। ଅନେକ ଶ୍ରଦ୍ଧାଳୁ ବର୍ଷା ସତ୍ତ୍ୱେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ବର୍ଷାରେ ଭିଜି ମଧ୍ୟ ଅନେକ ଶ୍ରଦ୍ଧାଳୁ ସିଂହଦ୍ୱାର ସମ୍ମୁଖରେ ଠିଆହୋଇ ପତିତପାବନଙ୍କ ଦର୍ଶନ କରିଥିଲେ। ସେହିପରି ମୂଷଳ ବର୍ଷା କାରଣରୁ ଅନେକ ସମୟ ଧରି ବିଦ୍ୟୁତ ଲାଇନ ବନ୍ଦ ରହିଥିଲା। ପୁରୀର ପ୍ରମୁଖ ଶୈବପୀଠ ବାବା ଲୋକନାଥଙ୍କ ମନ୍ଦିରରେ ପାଣି ଜମିବା ଦେଖିବାକୁ ମିଳିଛି। ସେହିପରି ବଡଦାଣ୍ଡ ମୁଖ୍ୟତଃ ମେଡିକାଲ ଛକ ଅଞ୍ଚଳ, ବଳଗଣ୍ଡି, ମାର୍କେଟ ଛକ, ଦଣ୍ଡତୋଟା, ଭିଆଇପି ରୋଡ୍, ସମୁଦ୍ରକୂଳ ରାସ୍ତା ଆଦି ରାସ୍ତାରେ ପାଣି ଜମି ରହିଥିଲା। ଯଦି ଏପରି ବର୍ଷା ଲାଗି ରୁହେ ତେବେ ବର୍ଷାଜଳ ନିଷ୍କାସନ ନହୋଇ ତଳିଆ ଅଞ୍ଚଳରେ ପାଣି ଜମିବା ନେଇ ଆଶଙ୍କା ଦେଖାଦେଇଛି।

## ସଂକ୍ଷେପରେ

### ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର, ଜଣେ ଗିରଫ

ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)

ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗରେ ଗୋପ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଶୋଳପୁର ଗ୍ରାମର ନିରଞ୍ଜନ ଦାସ (୪୯)। ଏନେଇ ଏକ ମାମଲା(ନଂ.୩୨୩/୨୩) ରୁଜୁ କରିଛି। ପ୍ରକାଶ ଯେ ଏହି ମାନସିକ ବିକାର ଗ୍ରସ୍ତ ମହିଳା ଜଣଙ୍କ ରବିବାର ଘରେ ଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ କୌଣସି କାର୍ଯ୍ୟରେ ଉକ୍ତ ମହିଳାଙ୍କ ନିକଟକୁ ଯାଇ ବଳାତ୍କାର କରିଥିଲେ। ପରେ ଏ ନେଇ ମହିଳାଙ୍କ ମା' ଜାଣିବା ପରେ ଥାନାର ଦ୍ୱାରସ୍ଥ ହୋଇଥିଲେ। ଅଭିଯୋଗକ୍ରମେ ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଏଏସ୍ଆଇ ଜହୁର୍ ଖାଁ ଘଣ୍ଟାଏ ମଧ୍ୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତ ନିରଞ୍ଜନଙ୍କୁ ଗିରଫ କରି ତଦନ୍ତ ଚଳାଇଛନ୍ତି। ମାମଲା ନେଇଥିବା ତଦନ୍ତକାରୀ ଅଧିକାରୀ ଭାସ୍କର ମାଣିଆ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତଙ୍କୁ ମଙ୍ଗଳବାର ଡାକ୍ତରୀ ମାଇନା କରି କୋର୍ଟ ଚାଲାଣ କରାଯିବ ବୋଲି ସୂଚନା ଦେଇଛନ୍ତି।

### କଲେଜ ପରିସରରୁ ଚୋରି ଅଭିଯୋଗରେ ୨ ଗିରଫ

ପିପିଲି,୩୧।୭(ପ୍ରଭାତ ମହାପାତ୍ର)

ନିଜିଗଡ଼କୁରୁଖି ଫାଣ୍ଡି ଅନ୍ତର୍ଗତ ଓଡ଼ିଶା ଇଞ୍ଜିନିୟରିଂ କଲେଜ ପରିସରରୁ ଚୋରି କରି କବାଡ଼ିଆରେ ବିକ୍ରି କରୁଥିବାବେଳେ ପିପିଲି ପୋଲିସ ୨ ଜଣଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିପିନ୍ ରାଠୋଡ ଏବଂ ନବାବ ଅହମ୍ମଦ। ତାଙ୍କ ପାଖରୁ ପୋଲିସ ସମସ୍ତ ଚୋରି ଲୁହା ଚୌକି ଜବତ କରିଛି। କଲେଜ ପରିସରରୁ ରବିବାର ରାତିରେ କିଛି ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ୩୪୮/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା।

### ମଝି ରାସ୍ତାରେ ହାଇୱା ଖରାପ, ଯାତ୍ରୀ ହନ୍ତସନ୍ତ

ସାକ୍ଷୀଗୋପାଳ ୩୧।୭
(ପ୍ରଶାନ୍ତ ବାରିକ/ କିଶୋର ମହାପାତ୍ର)

ସତ୍ୟବାଦୀ ଥାନା ଅନ୍ତର୍ଗତ ସାକ୍ଷୀଗୋପାଳ ମନ୍ଦିର ଓ କଲେଜ ଛକ ବାଇପାସ ରାସ୍ତାର ସ୍ୱରସତୀ ଶିଶୁ ବିଦ୍ୟାମନ୍ଦିର ନିକଟ ରାସ୍ତାରେ ସୋମବାର ଅପରାହ୍ନରେ ଏକ ହାଇୱା (ଓଡି୦୨ ଏଏଚ୍ ୩୭୭୯)ଯାଉଥିବାବେଳେ ହଠାତ୍ ମଝି ରାସ୍ତାରେ ଖରାପ ହୋଇଯାଇଥିଲା। ଫଳରେ ସାକ୍ଷୀଗୋପାଳ କଲେଜଛକଠାରୁ ଉକ୍ତ ସ୍ଥାନ ପର୍ଯ୍ୟନ୍ତ ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ବସ୍, ଟ୍ରକ୍, କାର୍, ଯାତ୍ରୀବାହୀ ବସ୍‌ଗୁଡ଼ିକ ଆଦି ଅଟକି ରହିଥିଲା। ଗାଡ଼ିଟି ଠିକ୍ ନ ହୋଇପାରିବାରୁ ବାହାରୁ ଆସିଥିବା ମଧ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ସବୁ ଫସି ରହିଥିଲେ। ଏହି ସମୟରେ ପ୍ରବଳ ବର୍ଷା ସାଙ୍ଗକୁ ସନ୍ଧ୍ୟାରେ ଦୀର୍ଘ ସମୟ ପର୍ଯ୍ୟନ୍ତ ବିଦ୍ୟୁତ୍ କାଟିବାରୁ ଫସିଥିବା ଯାତ୍ରୀଙ୍କ ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଥିଲା। ଉକ୍ତ ହାଇୱାଟି ରାସ୍ତାରେ ଏଭଳି ଅବସ୍ଥାରେ ଖରାପ ହୋଇଥିଲା ଯାହା ଉକ୍ତ ରାସ୍ତା ଦେଇ ଅନ୍ୟ କୌଣସି ଯାନବାହନ ଚଳାଚଳ କରିପାରି ନ ଥିଲା। ଖବରପାଇ ସତ୍ୟବାଦୀ ଥାନା ଆଇଆଇସି ବିଜୟ କେତନ ବେହେରା ଓ ଷ୍ଟାଫ ଆସି ଫସିଥିବା ଗାଡ଼ିକୁ ହଟାଇବାକୁ ରାତି ପ୍ରାୟ ୯ଟା ବାଜି ଯାଇଥିଲା। ପରେ ଅନ୍ୟ ସବୁ ଗାଡ଼ି ଯାତାୟାତ ହୋଇଥିଲା।

### ବିଧାୟକଙ୍କ ଦ୍ୱାରା ମିଶନଶକ୍ତି ଭବନ ଉଦ୍‌ଘାଟିତ

ପିପିଲି,୩୧।୭(ପ୍ରଭାତ ମହାପାତ୍ର)

ପୁରୀ ଜିଲା ପିପିଲି ବ୍ଲକ ପରିସରରେ ନୂତନ ଭାବେ ନିର୍ମାଣ ମିଶନଶକ୍ତି ଭବନକୁ ସୋମବାର ଆନୁଷ୍ଠାନିକ ଭାବେ ପିପିଲି- ଡେଲାଙ୍ଗ ନିର୍ବାଚନମଣ୍ଡଳୀର ବିଧାୟକ ରୁଦ୍ରପ୍ରତାପ ମହାରଥୀ ଉଦ୍‌ଘାଟନ କରିଛନ୍ତି। ଏହି ସମୟରେ ପିପିଲି ବ୍ଲକ ବିଡ଼ିଓ ସସ୍ମିତା ନାଥ, ପିପିଲି ବ୍ଲକ ଅଧ୍ୟକ୍ଷା ଦେବସ୍ୱିନୀ ନନ୍ଦ, ଭାଇସ ଚେୟାରମ୍ୟାନ ପ୍ରଫୁଲ୍ଲ ସ୍ୱାଇଁ, ଯୁବନେତା ଧରଣୀଧର ସାହୁ, ଆର୍ତ୍ତବନ୍ଧୁ ସାମନ୍ତରାୟଙ୍କ ସହିତ ମହିଳା ମିଶନଶକ୍ତି ସଦସ୍ୟା ଉପସ୍ଥିତ ଥିଲେ।

# ପ୍ରଧାନମନ୍ତ୍ରୀ ଆବାସ, ଫନି ଆବାସ ପାଇଁ ବିଜେଡି- ଭାଜପା ରାଜନୈତିକ ଯୁଦ୍ଧ

**୨୦୧୧ ଜନଗଣନା ଅନୁଯାୟୀ ବାଦ୍‌ପଡିଛନ୍ତି ୪ଶହ ଯୋଗ୍ୟ ହିତାଧିକାରୀ**

ସାକ୍ଷୀଗୋପାଳ,୩୧।୭
(ପ୍ରଶାନ୍ତ ବାରିକ/କିଶୋର ମହାପାତ୍ର)

ସତ୍ୟବାଦୀ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୧୫ଜଣ ଓ ଫନି କ୍ଷତିଗ୍ରସ୍ତ ୧୦୮୨ଜଣଙ୍କୁ ପ୍ରଥମ ପର୍ଯ୍ୟାୟରେ ହିତାଧିକାରୀଙ୍କ ଆକାଉଣ୍ଟକୁ ଟଙ୍କା ଛଡ଼ାଯାଇଥିଲା। ମାତ୍ର ବ୍ଲକରେ ଚୂଡାନ୍ତ ପର୍ଯ୍ୟାୟକୁ ନେଇ ବିଜେଡି- ଭାଜପା ମଧ୍ୟରେ ରାଜନୈତିକ ଝଡ଼ ଦେଖିବାକୁ ମିଳିଛି।

ଚୂଡାନ୍ତ ପର୍ଯ୍ୟାୟରେ ପ୍ରକାଶ ପାଇଥିବା ହିତାଧିକାରୀଙ୍କ ମଧ୍ୟରୁ ୪ଶହରୁ ଊର୍ଦ୍ଧ୍ୱ ହିତାଧିକାରୀ ବିଭିନ୍ନ କାରଣରୁ ଯୋଜନାରୁ ବାଦ୍ ପଡିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ଡାକବଙ୍ଗଳାରେ ସୋମବାର ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀରେ ଅଧ୍ୟକ୍ଷ ପଣ୍ଡା କହିଥିଲେ, ଚୂଡାନ୍ତ ତାଲିକାରେ ନାମ ପ୍ରକାଶ ପାଇବା ପରେ ମଧ୍ୟ ୨୦୧୧ ଜନଗଣନା ସମୟରେ କେତେକ ପରିବାର ସଦସ୍ୟଙ୍କ ଆଇଡି ଅଲଗା ହୋଇନଥିଲା। ପରେ ତାଙ୍କ ଆଇଡି ଅଲଗା ହୋଇଥିଲେ ମଧ୍ୟ ସରକାରଙ୍କ ଗାଇଡ୍‌ଲାଇନ ଯୋଗୁ ହିତାଧିକାରୀ ଆବାସ ପାଇ ପାରୁନାହାନ୍ତି, ଯାହା ଅତ୍ୟନ୍ତ ଦୁଃଖଦାୟକ। ତେଣୁ ସରକାରଙ୍କୁ ପ୍ରଥମେ ଏହି ନିୟମର ପରିବର୍ତ୍ତନ କରିବାକୁ ଅନୁରୋଧ। ନଚେତ ଏହି ସଂଖ୍ୟା ଆଗକୁ ଆହୁରି ବଢିବ। ଏହି ପ୍ରମୁଖ ସମସ୍ୟା ଉପରେ ଭାଜପା ତାର ସ୍ପଷ୍ଟୀକରଣ ସହ ସମାଧାନ ଦିଗରେ ସହଯୋଗ କଲେ କିଛି ହିତାଧିକାରୀ ଉକ୍ତ ଯୋଜନାର ଲାଭ ଉଠାଇପାରନ୍ତେ। ଅନ୍ୟପଟେ ଭାଜପା ନିର୍ବାଚନ ସମୟରେ ବିଭିନ୍ନ ମିଥ୍ୟା ଅରୋପ ଲଗାଇବା ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ନାମରେ କେବଳ ମାଗଣା ରାଜନୀତି କରୁଛି। ଆବାସ ଯୋଜନାରୁ ୪ଶହ ହିତାଧିକାରୀ ବାଦ୍ ପଡିବା ବିଜେଡିର ଚକ୍ରାନ୍ତ ବୋଲି ସତ୍ୟବାଦୀ ଭାଜପାର ବରିଷ୍ଠ ନେତା କହିଛନ୍ତି। ବ୍ଲକକୁ ଆସୁଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଜନହିତକାରୀ ଯୋଜନାକୁ ବିଜେଡି ନିଜେ ନିୟନ୍ତ୍ରଣ କରୁଥିବା କହିଛନ୍ତି।

# ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା



ନିମାପଡ଼ା ବ୍ଲକ ଚଢେଇ ଗାଁ ସରକ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ବଦଳି ବାତିଲ୍ ଦାବିରେ ଛାତ୍ରୀଛାତ୍ର ଧାରଣାରେ ବସିଛନ୍ତି ।

**ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀଙ୍କ ଧାରଣା**

ନିମାପଡ଼ା,୩୧।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ତମ୍ପାଲୋ ପଞ୍ଚାୟତର ଚଢେଇ ଗାଁ ସରକ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ବଦଳିକୁ ନେଇ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଛି। ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ଅନ୍ୟତ୍ର ବଦଳି ଆଦେଶ ହୋଇଥିବାବେଳେ ଏହାର ପ୍ରତ୍ୟାହାର ଦାବିରେ ଶତାଧିକ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣା ଚଳାଇଥିଲେ। ଏହି ଆନ୍ଦୋଳନରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୂର୍ବରୁ ଏହି ଶିକ୍ଷକଙ୍କ ବଦଳିକୁ ନେଇ ସ୍ଥାନୀୟ ବିଧାୟକ, ବିଇଓଙ୍କୁ ଅବଗତ କରିବା ସହ ଲିଖିତ ଅନୁରୋଧ ହୋଇଥିଲା। ହେଲେ ଏ ଦିଗରେ କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଗ୍ରାମବାସୀ, ଅଭିଭାବକ ବିଦ୍‌ାଳୟରେ ତାଲା ପକାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ପୂର୍ବତନ ସରପଞ୍ଚ ଅକ୍ଷୟ ପଡିଆରୀ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପରିଡ଼ା, ନାଏବ ସରପଞ୍ଚ ସାବିତ୍ରୀ ନାୟକ, ଗ୍ରାମ ସଭାପତି ପଦ୍ମଚରଣ ମଲ୍ଲିକ, ୱାର୍ଡ ସଭ୍ୟ ତ୍ରିଲୋଚନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆନ୍ଦୋଳନକାରୀ ନେତୃବୃନ୍ଦ କହିଛନ୍ତି। ଏ ସମ୍ପର୍କରେ ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କୁ ପଚାରିବାରେ, ଶିକ୍ଷକ ମଲ୍ଲିକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଏହା ସ୍ଥାୟୀ ନୁହେଁ। ତେଣୁ ଅଭିଭାବକଙ୍କ ଏହି ଆନ୍ଦୋଳନ କରିବା ଆଦୌ ଉଚିତ ନୁହେଁ ବୋଲି କହିଥିଲେ।

# ଟଙ୍କା ବ୍ୟାଗ ଛଡ଼ାଇ ଜଣେ ଗିରଫ

ଗୋପ,୩୧।୭
(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅଞ୍ଚଳରେ ଟଙ୍କା ବ୍ୟାଗ ଛଡ଼ାଇ ନେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ନୟାହାଟ ଅଞ୍ଚଳର ପ୍ରକାଶ ପାତ୍ର, ଓରଫ କୁନା (୪୮)। ଜାମିନ ନାମଞ୍ଜୁର କରି କୋର୍ଟ ଅଭିଯୁକ୍ତଙ୍କୁ ଜେଲକୁ ପଠାଇଛନ୍ତି। ପ୍ରକାଶ ଯେ, ଗତ ୨୭ ତାରିଖରେ ଅସ୍ତରଙ୍ଗ ଥାନା ତାଳଦା ପଞ୍ଚାୟତର ନରେଶ ମୁରୁଡି (୪୮) ପାନ ବ୍ୟବସାୟ କରିବା ପରେ ଏକ ବ୍ୟାଗରେ ୩୫ ହଜାର ଟଙ୍କା ରଖି ଘରକୁ ଯିବା ପାଇଁ ନୟାହାଟସ୍ଥିତ ହାଇସ୍କୁଲ ନିକଟରେ ବସିଥିଲେ। ଏହି ସମୟରେ ପ୍ରକାଶ ସେଠାରେ ପହଞ୍ଚି ନରେଶଙ୍କ ସହିତ କଥା ହୋଇ ସୁଯୋଗ ଦେଖି ତାଙ୍କ ଟଙ୍କା ବ୍ୟାଗ ଛଡ଼ାଇ ନେଇ ଚମ୍ପଟ ମାରିଥିଲେ। ଏନେଇ ନରେଶ ନୟାହାଟ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ କୁନାଲ କୁମାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ବିଭିନ୍ନ ସ୍ଥାନରେ ଚଡାଉ କରିଥିଲେ। ଅଭିଯୋଗ କ୍ରମେ ଗୋପ ଥାନାରେ ନମ୍ବର ୩୧୫/୨୩ରେ ମାମଲା ରୁଜୁ ହୋଇଥିଲା। ଗୋପ ଥାନା ଅଧିକାରୀ ମହେଶ୍ୱର ସେଠୀ ଓ ଫାଣ୍ଡି ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ରବିବାର ବିଳମ୍ବିତ ରାତିରେ କୋଣାର୍କ ଅଞ୍ଚଳରେ ଚଢ଼ାଉ କରି ଅଭିଯୁକ୍ତ ପ୍ରକାଶଙ୍କୁ ଗିରଫ କରିବା ସହ ତାଙ୍କ ଠାରୁ ୨ ହଜାର ଟଙ୍କା ଜବତ କରାଯାଇଥିଲା। ସୂଚନାଯୋଗ୍ୟ, ପ୍ରକାଶଙ୍କ ନାମରେ ୨୨ରୁ ଊର୍ଦ୍ଧ୍ୱ ମାମଲା ରହିଛି।

# ପେଭର ବ୍ଲକ ରାସ୍ତାରେ ଅନିୟମିତତା



ଖବରଦାତା ସମ୍ମିଳନୀରେ ଆମ୍ ଆଦ୍‌ମୀ ପାର୍ଟିର ନେତା ସୂଚନା ଦେଉଛନ୍ତି ।

**ନ୍ୟାୟାଳୟର ଦ୍ୱାରସ୍ଥ ହେବ ଏଏପି**

ପୁରୀ,୩୧।୭(ଅଜିତ୍ ମହାନ୍ତି)

ପୁରୀ ସହରର ବିଭିନ୍ନ ସାହିରେ ପେଭର ବ୍ଲକ ରାସ୍ତା ହେଉଥିବାବେଳେ ସେଥିରେ ଅନିୟମିତତା ହୋଇଥିବା ନେଇ ଆମ୍ ଆଦମୀ ପାର୍ଟି(ଏଏପି) ପୁରୀ ଶାଖା ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ଜିଲା ମୁଖ୍ୟ କାର୍ଯ୍ୟାଳୟ ପରିସରରେ ସୋମବାର ଏକ ଖବରଦାତା ସମ୍ମିଳନୀରେ ଏଏପି ପକ୍ଷରୁ କୁହାଯାଇଛି ଯେ, ରାସ୍ତାକୁ ସରଳ ଓ ସୁନ୍ଦର କରିବା ପାଇଁ ସରକାର ଏବେ ପ୍ରତିଟି ରାସ୍ତା ପେଭର ବ୍ଲକରେ ନିର୍ମାଣ କରାଯାଉଛି। ସେହି ଫେବର ବ୍ଲକ ରାସ୍ତା ପୁରୀର ବିଭିନ୍ନ ସ୍ଥାନରେ ହେଉଥିବାବେଳେ ନିୟମକୁ ଉଲ୍ଲଂଘନ କରି କଂକ୍ରିଟ ରାସ୍ତା ଉପରେ ସିଧାସଳଖ ପେଭର ବ୍ଲକ ପକାଯାଉଛି। ପେଭର ବ୍ଲକ ପକାଇ ଭୂତଳ ଜଳ ସଂରକ୍ଷଣର ମୁଖ୍ୟ ଉଦ୍ଦେଶ୍ୟ ଥିବାବେଳେ ପୁରୀ ପୌରପାଳିକା ନିଜର ମନମାନିରେ କଂକ୍ରିଟ ଉପରେ ପକାଉଛି। ଯାହାକୁ ଏଏପି ଯୁଥ୍ ୱିଂ ପୂର୍ବରୁ ବାରମ୍ବାର ବିରୋଧ କରିବା ପରେ ମଧ୍ୟ ଅନିୟମିତତାରେ ରାସ୍ତା ନିର୍ମାଣ ହୋଇଥିଲା। ଯାହାର ପ୍ରଭାବ ବର୍ଷେ ନ ପୂରୁଣୁ ଦେଖିବାକୁ ମିଳୁଛି। ପୁରୀର ବିଭିନ୍ନ ରାସ୍ତା ବର୍ତ୍ତମାନ ଖାଲ ହେବା ସହ ଫେବର ବ୍ଲକ ରାସ୍ତା ବି ଖରାପ ହେବାରେ ଲାଗିଛି। ଏପଟେ ନବକଳେବର ରାସ୍ତା ଏବଂ ଚକ୍ରତୀର୍ଥ ରାସ୍ତା ନିର୍ମାଣର ବର୍ଷେ ନପୂରୁଣୁ ବିରାଟ ଖାଲ ଦେଖାଦେଲାଣି। ସ୍ୱରେଜ କାମ ପାଇଁ ରାସ୍ତା ଖରାପ ହୋଇଥିବାବେଳେ ଅନ୍ୟ ରାସ୍ତାରେ ମଧ୍ୟ ସ୍ୱରେଜ କାମ ହୋଇଥିବାରୁ ସେସବୁ ରାସ୍ତା ବିପଦସଙ୍କୁଳ ବୋଲି ଖବରଦାତା ସମ୍ମିଳନୀରେ ଜିଲା ସମ୍ପାଦକ ସତ୍ୟଜିତ ମହାନ୍ତି ସୂଚନା ଦେଇଥିଲେ। ରାସ୍ତା କାମକୁ ନେଇ ଏଏପି ଯୁଥ୍ ଟିମ୍ ଆଗକୁ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବ ବୋଲି ଜିଲା ଯୁବ ସଭାପତି ଅଂଶୁମାନ ଶତପଥୀ କହିଛନ୍ତି। ଅପରପକ୍ଷେ ପୌରପାଳିକାର ଫେବର୍ ବ୍ଲକ୍ କାମ ଅନିମିୟତତା ବିରୋଧରେ ଦଳ ନାୟ୍ୟାଳୟର ଦ୍ୱାରସ୍ଥ ହେବ। ପୁରୀ ପୌରପାଳିକାରେ ଜନ ପ୍ରତିନିଧି ନ ଥିବାରୁ ଏଭଳି ଦୁର୍ନୀତି ପୁରୀରେ ହେଉଛି ଏବଂ ସାଧାରଣ ନିର୍ବାଚନ ପୂର୍ବରୁ ପୌରପାଳିକା ନିର୍ବାଚନ କରିବା ପାଇଁ ଜିଲା ସଭାପତି ସଞ୍ଜୀବ ମହାନ୍ତି କହିଛନ୍ତି।

# ପାଲା କଳାକାରଙ୍କୁ ସ୍ୱତନ୍ତ୍ର ଆର୍ଥିକ ସହାୟତା ଦାବି

ସାକ୍ଷୀଗୋପାଳ,୩୧।୭(ଭରତ ରାଉତ)

ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ, ଓଡ଼ିଶାର ଉପଶାଖା ସତ୍ୟବାଦୀ ପାଲାଗାୟକ ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ବୈଠକ ସାରଙ୍ଗଯୋଡିର ମା' କ୍ଷେତ୍ରପାଳୀଙ୍କ ପୀଠରେ ହୋଇଥିଲା। ଗତ ବାର୍ଷିକ ସମ୍ମିଳନୀର ସମୀକ୍ଷା ଓ ପାଲା କଳାକାର କିପରି ସରକାରୀ ପ୍ରୋତ୍ସାହନ ସୁବିଧାରେ ପାଇପାରିବେ ସେ ବିଷୟରେ ବୈଠକରେ ସଂସ୍କୃତି ଅଧିକାରୀ, ପୁରୀଙ୍କୁ ଅଧିକ ପାଲା ଦଳକୁ ସାଂସ୍କୃତିକ ଦଳ ପରିଚାଳନା ବ୍ୟବସ୍ଥାରେ ସାମିଲ କରିବାକୁ ଅବଗତ କରେଇବା ଓ ରାଜ୍ୟ ସରକାର କିଭଳି ପାଲା କଳା ବଞ୍ଚିରହିବ ତା'ର ବିଚାର କରିବା ନିମନ୍ତେ କଳାକାରମାନେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟସ୍ତରୀୟ ପାଲା ଗାୟକ ସମ୍ବର୍ଦ୍ଧନା ମଣ୍ଡଳର ବରିଷ୍ଠ ପାଲା ଗାୟକ ପ୍ରଭାକର ବିଶ୍ୱାଳ ମହୋଦୟଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସେହିଭଳି ଗାୟକ ବୈକୁଣ୍ଠ ପ୍ରଧାନ, ସୁକାନ୍ତ ପରିଡ଼ା, ଗାୟକ ପ୍ରହ୍ଲାଦ ରାଉତ ଓ ସଙ୍ଗୀତ ସୁଦର୍ଶନ ପ୍ରଧାନ, ରଘୁନାଥ ଜେନାଙ୍କୁ ଅଖଣ୍ଡ ପୁରୀ ଜିଲା ପାଲା ପରିଷଦର ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରାଯାଇଥିଲା। ବୈଠକରେ ଗାୟକ ଲିଙ୍ଗରାଜ ପ୍ରଧାନ, ପ୍ରଦ୍ୟୁମ୍ନ ନନ୍ଦ, ପ୍ରତାପ ପ୍ରଧାନ, କାଳନ୍ଦୀ ଚରଣ ନାୟକ, ସଦାଶିବ ବରାଳ, ସୁକାନ୍ତ ପରିଡ଼ା, ଗାୟିକା କୁମୁଦିନୀ ନାୟକ, ରୁମା ସ୍ୱାଇଁ, ଗାୟକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଗୁରୁ କୁଳମଣି ବିଶ୍ୱାଳ, ଗୁରୁ ବଳରାମ ଦାସ, ସଙ୍ଗୀତ ବୈକୁଣ୍ଠ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ମଣ୍ଡଳର ସମ୍ପାଦକ ଓ ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ରମେଶ ଚନ୍ଦ୍ର ପଲେଇ ବୈଠକ ପରିଚାଳନା କରିଥିଲେ। ଗାୟକ ଅରୁଣ ଚକ୍ରଧର ବାରିକଙ୍କ ଆଶୁ ଆରୋଗ୍ୟ ନିମନ୍ତେ ମା' କ୍ଷେତ୍ରପାଳୀଙ୍କୁ ପ୍ରାର୍ଥନା କରାଯାଇଥିଲା।



ପାଲା ଗାୟକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି ।

# ମାଫିଆଙ୍କ କବ୍‌ଜାରେ ସରକାରୀ ଜମି

- ବେଆଇନ ଜମି ବିକ୍ରି, ଗୃହ ନିର୍ମାଣ ବୃଦ୍ଧି ପାଉଛି
- ରାଜସ୍ୱ କମିଶନରସ୍ତରୀୟ ତଦନ୍ତ ପାଇଁ ଦାବି

କୋଣାର୍କ,୩୧।୭(ଜ୍ୟୋତିରାଜ ମହାନ୍ତି)



କୋଣାର୍କ ୧୦ ନମ୍ବର ୱାର୍ଡରେ ଏକ ସରକାରୀ ଜମି ଜବର ଦଖଲ କରି ବେଆଇନ ନିର୍ମାଣ ଚାଲିଛି ।

କୋଣାର୍କର ଅଧିକାଂଶ ଅଞ୍ଚଳରେ ଥିବା ସରକାରୀ ଜମିକୁ ସ୍ଥାନୀୟ ଅଞ୍ଚଳର ଜମି ମାଫିଆମାନେ ଜବରଦଖଲ କରୁଥିବା ଅଭିଯୋଗ ହେଉଛି। ସେମାନେ ସରକାରୀ ଜମିକୁ ହଡ଼ପ କରିବା ସହ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରି ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଫଳରେ କୋଣାର୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ପ୍ରକଳ୍ପ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହେଉଛି। ଏପରି କି ରାଜସ୍ୱ ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଖବର ଅନୁଯାୟୀ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ଥିବା ସରକାରୀ ଜମି ରାଜସ୍ୱ ବିଭାଗ ପକ୍ଷରୁ ଫଇସଲା ହୋଇ ନ ଥିବାବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଶହଶହ ଏକର ସରକାରୀ ଜମି ଜବରଦଖଲ କରିରଖିଛନ୍ତି। କୋଣାର୍କ ଏନ୍‌ଏସି ଅଧୀନ ଭଗବତୀ ବିହାର, ଡାଳିମ୍ବଗୋରଡି ରାସ୍ତା, କୋଣାର୍କ ଥାନା ପଛପଟ, ୧୦ନଂ. ପୁରୁଣା ପିଏଚ୍‌ଡି ଅଫିସ ଗଳି ସମେତ ବିଭିନ୍ନ ସ୍ଥାନରେ ସରକାରୀ ଜମିରେ ବିନା କାଗଜପତ୍ରରେ ଶହ ଶହ ସଂଖ୍ୟାରେ ବେଆଇନ ଗୃହ ନିର୍ମାଣ କାର୍ଯ୍ୟମାନ ଚାଲିଥିବା ଦେଖିବାକୁ ମିଳିଛି। ଜମି ମାଫିଆମାନେ ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରିବା ସହ ଚଢ଼ାଦରରେ ବିକ୍ରି କରି ଲକ୍ଷାଧିକ ଟଙ୍କା ଅର୍ଥ କମାଉଛନ୍ତି। ଏଭଳି ବେଆଇନ ଭାବେ ଯଦି ସରକାରୀ ଜମିକୁ ଜବରଦଖଲକାରୀମାନେ କ୍ରମାଗତ ବିକ୍ରି କରି ଚାଲିବେ, ତେବେ କୋଣାର୍କ ସରକାରୀ ଜମି ଶୂନ୍ୟ ହୋଇଯିବା ସହ ସରକାରଙ୍କ ପକ୍ଷରୁ କୌଣସି ଉନ୍ନୟନ ପ୍ରକଳ୍ପ ହୋଇପାରିବ ନାହିଁ ବୋଲି କୋଣାର୍କର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ପରିବେଶବିତ, ବରିଷ୍ଠ ନାଗରିକଙ୍କ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ଅନ୍ୟପଟେ ଏ ଘଟଣା ସମ୍ପର୍କରେ ସ୍ଥାନୀୟ ଗୋପ ରାଜସ୍ୱ ବିଭାଗର ଅଧିକାରୀମାନେ ଅବଗତ ଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ସରକାରୀ ଜମିକୁ ଜମି ମାଫିଆଙ୍କ କବଜାରୁ ମୁକ୍ତ କରିବା, ବେଆଇନ ନିର୍ମାଣ କାର୍ଯ୍ୟକୁ ରୋକ ଲଗାଇବା ସହ ଏହି ଘଟଣାର ରାଜସ୍ୱ କମିଶନର ସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ୫-ଟି ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ଗୋପ ତହସିଲଦାର ଭାଗ୍ୟଶ୍ରୀ ହାଁସଦାଙ୍କୁ ପଚାରିବାରେ ଅଳ୍ପଦିନ ହେଲା ଏହି ତହସିଲରେ ଯୋଗଦେଇଛି। କୋଣାର୍କ ଅଞ୍ଚଳ ବିଷୟରେ ପୁଙ୍ଖାନୁପୁଙ୍ଖ ଅବଗତ ହୋଇ ସରକାରୀ ଜମି ଜବରଦଖଲ କରିଥିବା ଜମି ମାଫିଆ ଓ ସରକାରୀ ଜମିରେ ହେଉଥିବା ବେଆଇନ ଗୃହ ନିର୍ମାଣ, ଉଚ୍ଛେଦ କାର୍ଯ୍ୟକୁ ରୋକିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପଦକ୍ଷେପ ନେବି ବୋଲି କହିଛନ୍ତି।

## ସଂକ୍ଷେପରେ

### ପୁଣି ଗଞ୍ଜେଇ ଭର୍ତ୍ତି ସିଗାରେଟ ଜବତ, ଜଣେ ଗିରଫ

ଭୁବନେଶ୍ୱର,୩୧।୭ (ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀରୁ ପୁଣି ଗଞ୍ଜେଇ ଭର୍ତ୍ତି ସିଗାରେଟ ଜବତ ହୋଇଛି । ପାନ ଦୋକାନ ଆଳରେ କେବିନ କରି ନିଶାବେପାର କରୁଥିବା ଜଣେ ଯୁବକଙ୍କୁ ନୟାପଲ୍ଲୀ ପୋଲିସ ଧରିବା ପରେ ଘଟଣା ସାମ୍ନାକୁ ଆସିଛି। ସେ ହେଲେ ନୟାଗଡ଼ର ସୁବାସ ଦାସ। ନୂଆସାହିରେ ଥିବା ତାଙ୍କ କ୍ୟାବିନରେ ଚଢ଼ାଉ କରି ୧କେଜି ୨୦୦ଗ୍ରାମ ଓଜନର ଗଞ୍ଜେଇ, ୩ଟି ପ୍ୟାକେଟ୍‌ରେ ୨୯ଟି ଗଞ୍ଜେଇ ଭର୍ତ୍ତି ସିଗାରେଟ୍, ଏବଂ ୩୬ଟି ରୋଲିଂ ପେପର ଜବତ କରିଛି ପୋଲିସ। ଭାବରେ ବିକ୍ରୟ କରୁଥିବା ଦର୍ଶାଇଥିଲେ।

### ଅଗଷ୍ଟ ୫ରେ ରାଜଭବନ ସମ୍ମୁଖରେ ବିଦ୍ୟୁତ୍ ସତ୍ୟାଗ୍ରହ

ଭୁବନେଶ୍ୱର,୩୧।୭ (ଅଭିଜିତ ଦାସ)

ଟାଟା ପାୱାରର ମନଇଚ୍ଛା ବିଦ୍ୟୁତ୍ ବିଲ ଆଦାୟ ଓ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ରାଜ୍ୟରେ ୯୯ ଲକ୍ଷ ୧୮ ହଜାର ବିଦ୍ୟୁତ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଏହାର ଦୃଢ ପ୍ରତିବାଦ କରି ଆସନ୍ତା ଅଗଷ୍ଟ ୫ରେ ମିଶନ ଓଡ଼ିଆ ୨୦୩୬ ମହାସଂଘ ପକ୍ଷରୁ ରାଜଭବନ ସମ୍ମୁଖରେ ବିଦ୍ୟୁତ ସତ୍ୟାଗ୍ରହ ଆନ୍ଦୋଳନ ହେବ। ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର ଆବାହକ ବାସୁଦେବ ଭଟ୍ଟ କହିଛନ୍ତି, ଉକ୍ତ ଆନ୍ଦୋଳନ ଜୁଲାଇ ୨୫ରେ ହେବାର ଥିଲା। ମାତ୍ର ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଏହାର ତାରିଖ ପରିବର୍ତ୍ତନ କରାଯାଇଛି। ରାଜ୍ୟର ସମସ୍ତ ବିଦ୍ୟୁତ୍ ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଇବା ସହିତ ସାଧାରଣ ଜନତାଙ୍କ ପାଇଁ ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣା ବିଦ୍ୟୁତ୍ ଯୋଗାଣ ଲାଗି ଏହି ସତ୍ୟାଗ୍ରହ ଆୟୋଜନ କରାଯାଉଛି।

### ଗେମିଙ୍ଗ ଆପ 'ରମ୍'ର ଶୁଭାରମ୍ଭ

ଭୁବନେଶ୍ୱର, ୩୧।୭ (ବନ୍ଦନା ସେଠୀ)

ଆଲ୍‌ମୋଞ୍ଜୋ ଗେମ୍‌ସ କମ୍ପାନୀ ଦ୍ୱାରା ନିର୍ମିତ ଗେମିଙ୍ଗ ଆପ 'ରମ୍'ର ଶୁଭାରମ୍ଭ କରାଯାଇଛି। ଏହି ଆପ୍‌ରେ ଉନ୍ନତମାନର ଗ୍ରାଫିକ୍ସ ସହିତ ଅନ୍‌ଲାଇନ ମଲ୍ଟିପ୍ଲେୟାର ଫିଚର ରହିଛି। ଆପ୍ ସାହାଯ୍ୟରେ ଖେଳିବା ସହ ଜଣେ ପ୍ଲେୟାର ଲାଇଭ୍ ଚାଟରେ ମଧ୍ୟ ଏନ୍‌ଗେଜ ରହି ପାରିବ। ବିଭିନ୍ନ ଗେମିଙ୍ଗ କମ୍ୟୁନିଟିରେ ମଧ୍ୟ ଜଏନ ହୋଇପାରିବ। ଏହି ଆପ ଉଭୟ ଆଣ୍ଡ୍ରୋଏଡ୍ ଏବଂ ଆଇଓଏସ୍ ୟୁଜରଙ୍କ ପାଇଁ ତିଆରି କରାଯାଇଛି। ରମ୍ ଆପ୍ଲିକେସନ ଉପଭୋକ୍ତାଙ୍କ ସିକ୍ୟୁରିଟି ଏବଂ ପ୍ରାଇଭେସି ଉପରେ ବେଶ୍ ଗୁରୁତ୍ୱ ଦିଆଯାଇଛି। ଏହାକୁ ବ୍ୟବହାର କରି ୟୁଜର ରିୱାର୍ଡ ପାଇପାରିବେ ବୋଲି ଆପ୍ଲିକେଶନର ସିଇଓ ଅଂଶୁମାନ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି ଆପ୍ଲିକେଶନ ପ୍ଲେ ଷ୍ଟୋର ସହିତ ଆପୋଲର ଆପ୍ ଷ୍ଟୋରରେ ଉପଲବ୍ଧ ରହିଛି।

### ବର୍ଷା ସଙ୍ଗୀତ ସାଙ୍ଗକୁ ମନ ମୋହିଲା ହସ୍ତତନ୍ତ ପରିଧାନ ପ୍ରଦର୍ଶନୀ

ଭୁବନେଶ୍ୱର, ୩୧।୭ (ବନ୍ଦନା ସେଠୀ)

ସମ୍ଭାବନା ଓଡ଼ିଆଣୀ ସମିତି ପକ୍ଷରୁ ବର୍ଷା ଉପରେ ଆଧାରିତ କବିତା ଓ ସଂଗୀତର ଯୁଗଳବନ୍ଦୀ ନିଆରା ପରିବେଶ ସୃଷ୍ଟି କରିଥିଲା। ସୋମବାର ଗୀତଗୋବିନ୍ଦ ସଦନରେ ବାହାରେ ପ୍ରବଳ ବର୍ଷା ସହ ତାଳଦେଇ ପ୍ରେକ୍ଷାଳୟରେ ଅନୁଷ୍ଠିତ ହେଉଥିଲା 'ବର୍ଷା ଆସର'। ସମିତିର ସଭ୍ୟା ତଥା ଆମନ୍ତ୍ରିତ କବିମାନେ ସ୍ୱରଚିତ ବର୍ଷା କବିତା ଆବୃତ୍ତି କରି ବର୍ଷାକୁ ସ୍ୱାଗତ କରିଥିଲେ। ସେହିଭଳି ଓଡ଼ିଆଣୀମାନେ ଲୋକପ୍ରିୟ ବର୍ଷା ସଂଗୀତ ଗାଇ ଉପସ୍ଥିତ ଦର୍ଶକଙ୍କୁ ବିମୁଗ୍ଧ କରିଥିଲେ। ଏହି ଅବସରରେ ହସ୍ତତନ୍ତ ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଆଣୀମାନେ ହସ୍ତତନ୍ତ ବସ୍ତ୍ର ପରିଧାନ କରି ମଞ୍ଚରେ ନିଜର ଦକ୍ଷତା ପମାଣିତ କରିଥିଲେ। କାର୍ଯ୍ୟକ୍ରମରେ ରେଖା ସାହୁ, ସନ୍ଧ୍ୟା ରଥ, ପଦ୍ମାଳୟା ଶତପଥି, ରତ୍ନମଞ୍ଜରୀ ସାମନ୍ତରାୟ, ଜ୍ୟୋତ୍ସ୍ନାମୟୀ ସେନାପତି,ବିଦ୍ୟୁଲତା ବେହେରା, ମୀନାକ୍ଷୀ ପଟ୍ଟନାୟକ, ମଧୁସ୍ମିତା ସା, ବେବିରାଣୀ ସାହୁ ପ୍ରମୁଖ ଭାଗ ନେଇଥିଲେ। ସଂଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତି ପରିଚାଳନା କରିଥିଲେ।

# ବିଏମ୍‌ସିର ଉଠାଦୋକାନୀ ପ୍ରୀତିକୁ ନେଇ ଅସନ୍ତୋଷ

## ମାର୍କେଟ ବିଲ୍ଡିଂ ଖୋଲିବାର ବାଟ ଫିଟୁନି

### ଆଜି ରାଜ୍ୟ ବଣିକ ସଂଘ ସହ ଆସୋସିଏଶନର ଆଲୋଚନା

ଭୁବନେଶ୍ୱର, ୩୧।୭ (ବନ୍ଦନା ସେଠୀ)



ରାଜଧାନୀର ପ୍ରମୁଖ ମାର୍କେଟ କୁହାଯାଉଥିବା ୟୁନିଟ୍-୨ ମାର୍କେଟ ବିଲ୍ଡିଂ ଜୁଲାଇ ୧୭ରୁ ବନ୍ଦ ରହିଛି। ୧୫ ଦିନ ଧରି ମାର୍କେଟ ବନ୍ଦ ରହିବା ଫଳରେ ପ୍ରାୟ ୩୦ କୋଟି ଟଙ୍କାର କ୍ଷତି ହୋଇ ସାରିଲାଣି। ମାତ୍ର ଏବେଯାଏ ଏହି ଘଟଣାର ସମାଧାନ ହୋଇପାରୁନାହିଁ। ଆଜିକାଲି କହି ଭୁବନେଶ୍ୱର ମହାନଗର ନିଗମ (ବିଏମସି) ଅଧିକାରୀ ଦିନ ଗଡାଉ ଥିବାବେଳେ ବିଏମ୍‌ସି ଦପ୍ତର ଦୌଡ଼ି ଦୌଡ଼ି ସେଣ୍ଟ୍ରାଲ ମାର୍କେଟ ଆସୋସିଏଶନ ସଦସ୍ୟଙ୍କ ଦିନ ଯାଉଛି। ଗତ ସପ୍ତାହରେ ବିଏମ୍‌ସି ଅଧିକାରୀ ରାଜିନାମା ରିନ୍ୟୁ କରି ଉଠାଦୋକାନୀଙ୍କୁ ହଟାଇବେ ବୋଲି ମାର୍କେଟ ଆସୋସିଏଶନକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସୋମବାର ସନ୍ଧ୍ୟା କିମ୍ବା ମଙ୍ଗଳବାର ସକାଳୁ ମାର୍କେଟ ଖୋଲିପାରେ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥିପାଇଁ ସୋମବାର ଆସୋସିଏଶନର କୋର୍ କମିଟି ବିଏମ୍‌ସି ମୁଖ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ମାତ୍ର ଏଥିରୁ କୌଣସି ନିଷ୍କର୍ଷ ମିଳି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ତେଣୁ ସମସ୍ୟାର ସମାଧାନ ନ ହେବା ଯାଏ ମାର୍କେଟ ବନ୍ଦ ରହିବ ବୋଲି ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଜେନା କହିଛନ୍ତି। ମୁଖ୍ୟାଳୟରେ କମିଶନର ନ ଥିବାରୁ ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଦାବି ନେଇ ଏଯାବତ୍ କିଛି ସମାଧାନ ହୋଇପାରି ନ ଥିବା ମେୟର କହିବା ସହ ମାର୍କେଟ ଖୋଲି ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ଉଠାଦୋକାନୀମାନେ ପୂର୍ବବତ୍ ମାର୍କେଟରେ ବସନ୍ତୁ, ବିଏମ୍‌ସି ସବୁ କଥା ବୁଝିବ ବୋଲି ମେୟର କହିଥିବା ସଭାପତି ଜେନା କହିଛନ୍ତି। ତେଣୁ ଉଠାଦୋକାନୀଙ୍କ ପ୍ରତି ବିଏମ୍‌ସି ପ୍ରୀତି ଦେଖାଉଥିବା ଅଭିଯୋଗ କରିବା ସହ ଆସୋସିଏଶନ ମଙ୍ଗଳବାର ପୂର୍ବାହ୍ନରେ ବୈଠକ କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଏଥିରେ ସମସ୍ତ ମାର୍କେଟ ଆସୋସିଏଶନ୍ ଏବଂ ରାଜ୍ୟ ବଣିକ ସଂଘର କର୍ତ୍ତୃପକ୍ଷଙ୍କୁ ସାମିଲ କରାଯିବ। ସମସ୍ତଙ୍କ ଠାରୁ ମତାମତ ନେବା ପରେ ଆସୋସିଏଶନ୍ ତା'ର ନିଷ୍ପତ୍ତି ଶୁଣାଇବ ବୋଲି ଜେନା କହିଛନ୍ତି। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଆସୋସିଏଶନର ଦାବି ପ୍ରତି ବିଏମସି ସଚେତନ ଅଛି। ମାର୍କେଟ ବିଲ୍ଡିଂ ଦାୟିତ୍ୱ ବିଏମସିର ନୁହେଁ, ଏହାସତ୍ତ୍ୱେ ବିଏମସି ଏହାର ସମାଧାନ କରୁଛି। ଉଠାଦୋକାନୀଙ୍କ ଲାଗି ସ୍ଥାନ ଚିହ୍ନଟ ହେଉଛି ଏହି ପ୍ରକ୍ରିୟାରେ ସମୟ ଲାଗିବ। ତେଣୁ ବିଏମସିକୁ ସମୟ ଦେବାକୁ ସେ ଅପିଲ କରିଛନ୍ତି। ଅପରପକ୍ଷେ ମାର୍କେଟ ବିଲ୍ଡିଂର ମୁଖ୍ୟ ଗେଟ୍‌ରେ ତାଲା ପଡିଥିବାରୁ ଉଠାଦୋକାନୀମାନେ ଭିତରକୁ ଯାଇ ପାରୁ ନାହାନ୍ତି। ତେଣୁ ତୁରନ୍ତ ସେ ତାଲା ଖୋଲିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଉଠାଦୋକାନୀ ସଂଘ ପକ୍ଷରୁ ବିଧାୟକ ଅନନ୍ତ ନାରାୟଣ ଜେନା, ଡିଏସ୍‌ପି ଏବଂ ଡିସିପି କମିଶନରେଟ୍ ପୋଲିସ୍‌କୁ ଚିଠି ଲେଖି ଦାବି ରଖାଯାଇଛି। ମାର୍କେଟବିଲ୍ଡିଂରେ ବ୍ୟବସାୟ କରିବାକୁ ନେଇ ସ୍ଥାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଦିନକୁ ଦିନ ଉଗ୍ର ରୂପ ନେଉଥିବାବେଳେ ସାଧାରଣ ଲୋକ ହଇରାଣ ହେଉଛନ୍ତି।

## ବିଏମ୍‌ସି ଘେରିଲା ଉଠାଦୋକାନୀ ବ୍ୟବସାୟୀ ସଂଘ




ଭୁବନେଶ୍ୱର, ୩୧।୭ (ବନ୍ଦନା ସେଠୀ)

ଉଠାଦୋକାନ ଭଙ୍ଗା ଅଭିଯାନ ବନ୍ଦକରି ତୁରନ୍ତ ସେମାନଙ୍କୁ ଥଇଥାନ କରିବା ଦାବିରେ ସୋମବାର ଏଆଇଟିୟୁସି ସହ ଅନୁବନ୍ଧିତ ରାଜଧାନୀ ଉଠା ଦୋକାନୀ ବ୍ୟବସାୟୀ ସଂଘ ବିଏମ୍‌ସି ଅଫିସ୍ ଘେରାଉ କରିଥିଲା। ଅଶୋକ ନଗର, ମାଷ୍ଟରକ୍ୟାଣ୍ଟିନ, ବାୟାବାବା ମଠଛକ ଗଳି, ୧ନଂ ଥାନା ପାର୍ଶ୍ୱଗଳି, ଗଣ୍ଡମୁଣ୍ଡା, ଜାଗମରା ଓ ଖଣ୍ଡଗିରି ଅଞ୍ଚଳର ଉଠା ଦୋକାନୀମାନେ ଠେଲାଗାଡ଼ି ଓ ଟ୍ରଲି ଧରି ଅଶୋକନଗରଠାରୁ ଶୋଭାଯାତ୍ରାରେ ବାହାରିଥିଲେ। ବିଏମ୍‌ସି ଅଫିସ ନିକଟରେ ପହଞ୍ଚିବା ପରେ ଠେଲାଗାଡ଼ି ଦ୍ୱାରା ବିଏମ୍‌ସି ଗେଟ୍‌କୁ ଜାମ୍ କରିଦେଇଥିଲେ। ଉଠା ଦୋକାନୀଙ୍କ ଥଇଥାନ ପାଇଁ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ପାର୍ଲାମେଣ୍ଟ ଆଇନ ପାଶ୍ କଲା। ହାଇକୋର୍ଟ ମଧ୍ୟ ନିର୍ଦ୍ଦେଶ ଦେଲେ। ବିଏମ୍‌ସି ସେମାନଙ୍କୁ ଷ୍ଟ୍ରିଟ୍ ଭେଣ୍ଡର କାର୍ଡ ପ୍ରଦାନ କଲା। ମାତ୍ର ଏତେ ସତ୍ତ୍ୱେ ସେମାନଙ୍କୁ ଥଇଥାନ ନ କରି ଦୋକାନ ଭଙ୍ଗା ଅଭିଯାନ କାହିଁକି ଚାଲିଛି ବୋଲି ସଂଘର ସଭାପତି ସୁର ଜେନା ସେଠାରେ ପ୍ରଶ୍ନ କରିଥିଲେ। ଏହାପରେ ତାଙ୍କ ନେତୃତ୍ୱରେ ଏକ ୫ଜଣିଆ ପ୍ରତିନିଧି ଦଳ ବିଏମ୍‌ସି କମିଶନରଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ସ୍ମାରକପତ୍ରରେ ଦୋକାନ ଭଙ୍ଗା ଅଭିଯାନ ବନ୍ଦ କରି ଅଶୋକନଗର ଓ ମାଷ୍ଟରକ୍ୟାଣ୍ଟିନ ଉଠା ଦୋକାନୀଙ୍କୁ ରାଜମହଲ ଓ ରାମ ମନ୍ଦିର ମଧ୍ୟରେ ନିର୍ମିତ ଭେଣ୍ଡିଂ ଜୋନରେ ଥଇଥାନ କରିବା, ୧ନମ୍ବର ଥାନା ପାର୍ଶ୍ୱଗଳି, ବାୟାବାବା ମଠ ଛକ ଗଳି, ଗଣ୍ଡମୁଣ୍ଡାରୁ ଜାଗମରା ଓ ଖଣ୍ଡଗିରିରେ ଉଠା ଦୋକାନୀମାନଙ୍କୁ ସେହି ଅଞ୍ଚଳରେ ଥଇଥାନ କରିବା, ଠେଲା ଦୋକାନୀମାନଙ୍କୁ ୬୭ଟି ୱାର୍ଡରେ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରି ସେଠାରେ ଅନୁମତି ଦେବା ପାଇଁ ଦାବି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଦେବାଶିଷ ପରିଜା, କୈଳାସ ପୁହାଣ, ଶଙ୍କର ବାରିକ, ବୀଣା ସାହୁ, ରଶ୍ମି ପାତ୍ର, ସେବକ ଜେନା ପ୍ରମୁଖ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଶୟନ ଗଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୩୧।୭ (ସୁବାସ ଚନ୍ଦ୍ର ପ୍ରଧାନ)

ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜ ୪ମାସ ଶୟନ ଯିବା ସହିତ ଭଣଜା ପର୍ଶୁରାମେଶ୍ୱର ଦେବଙ୍କୁ ଉକ୍ତ ୪ମାସ ରାଜ୍ୟ ଭାର ସମ୍ଭାଳିବା ଦାୟିତ୍ୱ ଅର୍ପଣ କରିଛନ୍ତି। ଦୈନିକ ନୀତି ସନ୍ଧ୍ୟା ଧୂପ ଓ ଠାକୁରାଣୀ ସନ୍ଧ୍ୟା ଧୂପ ସରିବା ପରେ ପୁନଃ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜାରେ ଭଣ୍ଡାର ଘରୁ ପତ୍ରୀ ସେବକ ଶୟନ ଠାକୁରଙ୍କୁ ରୁପାଥାଳିରେ ନେଇ ଶ୍ରୀଜୀଉଙ୍କ ସମୁଖରେ ଅବସ୍ଥାନ କରାଇଥିଲେ। ଏହା ପରେ ପୂଜା ପଣ୍ଡା ସେବକ ମହସ୍ନାନ ପୂଜା କରି ସାରିବା ପରେ ଶ୍ରୀଜୀଉଙ୍କୁ ମାଘ ସ୍ନାନ ଓ ଶୟନ ଠାକୁରଙ୍କୁ ମାଘ ସ୍ନାନ ଲାଗି କରିଥିଲେ। ପରେ ବଡୁ ସେବକ ଶ୍ରୀଜୀଉଙ୍କୁ ଯାତ୍ରା ପୂଜା ବେଶ କରିଥିଲେ ଓ ଶୟନ ଠାକୁରଙ୍କୁ ମହାସୁଆର ସେବକ ବେଶ କରିଥିଲେ। ଶ୍ରୀଜୀଉଙ୍କ ସମ୍ମୁଖରେ ଶୟନ ଠାକୁରଙ୍କୁ ପତ୍ରୀ ସେବକ ଅବସ୍ଥାନ କରିସାରିବା ପରେ ପୂଜା ପଣ୍ଡା ସେବକ ଉଭୟ ଠାକୁରଙ୍କ ଉପରେ ଏକ ଉତ୍ତରୀୟ ପକାଇଥିଲେ। ଏହା ପରେ ଯାତ୍ରା ପୂଜା ଭୋଗ ସରିବା ପରେ ଆଳତି ମାଧ୍ୟମରେ ଶୟନ ଠାକୁରଙ୍କୁ ଶୟନରେ ଯିବା ପାଇଁ ମନ୍ତ୍ର ମାଧ୍ୟମରେ ଜଣାଇଥିଲେ। ପରେ ବଡ଼ସିଂହାର ନୀତି କରାଯାଇ ମନ୍ଦିର ପହଡ ପଡିଥିଲା।

## ମନୋରଞ୍ଜନ କରିବ ଜୀ-ସାର୍ଥକର '୭ ସୁପର ସୋମବାର'




ଭୁବନେଶ୍ୱର,୩୧।୭ (ଅନୁରାଧା ମହାରଣା)

ଓଡ଼ିଆ ମନୋରଞ୍ଜନ ଚ୍ୟାନେଲ ଜୀ-ସାର୍ଥକ ଅଗଷ୍ଟ ୭ରେ '୭ ସୁପର ସୋମବାର' ନାମରେ ଦର୍ଶକଙ୍କ ମନୋରଞ୍ଜନ କରିବ। ଏହି ଦିନ ଜୀ ସାର୍ଥକରେ 'ଆମ ଝିଲି' ଓ 'ଲାଲ ଇସ୍କ' ଧାରାବାହିକର ଶୁଭାରମ୍ଭ ହେବ। ଦର୍ଶକଙ୍କ ମନ ଜିତିଥିବା ସମସ୍ତ ମେଗା ଧାରାବାହିକ ଓ ରିଆଲିଟି ଶୋ'ର ସ୍ୱତନ୍ତ୍ର ଅଧ୍ୟାୟ ସାରାଦିନ ଜାରି ରହିବ। ଦର୍ଶକଙ୍କ ଚାହିଦା ଅନୁସାରେ ପୁଣିଥରେ ଲୋକପ୍ରିୟ ରିଆଲିଟି ଶୋ 'ରଜ କୁଇନ୍-୨'ର ଗ୍ରାଣ୍ଡ ଫିନାଲେ ପ୍ରସାରିତ ହେବ। ଦିନ ୧୨ରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ରିଆଲିଟି ଶୋ' ପ୍ରସାରିତ ହେବ। ସନ୍ଧ୍ୟା ୫ଟାରୁ ୬ଟା ପର୍ଯ୍ୟନ୍ତ ଝିଲି, ସନ୍ଧ୍ୟା ୬ଟା ରୁ ୭ଟା ପର୍ଯ୍ୟନ୍ତ 'ଦିଦି ନଂ. ୧' ଓ 'ମୁଁ ବି ବିଜୟିନି'ର ୧ ଘଣ୍ଟାର ମହା ଏପିସୋଡ ଦର୍ଶକ ଦେଖିବାକୁ ପାଇବେ। ଏହି ଦିନ ସନ୍ଧ୍ୟା ୭ଟାରେ ନୂଆ ମେଗା ଧାରାବାହିକ 'ଆମ ଝିଲି'ର ପ୍ରସାରଣ ହେବ । ୭ଟା ୩୦ରୁ ୮ଟା ପର୍ଯ୍ୟନ୍ତ ଧାରାବାହିକ 'ସୁନା ଝିଅ' ର ମହାସପ୍ତାହ ଏପିସୋଡ ପ୍ରସାରିତ ହେବ। ପୁଣି ୮ଟା ରୁ ୮ଟା ୩୦ ପର୍ଯ୍ୟନ୍ତ 'ସାଥିରେ' ୮ଟା ୩୦ରୁ ୯ଟା ପର୍ଯ୍ୟନ୍ତ ଦେଖିବେ 'ତୁ ଖରା ମୁଁ ଛାଇ'ର ସେଲିବ୍ରିଟି ସ୍ପେଶାଲ ଅଧ୍ୟାୟ ଓ ରାତି ୯ଟାରୁ ୧୦ଟା ପର୍ଯ୍ୟନ୍ତ ଧାରାବାହିକ 'ଖୁସିର ଛୁଙ୍କ'ର ୧ ଘଣ୍ଟାର ମହାଏପିସୋଡ ଓ ଶେଷରେ ୧୦ଟାରୁ ୧୧ଟା ପର୍ଯ୍ୟନ୍ତ ଦେଖିବେ ଧାରାବାହିକ 'ଲାଲ ଇସ୍କ'ର ଶୁଭାରମ୍ଭ ଅଧ୍ୟାୟ ପ୍ରସାରିତ ହେବ। ଚ୍ୟାନେଲ ମୁଖ୍ୟ ପ୍ରତୀକ ସିଲ କହିଛନ୍ତି ଯେ, ପ୍ରଥମରୁ ଆମେ ଆମର ଦର୍ଶକଙ୍କ ଚିନ୍ତାଧାରାକୁ ସମ୍ମାନ ଦେଇ ତାଙ୍କ ମନୋରଞ୍ଜନ ଜାରି ରଖିଛୁ । ଚ୍ୟାନେଲରେ ପ୍ରସାରିତ ଧାରାବାହିକଗୁଡ଼ିକ ଚ୍ୟାନେଲ ସ୍ଥିତିକୁ ସୁଦୃଢ଼ କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି।

## ଓସିଏସ୍ ପାଇଲେ କିସ୍‌ର ୩ ଛାତ୍ର



ଭୁବନେଶ୍ୱର,୩୧।୭(ଅନୁରାଧା ମହାରଣା)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ପରିଚାଳିତ ୨୦୨୧-୨୨ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କିସ୍‌ର ୩ଜଣ ଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ସୁନ୍ଦରଗଡ଼ର ବିଶ୍ୱନାଥ ରଞ୍ଜନ କିଷାନ, ନୂଆପଡ଼ାର ଫାଲଗୁନୀ ଶବର ଓ କଳାହାଣ୍ଡିର ସନାତନ ମାଝୀ। କଳାହାଣ୍ଡି ଜିଲା ଥୁଆମୂଳ ରାମପୁରର ସନାତନ ହେଉଛନ୍ତି ଆଦିମ ଜନଜାତି କୁଟିଆ କନ୍ଧ ସମ୍ପ୍ରଦାୟର। ଅନ୍ୟପକ୍ଷରେ ଚଳିତବର୍ଷ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ପକ୍ଷରୁ ଅନୁଷ୍ଠିତ ୟୁଜିସି ନେଟ୍ ପରୀକ୍ଷାରେ କିସ୍‌ର ୧୦ଜଣ ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଗୋଲକ କହଁର ଓ ବଳରାମ ଚମ୍ପିଆ ୟୁଜିସି ନେଟ୍ କ୍ୱାଲିଫାଏ କରିବା ସହ ଜେଆର୍‌ଏଫ ମନୋନୀତ ହୋଇଛନ୍ତି। ୟୁଜିସି ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଅନ୍ୟ ଛାତ୍ରୀଛାତ୍ର ହେଲେ ଜୟନ୍ତୀ ମାଝୀ, କୁନ୍ତଳା ଜାନୀ, ଭାରତୀ କୁଜୁର, ରେବତୀ ସିଂହ, କେଶବ ମାଝୀ, ଦେବହୂତି ପୁଟା, ସାନ୍ଥାରାମ ମାଝୀ ଓ ଜୟନ୍ତୀ ଭୋଇ। କିସ୍‌ର ଏହି ସଫଳତାରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସନ୍ତୋଷବ୍ୟକ୍ତ କରିବା ସହ ପ୍ରଶାସନିକ ସେବା ପରୀକ୍ଷା ଓ ୟୁଜିସି ନେଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ସମସ୍ତ ସଫଳ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

**ଶୁଭେଚ୍ଛା ଜଣାଇଲେ ଅଚ୍ୟୁତ ସାମନ୍ତ**

## ଓଡିଶା ସଚିବାଳୟ ସମୀକ୍ଷକ ସଂଘର ରକ୍ତଦାନ ଶିବିର



ଭୁବନେଶ୍ୱର,୩୧।୭(ଅଭିଜିତ ଦାସ)

ଓଡିଶା ସଚିବାଳୟ ସମୀକ୍ଷକ ସେବା ସଂଘ, ଭାରତୀୟ ରେଡ୍‌କ୍ରସ ସୋସାଇଟିର ମିଳିତ ଉଦ୍ୟମରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଅର୍ଥ ବିଭାଗଠାରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ବିଭାଗୀୟ ସଚିବ ବିଶାଳ କୁମାର ଦେବ ଉଦ୍‌ଘାଟନ କରିଥିଲେ। ସେବାସଂଘ କର୍ମକର୍ତ୍ତାଙ୍କ ସଭାପତି ଶାରଦା ରଞ୍ଜନ ଦାଶଙ୍କ ତତ୍ତ୍ୱାବଧାନରେ ସାଧାରଣ ସମ୍ପାଦକ ଜୀବନ ରାଉତ, ସମ୍ପାଦକ ରବି ନାୟକ, ମନୋଜ ସେଠୀ, ଅଜିତ କୁମାର ମହାନ୍ତି, ଭାଗୀରଥ ନାୟକ, ଦିବାକର ସାହୁ, ଦେବଦତ୍ତ ମଲ୍ଲିକଙ୍କ ସମେତ ୬୦ ଜଣ ଅଧିକାରୀ ରକ୍ତଦାନ କରିଥିଲେ। ଭାରତୀୟ ରେଡ୍‌କ୍ରସ ଚିକିତ୍ସକ ଏବଂ ସ୍ୱତନ୍ତ୍ର ଅଧିକାରୀ ତଥା ଅତିରିକ୍ତ ଶାସନ ସଚିବ ଅଶୋକ ଯୋଶୀ ସମ୍ପୂର୍ଣ୍ଣ ସହାୟତା କରିଥିଲେ । ଉକ୍ତ ଶିବିରକୁ ସଂଘର ଯୁଗ୍ମ ସଂପାଦକ ବିଦ୍ୟୁତ ମହାରଣା ପରିଚାଳନା କରିଥିଲେ।

## ପ୍ରଦର୍ଶନୀରେ ମିଳୁଛି ପସନ୍ଦର ସାମଗ୍ରୀ

ଭୁବନେଶ୍ୱର, ୩୧।୭



ବିଗତ ୧୮ ଦିନ ହେବ ଦେଶର ବିଭିନ୍ନ ରାଜ୍ୟରୁ ପ୍ରାୟ ୧୦୦ ବ୍ୟବସାୟୀ ଭିନ୍ନ ଭିନ୍ନ ରଙ୍ଗ ଓ ବେରଙ୍ଗର ସାମଗ୍ରୀ ସହିତ ମନପସନ୍ଦର ପୋଷାକ ଏବଂ ଅନ୍ୟାନ୍ୟ କଟନ, ସିଲ୍କ, ହସ୍ତତନ୍ତ ସାମଗ୍ରୀ ଆଦି ହ୍ୟାଣ୍ଡଲୁମ ଏକ୍ସପୋରେ ମିଳୁଛି। ଏପରିକି ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ ୨୦୨୩ ଜୁଲାଇ ୧୪ରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଥିବା ହ୍ୟାଣ୍ଡଲୁମ ଏକ୍ସପୋ ୨୦୨୩ ଅଗଷ୍ଟ ୨୪ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ପ୍ରଦର୍ଶନୀରେ ସର୍ବଭାରତୀୟ ସ୍ତରର ହସ୍ତକଳା ଓ ହସ୍ତଶିଳ୍ପ ବ୍ୟବସାୟୀମାନଙ୍କୁ ନେଇ ଏକ ଲମ୍ବା ସମୟର ପ୍ରଦର୍ଶନୀ ଆୟୋଜନ କରାଯାଇଛି। ବିଶେଷ କରି ୯୦ଟି ଷ୍ଟଲ ଜରିଆରେ ଗତ ୧୮ ଦିନ ହେବ କଟନ ଆଣ୍ଡ ସିଲ୍କ ପ୍ରଦର୍ଶନୀ ହୋଇଆସୁଛି। ଉଲ୍ଲେଖଯୋଗ୍ୟ, ପ୍ରଦର୍ଶନୀରେ ବିହାରର ଭାଗଲପୁର ଟସର,କୋଷା ଏବଂ ଖଦି ସିଲ୍କ ସମେତ ଲକ୍ଷ୍ନୌ ଚିକନ, ଜାମଦାନୀ ଏବଂ ବନାରସୀ ସିଲ୍କ ଉତ୍ତର ପ୍ରଦେଶର ଅନେକଗୁଡିଏ ପୋଷାକ ସାମଗ୍ରୀ ଉପଲବ୍ଧ। ସେହିଭଳି ମଧ୍ୟପ୍ରଦେଶର ଚାନ୍ଦେରୀ, ମାହେଶ୍ୱରୀ ସିଲ୍କ ସହିତ ଗୁଜରାଟର ପୋଟାଳ ବାନ୍ଧନୀ, କଚ୍ଛ ଏମ୍ବ୍ରୋଡେରି ଏବଂ ରାଜସ୍ଥାନର ବ୍ଲକ ପ୍ରିଣ୍ଟ, ବାନ୍ଧଣୀ, ସାଙ୍ଗେରୀ ପ୍ରିଣ୍ଟ ଆଦି ଗ୍ରାହକଙ୍କ ପସନ୍ଦର ପୋଷାକ ପାଲଟିଛି। ସେହିପରି ବେଙ୍ଗାଲୁରୁ, ଜମ୍ମୁ କାଶ୍ମୀର, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଶ୍ଚିମବଙ୍ଗ ଓ ଓଡ଼ିଶା ଭଳି ରାଜ୍ୟର ପ୍ରସିଦ୍ଧ ପୋଷାକ ଓ ହସ୍ତତନ୍ତ ଏବଂ ହସ୍ତଶିଳ୍ପ ସାମଗ୍ରୀ ହ୍ୟାଣ୍ଡଲୁମ ଏକ୍ସପୋରେ ସୁଲଭ ମୂଲ୍ୟ ଓ ଗୁଣାତ୍ମକ ସାମଗ୍ରୀ ସହିତ ଗ୍ରାହକଙ୍କ ମନପସନ୍ଦର ସାମଗ୍ରୀ ଗୋଟିଏ ସ୍ଥାନରୁ ମିଳିପାରୁଥିବାରୁ ଉତ୍ସାହ ବଢ଼ି ରହିଛି। ଏହି ପ୍ରଦଶନୀ ୨୦୨୩ ଅଗଷ୍ଟ ୨୪ଯାଏ ଜାରି ରହିବ। ଉଲ୍ଲେଖଯୋଗ୍ୟ, ପ୍ରତିଦିନ ଦିନ ୧୦ ଘଟିକାରୁ ପ୍ରଦର୍ଶନୀର ଗେଟ ଖୋଲିଥିବାବେଳେ ରାତି ୯ ଘଟିକା ପରେ ପ୍ରଦର୍ଶନୀର ଗେଟ ସର୍ବସାଧାରଣଙ୍କ ପାଇଁ ବନ୍ଦ ରହୁଛି ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।




ନିରୀହ ଜନସାଧାରଣଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ସୋମବାର ଏକାମ୍ର ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଧଉଳି ଥାନା ଘେରାଉ କରାଯାଇଛି। (ଫଟୋ: ସୁବାସ ଚନ୍ଦ୍ର ପ୍ରଧାନ)




ଓଟିଇଟି ଉଚ୍ଛେଦ ସହ ୫ ଦଫା ଦାବିରେ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡର) ମହାସଂଘ ପକ୍ଷରୁ ସୋମବାର ବିଧାନସଭା ସମ୍ମୁଖ ଲୋୟର ପିଏମ୍‌ଜିରେ ବିକ୍ଷୋଭ।




ସ୍ଥାୟୀ ନିଯୁକ୍ତି ସହ ବିଭିନ୍ନ ଦାବିରେ ନନ୍ ଗଭର୍ନମେଣ୍ଟ ଏଡେଡ୍ ଆଣ୍ଡ୍ ଅନ୍‌ଏଡେଡ୍ କଲେଜେସ୍ ଟିଚିଂ ଆଣ୍ଡ ନନ୍ ଟିଚିଂ (+2 &+3) ଏମ୍ପ୍ଲଇଜ୍ ଆସୋସିଏଶନ ପକ୍ଷରୁ ଲୋୟର ପିଏମ୍‌ଜିରେ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ-ମନୋରଞ୍ଜନ ମିଶ୍ର)

## ସଂକ୍ଷେପରେ

### ପିଏମ୍ କିଷାନରୁ ବଞ୍ଚିତ କାଳିଆ ଯୋଜନା ହିତାଧିକାରୀ

କଟକ ସଦର,୩୧।୭(ସୁଶାନ୍ତ କୁମାର ଜେନା)

ଜୁଲାଇ ୨୬ ତାରିଖରୁ କେନ୍ଦ୍ର ସରକାର ପିଏମ୍ କିଷାନ ଯୋଜନାର ହିତାଧିକାରୀମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଲେଖାଏ ପଠାଇଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପ୍ରଦତ୍ତ କାଳିଆ ଯୋଜନାର ଅଧିକାଂଶ ହିତାଧିକାରୀ ଏହି ଅର୍ଥ ପାଇବାରୁ ବଞ୍ଚିତ ହୋଇଥିବା କଟକ ସଦର ବ୍ଲକ କୃଷି କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ହୋଇଛି। ରେକର୍ଡ ଭୁଲ୍ ଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି ବୋଲି ଉକ୍ତ ବିଭାଗ ପକ୍ଷରୁ ଚାଷୀମାନଙ୍କୁ କୁହାଯାଇଛି। ମିଳିଥିବା ତଥ୍ୟ ଅନୁଯାୟୀ, ୭୧୧ ଜଣ କାଳିଆ ଯୋଜନାର ହିତାଧିକାରୀ ପିଏମ୍ କିଷାନ ଅର୍ଥ ପାଇନାହାନ୍ତି। ଏବେ ବ୍ଲକ କାର୍ଯ୍ୟାଳୟରେ ତ୍ରୁଟି ସୁଧାରିବା ପାଇଁ ଚାଷୀମାନଙ୍କ ଲମ୍ବା ଧାଡ଼ି ଲାଗିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଆଧାରରେ ପିଏମ୍ କିଷାନ ଅର୍ଥ ଚାଷୀଙ୍କ ଆକାଉଣ୍ଟକୁ ଆସିଥାଏ। ମାତ୍ର ଅନେକ ଚାଷୀଙ୍କର ତଥ୍ୟ କେନ୍ଦ୍ର ସରକାରଙ୍କ ନିକଟରେ କିପରି ଭୁଲ୍ ହୋଇଗଲା ତାହାର ଉତ୍ତର କାହା ପାଖରେ ନାହିଁ। ସମସ୍ୟା ସମ୍ପର୍କରେ ବ୍ଲକ କୃଷି ଅଧିକାରୀ ଜଫନା ରାୟଙ୍କୁ ପଚାରିବାରୁ ୨ ମାସ ହେବ ଏହି ବ୍ଲକକୁ ବଦଳି ହୋଇ ଆସିବା ପରେ ସାଧ ମତେ ତ୍ରୁଟି ସୁଧାରିବା କାର୍ଯ୍ୟ ଆରମ୍ଭ କରିଛି ବୋଲି କହିଥିଲେ।

### ଶାଗୁଆନ କାଠ ବୋଝେଇ ପିକ୍ଅପ ଭ୍ୟାନ ଜବତ

ବଡ଼ମ୍ବା,୩୧।୭(ମାୟାଧର ମଲ୍ଲିକ )

ବଡ଼ମ୍ବା ବ୍ଲକର ଦେଉଳି ଗାଁ ନିକଟରୁ ସୋମବାର ଶାଗୁଆନ କାଠ ବୋଝେଇ ଏକ ପିକ୍ଅପ ଭ୍ୟାନକୁ ବନ ବିଭାଗ କର୍ମଚାରୀ ଜବତ କରିଛନ୍ତି। ଜବତ କାଠର ମୂଲ୍ୟ ପ୍ରାୟ ଏକ ଲକ୍ଷ ଟଙ୍କା ହେବ । ଅପରାହ୍ଣ ସମୟରେ ଏହି ପିକ୍ ଅପ୍ ଭ୍ୟାନଟି ଦେଉଳି ଗାଁ ଦେଇ ଯାଉଥବାବେଳେ କିଛି ଲୋକେ ତାକୁ ଅଟକାଇ କାଠ କାହାର ଓ କେଉଁଠିକୁ ନେଉଛ ବୋଲି ପଚାରିଥିଲେ। ମାତ୍ର ଚାଳକ କୌଣସି ଉତ୍ତର ନ ଦେଇ କୌଶଳକ୍ରମେ ଖସିପଳାଇ ଯାଇଥିଲେ। ତା'ପରେ ଗ୍ରାମବାସୀ ସ୍ଥାନୀୟ ବନ ବିଭାଗକୁ ଖବର ଦେବା ପରେ ଘଟଣାସ୍ଥଳରେ ପୋଲିସ ସହ ବନ ବିଭାଗ କର୍ମଚାରୀ ପହଞ୍ଚି କାଠ ବୋଝେଇ ଗାଡିକୁ ଜବତ କରିଛନ୍ତି।

### ଅଗଷ୍ଟ ୫ରେ ରାଜଭବନ ସମ୍ମୁଖରେ ବିଦ୍ୟୁତ୍ ସତ୍ୟାଗ୍ରହ

ଭୁବନେଶ୍ୱର,୩୧।୭(ଅଭିଜିତ ଦାସ):

ଟାଟା ପାୱାରର ମନଇଚ୍ଛା ବିଦ୍ୟୁତ୍ ବିଲ ଆଦାୟ ଓ ଅଘୋଷିତ ବିଦ୍ୟୁତ୍ କାଟ ଯୋଗୁ ରାଜ୍ୟରେ ୯୯ ଲକ୍ଷ ୧୮ ହଜାର ବିଦ୍ୟୁତ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ଏହାର ଦୃଢ ପ୍ରତିବାଦ କରି ଆସନ୍ତା ଅଗଷ୍ଟ ୫ରେ ମିଶନ ଓଡିଆ ୨୦୩୬ ମହାସଂଘ ପକ୍ଷରୁ ରାଜଭବନ ସମ୍ମୁଖରେ ବିଦ୍ୟୁତ ସତ୍ୟାଗ୍ରହ ଆନ୍ଦୋଳନ ହେବ। ସୋମବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଂଘର ଆବାହକ ବାସୁଦେବ ଭଟ୍ଟ କହିଛନ୍ତି, ଉକ୍ତ ଆନ୍ଦୋଳନ ଜୁଲାଇ ୨୫ରେ ହେବାର ଥିଲା। ମାତ୍ର ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ଏହାର ତାରିଖ ପରିବର୍ତ୍ତନ କରାଯାଇଛି।

# ଶିକ୍ଷକ ନିଯୁକ୍ତି ଦାବିରେ ଶ୍ରେଣୀଗୃହରେ ତାଲା

## ନୂଆପାଟଣା ଉ.ପ୍ରା. ବିଦ୍ୟାଳୟ

ମଙ୍ଗୁଳି-ଜଗତପୁର,୩୧।୭
(ମାନସ ସାମଲ)

ଶିକ୍ଷକ ନିଯୁକ୍ତି ସମେତ ୫ ଦଫା ଦାବି ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ କୟଲପଡ଼ା ପଞ୍ଚାୟତ ଅଧୀନ ନୂଆପାଟଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହରେ ସୋମବାର ଅଭିଭାବକମାନେ ତାଲା ପକାଇ ଦେଇଥିଲେ। ଫଳରେ ଛାତ୍ରୀଛାତ୍ରମାନେ ସ୍କୁଲକୁ ଆସି ବାରଣ୍ଡାରେ ବସିଥିବା ଦେଖିବାକୁ ମିଳିଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ତାଲା ଖୋଲାଯିବ ନାହିଁ ବୋଲି ଅଭିଭାବକ ଓ ସ୍କୁଲ କମିଟି ସଦସ୍ୟମାନେ ଅଡି ବସିଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ପହଞ୍ଚି ସେମାନଙ୍କ ସହ ଆଲୋଚନା କରି ବିଫଳ ହୋଇଥିଲେ। ପରେ ସିଆର୍‌ସିସି ଜ୍ଞାନ ବିଶ୍ୱାଳ ପହଞ୍ଚି ଅଭିଭାବକମାନଙ୍କ ସହିତ ଆଲୋଚନା କରିଥିଲେ। ନୂତନ ପ୍ରଧାନ ଶିକ୍ଷକ ଦାୟିତ୍ୱ ଗ୍ରହଣ କରିବା ପରେ ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କୁ ଭେଟି ଆଲୋଚନା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅଭିଭାବକମାନେ ଶ୍ରେଣୀଗୃହର ତାଲା ଖୋଲିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ମୋଟ ୧୭୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କୁ ପଢାଇବା ପାଇଁ ଏବେ ୩ ଜଣ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି। ଏହାଦ୍ୱାରା ପାଠପଢାରେ ସମସ୍ୟା ହେଉଛି। ଇତିମଧ୍ୟରେ ପ୍ରଧାନ ଶିକ୍ଷକଙ୍କ ବଦଳି ହୋଇଯାଇଛି। ଏ ସମ୍ପର୍କରେ ସ୍କୁଲ କମିଟି ଚେୟାରମ୍ୟାନ୍ ବିକ୍ରମ କେଶରୀ ପ୍ରଧାନ କହିଛନ୍ତି, ୯ମାସ ତଳେ ସ୍କୁଲର ଜଣେ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ବିଦ୍ୟାଳୟରେ ଶିକ୍ଷକ ଅଭାବ ସମ୍ପର୍କରେ କମିଟି ପକ୍ଷରୁ ବିଇଓଙ୍କୁ ଲିଖିତ ଭାବେ ଅବଗତ କରାଯାଇଥିଲା। ୭ ଦିନ ମଧ୍ୟରେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି କରାଯିବ ବୋଲି ବିଇଓ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏପର୍ଯ୍ୟନ୍ତ ଶିକ୍ଷକ ପଦବୀ ଖାଲିପଡିଛି। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟଙ୍କ ସମେତ ଅଭିଭାବକ ଓ ଗ୍ରାମବାସୀ ଅନେକ ଥର ବିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସୁଫଳ ମିଳିପାରି ନାହିଁ। ଫଳରେ ବାଧ୍ୟ ହୋଇ ଅଭିଭାବକମାନେ ଶ୍ରେଣୀଗୃହରେ ତାଲା ପକାଇ ଦେଇଛନ୍ତି। ଏ ସମ୍ପର୍କରେ ବିଇଓ ସରୋଜିନୀ ସାହୁ କହିଛନ୍ତି, ସରକାର ନୂତନ ଶିକ୍ଷକ ନିଯୁକ୍ତି ନ ଦେବାରୁ ଉକ୍ତ ବ୍ଲକ ଅଞ୍ଚଳର ଅନେକ ସ୍କୁଲରେ ଏଭଳି ସମସ୍ୟା ଦେଖାଦେଇଛି। ନୂତନ ଶିକ୍ଷକ ନିଯୁକ୍ତି ହେଲେ ଉକ୍ତ ସ୍କୁଲରେ ଦୁଇ ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ସେ କହିଛନ୍ତି। ଆଲୋଚନାବେଳେ ପରିଚାଳନା କମିଟିର ଇତିଶ୍ରୀ ବେଉରା, ବର୍ଷା ସେନାପତି, ଜୟନ୍ତୀ ପରିଡ଼ା, ଗୋଲାପ ସେଠୀ, ସରସ୍ୱତୀ ସ୍ୱାଇଁ, ସକୁନ୍ତଳା ସେନାପତି, ଅଜୟ ସ୍ୱାଇଁ, ସ୍ଥାନୀୟ ୱାର୍ଡ ମେମ୍ବର ପ୍ରକାଶ ବେହେରା, ଭାଗୀରଥି ଖୁଣ୍ଟିଆ, ବିନୋଦ ନାୟକ, ମନୋଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ସ୍କୁଲ ଫାଟକରେ ତାଲା ପଡିଥିବାରୁ ଛାତ୍ରୀଛାତ୍ରମାନେ ବାରଣ୍ଡାରେ ବସିଛନ୍ତି।

# ବାପାଙ୍କୁ ମରଣାନ୍ତକ ଆକ୍ରମଣ: ପୁଅଙ୍କୁ ୪ବର୍ଷ ଜେଲ

କଟକ,୩୧।୭ (କାର୍ତ୍ତିକ ସାହୁ)

ବାପାଙ୍କୁ ମରଣାନ୍ତକ ଆକ୍ରମଣ କରିବା ମାମଲାରେ ଅତିରିକ୍ତ ଜିଲା ଦୌରାଜଜ ଅଭିଯୁକ୍ତ ପୁଅ ହାଡ଼ିଆ ଓରଫ ସୁରେନ୍ଦ୍ର ଦାସଙ୍କୁ ୪ବର୍ଷ ଜେଲଦଣ୍ଡ ସହ ୧ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୩ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ, ଚୌଦ୍ୱାର ନୂଆସାହି ଅଞ୍ଚଳରେ ଘନଶ୍ୟାମ ଦାସଙ୍କ ଘର। ତାଙ୍କ ପୁଅ ହାଡ଼ିଆଙ୍କ ସହ ପାରିବାରିକ କଳହ ଲାଗି ରହିଥିଲା। ବିବାଦକୁ କେନ୍ଦ୍ରକରି ୨୦୨୧ ଡିସେମ୍ବର ୪ରେ ହାଡିଆ ତାଙ୍କ ବାପା ଘନଶ୍ୟାମଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ ଆହତ ହୋଇଥିଲେ। ଏ ନେଇ ସେ ଅଭିଯୋଗ କରିବା ପରେ ଚୌଦ୍ୱାର ପୋଲିସ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ମାମଲାର ବିଚାର ଅତିରିକ୍ତ ଜିଲା ଦୌରାଜଜଙ୍କ ଅଦାଲତରେ ହୋଇଥିଲା। ୬ଜଣ ସାକ୍ଷୀ ଓ ପ୍ରମାଣକୁ ଆଧାର କରି ଅଦାଲତ ହାଡ଼ିଆଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଆଇନଜୀବୀ ରାମ ପ୍ରସାଦ ଦାଶ ମାମଲା ପରିଚାଳନା କରୁଥିଲେ।

# ଆଠଗଡ଼ରେ ସାପୁଆ କୃଷି ଉତ୍ପାଦକ କମ୍ପାନୀ ଶୁଭାରମ୍ଭ



କାର୍ଯ୍ୟକ୍ରମରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଉଦ୍‌ବୋଧନ ଦେଉଛନ୍ତି।

ଆଠଗଡ, ୩୧।୭(ସତ୍ୟ ପ୍ରସାଦ ରଥ)

ଆଠଗଡ ବ୍ଲକର ୧ ନଂ ଜୋନର ବାରମାସୀ ଚାଷ ହେଉଥିବା ପଞ୍ଚାୟତଗୁଡିକ ଯଥା ଇଚ୍ଛାପୁର, ଜେନାପଦା, ଖୁଣ୍ଟକଟା, ସମସରପୁର, ସଠିଲୋର ଅଗ୍ରଣୀ ଚାଷୀମାନଙ୍କୁ ନେଇ ଏକ ସାପୁଆ କୃଷି ଉତ୍ପାଦକ କମ୍ପାନୀ ଗଠନ କରାଯାଇ ଆଠଗଡ ମିନି ଷ୍ଟାଡିୟମ ରବିବାର ଶୁଭାରମ୍ଭ କରାଯାଇଛି। ଏଥିସହ ଏହାର ପ୍ରଥମ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନ କୃଷି ସୂଚନା ପରାମର୍ଶ କେନ୍ଦ୍ର ଅଧ୍ୟକ୍ଷ ରବୀନ୍ଦ୍ରନାଥ ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ କୃଷି, କୃଷକ, ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ସାପୁଆ କୃଷି ଉତ୍ପାଦକ କମ୍ପାନୀ ଗଠନ ହେବା ଫଳରେ ଚାଷୀମାନେ ନିଜର ଉତ୍ପାଦନ ସାମଗ୍ରୀ ବିକ୍ରୟ କରିବା ପାଇଁ ବଜାର ସୃଷ୍ଟି ହୋଇପାରିବ। ରାଜ୍ୟ ସରକାର କୃଷି ଉତ୍ପାଦନ ସଂଘ ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରିଛନ୍ତି। କୃଷି ଉତ୍ପାଦକ ସଂଘ ଜରିଆରେ ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବା ସହ ଚାଷୀଭାଇମାନଙ୍କ ଆର୍ଥିକ ଉନ୍ନତି ହୋଇପାରିବ। ଓଡିଶା ଏକ ମାତ୍ର ରାଜ୍ୟ ଭାବେ ଉତ୍ପାଦକ ସଂସ୍ଥା ପାଇଁ ଆର୍ଥିକ ପ୍ରୋତ୍ସାହନର ବ୍ୟବସ୍ଥା କରିଛି। କୃଷି ଉତ୍ପାଦକ କମ୍ପାନୀର ସଂଯୋଜକ ରବୀନ୍ଦ୍ର କୁମାର ପଣ୍ଡା ଏଥିରେ ଯୋଗଦେଇ କମ୍ପାନୀ ଜରିଆରେ କୃଷକମାନେ ସରକାରଙ୍କଠାରୁ କିପରି ସହଯୋଗ ପାଇବେ ସେ ସମ୍ପର୍କରେ ଆଲୋକପାତ କରିଥିଲେ । ସାପୁଆ କୃଷି ଉତ୍ପାଦକ କମ୍ପାନୀର କାର୍ଯ୍ୟନିର୍ବାହୀ ଅଧିକାରୀ ଶିଶିର ପ୍ରସାଦ ମାନସିଂହ ନିର୍ଦ୍ଦେଶକମାନଙ୍କ ପରିଚୟ ପ୍ରଦାନ କରିଥିଲେ । କମ୍ପାନୀ ସଭାପତି ନୀଳମଣି ନାୟକ କୃଷି ଉତ୍ପାଦକ କମ୍ପାନୀ ଜରିଆରେ ଚାଷୀମାନେ କେଉଁ କେଉଁ ସୁବିଧା ପାଇପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହି ଅଧିବେଶନରେ ଗ୍ରାମ ଉତ୍ଥାନର ପ୍ରକଳ୍ପ ନିର୍ଦ୍ଦେଶକ ଅଭୟ କୁମାର ସ୍ୱାଇଁ, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ବିଷ୍ଣୁ ପ୍ରସାଦ ସିଂହ, ସହକାରୀ ଉଦ୍ୟାନ ଅଧିକାରୀ ଧନୁର୍ଜୟ ରାଉତ, ସହକାରୀ କୃଷି ଅଧିକାରୀ ରାକେଶ କୁମାର ରାଉତ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ସୁଶାନ୍ତ କୁମାର ବେହେରା ଯୋଗଦେଇ ଥିଲେ। ରାଜ୍ୟ ବିହନ ଓ ଯୌଦିକପ୍ରାମାଣିକ ସଂସ୍ଥାର ନିର୍ଦ୍ଦେଶକ ନିରାକାର ଲେଙ୍କା ମଞ୍ଚ ପରିଚାଳନା କରିଥିଲେ। ଏହି ଅଧିବେଶନରେ କମ୍ପାନୀର ସମସ୍ତ ନିର୍ଦ୍ଦେଶକମଣ୍ଡଳୀଙ୍କ ସମେତ ୫ ପଞ୍ଚାୟତର ୩୦୦ ଅଂଶୀଦାର ଚାଷୀ ଯୋଗଦେଇଥିଲେ।

# ଜିଲାପାଳଙ୍କ ଜନଶୁଣାଣିରେ ୧୧୬ ଅଭିଯୋଗ




ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

ମାହାଙ୍ଗା,୩୧।୭(ଯଯାତି ସିଂହ):

ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ କଟକ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୋଟ ୧୧୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଗୁଡ଼ିକ ମଧ୍ୟରେ ଯୋଗାଣ ବିଭାଗ, ଭତ୍ତା, ଆବାସ ଗୃହ, ଶ୍ରମ ବିଭାଗ, ତହସିଲ, ଜଙ୍ଗଲ ବିଭାଗ, ଶିକ୍ଷା, ଗ୍ରାମ ଉନ୍ନୟନ, ବିଦ୍ୟୁତ୍, କୃଷି ସମ୍ପର୍କିତ ଅଭିଯୋଗ ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଶିବୋ ଟୋପୋ, ଉପଜିଲାପାଳ କମଳଜିତ ଦାଶ, ସିଡିଏମ୍‌ଓ ମକରେନ୍ଦ୍ର ବେହୁରା, ଏସ୍‌ପି ମିହିର ପଣ୍ଡା, ଏସ୍‌ଡିପିଓ ବିମଳ ବାରିକ, ବ୍ଲକ ଅଧ୍ୟକ୍ଷା ଦୀପା ମଲିକ, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ଭାରପ୍ରାପ୍ତ ବିଡିଓ ଜ୍ଞାନରଞ୍ଜନ ପଣ୍ଡା, ତହସିଲଦାର ଉମାକାନ୍ତ ବିଶ୍ୱାଳ,ଏସ୍‌ଡିପିଓ ବିମଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲା ଶ୍ରମ ବିଭାଗ ଅଧିକାରୀ ଅନୁପସ୍ଥିତ ଥିବାରୁ ତାଙ୍କର ପ୍ରତିନିଧି ଜିଲା ଅତିରିକ୍ତ ଶ୍ରମ ଅଧିକାରୀ ଜନଶୁଣାଣିରେ ଭାଗ ନେଇଥିଲେ। ଶିବିରରେ ଜିଲାଶ୍ରମ ଅଧିକାରୀ ଅନୁପସ୍ଥିତ ଥିବାରୁ ତାଙ୍କ କାରଣ ଦର୍ଶାଅ ନୋଟିସ ଜାରି କରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ବ୍ୟବସାୟିକ ମନୋଭାବ ନେଇ ଚାଷ କଲେ ଦେଶର ଅଭିବୃଦ୍ଧି ହେବ

### ଚଉଦ କୋଷ ଉତ୍ର ଖଣ୍ଡାୟତ ସମାଜର ସାଧାରଣ ସଭା

ବଡ଼ମ୍ବା,୩୧।୭(ମାୟାଧର ମଲ୍ଲିକ )

ବଡ଼ମ୍ବା ଚଉଦ କୋଷ ଉତ୍ର ଖଣ୍ଡାୟତ ସମାଜର ସାଧାରଣ ସଭା ବଡ଼ମ୍ବାହାଟସ୍ଥିତ ଆଡିଆ ମହାଦେବଙ୍କ ପୀଠ ପରିସରରେ ଥିବା ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର ଯୋଗଦେଇ ସମାଜର ଉନ୍ନତି ସହ ଚାଷୀ ଭାଇଙ୍କ ଉନ୍ନତ ଜ୍ଞାନକୌଶଳର ପ୍ରୟୋଗ ଓ ବ୍ୟବସାୟିକ ମନୋଭାବ ନେଇ ଚାଷ କରି ଦେଶର ଅଭିବୃଦ୍ଧିରେ ସହଯୋଗ କରିବା ଦରକାର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ପଞ୍ଚାୟତସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ରନାଥ ସାହୁ, ସାମାଜିକ କର୍ମୀ ମଙ୍ଗୁଳି ସାହୁ ପ୍ରମୁଖ ଯୋଗ ଦେଇଥିଲେ। ବଡ଼ମ୍ବା ଉତ୍ର ଖଣ୍ଡାୟତ ସମାଜର ସଭାପତି ବିବିଧ କୁମାର ସାହୁ, କୋଷାଧ୍ୟକ୍ଷ ଶୁଭେନ୍ଦୁ ରାଉତ, ସମ୍ପାଦକ ଅଶୋକ କୁମାର ମାଝି, ଉପସଭାପତି ଗୋବିନ୍ଦ ମହାପାତ୍ର ଉତ୍ର ଖଣ୍ଡାୟତ ସମାଜର ସମସ୍ତ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ସମାଜର ବିଶିଷ୍ଟ କର୍ମକର୍ତ୍ତାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

# ଉତ୍ତମ ଛାତ୍ରୀଛାତ୍ର ଉଚ୍ଚାଭିଳାଷୀ ହୋଇଥାଆନ୍ତି

## ବାଙ୍ଗେରିସିଙ୍ଗା ଉଚ୍ଚ ବିଦ୍ୟାଳୟ

ବଡ଼ମ୍ବା,୩୧।୭(ମାୟାଧର ମଲ୍ଲିକ )

ବଡ଼ମ୍ବା ବ୍ଲକ ବାଙ୍ଗେରିସିଙ୍ଗା ପଞ୍ଚାୟତର ଦୁର୍ଗାଦେବୀ ବି.ଏନ.ଟି. ନୋଡାଲ ଉଚ୍ଚ ବିଦ୍ୟାଳୟ ଭିତ୍ତିଭୂମିର ରୂପାନ୍ତରଣର କ୍ଷେତ୍ରୀୟ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ମାବେ ବିଧାୟକ ଦେବୀ ପ୍ରସାଦ ମିଶ୍ର ସୋମବାର ଯୋଗଦେଇ ଲୋକାର୍ପଣ କରିଥିଲେ। ସେହିପରି ଉତ୍ତମ ଛାତ୍ରୀଛାତ୍ର ଉଚ୍ଚ ଅଭିଳାଷୀ ହୋଇ ଥାଆନ୍ତି ବୋଲି ବକ୍ତବ୍ୟରେ କହିଥିଲେ। ଏଥିସହ ବିଦ୍ୟାଳୟର ଉନ୍ନତିକରଣ ପାଇଁ ଖେଳପଡ଼ିଆ ଓ ଅନ୍ୟ କାର୍ଯ୍ୟ ପାଇଁ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ଅବସରରେ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପ୍ରଶଂସା ପତ୍ର ସହ ମେଡାଲ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ସାହୁ, ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ। ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମଉଗଜସିଂହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପଞ୍ଚାୟତ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ, ସାମାଜିକ କର୍ମୀ ଗୋପାଳ ଦେହୁରୀ, ମିଟୁ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଚୋରି ଅଳଙ୍କାର ଜବତ, ଯୁବକ ଗିରଫ





ଜବତ ଅଳଙ୍କାର ଓ ଗିରଫ ଅଭିଯୁକ୍ତ।

କଟକ,୩୧।୭ (କାର୍ତ୍ତିକ ସାହୁ)

ମଙ୍ଗଳାବାଗ ପୋଲିସ ବିପୁଳ ପରିମାଣର ସୁନା ଅଳଙ୍କାର ଜବତ କରିବା ସହ ଜଣେ ଯୁବକଙ୍କୁ ସୋମବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜଗତପୁର ଥାନା ଅନ୍ତର୍ଗତ ପୀରବଜାର ଗୁଜରପୁର ଅଞ୍ଚଳର ସେକ୍ ବାବୁ ଓରଫ ସେକ୍ ରଫିକ୍(୨୮)। ତାଙ୍କ ନିକଟରୁ ୩୫ ଗ୍ରାମ୍‌ର ଗୋଟିଏ ସୁନା ମଙ୍ଗଳସୂତ୍ର, ୨୩ ଗ୍ରାମ୍‌ର ୨ଟି ସୁନାଚେନ୍, ୧୪ ଗ୍ରାମ୍‌ର ଗୋଟିଏ ଲକେଟ୍, ୪.୫ ଗ୍ରାମ୍‌ର ଗୋଟିଏ ବ୍ରେସ୍‌ଲେଟ୍, ୧୮ ହଳ କାନଫୁଲ, ୨ ହଳ ଝୁମକାଫୁଲ ଓ ୨୪.୨ ଗ୍ରାମ୍‌ର ସୁନାମୁଦି ଜବତ କରାଯାଇଛି। ଜବତ ଅଳଙ୍କାର ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଅଭିଯୁକ୍ତ ନାମରେ ବିଭିନ୍ନ ଥାନାରେ ୯ଟି ମାମଲା ରୁଜୁ ଥିବା କଟକ ଡିସିପି ପିନାକ ମିଶ୍ର କହିଛନ୍ତି।

ବକ୍ସିବଜାର ବଣିଆସାହିର ଟି. ଲକ୍ଷ୍ମୀ ନାରାୟଣ(୪୯) ତାଙ୍କ ପରିବାର ସହ ମହାଲକ୍ଷ୍ମୀ ଅଳଙ୍କାର ମାଲିକଙ୍କ ଘରେ ୨୦୧୪ରୁ ରହିଆସୁଛନ୍ତି। ସେ ବ୍ୟକ୍ତିଗତ କାମରେ ଆନ୍ଧ୍ରପ୍ରଦେଶ ଯାଇଥିବାବେଳେ ତାଙ୍କ ଘରେ ସ୍ତ୍ରୀ ଓ ଝିଅ ଥିଲେ। ଏହି ସୁଯୋଗରେ ଜଣେ ଅଭିଯୁକ୍ତ ତାଙ୍କ ଘରେ ପଶି ପ୍ରାୟ ୨୨୦ ଗ୍ରାମ୍‌ର ସୁନା ଓ ୨ କେଜି ରୁପା ଅଳଙ୍କାର ସମେତ ୪ ଲକ୍ଷ ଟଙ୍କା ଓ କେତେକ ହାତଘଣ୍ଟା ଚୋରି କରି ନେଇଥିଲେ। ଏ ନେଇ ଗତ ୨୭ ତାରିଖରେ ଲକ୍ଷ୍ମୀ ନାରାୟଣ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୨୧୪/୨୩) ରୁଜୁ କରିଥିଲା। ପରେ ତଦନ୍ତ କରି ସେକ୍ ରଫିକ୍‌ଙ୍କୁ ଗିରଫ କରିଥିଲା। ପୋଲିସ ଜେରାବେଳେ ସେ ଏହି ଚୋରି କରିଥିବା ସ୍ୱୀକାର କରିଥିଲେ।

# କେନାଲ ବନ୍ଧ ରାସ୍ତା ନିର୍ମାଣରେ ବିଳମ୍ବ : ଟାୟାର ଜାଳି ପ୍ରତିବାଦ

## ୪ ଘଣ୍ଟା ଯାତାୟାତ ଠପ୍

- ୧୦ ଦିନରେ ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି
- ସମାଧାନ ନ ହେଲେ ଗଣ ଆନ୍ଦୋଳନ ଚେତାବନୀ

ମାହାଙ୍ଗା,୩୧।୭(ଯଯାତି ସିଂହ)



ତ୍ରିବେଣୀଶ୍ୱର ପୂର୍ତ୍ତ କେନାଲ ବନ୍ଧ ରାସ୍ତା ଉପରେ ଲୋକେ ଟାୟାରେ ଜାଳି ପ୍ରତିବାଦ କରୁଛନ୍ତି।

ମାହାଙ୍ଗା ବ୍ଲକ କୁଆଁପାଳ -ପାଗା ପୂର୍ତ୍ତ ରାସ୍ତାର ତ୍ରିବେଣୀଶ୍ୱର ପଟ୍ଟାମୁଣ୍ଡାଇ କେନାଲବନ୍ଧ ରାସ୍ତା ନିର୍ମାଣରେ ବିଳମ୍ବ ହେଉଛି। ଏଥିସହ ସେଠାରେ ମାଟି ପକାଯାଉଥିବାରୁ ଯାତାୟାତରେ ସମସ୍ୟା ହେଉଥିବା ଅଭିଯୋଗ କରି ତ୍ରିବେଣୀଶ୍ୱର ପୂର୍ତ୍ତ କେନାଲ ବନ୍ଧ ରାସ୍ତା ଉପରେ ଲୋକେ ଟାୟାରେ ଜାଳି ପ୍ରତିବାଦ କରିଥିଲେ । ଫଳରେ ୪ ଘଣ୍ଟା ଧରି ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଥିଲା। ଉତ୍ତ୍ୟକ୍ତ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ଉପରେ କଟକ, ଟାଙ୍ଗି, ପାଗା, ଛତିଆ, କୁଆଁପାଳ, ବାଲିଚନ୍ଦ୍ରପୁର, ସାଲେପୁର, ବଡ଼ଚଣା ଅଞ୍ଚଳର ଲୋକେ ନିର୍ଭରଶୀଳ। କିଛି ଦିନ ପୂର୍ବେ ତ୍ରିବେଣୀଶ୍ୱରଠାରେ ୨ ଶହ ମିଟରରୁ ଊର୍ଦ୍ଧ୍ୱ ଘାଇ ହେବା ଦ୍ୱାରା ୧୦ରୁ ଊର୍ଦ୍ଧ୍ୱ ଦୋକାନ ବିରୂପା ନଦୀରେ ଲୀନ ହୋଇଯାଇଥିଲା। ତ୍ରିବେଣୀଶ୍ୱରଠାରୁ ପାଗା ପର୍ଯ୍ୟନ୍ତ ରାସ୍ତା ବିଚ୍ଛିନ୍ନ ହୋଇଥିଲା। ଏହାପରେ ଜଳସେଚନ ବିଭାଗ ପକ୍ଷରୁ କେନାଲ ବନ୍ଧ ଘାଇରେ କଂକ୍ରିଟ ୱାଲ କରାଯିବା ସହ ପୂର୍ତ୍ତ ବିଭାଗ ପକ୍ଷରୁରାସ୍ତାର ସୁଦୃଢ଼ୀକରଣ ନିମନ୍ତେ କାର୍ଯ୍ୟ କରାଯାଉଛି । ଏହି କେନାଲ ବନ୍ଧ ରାସ୍ତାରେ ମାଟି ପକାଯାଉଛି । ଏବେ ବର୍ଷା ଋତୁ ହୋଇଥିବାରୁ ମାଟି ଯୋଗୁ ରାସ୍ତାଟି କାଦୁଅ ପରିପୂର୍ଣ୍ଣ ହୋଇ ମରଣଯନ୍ତା ପାଲଟିଛି। ଏଠାରେ ଯାତାୟାତରେ ଅସୁବିଧା ହେବା ସହ ବହୁ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ଏପରିକି ଜରୁରିକାଳୀନ ସେବାରୁ ସ୍ଥାନୀୟ ଅଞ୍ଚଳବାସୀ ବଞ୍ଚିତ ହେଉଛନ୍ତି । ଏହାକୁ ସ୍ଥାନୀୟ ଲୋକେ ବିରୋଧ କରି ପ୍ରତିବାଦ କରିଥିଲେ। ଖବର ପାଇ ଜଳେସେଚନ ବିଭାଗ ଏସ୍‌ଡିଓ ଗଦାଧର ବାରିକ, ଯନ୍ତ୍ରୀ ବୈକୁଣ୍ଠନାଥ ଭୋଇ, ଅତିରିକ୍ତ ତହସିଲଦାର ବାବୁରାମ ମୁର୍ମୁ ଓ ଫାଣ୍ଡି ଅଧିକାରୀ ଗୋପବନ୍ଧୁ ମଲିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଜଳସେଚନ ବିଭାଗ ଏସ୍‌ଡିଓ ଗଦାଧର ବାରିକ ଏହି ରାସ୍ତା କାର୍ଯ୍ୟ ୧୦ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଦିଆଯାଇଥିବା ସମୟ ସୀମା ମଧ୍ୟରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେଲେ ଆଗାମୀ ଦିନରେ ଗଣଆନ୍ଦୋଳନ ହେବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି ।

## ସଂକ୍ଷେପରେ

### ଦାୟିତ୍ୱ ନେଲେ ନୂତନ ଅଧ୍ୟକ୍ଷ



ନିରାକାରପୁର,୩୧ା୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତରେ ଥିବା କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷଭାବେ ସନ୍ତୋଷ କୁମାର ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ମହାବିଦ୍ୟାଳୟରେ ସେ ହେଲେ ୪୩ତମ ଅଧ୍ୟକ୍ଷ। ଏଥିସହ ସେ ଉକ୍ତ କଲେଜରେ ଫିଜିକ୍ସ ବିଭାଗର ଅଧ୍ୟାପକ ଥିଲେ। ତାଙ୍କ ପୂର୍ବରୁ ଅଧ୍ୟକ୍ଷା ଭାବେ ଦାୟିତ୍ୱ ନେଇଥିବା ଡ. ପ୍ରତିଭାମୟୀ ମିତ୍ରଙ୍କ ଅବସର ପରେ ପଣ୍ଡା ଅଧ୍ୟକ୍ଷଭାବେ ଯୋଗଦେଇଛନ୍ତି। ଏହି ଅବସରରେ ଅଧ୍ୟକ୍ଷା ମିତ୍ରଙ୍କୁ କଲେଜ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିବା ବେଳେ ନୂତନଭାବେ ଦାୟିତ୍ୱ ନେଇଥିବା ଅଧ୍ୟକ୍ଷ ପଣ୍ଡାଙ୍କୁ ସ୍ୱାଗତ କରାଯାଇଥିଲା। କଲେଜର ଉନ୍ନତି ଦିଗରେ ଦୃଷ୍ଟିଦେବା ସହିତ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଅଧିକ ଗୁରୁତ୍ୱ ଦେବେ ବୋଲି ପଣ୍ଡା କହିଛନ୍ତି। କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଅନୁରୂପଭାବେ ନିରାକାରପୁର ଖବରଦାତା ସଂଘର ସଭାପତି ମାନସ ଚନ୍ଦ୍ର ପଟ୍ଟନାୟକ, ସଦସ୍ୟ ସଂଗ୍ରାମ କେଶରୀ ପଟ୍ଟନାୟକ, ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଅଧ୍ୟକ୍ଷ ପଣ୍ଡାଙ୍କୁ ସ୍ୱାଗତ ଜଣାଇଛନ୍ତି।

### ସନ୍ତୁଳିତ ପରିବେଶ ପାଇଁ ଚାରାରୋପଣ ଜରୁରୀ

ବୋଲଗଡ଼,୩୧ା୭(ଦେବବ୍ରତ ହୋତା)

ବୋଲଗଡ ବ୍ଲକ ଧଳାପଥର ପଞ୍ଚାୟତ ଠଣାପଲ୍ଲୀ ମିଳିତ ଯୁବକ ସଂଘ ପକ୍ଷରୁ ଚାରାରୋପଣ ସହ ସଚେତନତା ସଭା ଖାରଡପଲ୍ଲୀସ୍ଥିତ ମା'ବରଡାଳିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଦ୍ୟାଧର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପଟ୍ଟନାୟକ ମୁଖ୍ୟ ଅତିଥି, ପ୍ରଫୁଲ୍ଲ କୁମାର ହୋତା ମୁଖ୍ୟବକ୍ତା, ମୁଖଶାଳାର ସମ୍ପାଦକ ବଂଶୀଧର ପଣ୍ଡା, ବନରକ୍ଷୀ ଛବିରାଣୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ବୃକ୍ଷରୋପଣର ମହତ୍ତ୍ୱ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଉପରେ ବକ୍ତବ୍ୟ ରଖିଥିଲେ। ପରିବେଶର ସନ୍ତୁଳନ ରକ୍ଷା ପାଇଁ ବ୍ୟାପକ ବୃକ୍ଷରୋପଣ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ଭାଗୀରଥି ଦାଶ କାର୍ଯ୍ୟକ୍ରମ ପରିଚାଳନା ସହ ପିଲାଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରିଥିଲେ। ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅତିଥି, ଶିକ୍ଷୟିତ୍ରୀଶିକ୍ଷକ ଓ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଚାରା ରୋପଣ କରି ପରିବେଶ ସୁରକ୍ଷା ପାଇଁ ଅଧିକ ଯତ୍ନଶୀଳ ହେବାକୁ ଶପଥ ନେଇଥିଲେ। ଶିକ୍ଷକ ନାରାୟଣ ମିଶ୍ର, ରତ୍ନାକର ପ୍ରଧାନ, ବୀରବର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ,୩୧ା୭(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ତରା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୌଭାଗ୍ୟ ମଞ୍ଜରୀ ସାହୁଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ସୁବାସ କୁମାର ମହାକୁଡ଼ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ସ୍ନିଗ୍ଧା ମିଶ୍ର ମୁଖ୍ୟ ଅତିଥି, ବରିଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ବକ୍ତା, ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଦାଶ, ରାଜକିଶୋର ପାଣିଗ୍ରାହୀ, ବିଆରସିସି ଲକ୍ଷ୍ମୀ ଦେଇ, ଏବିଇଓ ଚନ୍ଦ୍ରକାନ୍ତି ନାୟକ, ସରପଞ୍ଚ ଜୁଲିତା ଦାଶ, ଆଲୁମ୍ନି କମିଟିର ସଭାପତି ତାରେଶ୍ୱର ମହାକୁଡ଼, ପ୍ରାଥମିକ ଶିକ୍ଷକ ସଂଘ ଉପଦେଷ୍ଟା ବସନ୍ତ କୁମାର ପ୍ରହରାଜ, ସଭାପତି ରାମଚନ୍ଦ୍ର ଷଣ୍ଢ,କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ମହାପାତ୍ର, ସମ୍ପାଦକ ବସନ୍ତ କୁମାର ଜୟସିଂହ, ଯୁଗ୍ମ ସମ୍ପାଦକ ଦାଶରଥି ବେହେରା ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ଏବଂ ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସୌଭାଗ୍ୟ ମଞ୍ଜରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଆରସିସି ସୂର୍ଯ୍ୟ ନାରାୟଣ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ମାର୍କେଟ ବିଲ୍ଡିଂ ଖୋଲିବା ବାଟ ଫିଟୁନି

ଭୁବନେଶ୍ୱର, ୩୧ା୭ (ବନ୍ଦନା ସେଠୀ)

**ଆଜି ରାଜ୍ୟ ବଣିକ ସଂଘ ସହ ଆସୋସିଏଶନର ଆଲୋଚନା**



ରାଜଧାନୀର ପ୍ରମୁଖ ମାର୍କେଟ କୁହାଯାଉଥିବା ୟୁନିଟ୨-ମାର୍କେଟ ବିଲ୍ଡିଂ ଜୁଲାଇ ୧୭ରୁ ବନ୍ଦ ପଡିଛି। ୧୫ ଦିନ ଧରି ମାର୍କେଟ ବନ୍ଦ ରହିବା ଫଳରେ ପ୍ରାୟ ୩୦ କୋଟି ଟଙ୍କାର କ୍ଷତି ହୋଇ ସାରିଲାଣି। ମାତ୍ର ଏବେଯାଏ ଏହି ଘଟଣାର ସମାଧାନ ହୋଇପାରୁନାହିଁ। ଆଜି କାଲି କହି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକାରୀ ଦିନ ଗଡାଉ ଥିବାବେଳେ ବିଏମସି ଦପ୍ତର ଦୌଡ଼ି ଦୌଡ଼ି ଆସୋସିଏସନ ସଦସ୍ୟଙ୍କ ଦିନ ଯାଉଛି। ଗତ ସପ୍ତାହରେ ବିଏମସି ଅଧିକାରୀ ରାଜିନାମା ରିନ୍ୟୁ କରି ଉଠାଦୋକାନୀଙ୍କୁ ହଟାଇବେ ବୋଲି ମାର୍କେଟ ଆସୋସିଏସନକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ସୋମବାର ସନ୍ଧ୍ୟା କିମ୍ବା ମଙ୍ଗଳବାର ସକାଳୁ ମାର୍କେଟ ଖୋଲିପାରେ ବୋଲି ଆସୋସିଏସନ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏଥିପାଇଁ ସୋମବାର ଆସୋସିଏଶନର କୋର କମିଟି ବିଏମ୍‌ସି ମୁଖ୍ୟାଳୟକୁ ଯାଇ ଆଲୋଚନା କରିଥିଲେ। ମାତ୍ର ଏଥିରୁ କୌଣସି ନିଷ୍କର୍ଷ ମିଳି ନ ଥିବାରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ତେଣୁ ସମସ୍ୟାର ସମାଧାନ ନ ହେବା ଯାଏ ମାର୍କେଟ ବନ୍ଦ ରହିବ ବୋଲି ଆସୋସିଏଶନ ସଭାପତି ପ୍ରଦ୍ୟୁମ୍ନ ଜେନା କହିଛନ୍ତି। ମୁଖ୍ୟାଳୟରେ କମିଶନର ନ ଥିବାରୁ ମେୟର ସୁଲୋଚନା ଦାସଙ୍କ ସହ ଆଲୋଚନା କରିଥିଲେ। ଦାବି ନେଇ ଏଯାବତ୍ କିଛି ସମାଧାନ ହୋଇପାରି ନଥିବା ମେୟର କହିବା ସହ ମାର୍କେଟ ଖୋଲି ବ୍ୟବସାୟ କରିବାକୁ ପରାମର୍ଶ ଦେଇଥିଲେ। ଏବଂ ଉଠାଦୋକାନୀମାନେ ପୂର୍ବବତ୍ ମାର୍କେଟରେ ବସନ୍ତୁ, ବିଏମସି ସବୁ କଥା ବୁଝିବ ବୋଲି ମେୟର କହିଥିବା ସଭାପତି ଜେନା କହିଛନ୍ତି। ତେଣୁ ଉଠାଦୋକାନୀଙ୍କ ପ୍ରତି ବିଏମ୍‌ସି ପ୍ରୀତି ଦେଖାଉଥିବା ଅଭିଯୋଗ କରିବା ସହ ଆସୋସିଏଶନ ମଙ୍ଗଳବାର ପୂର୍ବାହ୍ନରେ ବୈଠକ କରି ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବ ବୋଲି ସୂଚନା ଦିଆଯାଇଛି। ଏଥିରେ ସମସ୍ତ ମାର୍କେଟ ଆସୋସିଏଶନ୍ ଏବଂ ରାଜ୍ୟ ବଣିକ ସଂଘର କର୍ତ୍ତୃପକ୍ଷଙ୍କୁ ସାମିଲ କରାଯିବ। ସମସ୍ତଙ୍କ ଠାରୁ ମତାମତ ନେବା ପରେ ଆସୋସିଏଶନ୍ ତା'ର ନିଷ୍ପତ୍ତି ଶୁଣାଇବ ବୋଲି ଜେନା କହିଛନ୍ତି। ଏନେଇ କମିଶନର ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି, ଆସୋସିଏଶନର ଦାବି ପ୍ରତି ବିଏମସି ସଚେତନ ଅଛି। ମାର୍କେଟ ବିଲ୍ଡିଂ ଦାୟିତ୍ୱ ବିଏମସିର ନୁହେଁ, ଏହାସତ୍ତ୍ୱେ ବିଏମସି ଏହାର ସମାଧାନ କରୁଛି। ଉଠାଦୋକାନୀଙ୍କ ଲାଗି ସ୍ଥାନ ଚିହ୍ନଟ ହେଉଛି ଏହି ପ୍ରକ୍ରିୟାରେ ସମୟ ଲାଗିବ। ତେଣୁ ବିଏମସିକୁ ସମୟ ଦେବାକୁ ସେ ଅପିଲ କରିଛନ୍ତି। ଅପରପକ୍ଷେ ମାର୍କେଟ ବିଲ୍ଡିଂର ମୁଖ୍ୟ ଗେଟ୍‌ରେ ତାଲା ପଡିଥିବାରୁ ଉଠାଦୋକାନୀମାନେ ଭିତରକୁ ଯାଇ ପାରୁ ନାହାନ୍ତି। ତେଣୁ ତୁରନ୍ତ ସେ ତାଲା ଖୋଲିବା ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଉଠାଦୋକାନୀ ସଂଘ ପକ୍ଷରୁ ବିଧାୟକ ଅନନ୍ତ ନାରାୟଣ ଜେନା, ଡିଏସ୍‌ପି ଏବଂ ଡିସିପି କମିଶନରେଟ୍ ପୋଲିସ୍‌କୁ ଚିଠି ଲେଖି ଦାବି ରଖାଯାଇଛି। ମାର୍କେଟବିଲ୍ଡିଂରେ ବ୍ୟବସାୟ କରିବାକୁ ନେଇ ସ୍ଥାୟୀ ଓ ଉଠାଦୋକାନୀଙ୍କ ମଧ୍ୟରେ ଲାଗି ରହିଥିବା ବିବାଦ ଦିନକୁ ଦିନ ଉଗ୍ର ରୂପ ନେଉଥିବାବେଳେ ସାଧାରଣ ଲୋକ ହଇରାଣ ହେଉଛନ୍ତି।



ବୋଲଗଡ: ଖାରଡପଲ୍ଲୀସ୍ଥିତ ମା'ବରଡାଳିଆ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ ସହ ସଚେତନତା ସଭା ଅବସରରେ ଉପସ୍ଥିତ ଅତିଥି ଏବଂ ଛାତ୍ରୀଛାତ୍ର।

## ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ବନ ମହୋତ୍ସବ



ଚାରାରୋପଣ ଅବସରରେ ଉପସ୍ଥିତ ଅତିଥି ଏବଂ ପିଲାମାନେ।

ଜଟଣୀ,୩୧ା୭ (ରବୀନ୍ଦ୍ର ନାଥ ମହାକୁଡ଼)

ଜଟଣୀ ପୌରାଞ୍ଚଳ ଅନ୍ତର୍ଗତ କୁଦିଆରୀ ଗ୍ରାମ ମହତାବ ନଗରଠାରେ ସାମାଜିକ ଅନୁଷ୍ଠାନ 'ସମ୍ଭାବନା ପରିବାର' ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ଶିକ୍ଷାସଦନ ବିଦ୍ୟାଳୟ ପରିସରରେ ବନ ମହୋତ୍ସବ ଅବସରରେ ବିଭିନ୍ନ କିସମର ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦେଇଥିଲେ। ବନ ମହୋତ୍ସବର ଆବଶ୍ୟକତା ଏବଂ ଜଙ୍ଗଲ ସୁରକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଲେଖ ଚନ୍ଦ୍ର ବଳିୟାରସିଂହଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ଦାଶ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଲୁସେନ୍ ରାୟ ଧନ୍ୟବାଦ ଦେଇଥିଲେ।

## ଶୟନ ଗଲେ ଶ୍ରୀଲିଙ୍ଗରାଜ

ପୁରୁଣା ଭୁବନେଶ୍ୱର,୩୧ା୭(ସୁବାସ ଚନ୍ଦ୍ର ପ୍ରଧାନ)

ସୋମବାର ପ୍ରଭୁ ଶ୍ରୀଲିଙ୍ଗରାଜ ୪ମାସ ଶୟନ ଯିବା ସହିତ ଭଣଜା ପର୍ଶୁରାମେଶ୍ୱର ଦେବଙ୍କୁ ଉକ୍ତ ୪ମାସ ରାଜ୍ୟ ଭାର ସମ୍ଭାଳିବା ଦାୟିତ୍ୱ ଅର୍ପଣ କରିଛନ୍ତି। ଦୈନିକ ନୀତି ସନ୍ଧ୍ୟା ଧୂପ ଓ ଠାକୁରାଣୀ ସନ୍ଧ୍ୟା ଧୂପ ସରିବା ପରେ ପୁନଃ ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ମହାସ୍ନାନ ପୂଜାରେ ଭଣ୍ଡାର ଘରୁ ପତ୍ରୀ ସେବକ ଶୟନ ଠାକୁରଙ୍କୁ ରୁପାଥାଳିରେ ନେଇ ଶ୍ରୀଜୀଉଙ୍କ ସମ୍ମୁଖରେ ଅବସ୍ଥାନ କରାଇଥିଲେ। ଏହା ପରେ ପୂଜା ପଣ୍ଡା ସେବକ ମହସ୍ନାନ ପୂଜା କରି ସାରିବା ପରେ ଶ୍ରୀଜୀଉଙ୍କୁ ମାଘ ସ୍ନାନ ଓ ଶୟନ ଠାକୁରଙ୍କୁ ମାଘ ସ୍ନାନ ଲାଗି କରିଥିଲେ। ପରେ ବଡୁ ସେବକ ଶ୍ରୀଜୀଉଙ୍କୁ ଯାତ୍ରା ପୂଜା ବେଶ କରିଥିଲେ ଓ ଶୟନ ଠାକୁରଙ୍କୁ ମହାସୁଆର ସେବକ ବେଶ କରିଥିଲେ। ଶ୍ରୀଜୀଉଙ୍କ ସମ୍ମୁଖରେ ଶୟନ ଠାକୁରଙ୍କୁ ପତ୍ରୀ ସେବକ ଅବସ୍ଥାନ କରିସାରିବା ପରେ ପୂଜା ପଣ୍ଡା ସେବକ ଉଭୟ ଠାକୁରଙ୍କ ଉପରେ ଏକ ଉତ୍ତରୀୟ ପକାଇଥିଲେ। ଏହା ପରେ ଯାତ୍ରା ପୂଜା ଭୋଗ ସରିବା ପରେ ଆଳତି ମାଧ୍ୟମରେ ଶୟନ ଠାକୁରଙ୍କୁ ଶୟନରେ ଯିବା ପାଇଁ ମନ୍ତ୍ର ମାଧ୍ୟମରେ ଜଣାଇଥିଲେ। ପରେ ବଡ଼ସିଂହାର ନୀତି କରାଯାଇ ମନ୍ଦିର ପହଡ ପଡିଥିଲା।

## ଶିକ୍ଷକଙ୍କ ବଦଳି ବାତିଲ ଦାବିରେ ସ୍କୁଲରେ ତାଲା

ନିମାପଡ଼ା,୩୧ା୭(ବିଚିତ୍ରାନନ୍ଦ ସାହୁ)

**ଛାତ୍ରୀଛାତ୍ର, ଅଭିଭାବକ, ଗ୍ରାମବାସୀଙ୍କ ଧାରଣା**

ନିମାପଡ଼ା ବ୍ଲକ ଅନ୍ତର୍ଗତ ତମ୍ପାଳୋ ପଞ୍ଚାୟତର ଚଢେଇ ଗାଁ ସରକ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ବଦଳିକୁ ନେଇ ସ୍କୁଲ ପରିସରରେ ଉତ୍ତେଜନା ଦେଖାଦେଇଛି। ସହକାରୀ ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ଅନ୍ୟତ୍ର ବଦଳି ଆଦେଶ ହୋଇଥିବାବେଳେ ଏହାର ପ୍ରତ୍ୟାହାର ଦାବିରେ ଶତାଧିକ ଗ୍ରାମବାସୀ, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ଅଭିଭାବକ ବିଦ୍ୟାଳୟ ଫାଟକରେ ତାଲା ପକାଇ ଗଣଧାରଣା ଚଳାଇଥିଲେ। ଏହି ଆନ୍ଦୋଳନରେ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ପୂର୍ବରୁ ଏହି ଶିକ୍ଷକଙ୍କ ବଦଳିକୁ ନେଇ ସ୍ଥାନୀୟ ବିଧାୟକ, ବିଇଓଙ୍କୁ ଅବଗତ କରିବା ସହ ଲିଖିତ ଅନୁରୋଧ ହୋଇଥିଲା। ହେଲେ ଏ ଦିଗରେ କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଗ୍ରାମବାସୀ, ଅଭିଭାବକ ବିଦ୍ୟାଳୟରେ ତାଲା ପକାଇବା ସହ ଆନ୍ଦୋଳନକୁ ଓହ୍ଲାଇଥିଲେ। ପୂର୍ବତନ ସରପଞ୍ଚ ଅକ୍ଷୟ ପଡିଆରୀ, ପରିଚାଳନା କମିଟି ସଭାପତି ରବୀନ୍ଦ୍ର ପରିଡ଼ା, ନାଏବ ସରପଞ୍ଚ ସାବିତ୍ରୀ ନାୟକ, ଗ୍ରାମ ସଭାପତି ପଦ୍ମଚରଣ ମଲ୍ଲିକ, ୱାର୍ଡ ସଭ୍ୟ ତ୍ରିଲୋଚନ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଅନୁଷ୍ଠିତ ହୋଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ଆନ୍ଦୋଳନକାରୀ ନେତୃବୃନ୍ଦ କହିଛନ୍ତି। ଏ ସମ୍ପର୍କରେ ବିଇଓ ଦ୍ୱିତୀକାନ୍ତ ପ୍ରଧାନଙ୍କୁ ପଚାରିବାରେ, ଶିକ୍ଷକ ମଲ୍ଲିକଙ୍କୁ ଅନ୍ୟ ଏକ ବିଦ୍ୟାଳୟକୁ ଡେପୁଟେଶନରେ ପଠାଯାଇଛି। ଏହା ସ୍ଥାୟୀ ନୁହେଁ। ତେଣୁ ଅଭିଭାବକଙ୍କ ଏହି ଆନ୍ଦୋଳନ କରିବା ଆଦୌ ଉଚିତ ନୁହେଁ ବୋଲି କହିଥିଲେ।



ବିଦ୍ୟାଳୟ ଫାଟକରେ ତାଲା ପକାଇ ପିଲାମାନେ ଧାରଣାରେ ବସିଛନ୍ତି।

## ବିଭିନ୍ନ କାର୍ଯ୍ୟର ସ୍ଥିତି ପରଖିଲେ ଜିଲାପାଳ

ଗମ୍ଭାରୀମୁଣ୍ଡା,୩୧ା୭(ଦିଲୀପ ସ୍ୱାଇଁ)

ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ସୋମବାର ବାଣପୁର ବ୍ଲକ ଗସ୍ତ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି କର୍ମଚାରୀଙ୍କ ଉପସ୍ଥାନ ଦେଖିବା ସହିତ ମିଶନ ଶକ୍ତି କାଫେ, ନବ ନିର୍ମାଣଧୀନ ମିଶନ ଶକ୍ତି ଗୃହ, ଆହାର କେନ୍ଦ୍ର, ଗାଲୁଆ ଛକ ଓ ପାଣ୍ଡିରପଦର ନିକଟରେ ଥିବା ଡ୍ରେନର ସ୍ଥିତି ପରଖିଥିଲେ। ମିଶନଶକ୍ତି ଗୃହ ଓ ଆହାର କେନ୍ଦ୍ରକୁ ତୁରନ୍ତ ରାସ୍ତା ସଂଯୋଗ ଏବଂ ଡ୍ରେନ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଗସ୍ତ ସମୟରେ ଏସ୍‌ପି ସିଦ୍ଧାର୍ଥ କଟାରିଆ, ତହସିଲଦାର କୁଞ୍ଜବିହାରୀ ବଡ଼ଜେନା, ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶୀତଳ ଅଗ୍ରୱାଲ, ଜିଲାପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ ଏବଂ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ମିଶନ ଶକ୍ତି ଆଲୋଚନାଚକ୍ର



କାର୍ଯ୍ୟକ୍ରମରେ ମିଶନ ଶକ୍ତି ରାଜ୍ୟ ଉପଦେଷ୍ଟା ଗୀତାଞ୍ଜଳି ବସ୍ତିଆ ଓ ଅନ୍ୟମାନେ।

କୃଷ୍ଣପ୍ରସାଦ,୩୧ା୭(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକର ସାତପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ବ୍ଲକସ୍ତରୀୟ ମିଶନ ଶକ୍ତି ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମିଶନ ଶକ୍ତି ରାଜ୍ୟ ଉପଦେଷ୍ଟା ଗୀତାଞ୍ଜଳି ବସ୍ତିଆ, ଜିଲା ପ୍ରକଳ୍ପ ସଂଯୋଜିକା ଆରତି ସାହୁ, ବ୍ଲକ ପ୍ରକଳ୍ପ ସଂଯୋଜିକା ସାବିତ୍ରୀ ପଶ୍ଚିମକବାଟ, ବ୍ଲକ ମିଶନ ଶକ୍ତି ଆକାଉଣ୍ଟାଣ୍ଟ ଅମିତାଭ ବିଶ୍ୱାଳ, ଦକ୍ଷତା ବୃଦ୍ଧି ସଂଯୋଜକ ଶିବ ନାରାୟଣ ଭୋଇ, ଜୀବନ ଜୀବିକା ସଂଯୋଜିକା ସବିତା ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ମିଶନ ଶକ୍ତି ମାଧ୍ୟମରେ ମହିଳାଙ୍କୁ ସଶକ୍ତୀକରଣ କରିବାରେ ସରକାର ଉଦ୍ୟମ ଜାରି ରଖିଛନ୍ତି ବୋଲି ମୁଖ୍ୟ ଅତିଥି ବସ୍ତିଆ କହିଥିଲେ। ବ୍ଲକସ୍ତରୀୟ ମହିଳା ମହାସଂଘର କର୍ମକର୍ତ୍ତାମାନଙ୍କ ସହିତ ଆଲୋଚନା କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ପଞ୍ଚାୟତସ୍ତରୀୟ ନେତୃମଣ୍ଡଳୀଙ୍କଠାରୁ ବିଭିନ୍ନ ଦାବିପତ୍ର ଗ୍ରହଣ କରିବା ସହ ଖୁବ୍‌ଶୀଘ୍ର କାର୍ଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବ୍ଲକ ମହିଳା ମହାସଂଘ ସଭାନେତ୍ରୀ ବନ୍ଦନା ପଟ୍ଟନାୟକ, ସମ୍ପାଦିକା ଶୁଭାସିନୀ ପଲାଇ, ସିଆଣ୍ଡି ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ ସବିତା ପଲାଇ, ବଡ଼ଖାଡ଼ ପଞ୍ଚାୟତ ମହିଳା ମହାସଂଘ ସଭାନେତ୍ରୀ କୁନିରାଣୀ ଜେନାଙ୍କ ସମେତ ପଞ୍ଚାୟତସ୍ତରୀୟ ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକାମାନେ ଉପସ୍ଥିତ ଥିଲେ। ପରେ ବସ୍ତିଆ ସାତପଡ଼ା ପଞ୍ଚାୟତର ନୂଆଗାଁସ୍ଥିତ ତୁଳସୀ ଅଗରବତି ଉତ୍ପାଦକ ଗୋଷ୍ଠୀକେନ୍ଦ୍ର ପରିଦର୍ଶନ କରିଥିଲେ।

## ଗାଡ଼ି ପାର୍କିଂକୁ ନେଇ ଅସନ୍ତୋଷ

ଜଟଣୀ,୩୧ା୭ (ରବୀନ୍ଦ୍ର ନାଥ ମହାକୁଡ଼)

**ଆଜି ମଣ୍ଡଳ ରେଳ ପ୍ରବନ୍ଧକଙ୍କୁ ଦାବିପତ୍ର ଦିଆଯିବ**

ଖୋର୍ଦ୍ଧାରୋଡ୍ ରେଲୱେ ଷ୍ଟେଶନର ପୁରୁଣା ଷ୍ଟେଶନ ବିଲ୍ଡିଂ ସମ୍ମୁଖ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) ଥାନା କଡ଼ରେ କାର୍ଯ୍ୟରତ ରେଲୱେ କର୍ମଚାରୀଙ୍କ ଗାଡ଼ିପାର୍କିଂକୁ ନେଇ ସୋମବାର ଅସନ୍ତୋଷ ପ୍ରକାଶ ପାଇଛି। ଆର୍‌ପିଏଫ୍ ଯବାନ ଏବଂ ରେଲୱେ କର୍ମଚାରୀଙ୍କ ମଧ୍ୟରେ ଗାଡ଼ି ରଖିବାକୁ ନେଇ ବଚସା ହୋଇଥିବା ଦେଖିବାକୁ ମିଳିଥିଲା। ସୂଚନା ମୁତାବକ, ଦୀର୍ଘଦିନ ହେବ ଖୋର୍ଦ୍ଧାରୋଡ୍ ଷ୍ଟେଶନରେ କାର୍ଯ୍ୟରତ କର୍ମଚାରୀମାନେ ବାଇକ୍ ଉକ୍ତ ସ୍ଥାନରେ ପାର୍କିଂ କରି ନିଜ କାର୍ଯ୍ୟକୁ ଯାଇଥାନ୍ତି। ତେବେ କିଛିଦିନ ହେବ ଆର୍‌ପିଏଫ୍ ଯବାନମାନେ ଗାଡ଼ି ରଖୁଥିବା ବେଳେ ଅନ୍ୟ କୌଣସି ରେଲୱେ କର୍ମଚାରୀଙ୍କ ଯାନ ରଖିବାକୁ ବାରଣ କରିଆସୁଥିଲେ। ତେବେ ସୋମବାର କର୍ମଚାରୀଙ୍କ ମଧ୍ୟରେ ରହିଥିବା ଅସନ୍ତୋଷ ଉଗ୍ରରୂପ ଧାରଣ କରିଥିଲା। ଏହାକୁ ବିରୋଧ କରି ଶତାଧିକ କର୍ମଚାରୀ ଷ୍ଟେଶନ ମ୍ୟାନେଜରଙ୍କ ପ୍ରକୋଷ୍ଠରେ ଏକାଠି ହୋଇଥିଲେ। ଶ୍ରମିକ ସଙ୍ଗଠନ ଶାଖା ସମ୍ପାଦକ ଏଲ୍.ଡି ମହାନ୍ତି, ପି.କେ.ରାୟ, ସମସ୍ତ ବିଭାଗୀୟ ଇନଚାର୍ଜ, ଷ୍ଟେସନ ମ୍ୟାନେଜର ଏସ.କେ.ରିୟାସୁଦ୍ଦିନ, ଟିକେଟ ଚେକିଂ ଇନଚାର୍ଜ ସୁଶିଲ ବେହେରା, ରବି ଶର୍ମା, ପୂର୍ବତନ ୟାର୍ଡ ମାଷ୍ଟର ରବି କୁମାର ମଲ୍ଲିକ, ଡି ପ୍ରେମକୁମାର, ସୁନିଲ ପରିଡ଼ାଙ୍କ ସମେତ ଦେଢ଼ ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ଓ ଆର୍‌ପିଏଫ୍ ଥାନା ଅଧିକାରୀ ମନୁ କୁମାର ଶର୍ମାଙ୍କ ସହିତ ଆଲୋଚନା କରିଥିଲେ। ଉକ୍ତ ସ୍ଥାନରେ ଗାଡ଼ି ପାର୍କିଂ ପାଇଁ ମଣ୍ଡଳ ପ୍ରବନ୍ଧକଙ୍କ ଅନୁମତି ଆବଶ୍ୟକ ବୋଲି ଆଲୋଚନାରେ ଶର୍ମା କହିଥିଲେ। ସର୍ବସମ୍ମତକ୍ରମେ ଏକ ଦାବିପତ୍ର ମଙ୍ଗଳବାର ମଣ୍ଡଳ ରେଳପ୍ରବନ୍ଧକଙ୍କୁ ପ୍ରଦାନ କରାଯିବ। ତେବେ ନୂତନ ଷ୍ଟାଣ୍ଡ ନିର୍ମାଣ ହେବା ପର୍ଯ୍ୟନ୍ତ କାର୍ଯ୍ୟରତ କର୍ମଚାରୀମାନେ ସେହିଠାରେ ନିଜର ପରିଚୟପତ୍ର ଦେଖାଇ ଗାଡ଼ି ପାର୍କିଂ କରିପାରିବେ ବୋଲି ନିଷ୍ପତ୍ତି ହୋଇଥିବା ଶ୍ରମିକ କଂଗ୍ରେସ ପକ୍ଷରୁ ସୂଚନା ମିଳିଛି।

# ମାଫିଆଙ୍କ କବ୍‌ଜାରେ ସରକାରୀ ଜମି

- ବେଆଇନ ଜମି ବିକ୍ରି, ଗୃହ ନିର୍ମାଣ ବୃଦ୍ଧି ପାଉଛି
- ରାଜସ୍ୱ କମିଶନର ସ୍ତରୀୟ ତଦନ୍ତ ପାଇଁ ଦାବି

କୋଣାର୍କ,୩୧ା୭(ଜ୍ୟୋତିରାଜ ମହାନ୍ତି)



କୋଣାର୍କର ଅଧିକାଂଶ ଅଞ୍ଚଳରେ ଥିବା ସରକାରୀ ଜମିକୁ ସ୍ଥାନୀୟ ଅଞ୍ଚଳର ଜମି ମାଫିଆମାନେ ଜବରଦଖଲ କରୁଥିବା ଅଭିଯୋଗ ହେଉଛି। ସେମାନେ ସରକାରୀ ଜମିକୁ ହଡ଼ପ କରିବା ସହ ବେଆଇନ ଭାବେ ପ୍ଲଟିଂ କରି ବିକ୍ରି କରି ଗୃହ ନିର୍ମାଣ କରୁଥିବା ଦେଖିବାକୁ ମିଳୁଛି। ଫଳରେ କୋଣାର୍କ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆସୁଥିବା ପ୍ରକଳ୍ପ କାର୍ଯ୍ୟ କରିବାରେ ବାଧା ସୃଷ୍ଟି ହେଉଛି। ଏପରି କି ରାଜସ୍ୱ ବିଭାଗୀୟ ଅଧିକାରୀମାନେ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛନ୍ତି। ଖବର ଅନୁଯାୟୀ, ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କଠାରେ ଥିବା ସରକାରୀ ଜମି ରାଜସ୍ୱ ବିଭାଗ ପକ୍ଷରୁ ଫଇସଲା ହୋଇ ନ ଥିବାବେଳେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବେଆଇନ ଭାବେ ଶହଶହ ଏକର ସରକାରୀ ଜମି ଜବରଦଖଲ କରିରଖିଛନ୍ତି। କୋଣାର୍କ ଏନ୍‌ଏସି ଅଧୀନ ଭଗବତୀ ବିହାର, ଡାଳିମ୍ବଗୋରଡି ରାସ୍ତା, କୋଣାର୍କ ଥାନା ପଛପଟ, ୧୦ନଂ. ପୁରୁଣା ପିଏଚ୍‌ଡି ଅଫିସ ଗଳି ସମେତ ବିଭିନ୍ନ ସ୍ଥାନରେ ସରକାରୀ ଜମିରେ ବିନା କାଗଜପତ୍ରରେ ଶହ ଶହ ସଂଖ୍ୟାରେ ବେଆଇନ ଗୃହ ନିର୍ମାଣ କାର୍ଯ୍ୟମାନ ଚାଲିଥିବା ଦେଖିବାକୁ ମିଳିଛି। ଜମି ମାଫିଆମାନେ ସରକାରୀ ଜମିକୁ ବେଆଇନ ଭାବେ ଜବରଦଖଲ କରିବା ସହ ଚଢ଼ାଦରରେ ବିକ୍ରି କରି ଲକ୍ଷାଧିକ ଟଙ୍କା ଅର୍ଥ କମାଉଛନ୍ତି। ଏଭଳି ବେଆଇନ ଭାବେ ଯଦି ସରକାରୀ ଜମିକୁ ଜବରଦଖଲକାରୀମାନେ କ୍ରମାଗତ ବିକ୍ରି କରି ଚାଲିବେ, ତେବେ କୋଣାର୍କ ସରକାରୀ ଜମି ଶୂନ୍ୟ ହୋଇଯିବା ସହ ସରକାରଙ୍କ ପକ୍ଷରୁ କୌଣସି ଉନ୍ନୟନ ପ୍ରକଳ୍ପ ହୋଇପାରିବ ନାହିଁ ବୋଲି କୋଣାର୍କର ସାମାଜିକ କର୍ମୀ, ବୁଦ୍ଧିଜୀବୀ, ପରିବେଶବିତ, ବରିଷ୍ଠ ନାଗରିକଙ୍କ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଛି। ଅନ୍ୟପଟେ ଏ ଘଟଣା ସମ୍ପର୍କରେ ସ୍ଥାନୀୟ ଗୋପ ରାଜସ୍ୱ ବିଭାଗର ଅଧିକାରୀମାନେ ଅବଗତ ଥିଲେ ମଧ୍ୟ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଯଥାଶୀଘ୍ର ସରକାରୀ ଜମିକୁ ଜମି ମାଫିଆଙ୍କ କବଜାରୁ ମୁକ୍ତ କରିବା, ବେଆଇନ ନିର୍ମାଣ କାର୍ଯ୍ୟକୁ ରୋକ ଲଗାଇବା ସହ ଏହି ଘଟଣାର ରାଜସ୍ୱ କମିଶନର ସ୍ତରୀୟ ତଦନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ବିଭାଗୀୟ ସଚିବ, ୫-ଟି ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି ହେଉଛି। ଏ ନେଇ ଗୋପ ତହସିଲଦାର ଭାଗ୍ୟଶ୍ରୀ ହାଁସଦାଙ୍କୁ ପଚାରିବାରେ ଅଳ୍ପଦିନ ହେଲା ଏହି ତହସିଲରେ ଯୋଗଦେଇଛି। କୋଣାର୍କ ଅଞ୍ଚଳ ବିଷୟରେ ପୁଙ୍ଖାନୁପୁଙ୍ଖ ଅବଗତ ହୋଇ ସରକାରୀ ଜମି ଜବରଦଖଲ କରିଥିବା ଜମି ମାଫିଆ ଓ ସରକାରୀ ଜମିରେ ହେଉଥିବା ବେଆଇନ ଗୃହ ନିର୍ମାଣ, ଉଚ୍ଛେଦ କାର୍ଯ୍ୟକୁ ରୋକିବା ସହ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ପଦକ୍ଷେପ ନେବି ବୋଲି କହିଛନ୍ତି।

**ସଂକ୍ଷେପରେ**

## ପିପିଲି କଲେଜ ଅଧ୍ୟକ୍ଷ, ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ପିପିଲି,୩୧।୭(ପ୍ରଭାତ ମହାପାତ୍ର)

ପିପିଲି କଲେଜ ଅଧ୍ୟକ୍ଷ ତ୍ରିନାଥ ଶତପଥୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ବରାଳଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ପିପିଲି କଲେଜ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ପରିଚାଳନା କମିଟି ଅଧ୍ୟକ୍ଷ ଡ. ପ୍ରତିଭା କୁମାରୀ ମିଶ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ପିପିଲି କଲେଜ ଅଧ୍ୟକ୍ଷ ଡ. ଶିବ ପ୍ରସାଦ ମିଶ୍ର, କଲେଜର କାର୍ଯ୍ୟକାରୀ ଅଧ୍ୟକ୍ଷ ତପନ ଦାଶ, ପ୍ରାଧ୍ୟାପକ ଭବେଶ ପ୍ରସାଦ ତ୍ରିପାଠୀ ପ୍ରମୁଖ ଯୋଗଦେଇଥିଲେ। ଅବସରପ୍ରାପ୍ତ ଅଧ୍ୟକ୍ଷ ଶତପଥୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ବରାଳଙ୍କ କଲେଜରେ କାର୍ଯ୍ୟକାଳ ଜୀବନୀ ସମ୍ପର୍କରେ ଅତିଥିମାନେ କହିଥିଲେ। ଉପସ୍ଥିତ ଅନ୍ୟ ଅଧ୍ୟାପିକା, ଅଧ୍ୟାପକ ବିଦାୟ ନେଉଥିବା ଥିବା ୨ ଜଣଙ୍କ ସହ ନିଜ ଅନୁଭୂତିକୁ ବଖାଣିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ୨ ଜଣଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ସହ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ସଙ୍ଗୀତ ଅଧ୍ୟାପକ ସଚ୍ଚିକାନ୍ତ ନାୟକଙ୍କ ସହଯୋଗରେ ସଙ୍ଗୀତ ପରିବେଶଣ କରାଯାଇଥିବାବେଳେ ଅଧ୍ୟାପକ ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ ଦେଇଥିଲେ। ତେବେ କାର୍ଯ୍ୟକ୍ରମକୁ କଲେଜର ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ପରିଚାଳନା କରିଥିଲେ।

## ଆଦର୍ଶ ପ୍ରଧାନ ଶିକ୍ଷକ ଅଜୟ ପଣ୍ଡାଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ପୁରୀ,୩୧।୭(ଅଜିତ ମହାନ୍ତି)

ପୁରୀ ସଦର ବ୍ଲକ ଅନ୍ତର୍ଗତ ବାସୁଦେବ ବଲ୍ଲଭ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜୟ କୁମାର ପଣ୍ଡାଙ୍କ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ପୁରୀ ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଐତିହ୍ୟ ବିଶାରଦ ଗବେଷକ ଡ.ସୁରେନ୍ଦ୍ର କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ସରପଞ୍ଚ ରାଜେଶ ଦାଶ, ସିଆର୍‌ସିସି ମନୋଜ ମହାନ୍ତି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତାପ କୁମାର ସାହୁ, ନୋମିନି ସୁଜାତା ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ପଣ୍ଡାଙ୍କୁ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ ଶିକ୍ଷୟିତ୍ରୀ, ପୁରାତନ ବିଦ୍ୟାର୍ଥୀ ଏବଂ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ସଭାରେ ଶିବ ନାରାୟଣ ଭଞ୍ଜ, ଅନ୍ନପୂର୍ଣ୍ଣା ଦେବୀ, ରମେଶ ଚନ୍ଦ୍ର ଦାଶ,ମହେନ୍ଦ୍ର ବିଶୋଇ,ଜ୍ୟୋତି ପ୍ରକାଶ ମହାରଣା, ଅଜୟ ସେଠୀ, ଡ. ସୁଚିତ୍ରା ରଥ, ଶ୍ୟାମ ପ୍ରକାଶ ସେନାପତି, ରଘୁନାଥ ମିଶ୍ର, ପ୍ରତିମା ରାଉତ, ଅର୍ଚ୍ଚନା ନାୟକ, ଇତିଶ୍ରୀ ସାହୁ, ଭୀମସେନ ବେହେରା, ସତ୍ୟବାଦୀ ଗୁରୁ, ମମତା ମିଶ୍ର ପ୍ରମୁଖ ଉଦ୍‌ବୋଧନ ଦେଇ ଅବସର ଗ୍ରହଣ କରିଥିବା ପଣ୍ଡାଙ୍କୁ ଜଣେ ଆଦର୍ଶ ପ୍ରଧାନ ଶିକ୍ଷକ, ଶିଶୁ ବତ୍ସଳ, ସ୍ନେହୀ ଏବଂ ଜଣେ ଦକ୍ଷ ସଂଗଠକ ରୂପେ ବର୍ଣ୍ଣନା କରିଥିଲେ। ଦୀର୍ଘ ୨୫ ବର୍ଷ ଧରି ସେ ଏହି ବିଦ୍ୟାଳୟର ଶିକ୍ଷାସେବାରେ ସମ୍ପୃକ୍ତ ରହିବା ସହିତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଥିବାରୁ ତାଙ୍କୁ ଭୂୟସୀ ପ୍ରଶଂସା କରାଯାଇଥିଲା। ଶେଷରେ ଶିକ୍ଷକ ରବି ନରାୟଣ ସାହୁ ଧନ୍ୟବାଦ ଦେଇଥିଲେ।

# ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ

ପୁରୀ,୩୧।୭(ଅଜିତ ମହାନ୍ତି)

**ପୁରୀ ସଦର ବ୍ଲକ**
- ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଛାତ୍ରୀଛାତ୍ର
- ଜାଣିଶୁଣି ଅଧିକ ଦିନ ଡେପୁଟେଶନରେ ରହୁଛନ୍ତି ଶିକ୍ଷକ

ରାଜ୍ୟ ସରକାର ୫-ଟି ସ୍ମାର୍ଟସ୍କୁଲ ନାମରେ ଶିକ୍ଷାର ଉନ୍ନତି କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ପୁରୀ ସଦର ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ପୁରୀ ସଦରରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଘୋର ଅଭାବ ପରିଲକ୍ଷିତ ହେଉଛି। ଯାହା କି ପିଲାମାନଙ୍କ ପାଠପଢ଼ାରେ ନାନା ସମସ୍ୟା ହେଉଛି ବୋଲି ସଦର ବ୍ଲକର ଅଧିବାସୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପୁରୀ ସଦର ଅନ୍ତର୍ଗତ ବାଣିଆକେରା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଥିବାବେଳେ ଶତାଧିକ ଛାତ୍ରୀଛାତ୍ର ପଢୁଥିବା ସମୟରେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ସେହିପରି ହନ୍ତୁକ ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପଢୁଥିବା ବେଳେ ମାତ୍ର ୩ଜଣ ଶିକ୍ଷକ ଅଛନ୍ତି। ଓଲ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୮ମ ଶ୍ରେଣୀ ପାଇଁ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ମଧୁସୂଦନ ସଂଯୁକ୍ତ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ସ୍ତରରେ ୩ଶହରୁ ଊର୍ଦ୍ଧ୍ୱ ପିଲା ପଢୁଥିବାବେଳେ ୩ଜଣ ଶିକ୍ଷକ, ବୀରନରସିଂହପୁର ବିଦ୍ୟାଳୟରେ ମାତ୍ର ୨ଜଣ ଶିକ୍ଷକ ଏବଂ ଜିରାକନ୍ଦି ପ୍ରାଥମିକ ବିଦ୍ୟାଳୟରେ ୨ଜଣ ଶିକ୍ଷକ ଥିବାବେଳେ ପ୍ରଥମରୁ ୫ଶ୍ରେଣୀ ପର୍ଯ୍ୟନ୍ତ ଅଛି, ମାତ୍ର ସେଠାର ପ୍ରଧାନ ଶିକ୍ଷୟିତ୍ରୀ ଅଗଷ୍ଟ ମାସରେ ଅବସର ନେବାକୁ ଥିବାବେଳେ ଜଣେ ଶିକ୍ଷୟିତ୍ରୀ ୩ଦିନ ଡେପୁଟେଶନ୍‌ରେ ଅଛନ୍ତି।

ପୁରୀ ସଦର ବ୍ଲକର ଉପରୋକ୍ତ ବିଦ୍ୟାଳୟଗୁଡ଼ିକରେ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ ଉଚ୍ଚ ଅଧିକାରୀଙ୍କ ଆସ୍ଥାଭାଜନ ହୋଇ ଡେପୁଟେଶନ୍‌ରେ ଯାଇ ନିଜର ସୁବିଧାଜନକ ବିଦ୍ୟାଳୟରେ ଅଛନ୍ତି। ଯେଉଁ ବିଦ୍ୟାଳୟକୁ ଯାଉଛନ୍ତି ସେଠାରେ ଆବଶ୍ୟକଠାରୁ ଅଧିକ ଶିକ୍ଷକ ଥିଲେ ମଧ୍ୟ ଅଧିକ ଦିନ ସେଠି ରହୁଛନ୍ତି। ତେବେ କେଉଁ ସ୍ୱାର୍ଥରେ ଉଚ୍ଚ ଅଧିକାରୀମାନେ ଏହି ବିଦ୍ୟାଳୟର ପିଲାମାନଙ୍କ ଶିକ୍ଷାରେ ଗୁରୁତ୍ୱ ନ ଦେଇ ଉପରୋକ୍ତ ବିଦ୍ୟାଳୟରୁ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଡେପୁଟେଶନରେ ନେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏ ନେଇ ବାରମ୍ବାର ଉଚ୍ଚ ଅଧିକାରୀଙ୍କ ନିକଟରେ ଅଭିଭାବକମାନେ ଅଭିଯୋଗ କରିବା ସତ୍ତ୍ୱେ ଉଚ୍ଚ ଅଧିକାରୀମାନେ ଶିକ୍ଷକମାନଙ୍କୁ ଫେରାଉ ନାହାନ୍ତି। ବରଂ ଶାରୀରିକ ଅସୁସ୍ଥତା ଏବଂ ବିଭିନ୍ନ ଆଳ ଦେଖାଇ ଶିକ୍ଷକମାନେ ଉଚ୍ଚ ଅଧିକାରୀଙ୍କୁ ହାତ କରି ସେମାନଙ୍କର ସୁବିଧାଜନକ ବିଦ୍ୟାଳୟକୁ ଡେପୁଟେଶନରେ ଯାଉଛନ୍ତି। ଏପରିକି ଅଧିକାଂଶ ସମୟ ଶିକ୍ଷକ ଡେପୁଟେଶନ୍‌ରେ ଯାଉଥିବାରୁ ପିଲାମାନଙ୍କ ପାଠପଢ଼ା ବ୍ୟାହତ ହେଉଥିବାରୁ ଅସନ୍ତୋଷ ପ୍ରକାଶ କରି ବିଭିନ୍ନ ସମୟରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଛନ୍ତି। ତେଣୁ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଡେପୁଟେଶନ୍‌କୁ ବାତିଲ କରି ଏମାନଙ୍କୁ ତାଙ୍କ ମୂଳ ବିଦ୍ୟାଳୟକୁ ଫେରାଇଲେ ପିଲାମାନଙ୍କର ଶିକ୍ଷାଦାନରେ ସୁବିଧା ହେବ ବୋଲି ସ୍ଥାନୀୟ ଅଞ୍ଚଳରେ ଦାବି ହେଉଛି। ଶିକ୍ଷା ବ୍ୟବସ୍ଥାକୁ ସୁଧାରିବା ପାଇଁ ବ୍ଲକ ଶିକ୍ଷା ଅଧିକାରୀ, ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବା ସହ ଯଥାଶୀଘ୍ର ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି। ଏ ନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ କହିଛନ୍ତି, ଯେଉଁ ସ୍କୁଲରେ ଗୋଟିଏ ଶିକ୍ଷକ ରହୁଛନ୍ତି, ସେହି ସବୁ ସ୍କୁଲକୁ ଡେପୁଟେଶନରେ ଅନ୍ୟ ସ୍କୁଲରୁ ଶିକ୍ଷକମାନଙ୍କୁ ଅଣାଯାଇ ପାଠପଢ଼ା ପାଇଁ ବ୍ୟବସ୍ଥା କରାଯାଉଛି। ଜିଲାରେ ଶିକ୍ଷକ ସଂଖ୍ୟା ବହୁତ କମ୍ ରହୁଥିବାରୁ ଗୋଟିଏ ସ୍କୁଲରେ ୨ ଶିକ୍ଷକ, ଶିକ୍ଷୟିତ୍ରୀ ରହି ସମସ୍ତ କ୍ଲାସର ପାଠପଢାକୁ ବୁଝୁଛନ୍ତି। ମାତ୍ର ଶିକ୍ଷକ ଅଭାବ ଥିବାରୁ କିଛି କରିହେଉ ନାହିଁ। ତେବେ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ହୋଇଥିବାବେଳେ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିଯୁକ୍ତି ହୋଇନାହିଁ, ତେଣୁ ସମସ୍ୟା ଦେଖାଦେଇଛି। ତେବେ ସରକାର ଖୁବ୍‌ଶୀଘ୍ର ପ୍ରାଥମିକ ଶିକ୍ଷକ ନିଯୁକ୍ତ କରିବା ପାଇଁ ଚିନ୍ତା କରିଛନ୍ତି। ସରକାର ପ୍ରାଥମିକ ଶିକ୍ଷକ ନିଯୁକ୍ତି କରିବା ପରେ ସମସ୍ୟା ଦୂର ହୋଇଯିବ ବୋଲି ଜିଲା ଶିକ୍ଷାଧିକାରୀ ଘୋଷ କହିଛନ୍ତି।

## କଂଗ୍ରେସର ନବନିର୍ବାଚିତ ଯୁବକର୍ମୀଙ୍କ ଶୋଭାଯାତ୍ରା


କଂଗ୍ରେସର ନବ ନିର୍ବାଚିତ ଯୁବକର୍ମୀଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ପୁରୀ,୩୧।୭(ଅଜିତ ମହାନ୍ତି)

ରାଷ୍ଟ୍ରୀୟ ଯୁବ କଂଗ୍ରେସ ତରଫରୁ ଯୁବ କଂଗ୍ରେସ ପୁରୀର ନିର୍ବାଚନ ଫଳାଫଳ ଗତ ୨୫ ତାରିଖରେ ପ୍ରକାଶ ପାଇଥିଲା। ଏଥିରେ ପୁରୀର ଆଲୋକ କୁମାର ଦାସ ଯୁବ କଂଗ୍ରେସ ଜିଲା ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ମନୋଜ ମଣ୍ଡଳ ପୁରୀ ବିଧାନସଭା ଯୁବ କଂଗ୍ରେସ ସଭାପତି ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅନିଲ ବେଜ ପୁରୀ ବିଧାନସଭା ଯୁବ କଂଗ୍ରେସ ଉପ ସଭାପତି, ପୂଜା ବେଜ ଜିଲା ଯୁବ କଂଗ୍ରେସ ଉପ-ସଭାପତି ହୋଇଛନ୍ତି। ନିବନିର୍ବାଚିତ ହୋଇଥିବା ଯୁବ କଂଗ୍ରେସ କର୍ମୀଙ୍କୁ ସୋମବାର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନବନିର୍ବାଚିତ କର୍ମୀମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଯୁବ କଂଗ୍ରେସ ଶୋଭାଯାତ୍ରା ସହ ଅନେକ ଯୁବକ ଯୋଡ଼ିହୋଇ ଯୁବ କଂଗ୍ରେସକୁ ସୁଦୃଢ଼ କରିବା। ଏହି ଅବସରରେ ଯୁବ କଂଗ୍ରେସ ଜିଲା ସଭାପତି ଦାସ ଏହି ଶୋଭାଯାତ୍ରାକୁ ସମ୍ବୋଧନ କରି କହିଥିଲେ, ପୁରୀରେ ଅନେକ ଯୁବକଙ୍କ ସ୍ଥାୟୀତ୍ୱ ପାଇଁ ଲଢ଼େଇ ହେବ। ପୁରୀର ଯୁବକମାନଙ୍କ ପାଇଁ ନିଯୁକ୍ତି ରହିଛି,ହେଲେ ସେହି ସବୁ ଉପରେ ବାହାର ରାଜ୍ୟ ପିଲାମାନେ ହକ ଜମାଇ ରଖିଛନ୍ତି। ପୁରୀ ସହର ପାଇଁ ଆଗାମୀ ଦିନରେ ଯୁବକମାନଙ୍କ ହକ ଓ ସ୍ଥାୟୀତ୍ୱ ଉପରେ ଲଢେଇ ହେବ। ପୂର୍ବରୁ ସର୍ବଦା ପୁରୀ ଜନସାଧାରଣଙ୍କ ସମସ୍ୟା ସହ ଆମେ ଯୋଡ଼ି ହୋଇ ରହିଛୁ। ଭଲ ମନ୍ଦ ଦୁଃଖ ସୁଖରେ ପୁରୀବାସୀଙ୍କ ସହ ଛାତ୍ର କଂଗ୍ରେସ ଓ ଯୁବ କଂଗ୍ରେସ ସଦାସର୍ବଦା ଜନସାଧାରଣଙ୍କ ସହ ରହିଛି, ଆଗାମୀ ଦିନରେ ସେଇ ବିଶ୍ୱାସର ସହ ରହିବୁ ବୋଲି କହିଥିଲେ। ଏଥିସହ ପରୀର ମୁଖ୍ୟ ସମସ୍ୟାଗୁଡ଼ିକ ଉପରେ ସରକାରଙ୍କୁ ଅବଗତ କରାଇ ସମାଧାନ ପାଇଁ ଚେଷ୍ଟା କରିବୁ। ଏହି ଶୋଭାଯାତ୍ରାଟି ଗୁଣ୍ଡିଚାମନ୍ଦିର ନିକଟରୁ ବାହାରୁ ବଳିଆପଣ୍ଡା ପର୍ଯ୍ୟନ୍ତ ଯାଇଥିଲା।



ଡେଲାଙ୍ଗ ବେରବୋଇ ବିଦ୍ୟାଳୟର ଅଭିଭାବକ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି ।

## ବିଦ୍ୟାଳୟର ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର

ପୁରୀ,୩୧।୭ (ଅଜିତ୍ ମହାନ୍ତି)

ବିଦ୍ୟାଳୟ ଗୃହ ନିର୍ମାଣ କାର୍ଯ୍ୟ ବିଳମ୍ବ ହେଉଥିବା ଅଭିଯୋଗ କରି ଡେଲାଙ୍ଗ ବେରବୋଇ ବିଦ୍ୟାଳୟର ଅଭିଭାବକ ସଂଘ ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଭାବକମାନେ ଅଭିଯୋଗଞ୍ଜପତ୍ରରେ ଦର୍ଶାଇଛନ୍ତି, ଗ୍ରାମାଞ୍ଚଳର ମେଧାବୀ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରିଛନ୍ତି। କିନ୍ତୁ ଦୁଃଖର ବିଷୟ ଡେଲାଙ୍ଗ ବ୍ଲକରେ ଥିବା ଆଦର୍ଶ ବିଦ୍ୟାଳୟର ଷଷ୍ଠ ଓ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ସମସ୍ୟାର ଅନ୍ତ ହେଉନାହିଁ। ମୁଖ୍ୟତଃ ବିଦ୍ୟାଳୟ ଗୃହ ନିର୍ମାଣ ଚୁକ୍ତିର ଅବଧି ଶେଷ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟ ପ୍ରାଥମିକ ଅବସ୍ଥାରେ ଅଛି। ବିଦ୍ୟାଳୟ ଗୃହ ନିର୍ମାଣର ପ୍ରଥମ ମହଲା ଛାତ ପଡିପାରି ନାହିଁ। ହଷ୍ଟେଲ ନିର୍ମାଣ ସମ୍ପୂର୍ଣ୍ଣ ହୋଇ ନାହିଁ, ପାଚେରି ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନାହିଁ। ବିଦ୍ୟାଳୟ ପଡିଆରେ ମାଟି ପୋତା କାର୍ଯ୍ୟ ଆରମ୍ଭ ହୋଇନାହିଁ । ବିଦ୍ୟାଳୟରେ କମ୍ପ୍ୟୁଟର ଶିକ୍ଷକ, ଖେଳ ଶିକ୍ଷକ ସହ ଅନେକ ଶିକ୍ଷକ ଓ କର୍ମଚାରୀ ପଦବୀ ଖାଲିପଡ଼ିଛି। ଅସ୍ଥାୟୀ ଭାବେ ବେରବୋଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଶିକ୍ଷାଦାନ କାର୍ଯ୍ୟ ଚାଲୁଛି। ଶ୍ରେଣୀଗୃହ ଅଭାବ ଯୋଗୁ ଗୋଟିଏ ଶ୍ରେଣୀରେ ୮୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଫଳରେ ଶ୍ରେଣୀ ଗୃହରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ପାନୀୟ ଜଳ ଓ ଶୌଚାଳୟର ବ୍ୟବସ୍ଥା ନାହିଁ। ଆଜବେଷ୍ଟସ ଘରେ ଶିକ୍ଷାଦାନ କରାଯାଉଥବାରୁ ବର୍ଷାଦିନେ ଭଙ୍ଗା ଆଜବେଷ୍ଟସରୁ ପାଣି ଗଳୁଛି ଏବଂ ବିଦ୍ୟୁତ୍ କଟିଯିବା ସମୟରେ ଅସହ୍ୟ ଗୁଳୁଗୁଳି ହେଉଥିବାରୁଶିଶୁମାନେଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସମସ୍ୟାଗୁଡିକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅଭିଭାବକମାନେ ଦାବି କରିଛନ୍ତି।

## ଓଏସ୍‌ଏସ୍‌ଇଟିଏ ପକ୍ଷରୁ ୪୧ ୟୁନିଟ ରକ୍ତ ସଂଗ୍ରହ

ପୁରୀ,୩୧।୭(ଅଜିତ୍ ମହାନ୍ତି)

ସରକାରୀ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷାଦାନ ଏବଂ ସେମାନଙ୍କ ଅଧିକାର ନିମନ୍ତେ ଓଡ଼ିଶା ସେକେଣ୍ଡାରୀ ସ୍ପେଶାଲ ଏଜୁକେଶନ ଟିଚର୍ସ ଆସୋସିଏଶନ (ଓଏସ୍‌ଏସ୍‌ଇଟିଏ) ସାରା ରାଜ୍ୟରେ ଦୀର୍ଘ ୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ପ୍ରୟାସ ଜାରି ରଖିଛି। ୨ ଅଗଷ୍ଟ ୨୦୨୩ ଦିନ ସଂଘ ପଞ୍ଜୀକୃତର ବର୍ଷ ପୂରଣ ଅବସରରେ ରକ୍ତହୀନତାରେ ପୀଡ଼ିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ଏବଂ ବ୍ୟକ୍ତି ବିଶେଷଙ୍କ ପାଇଁ ଓଏସଏସଇଟିଏ ଏବଂ ଓଡିଶା ମୋ ପରିବାର ଜୀବନ ବିନ୍ଦୁ ମିଳିତ ସହଯୋଗରେ ଗିରିନାରିବନ୍ତ, ଲୋକନାଥ ରୋଡ, ପୁରୀ ଆଶ୍ରମରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ଯୁବ ବିଜୁ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ, ଓଡ଼ିଶା ମୋ ପରିବାର ସଂଯୋଜକ ଭଗବାନ ପଡ଼ିଆରୀ, ଓଏସଏସଇଟିଏର ସଭାପତି ବୀରବର ସାମନ୍ତ ସିଂହାର, ରାଜ୍ୟ ସଂଯୋଜକ ଦୀପକ୍ ପ୍ରଧାନ, ସମ୍ପାଦକ କୈବଲ୍ୟ କୁମାର ବଳ, ଅଫିସ ସମ୍ପାଦକ ଦୀପକ କୁମାର ମାଝୀ, ଆଇନଜୀବୀ ଦୀପକ ପଣ୍ଡା, ସାଗର ପାତ୍ର, ଆଶ୍ରମ ସମ୍ପାଦକ, କୃଷ୍ଣଚନ୍ଦ୍ର ପଲେଇ ଉପସ୍ଥିତ ଥିଲେ। ସମସ୍ତ ରକ୍ତ ଦାତାଙ୍କୁ ପରିଚୟପତ୍ର ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।

## ଉପେନ୍ଦ୍ର ଭଞ୍ଜ ଥିଲେ ଶୃଙ୍ଗାରୀ କବି, ଦାର୍ଶନିକ କବି

କାକଟପୁର,୩୧।୭(ଶୁଭଦର୍ଶନ ମିଶ୍ର)

**ସାହିତ୍ୟ ସମାରୋହ, କବିତା ପାଠୋତ୍ସବ**

ସୋମେଶ୍ୱର ସାହିତ୍ୟ ସଂସଦ ଆନୁକୂଲ୍ୟରେ କବିସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟ ସମାରୋହ ଦୁଇଟି ପର୍ଯ୍ୟାୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। କାକଟପୁର ଷ୍ଟେଟ୍ ବ୍ୟାଙ୍କ ସମ୍ମୁଖରେ 'ସୌରଭ ପ୍ୟାଲେସ'ଠାରେ ଆୟୋଜିତ ପ୍ରଥମ ଅଧିବେଶନରେ ପୁରୀ ଉପନିବନ୍ଧକ ପ୍ରଭାତ ତରାଇ ଉତ୍ସବକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ସହ ଶିକ୍ଷାଅଧିକାରୀ ସାଧୁଚରଣ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଆୟମାରମ୍ଭ ହୋଇଥିଲା। ଏଥିରେ ଶିକ୍ଷକ ହୃଦାନନ୍ଦ ସାସମଲ, ତ୍ରିଲୋଚନ ବିଶ୍ୱାଳ, ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି ଓ ମଙ୍ଗରାଜ ବିଶ୍ୱାଳ ପ୍ରମୁଖ ମଞ୍ଚ ସଂଯୋଜନା କରିଥିଲେ। ଶତାଧିକ କବି ସ୍ୱରଚିତ କବିତା ପାଠ କରିଥିଲେ। ସଂସଦର ସଭାପତି ପଣ୍ଡିତ ବନବିହାରୀ ଗ୍ରହାଚାର୍ଯ୍ୟ ଦ୍ୱିତୀୟ ଅଧିବେଶନରେ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଡ. ରବିନାରାୟଣ ପଣ୍ଡା, ମୁଖ୍ୟବକ୍ତା ପ୍ରଫେସର ନୀରୋଦ ଦାସ, ସମ୍ମାନିତ ଅତିଥି ଭାବେ ସମ୍ପଦ ରଥ, ବ୍ରଜ ନାରାୟଣ ସ୍ୱାଇଁ, ଗାୟକ ବସନ୍ତ ରାଉତ ଯୋଗଦେଇଥିଲେ। କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କ ସୃଷ୍ଟି ବୈଦେହୀଶ ବିଳାସ, ଲାବଣ୍ୟବତୀ, ପ୍ରେମ ସୁଧାନିଧି, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରଭୃତି କାବ୍ୟରୁ ବିଭିନ୍ନ ଉପମା, ଅଳଙ୍କାରକୁ ଉଦ୍ଧାର କରି ଉପେନ୍ଦ୍ର ଭଞ୍ଜଙ୍କୁ ଶୃଙ୍ଗାରୀ କବି ସହ ଦାର୍ଶନିକ କବି ରୂପେ ଅତିଥିମାନେ ବର୍ଣ୍ଣନା କରିଥିଲେ। ଅନୁଷ୍ଠାନର ସମ୍ପାଦକ ମନୋଜ ସାହୁ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ସୁଶ୍ରୀ ଶୁଭଲକ୍ଷ୍ମୀ ମହାନ୍ତି ମନୋରଞ୍ଜନ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ରାଜ୍ୟର ବିଭିନ୍ନ ଜିଲାରୁ ଖ୍ୟାତନାମା କବିମାନେ କବିତା ପାଠ କରିଥିଲେ । ସଂସଦ ପକ୍ଷରୁ ବିଶିଷ୍ଟ ବ୍ୟକ୍ତିତ୍ୱ ପ୍ରଫେସର ବିଜୟ ଘୋଷ, ଶିକ୍ଷାବିତ୍ ମନ୍ଦରଧର ମହାନ୍ତି, କବି ଚିତ୍ତରଞ୍ଜନ ପୃଷ୍ଟି, ବିଦୂଷୀ ଦୀପ୍ତି କୁମାରୀ ମହାନ୍ତି, ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାସ ଚନ୍ଦ୍ର ଦାଶ, ସଂଗଠକ ହୃଦାନନ୍ଦ ସାସମଲ, ତ୍ରିଲୋଚନ ବିଶ୍ୱାଳ, ଡ. ରବିନାରାୟଣ ପଣ୍ଡା, ସାମାଜିକ କର୍ମୀ ସ୍ନେହଲତା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂସଦର ପ୍ରମୁଖ ସଭ୍ୟ ଗାୟକ ସ୍ଥିତପ୍ରଜ୍ଞ ଅଜୟ ଦୀକ୍ଷିତ ଧନ୍ୟବାଦ ଦେଇଥିଲେ। ସଂସଦର ସମସ୍ତ ସଭ୍ୟଙ୍କ ଅକୁଣ୍ଠ ସହାୟତା ପ୍ରତି ସଭାପତି ବନବିହାରୀ ଗ୍ରହାଚାର୍ଯ୍ୟ ସାଧୁବାଦ ଜଣାଇଥିଲେ।

## ଆନ୍ତଃଜିଲା ଅପରାଧୀ ନିମାପଡ଼ାରୁ ଗିରଫ

ନିମାପଡ଼ା,୩୧।୭(ବିଚିତ୍ରାନନ୍ଦ ସାହୁ)/ ଅସ୍ତରଙ୍ଗ,(ମମତା ଜେନା)

ଜଣେ ଆନ୍ତଃଜିଲା ଅପରାଧୀଙ୍କୁ ଅସ୍ତରଙ୍ଗ ପୋଲିସ ନିମାପଡ଼ାରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ପୁରୀ ଜିଲା ଅସ୍ତରଙ୍ଗ ଥାନା ଅଧୀନ ଝାଡ଼ଲିଙ୍ଗ ଗ୍ରାମର ରାଧାବଲ୍ଲଭ ବିଶ୍ୱାଳ ଓରଫ ମୁନା(୩୮)। ମୁନାଙ୍କୁ ପୋଲିସ ନିମାପଡ଼ା ମେଡିକାଲରେ ଡାକ୍ତରୀ ମାଇନା କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, କିଛି ଦିନ ତଳେ ମୁନା ତାଙ୍କ ୫ ସହଯୋଗୀଙ୍କ ସହ ଅସ୍ତରଙ୍ଗ ବଜାରର ଏକ ବିଦେଶୀ ମଦଦୋକାନରେ ଚଢାଉ କରି ମାରଣାସ୍ତ୍ର ଦେଖାଇ ଧମକଚମକ ଦେଇ ବହୁ ମଦ ଓ ନଗଦ ଟଙ୍କା ଲୁଟି ନେଇଥିଲେ। ମଦ ଦୋକାନ କର୍ମଚାରୀଙ୍କ ଅଭିଯୋଗ କ୍ରମେ ଅସ୍ତରଙ୍ଗ ଥାନାରେ ୧୨୫/୨୩ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା। ଏହି ଲୁଟ୍ ମାମଲାରେ ପୋଲିସ ପୂର୍ବରୁ ଗୋପ ଥାନା ଅଞ୍ଚଳର ଚିତ୍ତରଞ୍ଜନ ସ୍ୱାଇଁ, ସଂଗ୍ରାମ ପରିଡ଼ା, ଅନିଲ ଭଞ୍ଜ ଓ ବୋଲେରୋ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ବ୍ୟକ୍ତିଙ୍କଠାରୁ ଏକ ଗାଡ଼ି, ୪ଟି ମୋବାଇଲ, କେତେକ ମାରଣାସ୍ତ୍ର ଜବତ କରିଛି। ମୁଖ୍ୟ ଅଭିଯୁକ୍ତ ମୁନାଙ୍କଠାରୁ ପୋଲିସ ଗୋଟିଏ ବାଇକ୍ ଓ ମୋବାଇଲ ଜବତ କରିଛି। ଏହି ମାମଲାରେ ଥାନାରେ ୬ ଜଣ ଅପରାଧୀଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାବେଳେ ଜଣେ ଫେରାର ଅଭିଯୁକ୍ତଙ୍କୁ ପୋଲିସ ଖୁବ୍‌ଶୀଘ୍ର ଧରିବ ବୋଲି କହିଛି। ତିନି ବର୍ଷ ତଳେ ଆଳସାହି ଭୀମା ଛକରେ ହୋଇଥିବା ଦିଲୀପ ସ୍ୱାଇଁ ହତ୍ୟାକାଣ୍ଡରେ ମୁନାଙ୍କ ସମ୍ପୃକ୍ତି ଥିବାରୁ ତାଙ୍କୁ ଜେଲ ହୋଇଥିଲା। ଗତ ବୁଧବାର ମୁନା ଜାମିନରେ ଆସିଥିବାବେଳେ ସାଙ୍ଗମାନଙ୍କ ସହ ମିଶି ଏପରି କାଣ୍ଡ ଘଟାଇଥିଲେ। ମୁନାଙ୍କ ବିରୋଧରେ ଅସ୍ତରଙ୍ଗ ଥାନାରେ ୬ଟି, ଅସ୍ତରଙ୍ଗ ମେରାଇନ ଥାନାରେ ୨ଟି, ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ୩ଟି, ଖଣ୍ଡଗିରି ଥାନାରେ ଗୋଟିଏ ଏପରି ମୋଟରେ ୧୨ଟି ଆପରାଧିକ ମାମଲା ପୂର୍ବରୁ ରହିଥିବା ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୁରୀ ଏସ୍‌ପି ଡ. କନୱର ବିଶାଲ ସିଂଙ୍କ ନିର୍ଦ୍ଦେଶରେ ନିମାପଡ଼ା ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ନେତୃତ୍ୱ ଓ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅସ୍ତରଙ୍ଗ ଥାନାର ଏସ୍‌ଆଇ ସଂଗ୍ରାମ ସ୍ୱାଇଁ, ଏସ୍‌ଆଇ ଦୀପକ ସାମନ୍ତସିଂହାର, ଏଏସ୍‌ଆଇ ରତ୍ନାକର ବେହେରା ପ୍ରମୁଖ ମୁନାଙ୍କୁ କାବୁ କରିବାରେ ସଫଳ ହୋଇଥିଲେ।

## ସାଂସ୍କୃତିକ କଳା ପରିଷଦର ଚତୁର୍ଥ ବାର୍ଷିକୋତ୍ସବ

କଣାସ,୩୧।୭(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକ ଅନ୍ତର୍ଗତ ସାନଓରାଠାରେ ପ୍ରିୟଦର୍ଶିନୀ ସାଂସ୍କୃତିକ କଳା ପରିଷଦର ଚତୁର୍ଥ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି କବି ଅଜୟ ସେଠୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ କାଳୀଶଙ୍କର ମହାନ୍ତି, ବିଜୟ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। କଳାସଂସ୍କୃତି ସମ୍ବନ୍ଧରେ ଅତିଥିମାନେ ଅଭିଭାଷଣ ଦେଇଥିଲେ। ୪୩ ଜଣ ନୃତ୍ୟଶିଳ୍ପୀ ନୃତ୍ୟ ପରିବେଷଣ କରିଥିଲେ। କମଳ ରାଉତରାୟ ସଭା ସଂଯୋଜନା, ଦୀନବନ୍ଧୁ ଦାସ ସମ୍ପାଦକୀୟ ବିବରଣୀ ଏବଂ ପୀତବାସ ସାହୁ ଧନ୍ୟବାଦ ଦେଇଥିଲେ। ଅନେକ କଣ୍ଠଶିଳ୍ପୀ ଭଜନ ପରିବେଷଣ କରିଥିବାବେଳେ ଲକ୍ଷ୍ମୀଧର ରାଉତରାୟ ସଙ୍ଗୀତ ପରିଚାଳନା କରିଥିଲେ। ଶ୍ୟାମସୁନ୍ଦର ଜୟସିଂ, ରତ୍ନାକର ଜଗଦ୍ଦେବ, ପୀତାମ୍ବର ନାୟକ, ସୁବାସ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜିଲା ସ୍କୁଲରେ 'ସ୍କ୍ରାଚ୍ ଡେ' ଇଭେଣ୍ଟ

ପୁରୀ,୩୧।୭(ଅଜିତ ମହାନ୍ତି)

କ୍ୱେଷ୍ଟ ଆଲିଆନ୍ସ ସଂସ୍ଥା(ଭୁବନେଶ୍ୱର) ପକ୍ଷରୁ ଏକ 'ସ୍କ୍ରାଚ୍ ଡେ' ଇଭେଣ୍ଟ ପୁରୀ ଜିଲା ସ୍କୁଲ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଇଭେଣ୍ଟରେ ଅତିଥି ଭାବେ ପୁରୀ ଜିଲାର ଅତିରିକ୍ତ ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମର୍ଥା, ପୁରୀ ଜିଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ସ୍ୱେଚ୍ଛାସେବୀ ସତ୍ୟନାରାୟଣ ସାହୁ ଏବଂ କ୍ୱେଷ୍ଟ ଆଲିଆନ୍ସ ଟିମ୍ ତରଫରୁ କାବେରୀ ଦାସ, ଶୁଭଶ୍ରୀ ମହାରଣା, ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ, ଉଦ୍ଦେଶ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲର ୪୦ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ କାର୍ଯ୍ୟକ୍ରମଟି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଡିଜିଟାଲ ଲର୍ନିଂ, କୋଡିଂ, ସ୍କ୍ରାଚ୍, ପ୍ରୋବ୍ଲେମ ସଲ୍ଭିଂ, ଡିସିସନ ମେକିଂ, କ୍ରିଟିକାଲ ଥିଙ୍କିଙ୍ଗ୍ ମାଧ୍ୟମରେ ନୂତନ ଜିନିଷର ଉଦ୍ଭାବନ କିପରି କରିପାରିବେ ସେ ସମ୍ବନ୍ଧରେ ସମ୍ୟକ୍ ଧାରଣା ଦିଆଯାଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ କ୍ରିଏଟିଭ କୋଡିଂ ପ୍ଲାଟଫର୍ମକୁ ବ୍ୟବହାର କରି ଏକତ୍ରିତ ଭାବେ ଅନ୍‌ଲାଇନରେ ପ୍ରୋଜେକ୍ଟ ତିଆରି କରିପାରିବେ, ସିମ୍ପଲ୍ ଭିଜୁଆଲ ଇଣ୍ଟରଫେସ୍ ସହିତ ଏକ କୋଡିଂ ଲାଙ୍ଗୁଏଜ୍ ଯାହା ସାହାଯ୍ୟରେ ଡିଜିଟାଲ୍ କାହାଣୀ, ଆନିମେଶନ୍ ଏବଂ ଗେମ୍ ତିଆରି କରିପାରିବେ। ଏହା ଆଗାମୀ ଭବିଷ୍ୟତରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ ନୂତନ ଶିକ୍ଷାର ଆଧାର ହେଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।


କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ଓ ଅନ୍ୟମାନେ ।

## ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ଜଗନ୍ନାଥ ସେନାର ବିକ୍ଷୋଭ

ପୁରୀ,୩୧।୭(ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଶ୍ରୀଜଗନ୍ନାଥ ମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ମରାମତି ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଶ୍ରୀମନ୍ଦିର ପରିଚାଳନା କମିଟି ଏଜେଣ୍ଡାରେ ସ୍ଥାନକୁ ଦାବି କରି ସୋମବାର ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଏକ ଦାବିପତ୍ର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ସେନାର ଆବାହକ ଆଇନଜୀବୀ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କାହିଁକି କରାଯାଇ ନାହିଁ। ଅଣପ୍ରସଙ୍ଗ ବିଷୟ ଉପରେ ଆଲୋଚନା କରାଯାଉଛି। ଭକ୍ତଙ୍କ ପାଇଁ ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାର ଖୋଲିବା ଓ ମରାମତି କରିବା। ସିଂହଦ୍ୱାର ଗୁମୁଟରେ ଦଶ ଅବତାର ମୂର୍ତ୍ତି ସ୍ଥାପନ ପ୍ରସଙ୍ଗ, ବଡ଼ଦାଣ୍ଡରୁ ଅସ୍ଥାୟୀ ବ୍ୟାରିକେଡ କଢାଯାଇ କାକୁଡ଼ିଖାଇପଟେ ସ୍ଥାୟୀ ବ୍ୟାରିକେଡ ପ୍ରସଙ୍ଗ, ଏମାର ମଠରୁ ଜବତ ହୋଇଥିବା ୫୨୨ ଖଣ୍ଡ ରୁପା ଇଟା ଶ୍ରୀମନ୍ଦିରକୁ ଆଣିବା ଓ ମହାପ୍ରଭୁଙ୍କର କୋହିନୁର ହୀରାକୁ ଫେରାଇ ଆଣିବା ଆଦି ବିଷୟ ବସ୍ତୁକୁ ଏଜେଣ୍ଡାରେ ଅଣାଯାଉ ବୋଲି ଶ୍ରୀ ଜଗନ୍ନାଥ ସେନା ଆବାହକ ଦାବି କରିଛନ୍ତି। ଉପରୋକ୍ତ ବିଷୟ ବସ୍ତୁକୁ କ'ଣ ପାଇଁ ବିଗତ ଦିନରେ ଆଲୋଚନା କରାଯାଉ ନାହିଁ ଯଦି ଆଗାମୀ ଦିନରେ ଏହି ବିଷୟବସ୍ତୁକୁ ଆଲୋଚନା ପରିସରକୁ ନ ଅଣାଯାଏ ଶ୍ରୀ ଜଗନ୍ନାଥ ସେନା ରାଜରାସ୍ତାକୁ ଓହ୍ଲାଇବ ବୋଲି ପଟ୍ଟନାୟକ କହିଛନ୍ତି। ଦାବିପତ୍ରର ନକଲ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟ, ଗଜପତି ମହାରାଜ, ମୁଖ୍ୟମନ୍ତ୍ରୀ, ରାଜ୍ୟ ଆଇନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେନା ପକ୍ଷରୁ ପ୍ରଦାନ କରାଯାଇଛି।


ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ଆଗରେ ବିକ୍ଷୋଭ କରାଯାଉଛି ।

# ନକଲି ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍‌ରେ ଚୋରାଗାଡ଼ି ବିକ୍ରି

## ଗୁମର ଖୋଲିଲେ ଗିରଫ ହୋଇଥିବା ଆନ୍ତଃଜିଲା ଗ୍ୟାଙ୍ଗ୍‌ର ୪ ସଦସ୍ୟ



ଜବତ ନକଲି ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ସମେତ ଅନ୍ୟାନ୍ୟ ସାମଗ୍ରୀ।



ଗିରଫ ୪ ଅଭିଯୁକ୍ତ।

ଭୁବନେଶ୍ୱର,୩୧।୭
(ସୂର୍ଯ୍ୟକାନ୍ତ ବେହେରା)

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ପାର୍କ, ମଲ୍, ହସ୍ପିଟାଲ ଆଦି ଗହଳି ସ୍ଥାନରୁ ଅତି ଚତୁରତାର ସହ ବାଇକ ଚୋରି କରୁଥିଲେ। ଏହାପରେ ଚୋରା ଗାଡିଗୁଡିକରେ ନକଲି ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଇବା ସହିତ ନକଲି ଆର୍‌ସି ବୁକ୍ ପ୍ରସ୍ତୁତ କରି ବିକ୍ରି କରିଦେଉଥିଲେ। ଭୁବନେଶ୍ୱରରେ ହିଁ ଏହି ନକଲି ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଓ ଗାଡିର ଅନ୍ୟାନ୍ୟ ରେକର୍ଡପତ୍ର ତିଆରି ହେଉଛି। ଏପରି ବେଆଇନ କାରବାରରେ ସମ୍ପୃକ୍ତ ବଡ଼ ଆନ୍ତଃଜିଲା ବାଇକ୍ ଚୋରି ଗ୍ୟାଙ୍ଗ୍‌କୁ କ୍ୟାପିଟାଲ ଥାନା ପୋଲିସ ଓ ସ୍ପେଶାଲ ସ୍କ୍ୱାଡ୍ ଧରିବାରେ ସଫଳ ହୋଇଛି। ଏହି ଗ୍ୟାଙ୍ଗ୍‌ର ୪ଜଣଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗ୍ୟାଙ୍ଗ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ନୟାଗଡର କ୍ରିଷ୍ଣା ଦାସ, ପ୍ରଭାତ କୁମାର ନାୟକ ଓ ରମେଶ ପୃଷ୍ଟି ଏବଂ ଅନ୍ୟଜଣେ ହେଲେ କନ୍ଧମାଳର ଚିକୁନ୍ତା ନାୟକ। ସେମାନଙ୍କ ହେପାଜତରୁ ୩୫ଟି ବାଇକ୍, ୪୦ଟି ନକଲି ନମ୍ବର ପ୍ଲେଟ, ୭ଟି ନକଲି ଆର୍‌ସି ସ୍ମାର୍ଟ କାର୍ଡ, ୭ଟି ନକଲି ଆର୍‌ସି ପେପର ଓ ୨୫ଟି ନକଲି ଚାବି ଜବତ ହୋଇଛି। ଅଭିଯୁକ୍ତମାନେ ସହରର ବିଭିନ୍ନ ଥାନାରେ ୧୫ରୁ ଅଧିକ ମାମଲାରେ ସଂପୃକ୍ତ ଥିବା ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି। ଏହାସହ ଜବତ ଚୋରା ଗାଡ଼ିକୁ ଚିହ୍ନଟ ଦିଗରେ ଅଧିକ ଅନୁସନ୍ଧାନ ସହ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କୁ ଧରିବାକୁ ଚେଷ୍ଟା ଜାରି ରହିଛି ବୋଲି ସିଂ କହିଛନ୍ତି। ତେବେ ତଦନ୍ତବେଳେ ଜଣାପଡିଛି ଯେ, ଅଭିଯୁକ୍ତ କ୍ରିଷ୍ଣା ଦାସ ଜଣେ ପେସାଦାର ବାଇକ ଚୋର। ପୂର୍ବରୁ ତାଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିବାବେଳେ ସେ ଜାମିନରେ ଆସି ଅଭିଯୁକ୍ତ ପ୍ରଭାତ, ଚିକୁନ୍ତା, ରମେଶଙ୍କ ସହ ମିଶି ଏକ ଗ୍ୟାଙ୍ଗ ଗଢ଼ିଥିଲେ। କ୍ରିଷ୍ଣା ଓ ପ୍ରଭାତ ଭୁବନେଶ୍ୱର ସହରରୁ ଗାଡି ଚୋରି କରିବା ପରେ ନୟାଗଡରେ ଏକ ଷ୍ଟୋର୍ କରି ରଖୁଥିଲେ। ଏହାପରେ ରମେଶଙ୍କ ଜରିଆରେ ନକଲି ହାଇସିକ୍ୟୁରିଟି ନମ୍ବର ପ୍ଲେଟ୍ ଓ ଆର୍‌ସି ପ୍ରସ୍ତୁତ କରିବା ସାରିବା ପରେ ଅଭିଯୁକ୍ତ ଚିକୁନ୍ତାଙ୍କ ସାହାଯ୍ୟରେ ଗାଡିଗୁଡିକୁ ୩୦ରୁ ୪୦ ହଜାର ଟଙ୍କାରେ କଳାହାଣ୍ଡି ଓ କନ୍ଧମାଳରେ ବିକ୍ରି କରି ଦେଇଥାନ୍ତି। ସେମାନେ ମଧ୍ୟ ଭୁବନେଶ୍ୱରର ବେହେରା ସାହି ଛକରେ ଫେରାର ଥିବା ଜଣେ ଅଭିଯୁକ୍ତ ପାଖରେ ନକଲି ଦଲିଲ ଏବଂ ନମ୍ବର ପ୍ଲେଟ ପ୍ରସ୍ତୁତ କରନ୍ତି। ତେଣୁ ଏସବୁ ନକଲି ସାମଗ୍ରୀ ଯୋଗାଉଥିବା ଅଭିଯୁକ୍ତଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଚଳାଇଛି। ଏହାସହ ଏହି ଗ୍ୟାଙ୍ଗ ୧୦୦ରୁ ଅଧିକ ଚୋରି ମାମଲାରେ ସମ୍ପୃକ୍ତ ଥିବା ଜଣାପଡିଛି। ପୋଲିସ ତଦନ୍ତ ଜାରି ରଖିଥିବାରୁ ଗିରଫ ସଂଖ୍ୟା ବୃଦ୍ଧି ପାଇବ ବୋଲି ଡିସିପି ସିଂ କହିଛନ୍ତି।

- ଭୁବନେଶ୍ୱରରେ ବାଇକ୍ ଚୋରି, ନୟାଗଡ଼ରେ ଗୋଦାମ
- ୩୫ ବାଇକ ସହ ନକଲି ଚାବି, ନମ୍ବର ପ୍ଲେଟ, ଆର୍‌ସି ପେପର ଓ ସ୍ମାର୍ଟ କାର୍ଡ ଜବତ
- ୧୦୦ରୁ ଅଧିକ ମାମଲାରେ ସଂପୃକ୍ତ ଥିବା ସନ୍ଦେହ






ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୩୧।୭।୨୦୨୩

| ୬,୧୦,୩୭୯ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୪୪.୨୦ ଗ୍ରାମ୍ |

# ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସ୍ଥଗିତ

- ନିର୍ଦ୍ଦିଷ୍ଟ କାରଣ ଜଣାପଡ଼ି ନାହିଁ
- ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅସୁସ୍ଥ

ପୁରୀ,୩୧।୭(ଅଜିତ ମହାନ୍ତି)

ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ହେବାକୁ ଥିବା ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ସ୍ଥଗିତ ହୋଇଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି। ପୂର୍ବାହ୍ନ ୧୧ଟା ସମୟରେ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତନିବାସ ପରିସରରେ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବାର ଥିଲା। କିନ୍ତୁ ହଠାତ୍ ବୈଠକସ୍ଥଗିତ ହେବାର କୌଣସି ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ସୂଚନା ମିଳିପାରି ନାହିଁ। ଅନୁଷ୍ଠିତ ହେବାକୁ ଥିବା ପରିଚାଳନା ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ଉପରେ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଥିଲା। ହେଲେ ଅଚାନକ ବୈଠକକୁ ବାତିଲ ହେବାକୁ ନେଇ ବିଭିନ୍ନ ମହଲରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବୈଠକରେ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରାର ସମୀକ୍ଷା, ଯାତ୍ରା ସମୟରେ ଦେଖାଦେଇଥିବା ବିଶୃଙ୍ଖଳା ଆଦି ସୁଧାରିବା ନେଇ ଆଲୋଚନା, ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିବା ନେଇ ଆଲୋଚନା, ବନକଲାଗି ନେଇ ଚାଲିଥିବା ଦ୍ୱନ୍ଦ୍ୱ, ସେବାୟତ ପିଲାଙ୍କ ପାଇଁ ଗୁରୁକୁଳ, ବାସଗୃହ ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ଆଲୋଚନା କରାଯିବ ବୋଲି ଅନୁମାନ କରାଯାଇଥିଲା। ସେହିପରି ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଅନୁଷ୍ଠିତ ହେବାକୁ ଥିବା ପରିଚାଳନା ବୈଠକରେ ରତ୍ନଭଣ୍ଡାର ଖୋଲିବା ନେଇ ଏଜେଣ୍ଡା ରଖିବା ପାଇଁ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜଙ୍କୁ ଚିଠି ଲେଖିଥିଲେ। ତେଣୁ ରତ୍ନଭଣ୍ଡାର ସମ୍ପର୍କରେ ଆଲୋଚନା କରାଯିବାର ଆଶା କରାଯାଉଥିଲା। ମାତ୍ର ବୈଠକ ସ୍ଥଗିତ କରାଯିବା ସହ ପରବର୍ତ୍ତୀ ବୈଠକ କେବେ ହେବ ସେନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରାକ୍ ସୂଚନା ଦିଆଯାଇନାହିଁ। ସେହିପରି ପୂର୍ବରୁ ମଧ୍ୟ ଗତ ୨୭ ତାରିଖରେ ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଥିଲା, କିନ୍ତୁ କିଛି କାରଣ ପାଇଁ ଘୁଞ୍ଚାଯାଇ ଅଗଷ୍ଟ ୧ ମଙ୍ଗଳବାର ବୈଠକ ହେବ ବୋଲି ସୂଚନା ଦିଆଯାଇଥିଲା। ତେବେ ବୈଠକ ସ୍ଥଗିତ ନେଇ ନାନା ଆଲୋଚନା ହେଉଛି। ଏ ନେଇ ଶ୍ରୀମନ୍ଦିର ଲୋକ ସମ୍ପର୍କ ବିଭାଗର ଅଧିକାରୀ କହିଛନ୍ତି, ମଙ୍ଗଳବାର ଅଗଷ୍ଟ ୧ରେ ହେବାକୁ ଥିବା ପରିଚାଳନା ବୈଠକ ସ୍ଥଗିତ ନେଇ ସମ୍ପୂର୍ଣ୍ଣ ଭାବେ ସୂଚନା ନାହିଁ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅସୁସ୍ଥ ଅଛନ୍ତି। ଅପରପକ୍ଷେ ପରିଚାଳନା କମିଟି ଅଧ୍ୟକ୍ଷ ଗଜପତି ମହାରାଜ ବାହାରେ ଅଛନ୍ତି। କାଲି ଆସିବାର ଅଛି। ଯଦି ଗଜପତି ମହାରାଜ ଆସନ୍ତି ତା'ହେଲେ ବୈଠକ ହେବ, ନ ଆସିଲେ ସ୍ଥଗିତ ରଖାଯିବ ବୋଲି ସୂଚନା ଦେଇଥିଲେ। ତେବେ ବିଶେଷ ସୂତ୍ରରୁ ଖବର ଅନୁଯାୟୀ କିଛି ଅସୁବିଧା କାରଣରୁ ପରିଚାଳନା କମିଟି ବୈଠକ ସ୍ଥଗିତ କରାଯାଇଥିବା ଜଣାପଡ଼ିଛି।

## ସଚେତନ କଲା ଓଡ଼ିଶା ପୋଲିସ

# ବେଆଇନ ଟ୍ରେଡିଂ ଆପ୍‌ଠାରୁ ଦୂରେଇ ରୁହନ୍ତୁ

ଭୁବନେଶ୍ୱର,୩୧।୭(ସତ୍ୟଜିତ୍ ରାଉତ): ସାଇବର ଠକମାନେ ଏବେ ବିଭିନ୍ନ ଉପାୟରେ ଟଙ୍କା ଲୁଟୁଛନ୍ତି। ବିଶେଷକରି ଟ୍ରେଡିଂ ଆପ୍‌ରେ ଅଳ୍ପ ଦିନରେ ଦୁଇଗୁଣ ଅର୍ଥ ଲାଭର ପ୍ରଲୋଭନ ଦେଖାଇ ଜାଲରେ ଫଶାଉଛନ୍ତି। ଏଭଳିସ୍ଥିତିରେ ଓଡ଼ିଶା ପୋଲିସ ପକ୍ଷରୁ ଏ ସଂକ୍ରାନ୍ତରେ ସାମାଜିକ ଗଣମାଧ୍ୟମ ଯୋଗେ ସୋମବାର ସଚେତନ କରାଯାଇଛି। ଠକେଇରେ ନ ପଡ଼ିବାକୁ ଲୋକମାନଙ୍କୁ ପରାମର୍ଶ ଦିଆଯାଇଛି। ପୋଲିସ ପକ୍ଷରୁ ହୋଇଥିବା ପୋଷ୍ଟରେ କୁହାଯାଇଛି ଯେ, ବେଆଇନ ଟ୍ରେଡିଂ ଆପ୍‌ଠାରୁ ଦୂରେଇ ରୁହନ୍ତୁ। ଅନ୍‌ଲାଇନ ପ୍ଲାଟଫର୍ମରେ ଅଳ୍ପ ଦିନରେ ଅର୍ଥ ଦୁଇଗୁଣ ହୋଇଯିବାର ପ୍ରଲୋଭନ ଦେଖାଇ ବହୁ ଲୋକଙ୍କଠାରୁ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ କରିବା ଭଳି ଘଟଣା ନଜରକୁ ଆସୁଛି। ଅର୍ଥ ନିବେଶ କରିବା ପୂର୍ବରୁ ପ୍ରଥମେ ଟ୍ରେଡିଂ ଆପ୍‌ର ବିଶ୍ୱସନୀୟତାକୁ ଯାଞ୍ଚ କରନ୍ତୁ ଓ ଏ ସଂକ୍ରାନ୍ତରେ ସବୁବେଳେ ସଚେତନ ରୁହନ୍ତୁ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।




ସ୍ଥାୟୀ ନିଯୁକ୍ତି ସହ ୧୦ ଦଫା ଦାବିରେ ଓଡ଼ିଶା ସରକାରୀ ଆଉଟ୍‌ସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସୋମବାର ଆରମ୍ଭ ହୋଇଥିବା 'ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ଚାଲ ଅଭିଯାନ' ଅବସରରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଆୟୋଜିତ ବିକ୍ଷୋଭ ସମାବେଶ। (ଫଟୋ- ମନୋରଞ୍ଜନ ମିଶ୍ର)

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଦୀପକ



@ ଯଶ୍ମୀନ



@ କିରଣବାଳା



@ ପୃଥ୍ୱିରାଜ



@ ଶ୍ରୀନିବାସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଅଗଷ୍ଟ ୩ରୁ ଯକୃତ ରୋଗର ନିରାକରଣ ଅଭିଯାନ




ଭୁବନେଶ୍ୱର,୩୧।୭(ଅଭିଜିତ ଦାସ): ରାଜ୍ୟରେ ବିଭିନ୍ନ ବର୍ଗର ଲୋକମାନଙ୍କର ଯକୃତ ସମସ୍ୟା ଲାଗିରହୁଥିବା ବେଳେ ଭାରତୀୟ ଜାତୀୟ ସଂଘ ଯକୃତ/ଲିଭର ରୋଗର ନିରାକରଣ କରାଯିବ। ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଗଠନ ସଭାପତି ଡାକ୍ତର ଏସ.ପି ସିଂ କହିଛନ୍ତି, ଅଗଷ୍ଟ ୩ରୁ ୬ ତାରିଖ ପର୍ଯ୍ୟନ୍ତ ୨୨ଜଣ ଅନ୍ତର୍ଜାତୀୟ ଡାକ୍ତରଙ୍କ ଦ୍ୱାରା ରାଜ୍ୟରେ ଯକୃତ ରୋଗର ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଆଲୋଚନା କରାଯିବ। ଉକ୍ତ ଶିବିର ଦେଶ ବିଦେଶରେ ହେଉଥିବାବେଳେ ଚଳିତ ବର୍ଷ ଓଡିଶାରେ ପ୍ରଥମଥର ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ସମ୍ମିଳନୀରେ ସଂଘର ସାଂଗଠନିକ ସମ୍ପାଦକ ଡାକ୍ତର ସୁଶାନ୍ତ ସେଠୀ ଓ ଡାକ୍ତର ମାନସ ପାଣିଗ୍ରାହୀ ଉପସ୍ଥିତ ଥିଲେ।

# ରାଜ୍ୟରେ ପ୍ରଥମ ଡେଙ୍ଗୁ ମୃତ୍ୟୁ

## ସ୍ପଷ୍ଟକଲେ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ

- ରବିବାର ପ୍ରସୂତିଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଥିଲା
- ସ୍ୱାସ୍ଥ୍ୟ ବିଭାଗ ପାଖରେ ନାହିଁ ମୃତ୍ୟୁଜନିତ ତଥ୍ୟ
- ଘରୋଇ ହସ୍ପିଟାଲରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ରିପୋର୍ଟ ବିଳମ୍ବିତ

ଭୁବନେଶ୍ୱର,୩୧।୭(ଅଭିଜିତ ଦାସ)

ରାଜ୍ୟରେ ଡେଙ୍ଗୁ ଏବେ ଭୟଙ୍କର ହେବାରେ ଲାଗିଛି। ଆକ୍ରାନ୍ତଙ୍କ ସଂଖ୍ୟା ହୁହୁ ହୋଇ ବଢୁଥିବାବେଳେ ରାଜଧାନୀ ଭୁବନେଶ୍ୱରରେ ପ୍ରଥମ ଡେଙ୍ଗୁ ମୃତ୍ୟୁ ହୋଇଛି। କ୍ୟାପିଟାଲ ହସ୍ପିଟାଲରେ ପ୍ରସବକାଳୀନ ଚିକିତ୍ସାରେ ଥିବା ଜଣେ ମହିଳାଙ୍କର ଡେଙ୍ଗୁରେ ହିଁ ମୃତ୍ୟୁ ହୋଇଥିବା ହସ୍ପିଟାଲର ନିର୍ଦ୍ଦେଶକ ଡାକ୍ତର ଲକ୍ଷ୍ମୀଧର ସାହୁ ସୋମବାର ସ୍ପଷ୍ଟ କରିଛନ୍ତି। ମୃତା ମହିଳାଙ୍କ ଘର କେନ୍ଦ୍ରାପଡା ରାଜକନିକା ଅଞ୍ଚଳରେ ହୋଇଥିବାବେଳେ ସେ ଭୁବନେଶ୍ୱରର ଭିଏସ୍‌ଏସ୍‌ନଗରରେ ରହୁଥିଲେ। ସେ ପ୍ରସବ ପାଇଁ ଜୁଲାଇ ୨୩ରେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କର ଜଣେ ଶିଶୁକନ୍ୟା ଜନ୍ମ ହୋଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ହୋଇଥିଲା। ପରିବାର ଲୋକେ ଡେଙ୍ଗୁ ମୃତ୍ୟୁ ଅଭିଯୋଗ ଆଣିଥିଲେ ମଧ୍ୟ ହସ୍ପିଟାଲ ପକ୍ଷରୁ ଏହାକୁ ଖଣ୍ଡନ କରାଯିବା ସହ ଯାଞ୍ଚ ପରେ ମୃତ୍ୟୁର ପ୍ରକୃତ କାରଣ ସମ୍ପର୍କରେ ସ୍ପଷ୍ଟ କରାଯିବ ବୋଲି କୁହାଯାଇଥିଲା। ତେବେ ଏନେଇ କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ ଡା. ସାହୁ କହିଛନ୍ତି, ଅସ୍ତ୍ରୋପଚାର କରାଯାଇ ପିଲା ଜନ୍ମ ପରେ ଉକ୍ତ ମହିଳାଙ୍କୁ ପର୍ଯ୍ୟବେକ୍ଷଣ ନିମନ୍ତେ ୮ ଦିନ ହସ୍ପିଟାଲରେ ରଖାଯାଇଥିଲା। ଅପରେଶନ ପୂର୍ବରୁ ତାଙ୍କ ଡେଙ୍ଗୁ ରିପୋର୍ଟ ନେଗେଟିଭ୍ ଥିଲା। ହେଲେ ଗତ ୩ଦିନ ମଧ୍ୟରେ ଡେଙ୍ଗୁ ହୋଇଥିବା ପରବର୍ତ୍ତୀ ରିପୋର୍ଟରୁ ଜଣାପଡିଥିବା ସେ ସୂଚନା ଦେଇଛନ୍ତି।



ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇନାହିଁ। ଏ ସଂକ୍ରାନ୍ତରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁଜନିତ ମୃତ୍ୟୁ ଅଭିଯୋଗ ଆସିଛି। ରାଜ୍ୟ ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ପ୍ରଥମେ ମୃତ୍ୟୁ ରିପୋର୍ଟକୁ ଯାଞ୍ଚ କରାଯିବ। ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଉକ୍ତ ଘଟଣାର ସମସ୍ତ ତଥ୍ୟକୁ ଟିକ୍‌ନିକ୍ ଭାବେ ଯାଞ୍ଚ କରିବ। ଡେଙ୍ଗୁ ମୃତ୍ୟୁ ନେଇ ସ୍ପଷ୍ଟ ହେଲେ ତାହାକୁ ବିଭାଗର ତଥ୍ୟରେ ସାମିଲ କରାଯିବ। ଅନ୍ୟପକ୍ଷରେ ପୂର୍ବରୁ ଘରୋଇ ହସ୍ପିଟାଲରେ ଜଣେ ଶିଶୁଙ୍କର ଡେଙ୍ଗୁରେ ମୃତ୍ୟୁ ହୋଇଥିବା ନେଇ ଯେଉଁ ଅଭିଯୋଗ ରହିଛି ତାହାର ରିପୋର୍ଟ ଖୁବ୍‌ଶୀଘ୍ର ଜାରି କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ରାଜଧାନୀରେ ଡେଙ୍ଗୁ ସ୍ଥିତି ବିଗିଡିବାରେ ଲାଗିଛି। ଦୈନିକ ଏଠାରୁ ପ୍ରାୟ ୪୦ରୁ ୫୦ ରୋଗୀ ଚିହ୍ନଟ ହେଉଛନ୍ତି। ଗତ ୨୪ ଘଣ୍ଟାରେ କ୍ୟାପିଟାଲ ହସ୍ପିଟାଲ, ଏମ୍ସ ଓ ଆର୍‌ଏମ୍‌ଆର୍‌ସିରେ ହୋଇଥିବା ନମୁନା ପରୀକ୍ଷଣରୁ ୪୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କୁ ମିଶାଇ ରାଜଧାନୀରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୬୦୦ ପାଖାପାଖି ରହିଛି। ତେବେ ଗତ କିଛିଦିନ ହେବ ଡେଙ୍ଗୁ ମୃତ୍ୟୁକୁ ନେଇ ବାରମ୍ବାର ଅଭିଯୋଗ ଆସୁଥିବାରୁ ରାଜଧାନୀବାସୀଙ୍କ ମନରେ ଚିନ୍ତା ବଢ଼ିଛି। ଏହା ପୂର୍ବରୁ ମଧ୍ୟ କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। କିନ୍ତୁ ହସ୍ପିଟାଲ ପକ୍ଷରୁ ତାଙ୍କର ଅନ୍ୟ ରୋଗରେ ମୃତ୍ୟୁ ହୋଇଥିବା ସ୍ପଷ୍ଟ କରାଯାଇଥିଲା। ହେଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଡେଙ୍ଗୁ ମୃତ୍ୟୁ ଅଭିଯୋଗକୁ ଗୁରୁତ୍ୱ ଦେଉ ନ ଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଅଭିଯୋଗ ଆସିଲେ ତୁରନ୍ତ ରିପୋର୍ଟକୁ ସାର୍ବଜନୀନ କରାଯାଉ ନାହିଁ। ଯାଞ୍ଚ ଚାଲିଛି କହି ସମୟ ଗଡାଇ ଦିଆଯାଉଛି। ଘରୋଇ ହସ୍ପିଟାଲରେ ଡେଙ୍ଗୁ ମୃତ୍ୟୁ ଅଭିଯୋଗକୁ ୧୦ ଦିନରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ସ୍ୱାସ୍ଥ୍ୟ ବିଭାଗ ଏଯାଏ ସ୍ପଷ୍ଟ କରୁନାହିଁ। ଯଦି ରିପୋର୍ଟ ସ୍ପଷ୍ଟ କରିବାକୁ ଏତେଦିନ ଯାଉଛି, ତେବେ ଏଥିରୁ ରାଜ୍ୟରେ ଡେଙ୍ଗୁ ଚିକିତ୍ସା କ୍ଷେତ୍ରରେ ସ୍ୱାସ୍ଥ୍ୟ ବିଭାଗ କେତେ ତତ୍ପର ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ବ୍ଲଡ୍ ପ୍ଲେଟ୍‌ଲେଟ୍ ଅଭାବ

ଭୁବନେଶ୍ୱର,୩୧।୭(ଅଭିଜିତ ଦାସ)



କ୍ୟାପିଟାଲ ହସ୍ପିଟାଲରେ ଡେଙ୍ଗୁ ରୋଗୀଙ୍କ ସଂଖ୍ୟା ବଢୁଥିବାବେଳେ ରୋଗୀଙ୍କ ଚିକିତ୍ସାରେ ଆବଶ୍ୟକ ପଡୁଥିବା ବ୍ଲଡ୍ ପ୍ଲେଟ୍‌ଲେଟ୍‌ର ଘୋର୍ ଅଭାବ ଦେଖାଦେଇଛି। ଏବେ କ୍ୟାପିଟାଲ ହସ୍ପିଟାଲରେ ୩୦ଜଣ ଡେଙ୍ଗୁ ରୋଗୀ ଚିକିତ୍ସିତ ହେଉଛନ୍ତି। ଦୈନିକ ଡେଙ୍ଗୁ ରୋଗୀଙ୍କ ପାଇଁ ୩୫ରୁ ଊର୍ଦ୍ଧ୍ୱ ପ୍ଲେଟ୍‌ଲେଟ୍ ଦରକାର ହେଉଥିବାବେଳେ ହସ୍ପିଟାଲରେ ଅନ୍ୟ ରୋଗୀଙ୍କ ଚିକିତ୍ସା ଲାଗି ମଧ୍ୟ ରକ୍ତ ଆବଶ୍ୟକ ପଡୁଛି। ଏପରି ସ୍ଥିତିରେ କ୍ୟାପିଟାଲ ହସ୍ପିଟାଲରେ ଥିବା ରକ୍ତଭଣ୍ଡାର ଉପରେ ଅଧିକ ଚାପ ପଡୁଛି। ତେବେ ରକ୍ତ ନିରାପତ୍ତା ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ରଙ୍କ କହିବା ଅନୁଯାୟୀ, କଟକ, ଭୁବନେଶ୍ୱରରେ ସମୁଦାୟ ୧୪ଟି ସରକାରୀ ଓ ବେସରକାରୀ ହସ୍ପିଟାଲରେ ରକ୍ତଭଣ୍ଡାର ରହିଛି। ସାଧାରଣତଃ ପ୍ଲେଟ୍‌ଲେଟ୍ ତିଆରି ଲାଗି ୬ ଘଣ୍ଟା ସମୟ ଲାଗିଥାଏ। ୪ରୁ ୫ଦିନ ମଧ୍ୟରେ ପ୍ଲେଟ୍‌ଲେଟ୍ ବ୍ୟବହାର କରାଯାଇପାରିବ। କିନ୍ତୁ ବର୍ତ୍ତମାନ ରକ୍ତଦାତାଙ୍କ ଅଭାବ ରହିଥିବାବେଳେ ବ୍ଲଡ୍ କ୍ୟାମ୍ପର ଆବଶ୍ୟକତା ରହୁଛି। ଅନ୍ୟପକ୍ଷରେ ଡେଙ୍ଗୁ ରୋଗୀଙ୍କ ବ୍ୟତୀତ ଅନ୍ୟ ରୋଗୀମାନଙ୍କ ପାଇଁ ଆବଶ୍ୟକ ପ୍ଲେଟ୍‌ଲେଟ୍ ଲାଗି ସମାନ ଗ୍ରୁପ୍‌ର ରକ୍ତ ମିଳିବା କାଠିକର ପାଠ ହୋଇପଡୁଛି।

**ଶେଷଦିନରେ ୩୭ ଲକ୍ଷ ଆଇଟିଆର ଫାଇଲିଂ**

**ନୂଆଦିଲ୍ଲୀ:** ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୬.୫ କୋଟି ଟିକସଦାତା ଜୁଲାଇ ୩୧ ସୁଦ୍ଧା ସେମାନଙ୍କର ଇନ୍‌କମ ଟ୍ୟାକ୍ସ ରିଟର୍ନ (ଆଇଟିଆର)ଦାଖଲ କରିଥିବା ଆୟକର ବିଭାଗ ପକ୍ଷରୁ କୁହାଯାଇଛି। ସୋମବାର ଆଇଟିଆର ଦାଖଲ ପାଇଁ ଶେଷଦିନ ଥିଲା । ଏହି ଦିନରେ ପ୍ରାୟ ୩୭ ଲକ୍ଷ (୩୬.୯୧)ଲୋକ ଆଇଟିଆର ଦାଖଲ କରିଛନ୍ତି।

# ଓଡ଼ିଶା ଡିଏମ୍‌ଏଫ୍ ପାଣ୍ଠିରେ ଅଭିବୃଦ୍ଧି

## ଜୁନ୍ ଶେଷ ସୁଦ୍ଧା ମିଳିଛି ୨୩,୧୨୦ କୋଟି

ଭୁବନେଶ୍ୱର,୩୧।୭ (ଅଭୟ ଦାଶ)




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେଉଁ ରାଜ୍ୟକୁ କେତେ ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍‌ଏଫ୍) ପାଣ୍ଠିକୁ ଦିଆଯାଇଛି, ବିଶେଷ କରି ଡିଏମ୍‌ଏଫ୍ ପାଣ୍ଠି ଅଧୀନରେ କେଉଁ ରାଜ୍ୟକୁ କେତେ ଟଙ୍କା ମିଳିଛି। ବିଶେଷ କରି ଓଡିଶା ପ୍ରଦେଶକୁ ଏ ବାବଦରେ କେତେ ଟଙ୍କା ମିଳିଛି। ସେ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୋମବାର ଏ ନେଇ ରାଜ୍ୟ ସଭାରେ ବିସ୍ତୃତ ଉତ୍ତର ଦେଇଛନ୍ତି। ସେହିଭଳି ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାକୁ ମୋଟ ୨୩,୧୨୦ କୋଟି ଟଙ୍କାର ଡିଏମ୍‌ଏଫ୍ ଫଣ୍ଡ ମିଳିଛି, ସେଥିମଧ୍ୟରୁ ୧୭,୭୫୫.୨୦ କୋଟି ଟଙ୍କା ପ୍ରମୁଖ ଖଣିଜ ଦ୍ରବ୍ୟରୁ ମିଳିଥିବା ବେଳେ କୋଇଲା ଓ ଲିଗନାଇଟରୁ ୫୨୩୭.୫୮କୋଟି ଟଙ୍କା ମିଳିଛି। ସେହିପରି ଲଘୁ ଖଣିଜ ଦ୍ରବ୍ୟରୁ ମୋଟ ୧୨୭.୨୧ କୋଟି ଟଙ୍କା ମିଳିଛି, ଓଡିଶା ରାଜ୍ୟର ଡିଏମଏଫ ନିୟମ ଅନୁଯାୟୀ ଅତିକମରେ ୬୦% ପାଣ୍ଠି ଉଚ୍ଚ ପ୍ରାଥମିକତା କ୍ଷେତ୍ରରେ ଖର୍ଚ୍ଚ ହୋଇଥାଏ ଏବଂ ୪୦% ପାଣ୍ଠି ଅନ୍ୟାନ୍ୟ ପ୍ରାଥମିକତା କାର୍ଯ୍ୟରେ ଖର୍ଚ୍ଚ କରାଯାଏ। ଏପରିକି ଓଡ଼ିଶାର ମୟୂରଭଞ୍ଜ ଜିଲାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମ୍‌କେକେକେୱାଇ) ଅଧୀନରେ ମୋଟ ୮୧.୨୨ କୋଟି ଟଙ୍କାର ପାଣ୍ଠି ବିଭିନ୍ନ କ୍ଷେତ୍ରରେ ବିନିଯୋଗ ହୋଇଥିବା ମନ୍ତ୍ରୀ ଯୋଶୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଅପରପକ୍ଷରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନୂଆ ପ୍ରକଳ୍ପଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ଏପରିକି ବର୍ତ୍ତମାନର ପ୍ରକଳ୍ପଗୁଡ଼ିକରେ ଡିଏମ୍‌ଏଫ୍ ପାଣ୍ଠିର ଉପଯୋଗକୁ ଦ୍ୱରାନ୍ୱିତ କରିବା ଲାଗି ପ୍ରୟାସ ଆରମ୍ଭ କରାଯାଇଥିବାବେଳେ ପାଣ୍ଠି ଆବଣ୍ଟନକୁ ବଢାଇବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଡିଏମ୍‌ଏଫ୍ ଅଧୀନରେ ମୋଟ ଆବଣ୍ଟନ ଏବଂ ସଂଗ୍ରହ ପରିମାଣ ୯୭% ରହିଛି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୩୧।୭

ଗତ କିଛି ସପ୍ତାହ ହେବ ଶେୟାର ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ(ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୬୭ (୩୬୭.୪୭) ପଏଣ୍ଟ ବଢି ୬୬,୫୨୮ (୬୬,୫୨୭.୬୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୦୮ (୧୦୭.୭୫) ପଏଣ୍ଟ ବୃଦ୍ଧି ଘଟି ୧୯,୭୫୪ (୧୯,୭୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଗତ ୨ ଦିନ ହେଲା ଭାରତୀୟ ଶେୟାର ବଜାରର କାରବାର ହ୍ରାସ ଘଟିଥିଲା ।

# ଫ୍ରିଡମ୍ କ୍ୟାଚ୍ ଦି ମସଲା

ଭୁବନେଶ୍ୱର,୩୧।୭




ଫ୍ରିଡମ୍ ହେଲ୍‌ଦି କୁକିଂ ଅଏଲ୍‌ସ ପକ୍ଷରୁ ଆକର୍ଷଣୀୟ 'ଫ୍ରିଡମ୍ କ୍ୟାଚ୍ ଦି ମସଲା' ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ପ୍ରତି ୧ ଲିଟର (ପାଉଚ/ ବଟଲ) ଫ୍ରିଡମ୍ ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲର କ୍ରୟ ଉପରେ ଗ୍ରାହକ ୧୦ ଟଙ୍କା ମୂଲ୍ୟର ଏକ ଗରମ ମସଲା ପ୍ୟାକେଟ ମାଗଣାରେ ପାଇପାରିବେ। ଏ ସମ୍ପର୍କରେ ଫ୍ରିଡମ୍ ହେଲଦି କୁକିଂ ଅଏଲସ ବରିଷ୍ଠ ଉପସଭାପତି ( ବିକ୍ରି ଏବଂ ବିପଣନ) ପି. ଚନ୍ଦ୍ରଶେଖର ରେଡ୍ଡୀ କହିଛନ୍ତି, ଏଭଳି ଏକ ଆକର୍ଷଣୀୟ ଅଫରର ଘୋଷଣା ଓ ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମର ଗ୍ରାହକମାନେ ପ୍ରତି ୧ଲିଟର (ପାଉଚ/ ବଟଲ) ଫ୍ରିଡମ ରିଫାଇନ୍‌ଡ ସନ୍‌ଫ୍ଲାୱାର ଅଏଲର କ୍ରୟ ଉପରେ ଗ୍ରାହକ ୧୦ ଟଙ୍କା ମୂଲ୍ୟର ଏକ ଗରମ ମସଲା ପ୍ୟାକେଟ ମାଗଣାରେ ପାଇପାରିବେ। ଫଳରେ ବର୍ତ୍ତମାନ ସମୟରେ ଯେଉଁଭଳି ଭାବେ ଦରବୃଦ୍ଧି ହୋଇଛି, ଏହି ଅଫର ଗ୍ରାହକଙ୍କ ପାଇଁ ବେଶ୍ ସହାୟକ ହେବ। ବିଶେଷ କରି ଗ୍ରାହକଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ସହିତ କାରବାର ମଧ୍ୟ ସ୍ୱାଧୀନତାର ସହ କରିପାରିବେ ବୋଲି ରେଡ୍ଡୀ ମତପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜେମିନୀ ଏଡିବେଲସ ଆଣ୍ଡ ଫ୍ୟାଟସ ଇଣ୍ଡିଆ ଲିମିଟେଡ (ଜିଇଏଫ ଇଣ୍ଡିଆ)ର ଲୋକପ୍ରିୟ ବ୍ରାଣ୍ଡ ଫ୍ରିଡମ୍ ଜରିଆରେ ଫ୍ରିଡମ ହେଲଦି କୁକିଂ ଅଏଲ୍‌ସର ବ୍ୟାପକ ସମ୍ଭାର ବଜାରରେ ଉପଲବ୍ଧ।

# ବ୍ୟବସାୟ ସୁଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର,୩୧।୭

ଟିପିସେଣ୍ଟ୍ରାଲ୍‌ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍‌ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ନିକଟରେ ଏକ ଏମ୍‌ଏସ୍‌ଏମ୍‌ଇ ବିଜନେସ୍ ଆସୋସିଏଟ୍ ମିଟ୍ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ବ୍ୟବସାୟ ସହଯୋଗିତାକୁ ସୁଦୃଢ଼ କରିବା ଏବଂ ଓଡ଼ିଶା ଡିସ୍‌କମ୍‌ଗୁଡ଼ିକରେ ଥିବା ବିଭିନ୍ନ ବ୍ୟବସାୟ ସୁଯୋଗର ପ୍ରତ୍ୟକ୍ଷ ଅଂଶଗ୍ରହଣ ପାଇଁ ଓଡ଼ିଶାର ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଉତ୍ସାହିତ କରିବାଲାଗି ଏଭଳି ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ସ୍ଥାନୀୟ ଭାବେ ସଂଗ୍ରହ କରାଯାଉଥିବା ଉପକରଣ ଓ ସେବାର ପ୍ରସାର ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ଯାହା ଓଡ଼ିଶାରେ ଏମ୍‌ଏସ୍‌ଏମ୍‌ଇ ଶିଳ୍ପର ସାମଗ୍ରିକ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରିବା ସହିତ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରାୟ ୭୦ ଏମ୍‌ଏସ୍‌ଏମ୍‌ଇ ସଂସ୍ଥା ଯୋଗଦେଇଥିଲେ। ଅପରପକ୍ଷରେ ବିଭିନ୍ନ ଏମ୍‌ଏସ୍‌ଏମ୍‌ଇ ସଂଘ, ଚାମ୍ବର ଅଫ୍ କମର୍ସର ବରିଷ୍ଠ ପ୍ରତିନିଧି ଦଳ ମଧ୍ୟ ଉପସ୍ଥିତ ରହି ସେମାନଙ୍କ ମତ ଉପସ୍ଥାପନ କରିଥିଲେ। ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର କହିଛନ୍ତି, ରାଜ୍ୟର ଏମ୍‌ଏସ୍‌ଏମ୍‌ଇ ଓ ଟାଟା ପାୱାର ଡିସ୍‌କମ୍‌ଗୁଡ଼ିକ ମଧ୍ୟରେ ବ୍ୟବସାୟ ସୁଯୋଗକୁ ସମୃଦ୍ଧ କରିବା। ବିଶେଷ କରି ଏହି ଅଭିଯାନ ଟାଟା ପାୱାର ଡିସ୍‌କମ୍ ଓ ଏମ୍‌ଏସ୍‌ଏମ୍‌ଇ ମଧ୍ୟରେ ସମ୍ପର୍କ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଏବଂ ସାମଗ୍ରିକ ବିକାଶର ପ୍ରତିଶ୍ରୁତି ପ୍ରଦାନ କରୁଛି। ସେହିଭଳି ଟିପିସିଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅରବିନ୍ଦ ସିଂହ କହିଛନ୍ତି, ସମସ୍ତ ଚାରିଟି ଡିସ୍‌କମ୍ ଏମ୍‌ଏସ୍‌ଏମ୍‌ଇ ବିଜ୍‌ନେସ ଆସୋସିଏଟ୍‌ସଙ୍କ ସହ ଆଲୋଚନା କରିଥିବା ବେଳେ ଆମେ ସେମାନଙ୍କୁ ଶୁଣି ସେମାନଙ୍କ ମୂଲ୍ୟବାନ ମତାମତ ସଂଗ୍ରହ କରିଛୁ।




ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ (ଏଚ୍‌ସିଆଇଏଲ୍) ର ମିଡ-ସାଇଜ ଏସୟୁଭି 'ହୋଣ୍ଡା ଏଲିଭେଟ୍' ଏଚ୍‌ସିଆଇଏଲ୍‌ର ରାଜସ୍ଥାନସ୍ଥିତ ତପୁକାର ଅତ୍ୟାଧୁନିକ କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ହୋଣ୍ଡା ଏଲିଭେଟ୍'ର ପ୍ରଥମ ୟୁନିଟକୁ ଏଚ୍‌ସିଆଇଏଲ ପ୍ରେସିଡେଣ୍ଟ ଏବଂ ସିଇଓ ତାକୁୟା ସୁମୁରା କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ହୋଣ୍ଡା ଏଲିଭେଟର ବଜାର ପ୍ରବେଶ ୨୦୨୩ ସେପ୍ଟେମ୍ବରକୁ ଧାର୍ଯ୍ୟ କରାଯାଇଥିବାବେଳେ ହୋଣ୍ଡା ଏଲିଭେଟର ଯୋଗାଣ ମଧ୍ୟ ଆରମ୍ଭ ହେବ। କମ୍ପାନୀ ଇତିମଧ୍ୟରେ ଏଲିଭେଟର ପ୍ରାକ ବଜାର ପ୍ରବେଶ ସହ ବୁକିଂ ଆରମ୍ଭ କରିସାରିଛି।

# ଓପୋ ରେନୋ ସିରିଜ୍ ଉନ୍ମୋଚିତ

ଭୁବନେଶ୍ୱର,୩୧।୭



ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ଓପୋର ବହୁ ପ୍ରତୀକ୍ଷିତ 'ଓପୋ ରେନୋ ସିରିଜ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓପୋ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓପୋ ରେନୋ ସିରିଜକୁ ଓଡ଼ିଶା ବଜାରରେ ପ୍ରବେଶ ସହ ଉନ୍ମୋଚନ ମଧ୍ୟ କରାଯାଇଛି। ବିଶେଷ କରି ଓପୋ ରେନୋ ୧୦ର ସେଲ୍ ମଧ୍ୟ ନିକଟରେ ଆରମ୍ଭ ହୋଇଯାଇଛି। ଏହି ହ୍ୟାଣ୍ଡ ସେଟ୍ ଓପୋ ଇ-ଷ୍ଟୋର୍, ଫ୍ଲିପ୍‌କାର୍ଟ ଓ ମେନ୍‌ଲାଇନ୍ ରିଟେଲ୍ ଆଉଟ୍‌ଲେଟଗୁଡିକରେ ଉପଲବ୍ଧ। ସେହିଭଳି ରେନୋ ୧୦ ୫ଜିରେ ଏକ ଅଲଟ୍ରା-ସ୍ଲିମ୍ ବଡି ରହିଛି। ବିଶେଷ କରି ଏହା ଏକ ୩ଡି କର୍ଭଡ୍ ଡିଜାଇନ୍ ସହ ଆଇସ୍ ବ୍ଲୁ ଓ ସିଲ୍‌ଭରି ଗ୍ରେ କଲରରେ ଉପଲବ୍ଧ। ଏଥିରେ ୧୨୦ ଏଚ୍‌ଜେଡ୍ ୬.୭ ଇଞ୍ଚ ଆମୋଲେଡ୍ ଡିସ୍‌ପ୍ଲେ ଓ ଏକ ୯୩% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି। ଏହା ଏକ ଡ୍ରାଗନ୍‌ଟ୍ରେଲ୍ ଷ୍ଟାର୍ ୨ ଡିସ୍‌ପ୍ଲେ ଓ ଏକ ମଜଭୁତ ପଲିକାର୍ବୋନେଟ୍ ବ୍ୟାକ୍ ସହିତ ଆସୁଛି। ଏହି ସ୍ମାର୍ଟଫୋନରେ ୬୪ଏମ୍‌ପି ଓଭି୬୪ବି ଅଲଟ୍ରା-କ୍ଲିୟର ମେନ୍ କ୍ୟାମେରା, ଏକ ୩୨ଏମ୍‌ପି ଆଇଏମ୍‌ଏକ୍ସ୭୦୯ ଟେଲିଫଟୋ ପୋର୍ଟ୍ରେଟ୍ କ୍ୟାମେରା, ୮ଏମ୍‌ପି ଆଇଏମ୍‌ଏକ୍ସ ୩୫୫ ୧୧୨° ଅଲଟ୍ରା-ୱାଇଡ୍ କ୍ୟାମେରା ଓ ଏକ ୩୨ଏମ୍‌ପି ଓଭି୩୨ସି ଅଲଟ୍ରା-କ୍ଲିୟର ସେଲ୍‌ଫି କ୍ୟାମେରା ସାମିଲ ରହିଛି। ଏହାର ୫୦୦୦ ଏମ୍‌ଏଏଚ୍ ବ୍ୟାଟେରି ରେନୋ ସିରିଜ୍‌ରେ ସବୁଠାରୁ ବଡ ବ୍ୟାଟେରି ହୋଇଥିବା ବେଳେ ଏହାର ୬୭ୱାଟ୍ ସୁପରଭିଓସି ଡିଭାଇସ୍‌କୁ କେବଳ ୪୭ମିନିଟ୍‌ରେ ୧୦୦% ଚାର୍ଜ କରିଥାଏ।

## ଫୁର୍‌ସତ୍



# ସୋନୁଙ୍କୁ ବିଶାଳ ପପ୍ ଆର୍ଟ ଉପହାର

ମୁମ୍ବାଇ

ଅଭିନେତା ସୋନୁ ସୁଦ୍‌ଙ୍କୁ ଫିଲ୍ମ ବ୍ୟତୀତ ସାମାଜିକ କାମ ପାଇଁ ଲୋକେ ବେଶ୍ ପସନ୍ଦ କରନ୍ତି। ଅନେକ ସମୟରେ ସେ ଲୋକଙ୍କୁ ସାହାଯ୍ୟ କରି ତାଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି। ତେବେ ଶନିବାର ତାଙ୍କ ଜନ୍ମଦିନ ନିଜ ଗାଁ ବ୍ୟତୀତ ବହୁ ସ୍ଥାନରେ ପାଳନ କରାଯାଇଛି। ଲୋକେ ବହୁ ଉତ୍ସୁକତାର ସହ ନିଜ ନିଜ ହିସାବରେ ତାଙ୍କ ଜନ୍ମଦିନ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସୋନୁଙ୍କ ଗାଁରେ ତାଙ୍କର ଏକ ବିଶାଳକାୟ ଫଟୋ ପ୍ରଶଂସକମାନେ ଉପହାର ସ୍ୱରୂପ ଦେଇଛନ୍ତି। ପଞ୍ଜାବ ମୋଗାସ୍ଥିତ ଅଜିତବାଲରେ ତାଙ୍କର ୧ ଲକ୍ଷ ୧୭ ହଜାର ବର୍ଗ ଫୁଟ୍ ଅଞ୍ଚଳରେ ବିଶ୍ୱର ସବୁଠୁ ବଡ଼ ପପ୍ ଆର୍ଟ କରିଛନ୍ତି। ଏଥିପାଇଁ ୭ ରାଜ୍ୟର ୨୫ କଳାକାର ନିୟୋଜିତ ହୋଇଥିଲେ। ଏହି ପପ୍ ଆର୍ଟକୁ କଳାକାରମାନେ ଗୋଟେ ଦିନରେ ଶେଷ କରିଥିଲେ। ତେବେ ଏହି ପପ୍ ଆର୍ଟର ଆକାର ଏତେ ବିଶାଳ ଯେ, ତାକୁ ଗୁଗଲ ସାଟେଲାଇଟ୍ ମ୍ୟାପରେ ମଧ୍ୟ ଦେଖିହେବ। ଏହି କଳାକୃତି କରିଥିବା କଳାକାରଙ୍କୁ ଭେଟିବାକୁ ସୋନୁ ସେଠାରେ ପହଞ୍ଚିଥିଲେ। ହେଲେ କିଛି କାରଣବଶତଃ ସୋନୁ ସେମାନଙ୍କୁ ଦେଖା ହୋଇପାରି ନ ଥିଲେ। କିନ୍ତୁ ସୋନୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ସୋନୁ ୧୯୯୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ହିନ୍ଦୀରେ 'ସମ୍ରାଟ ପୃଥ୍ୱୀରାଜ' ଏବଂ ତାମିଲରେ 'ଥମିଲାରାସନ'ରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କର ଆଉ ଏକ ମୁଭି ଆସିବାକୁ ଯାଉଛି।

# ଏଆଇ ସହାୟତାରେ ସୁସ୍ଥ ହେଲେ ପକ୍ଷାଘାତ ରୋଗୀ

ୱାଶିଂଟନ



ଜଣେ ପକ୍ଷାଘାତ ବ୍ୟକ୍ତି ଏବେ ପୂର୍ବଭଳି ଜୀବନ ବଞ୍ଚୁଛନ୍ତି, ଯାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସହାୟତାରେ ସଫଳ ହୋଇଛି। ଡାକ୍ତରମାନେ ଏଆଇ ମାଧ୍ୟମରେ ହୋଇଥିବା ଏହି ସର୍ଜରିକୁ ଆଧୁନିକ ମେଡିକାଲ ଦୁନିଆର ଅଲୌକିକ ବୋଲି କହିଛନ୍ତି। ନ୍ୟୁୟର୍କର ଜଣେ ଲୋକଙ୍କୁ ଡାଇଭିଂ ସମୟରେ ବାତ ମାରିଥିଲା। ମେଶିନ ଲର୍ନିଂ ଆଧାରିତ ସର୍ଜରି ପରେ ତାଙ୍କ ଶରୀରରେ ଗତିବିଧି ଏବଂ ଭାବନା ଫେରିଆସିଛି। ମାଇକ୍ରୋଇଲେକ୍ଟ୍ରୋଡ୍ ଖଞ୍ଜି ତା' ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଏକ କମ୍ପ୍ୟୁଟର ସହ ସଂଯୋଗ କରାଯାଇଥିଲା। ମନହାସେଟ୍‌ର ଫେନ୍‌ଷ୍ଟେନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ମେଡିକାଲ ରିସର୍ଚ୍ଚର ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ, ୪୫ ବର୍ଷୀୟ କିଥ୍ ଥୋମାସଙ୍କ କ୍ଷେତ୍ରରେ ଏଆଇର ଚିକିତ୍ସା ଫଳପ୍ରଦ ରହିଲା। ଅନ୍ଧପଣ, ସେରେବ୍ରାଲ୍ ପଲ୍‌ସି, ବଧିରତା ଏବଂ ପାର୍କିନ୍ସନ୍ ଭଳି ରୋଗର ଚିକିତ୍ସା ପାଇଁ ଏଆଇର ସାହାଯ୍ୟ ନିଆଯାଇପାରିବ ବୋଲି ସେ କହିଛନ୍ତି। ଫେନ୍‌ଷ୍ଟେନ୍ ଇନ୍‌ଷ୍ଟିଚ୍ୟୁଟ୍‌ର ବାୟୋଇଲେକ୍ଟ୍ରୋନିକ୍ ମେଡିସିନ୍ ବିଶେଷଜ୍ଞ ଚାଡ୍ ବାଉଟନ୍ ନ୍ୟୁୟର୍କ ପୋଷ୍ଟକୁ କହିବା ମୁତାବକ, ଏହା ପ୍ରଥମ ଘଟଣା ଯେଉଁଥିରେ କି ଏଆଇ ସାହାଯ୍ୟରେ ଜଣେ ପକ୍ଷାଘାତ ରୋଗୀଙ୍କ ଶରୀରରେ ଗତିବିଧି ଏବଂ ଭାବନା ଫେରିଆସି ପାରିଛି। ସେମାନେ ଦୁନିଆରେ ଆହୁରି ଲୋକଙ୍କୁ ସାହାଯ୍ୟ କରିବେ ବୋଲି ବିଶେଷଜ୍ଞ ଚାଡ୍ କହିଛନ୍ତି। ୨୦୨୦ରେ ଥୋମାସ ସମ୍ପୂର୍ଣ୍ଣ ଠିକ୍ ଥିଲେ। ସେ ଦିନେ ସାଙ୍ଗଙ୍କ ସୁଇମିଂ ପୁଲ୍‌ରେ ଡାଇଭିଂ କରୁଥିବାବେଳେ ଏପରି ଘଟଣା ଘଟିଥିଲା। ବେକର ହାଡ଼ ଭାଙ୍ଗିଗଲା ଏବଂ ମେରୁଦଣ୍ଡ ଉପରେ ମଧ୍ୟ ପ୍ରଭାବ ପଡ଼ିଲା। ପରେ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ସର୍ଜରି ପାଇଁ କଥା ହେଲେ। ସେ ଗୋ ଫଣ୍ଡରେ ଏକ ଡୋନେଶନ ପେଜ୍ କଲେ। ସେଠାରୁ ସେ ୩୬୦ ହଜାର ଡଲାର ଅର୍ଥାତ୍ ୨ କୋଟି ୯୬ ଲକ୍ଷ ଟଙ୍କା ସଂଗ୍ରହ କଲେ। ଏହା ତାଙ୍କର ପ୍ରଥମ ସର୍ଜରି ଥିଲା। ଫଳରେ ସେ ଠିକ୍ ହୋଇପାରିଛନ୍ତି। ଏହି ସର୍ଜରି ୧୫ ଘଣ୍ଟା ଧରି ଚାଲିଥିଲା। ଏବେ ସେ ସାଧାରଣ ଲୋକଙ୍କ ଭଳି ଜୀବନ ବଞ୍ଚୁଛନ୍ତି।

# ଟଙ୍କା ବଞ୍ଚାଇବାକୁ ଡଷ୍ଟବିନ୍‌ରୁ ଖାଆନ୍ତି ଖାଦ୍ୟ

**ସାକ୍ରାମେଣ୍ଟୋ:** ଦୁନିଆରେ ବହୁ ଲୋକ ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେତେକ ବହୁତ ଖର୍ଚ୍ଚ ହୋଇଥିବାବେଳେ ଆଉ କିଛି କଞ୍ଜୁସ ହୋଇଥାନ୍ତି। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କଞ୍ଜୁସିର ସମସ୍ତ ସୀମା ପାର କରିଛନ୍ତି। ରିପୋର୍ଟ ମୁତାବକ, ଦକ୍ଷିଣ କାଲିଫର୍ନିଆର ବାସିନ୍ଦା ରୋନ ମେଟ୍ରିଙ୍କ ଅନୁସାରେ, ଭୋଜନ ଛଡ଼ା ଅନ୍ୟ କୌଣସି ଖର୍ଚ୍ଚ ଫାଲତୁ ଅଟେ। ଯଦି ସେତକ ଟଙ୍କା ବଞ୍ଚିଯାଏ, ତେବେ ଭଲ କଥା। ରୋନ ଟଙ୍କା ସଞ୍ଚୟ କରି ଏକ ଘର କିଣିବା ପରେ ଅନେକ ଫାଲତୁ ଖର୍ଚ୍ଚରୁ ବଞ୍ଚିବା ପାଇଁ ଘରେ କୌଣସି ଆସବାବପତ୍ର ରଖିନାହାନ୍ତି। ଜଣେ ୟୁଟ୍ୟୁବରଙ୍କ ଭିଡିଓରେ କୁକ୍‌ୱେର କମ୍ପାନୀର ପୂର୍ବତନ କର୍ମଚାରୀ ରୋନ କହିଛନ୍ତି, ଲୋକେ ଶସ୍ତାରେ ଖାଇପିଇ ଭଲ ଜୀବନ ଅତିବାହିତ କରିପାରିବେ। ଭିଡିଓରେ ରୋନ ବଳିଥିବା ମଦକୁ ସମୁଦ୍ରକୂଳରୁ ଗୋଟାଉଥିବା ଦେଖିବାକୁ ମିଳିଛି। ତାଙ୍କ କହିବା କଥା, ଯଦି କେହି ବାହାରକୁ ଯାଇ ମଦ ପିଇବାକୁ ଚାହେଁ ସେଥିପାଇଁ ତାଙ୍କୁ ପାଖାପାଖି ୧୦ ଡଲାର ଭାରତୀୟ ମୁଦ୍ରାରେ ୮୨୨ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଯଦି ଆମେ ମଦ ଖୋଜିବା, ତେବେ ସେଥିପାଇଁ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବନି। ଏହାଛଡ଼ା ରୋନ ଜଙ୍ଗଲୀ ଜଡିବୁଟି ଖୋଜିବାକୁ ରାସ୍ତା କଡ଼କୁ ଯାଆନ୍ତି। ଭିଡିଓରେ ରାସ୍ତା କଡ଼ରେ ତାଙ୍କୁ ଏକ ଗଛ ମିଳିଥିବା ଦେଖିବାକୁ ମିଳିଛି, ଯାହା ପାଳକର ଏକ ପ୍ରଜାତି, ଏହା ସମ୍ପୂର୍ଣ୍ଣ ଖାଇବାଯୋଗ୍ୟ ବୋଲି କହିଛନ୍ତି। ଏପରି କିଛି ଗଛକୁ ସେ ବୁଲି ବୁଲି ଏକାଠି କରନ୍ତି। ସେ ଏପରି କରି ମାସକୁ ପ୍ରାୟ ୪୦ ଡଲାର ଅର୍ଥାତ୍ ୩୩୦୦ ଟଙ୍କା ବଞ୍ଚେଇ ଦିଅନ୍ତି ବୋଲି କହିଛନ୍ତି। ଏଥିସହ ସେ ଡଷ୍ଟବିନ୍‌ରୁ ଖାଦ୍ୟ ଖୋଜିକରି ନେଉଥିବା ମଧ୍ୟ ଦେଖିବାକୁ ମିଳିଛି।



# ପୂରା ଜୀବନ ମାଗଣାରେ ଖାଇପାରିବେ ବର୍ଗର

ୱାଶିଂଟନ



ସମସ୍ତଙ୍କ ଖାଦ୍ୟର ପସନ୍ଦ ଅଲଗା ଅଲଗା ହୋଇଥାଏ। କେହି ଘର ଖାଦ୍ୟକୁ ପସନ୍ଦ କରୁଥିବାବେଳେ ଆଉ କିଛି ବାହାର ଖାଦ୍ୟ ପସନ୍ଦ କରନ୍ତି। ତେବେ କୋଲ୍ଡ ଡ୍ରିଙ୍କ୍ ଏବଂ ବର୍ଗର ଭଳି ଖାଦ୍ୟକୁ ପସନ୍ଦ କରୁଥିବା ଲୋକେ ଏବେ ତାହା ପୂରା ଜୀବନ ଖାଇ ପାରିବେ। ସେଥିପାଇଁ କୌଣସି ଟଙ୍କା ମଧ୍ୟ ସେମାନଙ୍କୁ ଦେବାକୁ ପଡ଼ିବନି। ଆମେରିକାର 'ସବ୍‌ୱେ' କମ୍ପାନୀ ତା' ଗ୍ରାହକଙ୍କ ପାଇଁ ଏପରି ଏକ ଅଫର ଆଣିଛି। ଏଥିପାଇଁ କମ୍ପାନୀର କିଛି ସର୍ତ୍ତ ପୂରଣ କରିବାକୁ ହେବ। ଫଳରେ ଗ୍ରାହକଙ୍କୁ ପୂରା ଜୀବନ କୋଲ୍ଡ ଡ୍ରିଙ୍କ୍ ଏବଂ ବର୍ଗର ମାଗଣାରେ ଖାଇବାର ସୁଯୋଗ ମିଳିବ। ଏହି ଅଫର ଅଗଷ୍ଟ ୧ରୁ ୪ ତାରିଖ ରାତି ପର୍ଯ୍ୟନ୍ତ ରହିବ। କମ୍ପାନୀ ଏକ ପ୍ରତିଯୋଗିତା ରଖିଛି; ଯେଉଁଥିରେ ଗ୍ରାହକଙ୍କୁ ତାଙ୍କ ନାମ ବଦଳାଇ 'ସବ୍‌ୱେ' ରଖିବାକୁ ପଡ଼ିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀଙ୍କୁ SubwayNameChange.comରେ ଅଗଷ୍ଟ ୧ ସକାଳ ୯ଟାରୁ ୪ ତାରିଖ ରାତି ୧୨ଟା ପୂର୍ବରୁ ସାଇନ ଇନ୍ କରିବାକୁ ହେବ। ୱେବ୍‌ସାଇଟ୍ ମୁତାବକ, ୭ ଅଗଷ୍ଟରେ ଏକ ସମ୍ଭାବିତ ବିଜେତା ଚୟନ କରାଯିବ। ବିଜେତାଙ୍କୁ ୫୦ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୧ ଲକ୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଗିଫ୍ଟ କାର୍ଡରେ ଦିଆଯିବ; ଯାହାର ଜୀବନଯାକ ଭ୍ୟାଲିଡିଟି ରହିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀଙ୍କ ବୟସ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ନାମ ବଦଳାଇଥିବା ବିଜେତାଙ୍କୁ କମ୍ପାନୀ ବୈଧ ଟଙ୍କା ହିସାବରେ ୬୧ ହଜାର ଟଙ୍କା ଦେବ। ନିଜ ନାମ ବଦଳାଇବାକୁ ଥିବା ପ୍ରତିଯୋଗୀଙ୍କୁ ୪ ମାସ ମଧ୍ୟରେ ତାଙ୍କ ନାମ ସାର୍ଟିଫିକେଟ୍ କମ୍ପାନୀକୁ ଦେଖାଇବାକୁ ପଡ଼ିବ।

# ଚାର୍ଜ ବେଳେ କଥା ହେବାରୁ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

କାଳିମେଲା,୩୧।୭(ଜୀବନକୃଷ୍ଣ ଦାସ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ସଦର ମହକୁମାସ୍ଥିତ ତାରିଣୀ ମନ୍ଦିର ନିକଟରେ ନିଜ ଭଉଣୀ ଘରେ ରହି ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ଜଣେ ଆଦିବାସୀ ଯୁବକଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଯୁବକ ଜଣଙ୍କ ମୋବାଇଲ ଚାର୍ଜ କରୁଥିବା ସମୟରେ ଏକ କଲ ଆସିଥିଲା। ସେ କଥା ହେବା ସମୟରେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତ

## ମୋବାଇଲ ହେଲା କାଳ

ଯୁବକ ହେଲେ ପଡିଆ ବ୍ଲକ ଗିରକାନପଲ୍ଲୀ ପଞ୍ଚାୟତ କସାଗୁଡା ଗ୍ରାମର କାମା ମାଢ଼ୀ। ପ୍ରକାଶ ଯେ, କାମା କାଲିମେଲା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ପଢିବା ପାଇଁ ନିଜ ଭଉଣୀ ଘର କାଲିମେଲା ତାରିଣୀ ମନ୍ଦିର ନିକଟରେ ରହୁଥିଲେ। କିଛି ଦିନ ହେଲା କାମା ଘରକୁ ଯାଇ ପୁଣି କାଲିମେଲା ଫେରି ଆସିଥିଲେ। ରବିବାର ରାତି ପ୍ରାୟ ସାଢେ ୮ଟାରେ ସେ ରୋଷେଇ ସାରି ମୋବାଇଲ ଚାର୍ଜ ଲଗାଇ କଥା ହେଉଥିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ତଳେ ପଡି ଯାଇଥିଲେ। କିଛି ସମୟ ପରେ ସାଥିରେ ଥିବା ବସନ୍ତ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହେବାରୁ ନିକଟରେ ଥିବା ପଡ଼ିଶା ଲୋକଙ୍କୁ ଜଣାଇଥିଲେ। ପରେ ସମସ୍ତଙ୍କ ସହଯୋଗରେ କାମାଙ୍କୁ ରାତିରେ କାଲିମେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସୋମବାର କାଲିମେଲା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ୧୯ ଦେଶୀ ବନ୍ଧୁକ ଫେରାଇଲେ ଶିକାରୀ

ଠାକୁରମୁଣ୍ଡା,୩୧।୭
(ତାରାକାନ୍ତ ପଟ୍ଟନାୟକ)

ଶିମିଳିପାଳର ସୁରକ୍ଷା ପାଇଁ ବନ୍ଧୁକ ସମର୍ପଣ ଅଭିଯାନରେ କିଛିଟା ସଫଳତା ମିଳିଛି। ପୋଲିସ ପକ୍ଷରୁ ଧାର୍ଯ୍ୟ ଶେଷ ତାରିଖରେ ମହୁଲଡ଼ିହା ଥାନା ଅଞ୍ଚଳର ଶିକାରୀମାନେ ମୋଟ ୧୮ ଓ ଠାକୁରମୁଣ୍ଡା ଥାନା ଅଞ୍ଚଳର ଶିକାରୀ ଗୋଟିଏ ଦେଶୀ ବନ୍ଧୁକକୁ ମିଶାଇ ମୋଟ ୧୯ ବନ୍ଧୁକ ନିଜ ନିଜ ପଞ୍ଚାୟତ ସରପଞ୍ଚମାନଙ୍କ ନିକଟରେ ସମର୍ପଣ କରିଛନ୍ତି। ଶିକାରୀମାନେ ଏତେ ସଂଖ୍ୟକ ବନ୍ଧୁକ ଫେରାଇବା ଘଟଣା ଆଗାମୀ ଦିନରେ ଶିମିଳିପାଳ ସୁରକ୍ଷା ଦିଗରେ ସହାୟକ ହେବ ବୋଲି ବନ ବିଭାଗ ଆଶାବ୍ୟକ୍ତ କରିଛି।

ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିମାଡ଼ରେ ମାସକ ମଧ୍ୟରେ ୨ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶିମିଳିପାଳ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ପୋଲିସ ଓ ବନ ବିଭାଗ ମିଳିତ ଭାବରେ ବନ୍ଧୁକ ସମର୍ପଣ ଅଭିଯାନ ଆରମ୍ଭ କରିଥିଲେ। ବନ୍ଧୁକ ନିଜ ନିଜ ଅଞ୍ଚଳର ସରପଞ୍ଚ, ୱାର୍ଡସଭ୍ୟମାନଙ୍କ ନିକଟରେ ସମର୍ପଣ କରିଦେବାକୁ ମିଳିତ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା। ଜୁଲାଇ ୩୧ ପୂର୍ବରୁ ବନ୍ଧୁକ ଫେରାଇଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ସେହି ଅନୁଯାୟୀ, ବନ୍ଧୁକ ସମର୍ପଣର ଶେଷଦିନରେ ଶିକାରୀମାନେ ରଖିଥିବା ବନ୍ଧୁକକୁ ନିଜ ନିଜ ଅଞ୍ଚଳର ସରପଞ୍ଚମାନଙ୍କ ନିକଟରେ ସମର୍ପଣ କରିଛନ୍ତି। ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ଅଞ୍ଚଳର ମଥୁରା ସାହିରେ ଗୋଟିଏ ବନ୍ଧୁକକୁ ଶିକାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ଫୋପାଡ଼ି ଦେଇ ଚାଲିଯାଇଥିବା ବେଳେ ଠାକୁରମୁଣ୍ଡା ପୋଲିସ ଏହାକୁ ଜବତ କରିଛି। ମହୁଲଡ଼ିହା ଥାନା ଚମ୍ପାଝର ପଞ୍ଚାୟତ ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କ ନିକଟରେ ୧୨ଟି ଦେଶୀବନ୍ଧୁକ ଶିକାରୀମାନେ ସମର୍ପଣ କରିଥିବା ବେଳେ କେଶଡିହା ସରପଞ୍ଚ ବୀଣାପାଣି ନାୟକଙ୍କ ନିକଟରେ ୨ଟି, ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟଙ୍କ ନିକଟରେ ୩ଟି ଏବଂ ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକାଙ୍କ ନିକଟରେ ଗୋଟିଏ ଦେଶୀ ବନ୍ଧୁକକୁ ଶିକାରୀମାନେ ସମର୍ପଣ କରିଛନ୍ତି। ଏହି ସମସ୍ତ ବନ୍ଧୁକକୁ ସରପଞ୍ଚମାନେ ଆଣି ମହୁଲଡ଼ିହା ଥାନାରେ ଜିମା ଦେଇଛନ୍ତି। ଏହି ସମୟରେ ବନ ବିଭାଗ ଏସିଏଫ୍ ଫାଲଗୁନୀ ବେହେରା, ଠାକୁରମୁଣ୍ଡା ରେଞ୍ଜର କିଶୋର କୁମାର ପାଣିଗ୍ରାହୀ, ସାତକୋଶିଆ ରେଞ୍ଜର ରବୀନ୍ଦ୍ରନାଥ ମହାନ୍ତଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।


ମହୁଲଡିହା ଥାନା ଜିମା ଦିଆଯାଇଥିବା ଦେଶୀ ବନ୍ଧୁକ।

# ଅଜଣା ଜନ୍ତୁ ଆକ୍ରମଣ: ୯ ମେଣ୍ଢା ମୃତ

ବାଙ୍କୀ,୩୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

କଟକ ଜିଲା ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମରେ ରବିବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ମେଘନାଦ ବେହେରାଙ୍କ ୯ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ଗୁରୁତର ହୋଇଛନ୍ତି। ତାଙ୍କ ଗୁହାଳରେ ୪୦ ମେଣ୍ଢା ଥିଲେ। ସୋମବାର ସକାଳେ ମେଘନାଦ ଗୁହାଳ ଖୋଲି ଦେଖିବା ପରେ ମେଣ୍ଢାଗୁଡ଼ିକର ଏପରି ଅବସ୍ଥା ଦେଖି ସୁବର୍ଣ୍ଣପୁର ପ୍ରାଣୀ ଚିକିତ୍ସାଳୟକୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସାଳୟର ଏକ ଟିମ୍ ପହଞ୍ଚି ଗୁରୁତର ମେଣ୍ଢାଗୁଡ଼ିକର ଚିକିତ୍ସା କରିଛନ୍ତି।

# ଟ୍ରକ୍‌ରେ ପିଟିହେଲା ବାଇକ୍: ୨ ମୃତ

ମାଲକାନଗିରି/ମାଥିଲି,୩୧।୭
(ଦୁର୍ଯ୍ୟୋଧନ ପାତ୍ର/ ସୁବାଷ ଖୁଡୁପିଆ)

ମାଲକାନଗିରି ଜିଲା ମାଥିଲି ବ୍ଲକ ପାଙ୍ଗାମ ସଦର ପଞ୍ଚାୟତରେ ଏକ ଟ୍ରକ୍‌ରେ ଗୋଟିଏ ବାଇକ୍ ପିଟିହେବା ଫଳରେ ସୋମବାର ୨ଜଣ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଙ୍ଗାମ ଗ୍ରାମର ରାଜେଶ କୁମାର ଭୂୟାଁ(୨୬) ଓ ସୁନୀଲ ଚୌଧୁରୀ (୨୭)। ଉଭୟେ ବାଇକ୍ ଯୋଗେ କୌଣସି କାମରେ ମାଥିଲି ଯାଇ ମଧ୍ୟରାତ୍ରିରେ ଫେରୁଥିବା ସମୟରେ ଜୟପୁର ମୋଟୁ ୩୨୬ ନଂ. ଜାତୀୟ ରାଜପଥ କଡ ପାଙ୍ଗାମଠାରେ ଥିବା ଢାବା ନିକଟରେ ଛିଡା ହୋଇଥିବା ଟ୍ରକ୍‌ରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ୨ ଜଣଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରାଜେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ସୁନିଲ ଚୌଧୁରୀ ଡିଭିଏଫ୍ ଯବାନ ଅଟନ୍ତି ।

# ଦବିଲା ନିର୍ମାଣାଧୀନ ପୋଲର ଆପ୍ରୋଚ୍ ରାସ୍ତା

ଭବାନୀପାଟଣା,୩୧।୭
(ଉତ୍ତମ କୁମାର ଦାଶ)


ନିର୍ମାଣାଧୀନ ପୋଲର ଆପ୍ରୋଚ୍ ରାସ୍ତା ଦବିଯାଇଛି।

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବିଶମଗିରି-ତଳଝାପି ମଧ୍ୟରେ ଥିବା ଚଞ୍ଚରା ନାଳରେ ନିର୍ମାଣାଧୀନ ପୋଲର ଆପ୍ରୋଚ ରାସ୍ତା ବର୍ଷା ଯୋଗୁ ଦବିଯାଇଥିବା ଦେଖିବାକୁ ମିଳିଛି। ଫଳରେ ପୋଲର ସ୍ଥାୟିତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଯାହାର ପ୍ରମାଣ ଗୋଟିଏ ବର୍ଷାରେ ପୋଲର ଆପ୍ରୋଚ ରାସ୍ତା ଦବିଯିବା ଘଟଣାରୁ ଜଣାପଡିଛି। ତେବେ କୌଣସି ଧନଜୀବନ ନଷ୍ଟ ହେବା ଆଗରୁ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ବିଲରେ ଟଳିପଡ଼ିଲେ ଯୁବ ଚାଷୀ

ବାଲିକୁଦା,୩୧।୭(ତାପସ ସ୍ୱାଇଁ)

ବିଲରେ କାମ କରୁଥିବାବେଳେ ଜଣେ ଯୁବଚାଷୀଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି। ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଅଳାଭର ପଞ୍ଚାୟତ ଶାସନ ଅଳାଭର ଗାଁର ପ୍ରମୋଦ ଖୁଣ୍ଟିଆ(୪୮)। ସେ ସୋମବାର ବିଲରେ ହିରପାଖ ମାରୁଥିବା ବେଳେ ସେଠାରେ ଟଳିପଡ଼ିଥିଲେ। ଏହାଦେଖି ଅନ୍ୟ ଚାଷୀମାନେ ତୁରନ୍ତ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରମୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବରପାଇ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ଖୁଣ୍ଟିଆଙ୍କ ଘରେ ପହଞ୍ଚି ତାଙ୍କ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ସାପ କାମୁଡ଼ାରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ

**ମୋରଡ଼ା,୩୧।୭(ସ୍ମାରକ ମାଜୀ) :** ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ସାପ କାମୁଡ଼ାରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଟିକିଟାମାଟିଆ ଗ୍ରାମର ହିଟୁ ବିନ୍ଧାଣିଙ୍କ ୩ ବର୍ଷର ଝିଅ ତନଶ୍ରୀ ଏବଂ ଟିଆଁସି ଗ୍ରାମର ଭଗ ନାଏକଙ୍କ ୪ ବର୍ଷର ଝିଅ ଭୂମିକା। ସୂଚନା ଅନୁଯାୟୀ, ସୋମବାର ତନୁଶ୍ରୀ ଖେଳିସାରି ଘରକୁ ଫେରିଲା ବେଳକୁ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ଗୋଡ଼ରୁ ରକ୍ତ ବାହାରୁଥିଲା। ସେ କଣ୍ଟା ମାଡ଼ି ଦେଇଥାଇପାରେ ବୋଲି ପରିବାର ଲୋକେ ଭାବି ଘରୋଇ ଚିକିତ୍ସା କରିଥିଲେ। କିଛି ସମୟ ପରେ ତନୁଶ୍ରୀ ଜିଭ କାମୁଡ଼ି ଅଚେତ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ମୋରଡା ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୩) ରୁଜୁ ହୋଇଛି। ସେହିପରି ଟିଆଁସି ଗ୍ରାମର ଭୂମିକା ନାଏକ ଘରେ ଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୋରଡା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ୨ ଶିଶୁକନ୍ୟାଙ୍କୁ ବିଷାକ୍ତ ସାପ କାମୁଡ଼ିଥିବା ଉଭୟଙ୍କ ପରିବାର ଲୋକେ କହିଛନ୍ତି।

# ମୋବାଇଲ ହଜାଇବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

**ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା(ଗୋପୀନାଥ ବେହେରା), ୩୧।୭:** ମୋବାଇଲ ହଜାଇ ଦେବାରୁ ଉତ୍କ୍ଷିପ୍ତ ସ୍ୱାମୀ ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ତାରାଯୋଡ଼ି ଗ୍ରାମରେ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏନେଇ ପୋଲିସ ଏକ ମାମଲା (ନଂ.୯୯/୨୩) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ରାମଚନ୍ଦ୍ର ସିଂଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ମୋବାଇଲ ନ ମିଳିବାରୁ ସ୍ତ୍ରୀ ମୁଗୁଲି ସିଂଙ୍କ ସହ ରାମଚନ୍ଦ୍ର ଝଗଡ଼ା କରିଥିଲେ। ପରେ ଉତ୍କ୍ଷିପ୍ତ ହୋଇ ରାମଚନ୍ଦ୍ର ଏକ ଠେଙ୍ଗାରେ ମୁଗୁଲିଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସୋମବାର ସକାଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

## OFFICE OF THE NOTIFIED AREA COUNCIL, ATHMALLIK

NO. 1516 DT.28.07.2023

**e-Procurement**
**Bid Identification No. Alkn-02/2023-24**

No. C-945:- Bid documents consisting of work, estimated cost, cost of tender paper, EMD, time of completion, Class of contractors and the set of term and conditions of contract and details of other necessary documents can be seen in Govt. website i.e. www.tendersorissa.gov.in.

| | | |
|---|---|---|
| Name of the works | : | Civil works |
| No. of works | : | 12 nos. |
| Estimated cost | : | Rs.16,94,463/- |
| Date & Time of availability of Bid Documents in the portal | : | From 10.00 A.M. of dt.31.07.2023 to 14.08.2023 upto 5.00 P.M. |
| Last Date of receive of Bid through Online | : | On or before 14.08.2023 upto 5.00 P.M. |
| Submission of original Document | : | On or before 17.08.2023 upto 11.00 A.M. |
| Date of opening of bid on | : | At 11.00 A.M. on 17.08.2023 |

Sd./- Executive Officer,
N.A.C., Athmallik

OIPR-13161/11/0006/2324

## ଓଡ଼ିଶା ଲୋକସେବା ଆୟୋଗ, କଟକ

**ପ୍ରେସ୍ ଇସ୍ତାହାର**

No. ୬୧୩୦/PSC Dt.୩୧।୦୭।୨୦୨୩

D-100: ଓଡ଼ିଶା ସିଭିଲ ସେବା ପରୀକ୍ଷା, ୨୦୨୧ର ଫଳାଫଳ ଆଜି ତା୩୧।୦୭।୨୦୨୩ରିଖ ଦିନ ପ୍ରକାଶିତ ହୋଇଅଛି ଏବଂ ଏହାର ସମ୍ପୂର୍ଣ୍ଣ ଚୟନ ତାଲିକା ଓଡ଼ିଶା ଲୋକସେବା ଆୟୋଗର ୱେବ୍‌ସାଇଟ୍ **www.opsc.gov.in**ରେ ଉପଲବ୍ଧ ଅଛି।

ଓଡ଼ିଶା ସିଭିଲ ସେବା ପରୀକ୍ଷା ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୁଏ, ଯଥା: ପ୍ରାରମ୍ଭିକ ପରୀକ୍ଷା, ମୁଖ୍ୟ ପରୀକ୍ଷା ଏବଂ ସାକ୍ଷାତ୍‌କାର। ଓଡ଼ିଶା ସିଭିଲ ସେବା, ୨୦୨୧ ପରୀକ୍ଷାର ବିଜ୍ଞାପନ ତା୩୧।୧୨।୨୦୨୧ରିଖ ଦିନ ସମୁଦାୟ ୪୩୩ (୧୪୨ – ମହିଳା) ପଦବୀ ପାଇଁ ପ୍ରକାଶିତ ହୋଇଥିଲା।

ଓଡ଼ିଶା ଲୋକସେବା ଆୟୋଗ ଓଡ଼ିଶା ସିଭିଲ ସେବା ପରୀକ୍ଷା, ୨୦୨୧ ପାଇଁ ୪୩୨ ସଂଖ୍ୟକ ପ୍ରାର୍ଥୀଙ୍କୁ ନିଯୁକ୍ତି ପାଇଁ ସୁପାରିସ କରିଛନ୍ତି ଏବଂ ସୁଦେବ କୁମାର ପୃଷ୍ଟି ଏହି ଚୟନ ତାଲିକାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ପ୍ରଥମ ୧୦ଜଣ ପ୍ରାର୍ଥୀଙ୍କ ମଧ୍ୟରେ ୦୫ ଜଣ ମହିଳା ପ୍ରାର୍ଥୀ ସ୍ଥାନିତ ହୋଇଛନ୍ତି। ଏହି ଚୟନ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୨୨୯ (୯୧ – ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୯ (୧୨ – ମହିଳା), ଅନୁସୂଚିତ ଜନଜାତି ବର୍ଗରେ ୯୩ (୩୪ – ମହିଳା), ଅନୁସୂଚିତ ଜାତି ବର୍ଗରେ ୭୧ (୨୭ – ମହିଳା), ଶାରୀରିକ ଅକ୍ଷମ ବର୍ଗରେ ୧୦, ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ ୦୮ ଏବଂ କ୍ରୀଡ଼ାବିତ୍ ବର୍ଗରେ ୦୧ ପ୍ରାର୍ଥୀଙ୍କୁ ସୁପାରିସ କରାଯାଇଅଛି। ସମୁଦାୟ ୪୩୨ ଜଣଙ୍କ ମଧ୍ୟରୁ ୧୬୪ ଜଣ ମହିଳାଙ୍କୁ ମେଧା ତାଲିକା ଅନୁସାରେ ସୁପାରିସ କରାଯାଇ ଅଛି, ଯାହାକି କୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀଙ୍କର ୩୮ ପ୍ରତିଶତ ଅଟେ।

ଓଡ଼ିଶା ସିଭିଲ ସେବା ପରୀକ୍ଷା ପାଇଁ ୫୮୨୪୧ (୨୦୯୩୦ – ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ ଏବଂ ଏହା ମଧ୍ୟରୁ ୨୯୨୯୫ (୧୦୨୮୪ – ମହିଳା) ପ୍ରାର୍ଥୀ ୧୬।୧୦।୨୦୨୨ରେ ଅନୁଷ୍ଠିତ ହୋଇଥିବା ପ୍ରିଲିମିନାରୀ ପରୀକ୍ଷା ଦେଇଥିଲେ। ୫୨୯୭ (୧୭୪୯ – ମହିଳା) ଜଣ ପରୀକ୍ଷାର୍ଥୀ ଏହି ପ୍ରିଲିମିନାରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଓଡ଼ିଶା ସିଭିଲ ସେବା (ମୁଖ୍ୟ) ପରୀକ୍ଷା, ୨୦୨୧ର ଲିଖିତ ପରୀକ୍ଷା ତା୨୧।୦୨।୨୦୨୩ରୁ ୧୮।୦୩।୨୦୨୩ରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏବଂ ଏହି ପରୀକ୍ଷାରେ ୪୪୩୦ (୧୫୩୯ – ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ଏହା ମଧ୍ୟରୁ ୮୭୧ (୩୧୩ – ମହିଳା) ପ୍ରାର୍ଥୀଙ୍କୁ ଦସ୍ତାବିଜ ଯାଞ୍ଚ ଏବଂ ସାକ୍ଷାତ୍‌କାର ପରୀକ୍ଷା ପାଇଁ କଟକସ୍ଥିତ ଓଡ଼ିଶା ଲୋକସେବା ଆୟୋଗର କାର୍ଯ୍ୟାଳୟରେ ତା୧୫।୦୭।୨୦୨୩ରିଖରୁ ତା୨୫।୦୭।୨୦୨୩ରିଖ ଅବଧି ମଧ୍ୟରେ ଡକାଯାଇଥିଲା। ଏହି ବର୍ଷ ଓଡ଼ିଶା ସିଭିଲ ସେବା ଫଳାଫଳ ପ୍ରିଲିମିନାରୀ ପରୀକ୍ଷା ତାରିଖଠାରୁ ୯½ମାସ ମଧ୍ୟରେ ପ୍ରକାଶ ପାଇଛି, ଯାହାକି ସର୍ବକାଳୀନ ରେକର୍ଡ ଅଟେ।

କମିଶନଙ୍କ ଆଦେଶ ଅନୁଯାୟୀ
ସ୍ୱା./– ସଚିବ, ଓଡ଼ିଶା ଲୋକସେବା ଆୟୋଗ

OIPR-12002/11/0073/2324

## ପୌରପରିଷଦ କାର୍ଯ୍ୟାଳୟ:ଝାରସୁଗୁଡ଼ା
### MUNICIPAL OFFICE: JHARSUGUDA

ସଂଖ୍ୟା–4861 ତା.28.07.23
e-Mail:jsgmunicipality@yahoo.com ☎:୦୬୬୪୫–୨୭୩୦୧୯
jharsugudam.hud@nic.in

**ଅଭିବ୍ୟକ୍ତି ପ୍ରକାଶନ ପତ୍ର ସଂଖ୍ୟା ୪୫୬୮**
**ତା.୧୯.୦୭.୨୦୨୩ ବିଜ୍ଞପ୍ତିର ଶୁଦ୍ଧିପତ୍ର**

**No.C-937:**ଏତଦ୍ୱାରା ଝାରସୁଗୁଡ଼ା ପୌରପରିଷଦର ସମସ୍ତ ୨୪ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦା ସଂଗଠନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ଅଭିବ୍ୟକ୍ତି ପତ୍ରର ଆବେଦନର ଶେଷ ତାରିଖ ୨୯.୦୭.୨୦୨୩ ପରିବର୍ତ୍ତେ ତା.୦୫.୦୮.୨୦୨୩ ସମୟ ୩ ଘଟିକା ପର୍ଯ୍ୟନ୍ତକୁ ସମ୍ପ୍ରସାରଣ କରାଗଲା ଏବଂ ଖୋଲିବାର ସମସ୍ତ ସର୍ତ୍ତାବଳୀ ଯଥା ସମୟ ଓ ସ୍ଥାନ ପୂର୍ବପରି ବଳବତ୍ତର ରହିବ ।

ସ୍ୱା./–କାର୍ଯ୍ୟନିର୍ବାହୀ ଅଧିକାରୀ
ଝାରସୁଗୁଡ଼ା ପୌରପରିଷଦ

OIPR-13165/11/0018/2324

## OFFICE OF THE PANCHAYAT SAMITI, GOPABANDHU NAGAR

No.1621, Date:28.07.2023

Annexure- 'A'

### TENDER CALL NOTICE

**No.i-273:**The Block Development Officer, Gopabandhunagar on behalf of Government of Odisha invites sealed tender on percentage (%) rate basis from registered contractors of Odisha PWD/WR/RWD/NH/MI/CPWD & PH conformity with the Detail Tender Call Notice (DTCN) of 3 works. "Construction of 2 additional class room at Govt. High School, Khunta" (in Odia) "ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଟି ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ" Construction of One Additional Class Room at Govt. UPS Chhuruni (in Odia) " ଛୁରୁଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ" and "Construction of One Additional Class Room, E-Library Room, SC.Lab and Art & Craft Room at Govt. Girls H.S.Khunta (in Odia) "ଖୁଣ୍ଟା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହ, ଇ ଲାଇବ୍ରେରୀ, ବିଜ୍ଞାନାଗାର ଏବଂ କଳା ଓ କ୍ରାଫ୍ଟ ଗୃହର ନିର୍ମାଣ"

| Sl. No. | Name of the GP | Name of the Work | Name of the Scheme | Value of work Amount put to tender (in Rs.) | EMD | Cost of tender paper in Rs. | Class of Contractor to be verified | Period of Completion |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Sankhunta | "Construction of 2 additional class room at Govt. High School, Khunta (in Odia) "ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଦୁଇଟି ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ" | Sarba Shikshya | 2003793 | 20037 | 6,000/- | "B" & "C" | 3 Months |
| 2 | Sankhunta | "Construction of One Additional Class Room, E-Library Room, SC.Lab and Art & Craft Room at Govt. Girls H.S.Khunta (in Odia) "ଖୁଣ୍ଟା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହ, ଇ ଲାଇବ୍ରେରୀ, ବିଜ୍ଞାନାଗାର ଏବଂ କଳା ଓ କ୍ରାଫ୍ଟ ଗୃହର ନିର୍ମାଣ" | Sarba Shikshya | 4113360 | 41133 | 6,000/- | "B" | 3 Months |
| 3 | Ranibandha | " Construction of One Additional Class Room at Govt. UPS Chhuruni (in Odia) " ଛୁରୁଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋଟିଏ ଅତିରିକ୍ତ ଶ୍ରେଣୀଗୃହର ନିର୍ମାଣ" | Sarba Shikshya | 1001783 | 10017 | 6,000/- | "C" & "D" | 3 Months |

For detail terms & conditions, please visit our website mayurbhanj.nic.in.

Sd./- Block Development Officer, Gopabandhu Nagar
OIPR-19136/11/0004/2324

## GOVERNMENT OF ODISHA
## DEPARTMENT OF SCHOOL & MASS EDUCATION
### NOTICE

**No.n-137:**Advertisement for obtaining Certificate of Recognition (CoR) for the Academic session 2023-24 to 2027-28 by Privately Managed Elementary schools and opening permission for new Private Elementary schools for the Academic session 2024-25 as per RTE Act, 2009 and Rules, 2010.

| Sl. No. | Item of Work | Date |
|---|---|---|
| 1 | Publication of Advertisement | 27.07.2023 |
| 2 | Opening of the Portal (psm.odisha.gov.in) for online application for obtaining CoR/ Permission for opening of new private schools by Private School Authorities | 01 .08.2023 |
| 3 | Last date for submission of online application by private school authorities | 31.08.2023 |
| 4 | Submission of online Inspection Report for CoR / Permission for opening of New Private Schools by DEO's to DEE(O) | 16.10.2023 |
| 5 | Issue of approval order by D.E.E to DEOs | 31.10.2023 |
| 6 | Last date for issue of CoR/Opening permission by DEOs | 15.11.2023 |

Sd./-
Director, Elementary Education
Odisha, Bhubaneswar

OIPR-27068/11/0013/2324

Phone: 0674-2567653

## PATHANI SAMANTA PLANETARIUM
PLANETARIUM SQUARE, BHUBANESWAR - 751013
ODISHA (INDIA)

### TENDER CALL NOTICE

TENDER NOTICE NO: 245/PSP/001/2023-24 DATE:-30.07.2023

**No.U-36:**Sealed tenders in Two bid System (Technical & Financial) in doubled sealed cover in plain Paper are invited from the experienced & reputed firms or their sole marketing agencies for supply and installation of
i. Audi& Multiplex Chair Part ( Seat spring with Rod) 49 nos.
ii. Audi& Multiplex Chair Part ( Seat Fiber) 49 nos.
iii. Audi& Multiplex Chair Part (Back Push Spring) 50 nos.
iv. Audi& Multiplex Chair Part ( Half Back Cover) 142 nos for Dr. APJAK Abdul Kalam, Planetarium, Burla.

Before submitting the bids tenderers are requested to visit Dr. APJ Abdul Kalam Planetarium, Burla during 11.00AM to 5.00 PM on all working days except Monday (Holiday for Planetarium). The last date for submission of tender document is 08.08.2023 by 3.00 PM. The tenderers are required to submit an a/c payee bank draft amounting to Rs.5000/- (Rupees Five Thousand only) towards EMD on any Nationalized Bank in favour of Director, Pathani Samanta Planetarium payable at Bhubaneswar with the Technical Bid. Technical Bid must contain (1) copy of Registration, (2) Turn over for last five years, (3) GST Registration, (4) PAN/TAN Card of the Company, (5) work experience in the light of above supply, repair and installation of chairs of given criteria(copy to be enclosed) and any other document etc.

If required the tenders may be asked to make presentation/ discussion about their repair work and procedure in front of the empowered committee on 14.08.23 at 3.00 PM. The Technical Bid will be opened on 14.08.2023 at 4.00 PM.

The Director, Pathani Samanta Planetarium reserves the right to accept/reject any or all the tenders without assigning any reason thereof.

Director
OIPR-28004/11/0001/2324

## ଜିଲ୍ଲା ପରିଷଦ, ଢେଙ୍କାନାଳ
### ZILLA PARISHAD, DHENKANAL

Phone No.06762-224506, E-mail:ori-ddhenkanal@nic.in, PIN-759001
ପତ୍ର ସଂଖ୍ୟା:2959 ତାରିଖ:31.07.2023

**ବିଜ୍ଞାପନ**

No.CAD–1486:ଏତଦ୍ୱାରା ଢେଙ୍କାନାଳ ଜିଲ୍ଲାର ୦୮ ଗୋଟି ପଞ୍ଚାୟତ ସମିତିର ସମସ୍ତ ଅଧିବାସୀ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପଞ୍ଚଦଶ ଅର୍ଥ କମିଶନ (15th CFC) ୨୦୨୧-୨୨ ଓ ୨୦୨୨-୨୩ ଏବଂ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ୨୦୨୨-୨୩ ଆର୍ଥିକ ବର୍ଷରେ (୦୧.୧୦.୨୦୨୨ ଠାରୁ ୩୧.୦୩.୨୦୨୩) ରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ପଞ୍ଚାୟତ ସମିତିସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଛି । ଅତଏବ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଏହି ଜନଶୁଣାଣି ଶିବିରରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାରବିମର୍ଶ କରାଯିବ । ଏହି ଜନଶୁଣାଣି କାର୍ଯ୍ୟକ୍ରମରେ ସମସ୍ତ ଜନସାଧାରଣ ଅଣକୁଶଳୀ ଶ୍ରମିକ ହିତାଧିକାରୀ ଯୋଜନା ସହିତ ସମ୍ପୃକ୍ତ ଥିବା ସଂଗଠନ, ବିଭିନ୍ନ ସରକାରୀ ବିଭାଗ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ତ୍ରି-ସ୍ତରୀୟ ପଞ୍ଚାୟତିରାଜର ନିର୍ବାଚିତ ପ୍ରତିନିଧିମାନଙ୍କୁ ଉପସ୍ଥିତ ରହିବାକୁ ଅନୁରୋଧ । ଢେଙ୍କାନାଳ ଜିଲ୍ଲା ପ୍ରଶାସନ ତରଫରୁ ଆପଣମାନଙ୍କୁ ଅନୁରୋଧ କରାଯାଉଛି କି, ଏହି ବ୍ଲକସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦାନ କରି ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGS) ଓ ପଞ୍ଚଦଶ ଅର୍ଥ କମିଶନ (15th CFC) ର କାର୍ଯ୍ୟକାରିତାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଏବଂ ଯୋଜନାକୁ ସଫଳତାର ସହିତ ଆଗେଇ ନେବାପାଇଁ ଆପଣମାନଙ୍କର ସହଭାଗିତା, ବହୁମୂଲ୍ୟ ମତାମତ ଓ ଆପତ୍ତି ଅଭିଯୋଗ ଉପସ୍ଥାପନା କରିବା ହେବେ ।

| କ୍ରମିକ ସଂଖ୍ୟା | ଜନଶୁଣାଣି ପାଇଁ ଧାର୍ଯ୍ୟ ବ୍ଲକର ନାମ | ତାରିଖ ଓ ସମୟ ପୂର୍ବାହ୍ନ ଘ.୧୦.୩୦ ଟିକା ଠାରୁ | ଜନଶୁଣାଣି ଅଧିକାରୀ | ସ୍ଥାନ |
|---|---|---|---|---|
| ୧ | ଭୁବନ | ୧୭.୦୮.୨୦୨୩ | ଉପଜିଲ୍ଲାପାଳ,କାମାକ୍ଷାନଗର | ବ୍ଲକ ସଭାଗୃହ |
| ୨ | ଢେଙ୍କାନାଳ ସଦର | ୧୮.୦୮.୨୦୨୩ | ଉପଜିଲ୍ଲାପାଳ, ଢେଙ୍କାନାଳ ସଦର | ବ୍ଲକ ସଭାଗୃହ |
| ୩ | ଗନ୍ଦିଆ | ୧୯.୦୮.୨୦୨୩ | ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ପ୍ରଶାସନିକ),ଜିଲ୍ଲାପରିଷଦ,ଢେଙ୍କାନାଳ | ବ୍ଲକ ସଭାଗୃହ |
| ୪ | ହିନ୍ଦୋଳ | ୨୨.୦୮.୨୦୨୩ | ଉପଜିଲ୍ଲାପାଳ, ହିନ୍ଦୋଳ | ବ୍ଲକ ସଭାଗୃହ |
| ୫ | କାମାକ୍ଷାନଗର | ୨୩.୦୮.୨୦୨୩ | ଉପଜିଲ୍ଲାପାଳ, କାମାକ୍ଷାନଗର | ବ୍ଲକ ସଭାଗୃହ |
| ୬ | କଙ୍କଡାହାଡ | ୨୪.୦୮.୨୦୨୩ | ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଢେଙ୍କାନାଳ | ବ୍ଲକ ସଭାଗୃହ |
| ୭ | ଓଡାପଡା | ୨୫.୦୮.୨୦୨୩ | ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ଢେଙ୍କାନାଳ | ବ୍ଲକ ସଭାଗୃହ |
| ୮ | ପରଜଙ୍ଗ | ୨୯.୦୮.୨୦୨୩ | ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), ଢେଙ୍କାନାଳ | ବ୍ଲକ ସଭାଗୃହ |

ସ୍ୱା./–ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ,
ଜିଲ୍ଲାପରିଷଦ, ଢେଙ୍କାନାଳ

ସ୍ୱା./–ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ
ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ଢେଙ୍କାନାଳ

OIPR-19324/11/0001/2324

See Career Appointment on every
Wednesday & Saturday

## ‘ସ୍ତ୍ରୀଙ୍କ ସହଯୋଗ ବିନା ଏହା ସମ୍ଭବ ନ ଥିଲା’

ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ାର ସୁଦେବ କୁମାର ପୃଷ୍ଟି ରାଜ୍ୟରେ ଟପ୍ପର ହୋଇଛନ୍ତି। ବର୍ତ୍ତମାନ ସେ ଭାରତୀୟ ବାୟୁ ସେନାରେ ଜାହାଜ ଟେକ୍ନିସିଆନ ଭାବେ କାର୍ଯ୍ୟରତ। ଚାକିରି ଜୀବନ ସହ ଓଡ଼ିଶା ପ୍ରଶାସନିକ ସେବା ପାଇଁ ପାଠ ପଢ଼ି ସଫଳତା ପାଇପାରିଛନ୍ତି। ତାଙ୍କର ଏହି ସଫଳତା ସମ୍ପର୍କରେ ସେ ଯାହା କୁହନ୍ତି...

- ସାକ୍ଷାତକାର: ବୀରକିଶୋର ଦାଶ, ପାଟଣା


ସୁଦେବ କୁମାର ପୃଷ୍ଟି

**ପ୍ରଶ୍ନ-ଆପଣ ରାଜ୍ୟରେ ପ୍ରକାଶିତ ଓସିଏସ ପରୀକ୍ଷାରେ ଟପ୍ପର ହୋଇଛନ୍ତି, କ’ଣ କହିବେ?**
ଉତ୍ତର-ମୁଁ କେବେ ଟପ୍ପର ହେବି ବୋଲି ସ୍ୱପ୍ନରେ ବି ଭାବି ନ ଥିଲି। ଏହା ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଙ୍କ କୃପା ବୋଲି ମୁଁ ଭାବୁଛି।
**ପ୍ରଶ୍ନ-ଏୟାରଫୋର୍ସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଚାକିରି କରି କିଭଳି ପ୍ରସ୍ତୁତି କରୁଥିଲେ?**
ଉତ୍ତର-ଏୟାରଫୋର୍ସର ଗୁଆହାଟୀ ତେଜପୁର ଏୟାରଫୋର୍ସରେ ମୁଁ ବର୍ତ୍ତମାନ ଜାହାଜ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛି। ଏ ପଦବୀରେ ଥାଇ ସମୟ ବାହାର କରି ପାଠ ପଢ଼ିବା ମୋ ପାଇଁ ଅନେକ ଚ୍ୟାଲେଞ୍ଜ ଥିଲା।
**ପ୍ରଶ୍ନ-ସଫଳତାର ଶ୍ରେୟ କାହାକୁ ଦେବେ?**
ଉତ୍ତର-ମା’, ବାପା, ସ୍ତ୍ରୀ ଓ ସାଙ୍ଗଙ୍କ ପ୍ରେରଣା ମୋତେ ଆଜି ଏଠାରେ ପହଞ୍ଚାଇଛି। ମୋ ସ୍ତ୍ରୀ ମୋତେ ସହଯୋଗ ନ କରିଥିଲେ ମୁଁ ପାଠ ପଢ଼ିପାରି ନ ଥାନ୍ତି। ତାଙ୍କ ସହଯୋଗ ବିନା ଏ ସଫଳତା ସମ୍ଭବ ନ ଥିଲା।
**ପ୍ରଶ୍ନ-ଆପଣ ଏଥିପାଇଁ କୌଣସି କୋଚିଂ ନେଉଥିଲେ କି?**
ଉତ୍ତର-ନା ଏଥିପାଇଁ ମୁଁ ବିଧିବଦ୍ଧ ଭାବେ କୌଣସି କୋଚିଂ ନେଇନାହିଁ। ତେବେ ଭୁବନେଶ୍ୱରର ଏକ କୋଚିଂ ସେଣ୍ଟରର ଅଶୋକ ପଣ୍ଡା ଓ ଦୀପକ ସ୍ୱାଇଁ ସାର୍‌ଙ୍କ ଗାଇଡ୍‌ରେ ପାଠ ପଢୁଥିଲି।
**ପ୍ରଶ୍ନ-ବର୍ତ୍ତମାନର ଛାତ୍ର ଓ ଯୁବପିଢ଼ିଙ୍କୁ କ’ଣ କହିବେ?**
ଉତ୍ତର-ସବୁ ସଫଳତା ପଛରେ କଠିନ ପରିଶ୍ରମ ଦରକାର। ବର୍ତ୍ତମାନ ଯୁବପିଢ଼ି ମୋବାଇଲମନସ୍କ ନ ହୋଇ ପଠନମନସ୍କ ହେବା ଦରକାର। ଏଥିପ୍ରତି ମା’ ବାପା ଗୁରୁତ୍ୱ ଦେବା ଆବଶ୍ୟକ।
**ପ୍ରଶ୍ନ- ଚାକିରିରେ ଯୋଗଦେଲେ କେଉଁ ଦିଗ ପ୍ରତି ପ୍ରାଥମିକତା ଦେବେ?**
ଉତ୍ତର- ଏୟାରଫୋର୍ସରେ ମୋର ଆଉ ୨ ବର୍ଷ ଚାକିରି। ଏହା ଏକ ଶୃଙ୍ଖଳିତ କାର୍ଯ୍ୟ। ଏଣୁ ମୁଁ ଭିଆରଏସ୍ ନେଇ ଓଡ଼ିଶା ପ୍ରଶାସନିକ ସେବା ଚାକିରିରେ ଯୋଗଦେବି। ପିଲାବେଳୁ ମୁଁ ଓ ଆମ ପରିବାର ଅଭାବରେ ଗତି କରିଛୁ। ଏଣୁ ଦୂରଦୂରାନ୍ତରୁ ଆସୁଥିବା ଗରିବ ଲୋକଙ୍କ କାର୍ଯ୍ୟ କିଭଳି ଗୋଟିଏ ଦିନରେ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବି। ଏଥିସହ ବୃତ୍ତିରେ ସ୍ୱଚ୍ଛତା ଅବଲମ୍ବନ କରିବି।
**ପ୍ରଶ୍ନ-ବହୁ ଅଫିସରଙ୍କ ଘରେ ଭିଜିଲାନ୍ସ, ଇଡି ଚଢ଼ାଉ ହେଉଛି। ସେ ବିଷୟରେ କ’ଣ କହିବେ?**
ଉତ୍ତର-ମଣିଷ ମଣିଷ ଭିତରେ ପାର୍ଥକ୍ୟ ରହିବ। ବହୁ ଭଲ ଅଫିସର ମଧ୍ୟ କାର୍ଯ୍ୟ କରୁଛନ୍ତି। କେତେକ ଭଲ ଲୋକଙ୍କ ପାଇଁ ସୃଷ୍ଟି ବଞ୍ଚିଛି। ମୁଁ ଦୁର୍ନୀତିକୁ ପ୍ରଶ୍ରୟ ଦେବି ନାହିଁ।

## ‘ସୁଯୋଗ ମିଳିଲେ କନ୍ଧମାଳରେ ଶିକ୍ଷାର ଉନ୍ନତି କରିବି’

ଫୁଲବାଣୀ, ୩୧।୭ (ରାକେଶ କୁମାର ରାଉତ)

**ଶୁଚିସ୍ମିତାଙ୍କୁ ୨ ନଂ ର୍ୟାଙ୍କ**



କନ୍ଧମାଳ ଜିଲା ଟିକାବାଲି ବ୍ଲକର ଶୁଚିସ୍ମିତା ପାଣିଗ୍ରାହୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୨ନଂ ର୍ୟାଙ୍କରେ ରହିଛନ୍ତି। ଟିକାବାଲିସ୍ଥିତ ଆଖଣ୍ଡଳମଣି ସାହିର ପ୍ରଫୁଲ ଚନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ଶୁଚିସ୍ମିତା ଓଡ଼ିଶା ଶିକ୍ଷା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ ୨ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ। ଟିକାବାଲି ସରସ୍ୱତୀ ଶିଶୁ ମନ୍ଦିରରୁ ଶିକ୍ଷା ଆରମ୍ଭ କରି ଜଣେ ମେଧାବୀ ଛାତ୍ରୀ ଭାବେ ନିଜ ପରିଚୟ ସୃଷ୍ଟି କରିଥିଲେ। ୨୦୦୭ରେ ଫୁଲବାଣୀ ଉଡ଼ିପାଙ୍କୁ ନବୋଦୟ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବିଏସ୍‌ସି ପଢ଼ିଥିଲେ। ଏହାପରେ ପିଜି କରିଥିଲେ। ମା’ ସୁପ୍ରଭା ପାତ୍ର ଜଣେ ଶିକ୍ଷୟିତ୍ରୀ। ପଢ଼ିବାରେ ସେ ଅନେକ ପ୍ରେରଣା ଏବଂ ଉତ୍ସାହ ଦେଉଥିବା ଶୁଚିସ୍ମିତା କହିଛନ୍ତି। ସୁଯୋଗ ମିଳିଲେ କନ୍ଧମାଳ ଜିଲାରେ ବିଶେଷ କରି ଶିକ୍ଷାର ଉନ୍ନତି ଦିଗରେ ଦୃଷ୍ଟି ଦେବି ବୋଲି କହିଛନ୍ତି।

## ୧୪ ନମ୍ବରରେ ମଧୁସ୍ମିତା, ଆଇଏଏସ୍ ହେବା ଲକ୍ଷ୍ୟ

ଦେବଗଡ଼,୩୧।୭
(ଶଶାଙ୍କ ଶେଖର ଝାଙ୍କର)

**୨୦୧୮ରେ ବଡ଼ ଭଉଣୀ ପାଇଥିଲେ ଓଏଏସ୍**


ମଧୁସ୍ମିତା ସାମଲ

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ର ମଧୁସ୍ମିତା ସାମଲ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପାଇଛନ୍ତି। ୧୪ ନମ୍ବର ର୍ୟାଙ୍କ ରଖି ସେ ଜିଲା ପାଇଁ ସଫଳତା ଆଣିଛନ୍ତି। ପୋଲିସ ଏଏସ୍‌ଆଇ ଭବାନୀ ଶଙ୍କର ସାମଲ ଏବଂ ମୋହିନୀପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନଙ୍କ ସାନଝିଅ ମଧୁସ୍ମିତା କଠିନ ପରିଶ୍ରମ, ଶିକ୍ଷକ ତଥା ମାତାପିତା, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ପାଇଥିବା କହିଛନ୍ତି। ଦେବଗଡ ସରସ୍ୱତୀ ବିଦ୍ୟାମନ୍ଦିରରେ ପ୍ରଥମରୁ ଅଷ୍ଟମ ଯାଏ ଶିକ୍ଷା ଲାଭ କରିଥିଲେ ମଧୁସ୍ମିତା। ଏହାପରେ ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ୯ମ ଓ ୧୦ମ ପଢ଼ିଥିଲେ। ବରଗଡ଼ ବିକାଶରେ ଯୁକ୍ତ୨, ଭିଏସ୍‌ଏସ୍‌ୟୁଟି ବୁର୍ଲାରେ ସିଭିଲ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପ୍ରଥମ ପ୍ରୟାସରେ ହିଁ ସେ ଓଏଏସ୍ ପାଇଛନ୍ତି। ଆଗକୁ ଆଇଏଏସ ହେବା ପାଇଁ ତାଙ୍କର ଲକ୍ଷ୍ୟ ରହିଛି ବୋଲି ମଧୁସ୍ମିତା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମସିହାରେ ମଧୁସ୍ମିତାଙ୍କ ବଡ଼ ଭଉଣୀ ଲୋପାମୁଦ୍ରା ସାମଲ ୩୨ ନମ୍ବର ର୍ୟାଙ୍କ ରଖି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।

## ‘ଲୋକଙ୍କ ସେବା କରିବି’
### ୧୫ ର୍ୟାଙ୍କ୍‌ରେ ସ୍ୱାଗତିକା

ଭଦ୍ରକ, ୩୧।୭(ସନାତନ ରାଉତ)

ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୫ ର୍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ବ୍ଲକ ବେନ୍ତାଳ ପଞ୍ଚାୟତ ଅଧୀନ ବେଣିପୁର ଗାଁ ଗୋପାଳବିନ୍ଧା ମହାନ୍ତିସାହିର ସ୍ୱାଗତିକା ମହାନ୍ତି (୨୮)। ସେ କହନ୍ତି, ଭୁବନେଶ୍ୱରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଆୟୁଷ ବିଭାଗରେ ଚାକିରି କରିଥିବା ବେଳେ ସନ୍ଧ୍ୟା ସମୟରେ ଏହି ପରୀକ୍ଷା ପାଇଁ ପ୍ରତ୍ୟେକ ଦିନ ୫ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ପରିଶ୍ରମ କରୁଥିଲେ। ଟପ୍-୫୦ ଭିତରେ ତାଙ୍କ ନାଁ ରହିବ ବୋଲି ଆଶା ରଖିଥିଲେ। ତାହାଠାରୁ ଅଧିକ ଫଳ ମିଳିଥିବାରୁ ସେ ଖୁସିବ୍ୟକ୍ତ କରିଛନ୍ତି। ବାପା ବିଜୟ କୁମାର ମହାନ୍ତି ଖୋର୍ଦ୍ଧା ଡିଭିଜନର ରେଳ ବିଭାଗ କର୍ମଚାରୀ ଭାବେ ଚାକିରିରୁ ଅବସର ନେଇଥିବା ବେଳେ ମା’ ଶୁଭଶ୍ରୀ ମହାନ୍ତି ଗୃହିଣୀ। ଏହି ପରୀକ୍ଷା ପ୍ରସ୍ତୁତି ନେଇ ସେ ଭାଙ୍ଗିପଡ଼ିଥିଲେ। ମା’ ବାପାଙ୍କ ପ୍ରେରଣା ତାଙ୍କ ଆତ୍ମବିଶ୍ୱାସ ବଢ଼ାଇଥିଲା। ଭାଇ ଜୀବନ ଆନନ୍ଦ ମହାନ୍ତି, ଭାଉଜ ମଧୁସ୍ମିତା ବେହେରା ଓ ୬ ମାସ ତଳେ ଦେହାନ୍ତ ହୋଇଥିବା ଜେଜେମା’ ତାଙ୍କୁ ଏଥିପାଇଁ ଅଧିକ ଉତ୍ସାହିତ କରିଥିଲେ। ହେଲେ ଏହି ସଫଳତା ଦେଖିବାକୁ ଜେଜେମା’ ରହିଲେନି। ଲୋକଙ୍କୁ ସେବା ଯୋଗାଇବା ପାଇଁ ଲକ୍ଷ୍ୟ ରଖିଥିବା ସେ କହିଛନ୍ତି।


ସ୍ୱାଗତିକା ମହାନ୍ତି

## ଦକ୍ଷ ପ୍ରଶାସକ ହେବି: ବିପୁଳ

ଭୁବନ, ୩୧।୭ (ବିପିନ ବିହାରୀ ସେଠୀ)



ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ୨୦୮ତମ ର୍ୟାଙ୍କରେ ଅଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆ (ଖ) ଗ୍ରାମର ବିପୁଳ ସୁନ୍ଦର ସାହୁ। ବାରୁଆ ପଞ୍ଚାୟତର ସରପଞ୍ଚ ଥିବା ବୀଣାପାଣି ସାହୁ ଓ ପୋଲିସ ସବ୍‌ଇନ୍ସପେକ୍ଟର ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ବିନୟ କୁମାର ସାହୁଙ୍କ ପୁତ୍ର ହେଉଛନ୍ତି ବିପୁଳ। ସେ ରାଉରକେଲା ସରସ୍ୱତୀ ଶିଶୁ ମନ୍ଦିରରୁ ମାଟ୍ରିକ ପାସ୍ କରିବା ପରେ ଭୁବନେଶ୍ୱର କିଟ୍ ବିଜ୍ଞାନ କଲେଜରେ ଯୁକ୍ତ ୨ ଓ ଭୁବନେଶ୍ୱର ସିନର୍ଜୀ କଲେଜରେ ଇଞ୍ଜିନିୟରିଂ କରିଥିଲେ। ସେ ନିଜର ସଫଳତା ପାଇଁ ମା’ ବାପାଙ୍କୁ ଶ୍ରେୟ ଦେଇଛନ୍ତି। ଜଣେ ଦକ୍ଷ ପ୍ରଶାସକ ଭାବେ ପ୍ରତିଷ୍ଠିତ ହେବା ସହିତ ଅସହାୟ ଗରିବ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ବିପୁଳ କହିଛନ୍ତି।

## ୧୧୮ତମ ସ୍ଥାନରେ ଦେବାଶିଷ

ଭୁବନେଶ୍ୱର,୩୧।୭(ଅନିଲ ଦାସ)



ଦେବାଶିଷ ଆଚାର୍ଯ୍ୟ ସୋମବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ଦ୍ୱାରା ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୧୮ ତମ ର୍ୟାଙ୍କ ପାଇଛନ୍ତି। ଦେବାଶିଷ ୨୦୧୨ରେ ମାଟ୍ରିକ୍‌ରେ ଟପ୍-୧୦୦ରେ ସଫଳତା ପାଇଥିଲେ। ବିଜେବି କଲେଜରୁ ଯୁକ୍ତ ୨ ବିଜ୍ଞାନରେ କୃତକାର୍ଯ୍ୟ ହେବା ପରେ ସେ ଏନ୍‌ଆଇଟି ରାଉରକେଲାରେ କେମିକାଲ ଇଂଜିନିୟରିଂ ଡିଗ୍ରୀ ହସଲ କରିଛନ୍ତି। ଏହାପୂର୍ବରୁ ସେ ଆଇଏମ୍ଏମ୍‌ଟି ଭୁବନେଶ୍ୱରରେ କାର୍ଯ୍ୟ କରିଥିଲେ। ସେ ଧରିତ୍ରୀରେ କାର୍ଯ୍ୟରତ ବରିଷ୍ଠ ପ୍ରୁଫରିଡର ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ବଡପୁଅ।

## ଲୋକଙ୍କ ସେବାକୁ ଗୁରୁତ୍ୱ ଦେବି: ସ୍ୱାତୀ

ପୁରୀ,୩୧।୭(ଅଜିତ ମହାନ୍ତି)



ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ପୁରୀ ଗୌଡ଼ବାଡ ସାହିର ଜମ୍ବେଶ୍ୱର ମନ୍ଦିର ନିକଟସ୍ଥ ଶ୍ରୀମନ୍ଦିରର ସୁପକାର (ସୁଆର) ସେବକ ରାମଚନ୍ଦ୍ର ସୁଆରଙ୍କ ଜ୍ୟେଷ୍ଠ କନ୍ୟା ସ୍ୱାତୀ ସ୍ନିଗ୍ଧା ସୁଆର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ୫୧ ନମ୍ବର ର୍ୟାଙ୍କ ହାସଲ କରିଛନ୍ତି। ସ୍ୱାତୀ ଓଡ଼ିଶା ସରକାରଙ୍କ ଅଧୀନ ସୂଚନା ଓ ଲୋକ ସମ୍ପର୍କ ବିଭାଗରେ ସୂଚନା ଅଧିକାରିଣୀ ଭାବେ କାର୍ଯ୍ୟ କରୁଥିଲେ। ସେବାୟତ କୁଳରେ ଜନ୍ମ ନେଇଥିବା ସ୍ୱାତୀ ଓଏଏସ୍ ପାଇବା ଶ୍ରୀଜଗନ୍ନାଥ ମନ୍ଦିର ସେବକ ସମାଜ ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଛି। ପ୍ରଥମ ସ୍ତରରେ ଲୋକଙ୍କ ସେବାକୁ ଗୁରୁତ୍ୱ ଦେବି ବୋଲି ସ୍ୱାତୀ କହିଛନ୍ତି।

## ବାପାଙ୍କ ଲାଗି ସଫଳତା ମିଳିଛି: ଲିପିଶ୍ୱେତା

ଗୋପ,୩୧।୭(ଭାରତୀ ଭୂଷଣ ଉପାଧ୍ୟାୟ)



ମୋ ବାପାଙ୍କ ଯୋଗୁ ମୁଁ ଆଜି ଏପରି ସଫଳତା ହାସଲ କରିପାରିଛି। କାହିଁକି ନାଁ ମୋ ପାଠପଢ଼ା ସମୟରେ ସମସ୍ତ ପ୍ରକାର ପ୍ରସ୍ତୁତି ସାହାଯ୍ୟର ହାତ ବଢ଼ାଇ ଦେଇଛନ୍ତି ମୋ ବାପା ଓ ମୋ ପରିବାର। ଚାଷୀ ଘରର ଝିଅ ହୋଇଥିଲେ ମଧ୍ୟ ସବୁ ପ୍ରକାରର ସାହାଯ୍ୟ ମିଳିଥିବାରୁ ସଫଳତା ପାଇପାରିଛି ବୋଲି କହିଛନ୍ତି ଓଡ଼ିଶା ପ୍ରସାଶନିକ ସେବା କ୍ଷେତ୍ରରେ ୧୮୧ ସ୍ଥାନରେ ରହିଥିବା ଲିପିଶ୍ୱେତା ସାହୁ। ସେ ହେଲେ ଗୋପ ବ୍ଲକ ଅନ୍ତର୍ଗତ ମହଲପଡା ପଞ୍ଚାୟତ ର ଖରିପଡିଆ ଗ୍ରାମର ଦିଲିପ କୁମାର ସାହୁଙ୍କ ଝିଅ। ତାଙ୍କର ଏହି ସଫଳତା ଯୋଗୁ ମହଲପଡ଼ା ପଞ୍ଚାୟତର ସରପଞ୍ଚ ଶୀର୍ଷ ରଞ୍ଜନ ନାୟକ, ଏରବଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଭୂତି ଭୂଷଣ ସାହୁଙ୍କ ସହିତ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି।

## କଠିନ ପରିଶ୍ରମ, ଇଚ୍ଛାଶକ୍ତି ଥିଲେ ସଫଳ ନିଶ୍ଚିତ: ପ୍ରକାଶ

ନିମାପଡ଼ା,୩୧।୭(ବିଚିତ୍ରାନନ୍ଦ ସାହୁ)



ଓଡ଼ିଶା ସିଭିସ୍ ସର୍ଭିସ(ଓଏଏସ୍) ପରୀକ୍ଷାରେ ନିମାପଡ଼ା ବ୍ଲକ ଅଧୀନ ଧନୁଆଁ ପଞ୍ଚାୟତ ବଉଳପଦା ଗ୍ରାମର ଗଜେନ୍ଦ୍ର ପରିଡ଼ାଙ୍କ ପୁଅ ପ୍ରକାଶ ପରିଡ଼ା ୨୪୦ ର୍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ଏହି ସଫଳତା ପାଇଁ ଭଗବାନ, ମା’-ବାପା, ପରିବାରର ସମସ୍ତଙ୍କୁ ଶ୍ରେୟ ଦେଇଛନ୍ତି। ତାଙ୍କ ବାପା ଜଣେ ସଫଳ ପାଲା ଗାୟକ କଳାକାର, ମା’ ଉର୍ମିଳା ଗୃହିଣୀ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତି ଥିଲେ ସଫଳତା ନିଶ୍ଚିତ ବୋଲି ସେ ମତପ୍ରକାଶ କରିଛନ୍ତି। ପ୍ରକାଶଙ୍କ ଏହି ସଫଳତା ପାଇଁ ସ୍ଥାନୀୟ ବିଧାୟକ ସମୀର ରଞ୍ଜନ ଦାଶ, ଭାଜପା ଉପସଭାପତି ପ୍ରଭାତୀ ପରିଡ଼ା, ଦଳର ବରିଷ୍ଠ ନେତା ଦିଲୀପ ନାୟକ ପ୍ରମୁଖ ସାଧୁବାଦ ଜଣାଇଛନ୍ତି।

## ଦେଶ ସେବାରେ ନିୟୋଜିତ ରହିବି: ସତ୍ୟଲକ୍ଷ୍ମୀ

**ବାରଙ୍ଗ,୩୧।୭(ଲିଙ୍ଗରାଜ ରାଉତ):** ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ କଟକ ଜିଲା ବାରଙ୍ଗ ବ୍ଲକ ସାନମୁଣ୍ଡଳୀର ଅମିୟ ସାମନ୍ତରାୟଙ୍କ ଝିଅ ସତ୍ୟଲକ୍ଷ୍ମୀ ସାମନ୍ତରାୟ ୮୦ ର୍ୟାଙ୍କରେ କୃତକାର୍ଯ୍ୟ ହୋଇଛନ୍ତି। ପରିଶ୍ରମର ଶ୍ରେୟ ପିତାମାତା, ପରିବାର, ଗୁରୁଜନଙ୍କୁ ସେ ଦେଇଛନ୍ତି। ଦେଶ ସେବାରେ ନିୟୋଜିତ ରହିବି ବୋଲି ସତ୍ୟଲକ୍ଷ୍ମୀ କହିଛନ୍ତି।

## ଦେଶ, ରାଜ୍ୟବାସୀଙ୍କ ପାଇଁ ସେବା କରିବି: ଦେବୀପ୍ରସାଦ

**ନିମାପଡ଼ା,୩୧।୭(ବିଚିତ୍ରାନନ୍ଦ ସାହୁ):** ନିମାପଡ଼ା ବ୍ଲକ ଅନ୍ତର୍ଗତ ଅରିଷଣ୍ଡ ପଞ୍ଚାୟତ ବିଜିପୁର ଗ୍ରାମର ଦେବୀପ୍ରସାଦ ମହାପାତ୍ର ଓଏଏସ୍ ପାଇଛନ୍ତି। ସେ ୮୬ ର୍ୟାଙ୍କରେ ରହିଛନ୍ତି। ସଫଳତା ପାଇଁ ସମସ୍ତ ଶ୍ରେୟ ମା’-ବାପା, ପରିବାର ବର୍ଗ, ଭଗବାନଙ୍କୁ ଦେଇଛନ୍ତି। ଭବିଷ୍ୟତରେ ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେଇ ଦେଶ ଓ ରାଜ୍ୟବାସୀଙ୍କ ସେବା କରିବେ ବୋଲି କହିଛନ୍ତି।



## କଠିନ ପରିଶ୍ରମ ସଫଳତା ଦେଇଛି: ତୃପ୍ତିମୟୀ

ବାରଙ୍ଗ,୩୧।୭(ଲିଙ୍ଗରାଜ ରାଉତ): ଓଡ଼ିଶା ପ୍ରଶାସନିକ ସେବା(ଓସିଏସ୍) ପରୀକ୍ଷାରେକଟକ ଜିଲା ବାରଙ୍ଗ ବ୍ଲକର ମଧୁବନ ଗ୍ରାମର ରାଜକିଶୋର ଖଟୁଆଙ୍କ ଝିଅ ତୃପ୍ତିମୟୀ ଖଟୁଆ ସଫଳତା ହାସଲ କରିଛନ୍ତି। ସେ ୧୮୩ ର୍ୟାଙ୍କରେ ଅଛନ୍ତି। ଏଥିପାଇଁ ସାଙ୍ଗ, ବନ୍ଧୁ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟିଛି। କଠିନ ପରିଶ୍ରମ ଦ୍ୱାରା ସଫଳତା ମିଳିପାରିଛି ବୋଲି ତୃପ୍ତିମୟୀ କହିଛନ୍ତି।

## ଅବସରପ୍ରାପ୍ତ ଏଏସ୍‌ଆଇଙ୍କୁ ୨ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର,୩୧।୭
(ସତ୍ୟଜିତ୍ ରାଉତ)

**ଲାଞ୍ଚ ମାମଲାର ରାୟ**

ଏକ ମାମଲାର ତଦନ୍ତ ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଲାଞ୍ଚ ନେବା ମାମଲାର ରାୟ ସୋମବାର ଭୁବନେଶ୍ୱର ଅତିରିକ୍ତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ପ୍ରକାଶ ପାଇଛି। ଏହି ମାମଲାରେ ପୁରୀ ଜିଲା ଗୋପ ଥାନାର ପୂର୍ବତନ ତଥା ଅବସରପ୍ରାପ୍ତ ଏଏସ୍‌ଆଇ ଭିକ୍ଷାକାରୀ ମହାପାତ୍ର (୭୩) ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ତାଙ୍କୁ ୨ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କାର ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଛି। ଏହି ଜରିମାନା ଅନାଦାୟେ ଅଧିକ ୬ ମାସ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ସସ୍ମିତା ପାଢ଼ୀ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ୨୦୦୧ ଜୁନ ୮ରେ ଗୋପ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କୁ ତାଙ୍କ ଗାଁରେ କେତେଜଣ ଲୋକ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ଅଭିଯୋଗ ଆଧାରରେ ଗୋପ ଥାନାରେ ଏକ ମାମଲା (ନଂ.୧୨୧/୨୦୦୧) ରୁଜୁ କରାଯାଇଥିଲା। ଭିକ୍ଷାକାରୀ ମାମଲାର ତଦନ୍ତ ଅଧିକାରୀ ଥିଲେ। ହେଲେ ଭିକ୍ଷାକାରୀ ତଦନ୍ତକୁ ଆଗକୁ ବଢ଼ାଇବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ତାଙ୍କୁ ୧ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପରେ ୫ଶହ ନେବାକୁ କଥା ଛିଡ଼ିଥିଲା। ଏନେଇ ଆହତ ବ୍ୟକ୍ତିଙ୍କ ଭଣଜା ସେକ୍ ମୁନା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଜୁନ୍ ୧୪ରେ ଭିକ୍ଷାକାରୀ ନିଜ ଅଫିସରେ ଲାଞ୍ଚ ଟଙ୍କା ଗ୍ରହଣ କରିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଧରିଥିଲା। ଏନେଇ ଭୁବନେଶ୍ୱର ଭିଜିଲାନ୍ସ ଡିଭିଜନ ପକ୍ଷରୁ ଏକ ମାମଲା (ନଂ.୧୯/୨୦୦୧) ରୁଜୁ କରାଯାଇ ଭିକ୍ଷାକାରୀଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଥିଲା। ସେ ଜେଲ ଯାଇ ଜାମିନରେ ଆସିଥିଲେ। ୨୦୦୪ରେ ଭିଜିଲାନ୍ସ ଏହି ମାମଲାରେ ଚାର୍ଜଶିଟ୍ ଦାଖଲ କରିବା ପରେ କୋର୍ଟରେ ଶୁଣାଣି ଆରମ୍ଭ ହୋଇଥିଲା। ଏହି ମାମଲାରେ ୭ ଜଣଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଦସ୍ତାବିଜ୍‌ରେ ବିଚାରପତି ରାୟ ଶୁଣାଇଥିଲେ। ସ୍ୱତନ୍ତ୍ର ସରକାରୀ ଓକିଲ କାମଦେବ ତ୍ରିପାଠୀ ମାମଲା ପରିଚାଳନା କରୁଥିଲେ। ଅନ୍ୟପକ୍ଷରେ ଏହି ଦଣ୍ଡାଦେଶକୁ ଆଧାର କରି ଭିକ୍ଷାକାରୀ ପାଉଥିବା ପେନସନ୍ ରାଶିକୁ ବନ୍ଦ କରିବାକୁ କମ୍ପିଟେଣ୍ଟ ଅଥରିଟିକୁ ଜଣାଇ ଦିଆଯାଇଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

## ଆର୍‌ଡି ରାସ୍ତାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଫଳକ ଲଗାଇ ଲୁଟ୍

- ଆନନ୍ଦପୁର ବ୍ଲକ୍‌ରେ ମହାଦୁର୍ନୀତି
- ପ୍ରଥମ ବିଲ୍ ଉଠାଯାଇଛି

ଆନନ୍ଦପୁର/କଣ୍ଟିପାଳ, ୩୧।୭
(ସନ୍ତୋଷ ରାଉତ/ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ଅଧୀନ କଣ୍ଟିପାଳ ପଞ୍ଚାୟତରେ ମହାଦୁର୍ନୀତି ନଜରକୁ ଆସିଛି। ଆରଡି ବିଭାଗ ଦ୍ୱାରା ନିର୍ମାଣ ହୋଇଥିବା ଏକ ରାସ୍ତାରେ ଏମଜିଏନ୍‌ଆର୍‌ଇଜିଏସ୍(ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା)ର ନାମଫଳକ ଲଗାଯାଇ ଅର୍ଥ ହରିଲୁଟ୍ ହୋଇଛି। ଏହି ଅନିୟମିତତାର ନିରପେକ୍ଷ ତଦନ୍ତ କରାଗଲେ ଗୁମର ଫିଟନ୍ତା ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଆନନ୍ଦପୁର ବ୍ଲକ୍ କଣ୍ଟିପାଳ ପଞ୍ଚାୟତରେ ଥିବା ୫୩ ନଂ. ରାଜ୍ୟ ରାଜପଥରୁ ମଠସାହି ପର୍ଯ୍ୟନ୍ତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନିର୍ମାଣ ହେଉଛି। କାର୍ଯ୍ୟ ଅବଧି ଶେଷ ହୋଇଥିଲେ ବି ନିର୍ମାଣ କାର୍ଯ୍ୟ ଶେଷ ହୋଇନି। ଅନ୍ୟପକ୍ଷରେ ଏହି ରାସ୍ତାକୁ ଦର୍ଶାଯାଇ ଏମଜିଏନ୍‌ଆର୍‌ଇଜିଏସ୍‌ରେ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଦୁଇଟି ରାସ୍ତାର ଅର୍ଥ ହଡ଼ପ ହୋଇଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଡିସେମ୍ବର ୨୦୨୨ରେ ସାଉଁତି ସାହିଠାରୁ ନଦା ଓ ମାର୍ଚ୍ଚ ୨୦୨୩ରେ ରତେଇ ସାହି ତାରିଣୀ ଶାଳଠାରୁ ନଦା ଦୁଇଟି କାର୍ଯ୍ୟାଦେଶରେ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରାଯାଇଛି। ପ୍ରଶାସନର ଜାଣତରେ ଏଭଳି ଦୁର୍ନୀତିକୁ ପ୍ରୋତ୍ସାହନ ଦିଆଯାଉଥିବାବେଳେ ହାତଗୁଞ୍ଜାରେ ପ୍ରଶାସନ ଚୁପ୍ ବସୁଥିବା ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ଘଟଣା ନଜରକୁ ଆସିବା ପରେ ଆନନ୍ଦପୁର ବିଡିଓ ଏମଜିଏନ୍‌ଆର୍‌ଇଜିଏସ୍ ବିଲ୍‌କୁ ବନ୍ଦ କରି ତଦନ୍ତ ପାଇଁ ପଦକ୍ଷେପ ନେବାକୁ କହିଛନ୍ତି। ବିଡିଓ ପଞ୍ଚାନନ ମଲ୍ଲିକ କହିଛନ୍ତି, ପ୍ରଥମ ପର୍ଯ୍ୟାୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ହୋଇଥିଲା। ସେଥିରେ ହୋଇଥିବା କାମ ଅନୁସାରେ ଅନୁଦାନ ଦିଆଯାଇଛି। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ହେବା ସମୟରେ ଏହି ରାସ୍ତା ଆରଡି ବିଭାଗ ଅଧୀନକୁ ଆସିଥିବା ଜଣାପଡ଼ିବା ପରେ କାର୍ଯ୍ୟ ବନ୍ଦ କରାଯାଇଛି। ଯେଉଁ କାର୍ଯ୍ୟ ହୋଇଛି କ’ଣ ତାର ସତ୍ୟାସତ୍ୟ ରହିଛି, ତଦନ୍ତ ପରେ ଅବଗତ କରାଯିବ ବୋଲି କହିଥିଲେ।

## ଭିଜିଲାନ୍ସ ଜାଲରେ ଟିଡିସିସିଓଏଲ୍‌ର ପୂର୍ବତନ ଜିଏମ୍

ବ୍ରହ୍ମପୁର(ସୁବାସ ଚନ୍ଦ୍ର ପାଢ଼ୀ)୩୧।୭

ଗଜପତି ଜିଲା ଆର. ଉଦୟଗିରି ଆଦିବାସୀ ଉନ୍ନୟନ ସମବାୟ ନିଗମ ଲିମିଟେଡ (ଟିଡିସିସିଓଏଲ୍)ର ପୂର୍ବତନ ଜେନେରାଲ ମ୍ୟାନେଜର ରୋହିତ କୁମାର ପରିଡା ସୋମବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସେ ମଧ୍ୟାହ୍ନରେ ବସ୍‌ରେ ଭୁବନେଶ୍ୱର ଆସୁଥିବା ବେଳେ ବ୍ରହ୍ମପୁର ଭିଜିଲାନ୍ସ ଟିମ୍ ଚନ୍ଦ୍ରଗିରିଠାରେ କାବୁ କରିଛନ୍ତି। ତାଙ୍କ ନିକଟରୁ ୫ଲକ୍ଷ ୫୪ ହଜାର ଟଙ୍କା ଜବତ କରାଯାଇଛି। ପରିଡାଙ୍କ ସରକାରୀ କ୍ୱାର୍ଟର୍ସ, ଚନ୍ଦ୍ରଗିରି ଓ ଆର. ଉଦୟଗିରି, ଭୁବନେଶ୍ୱର ଶିଶୁପାଳଗଡ଼, ଗଙ୍ଗୋତ୍ରୀନଗର ବାସଭବନ, କେନ୍ଦୁଝର ଜିଲା କାଶୀପୁର ଠାରେ ଥିବା ଏକ ଘରେ ଭିଜିଲାନ୍ସ ଟିମ ପୃଥକ ଭାବେ ଚଢାଉ ଜାରି ରଖିଛି। ପରିଡାଙ୍କୁ ଗିରଫ କରାଯାଇଛି। ମାମଲା ନଂ. ୧୩/୨୩ ରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ଟିଡିସିସିଓଏଲ୍‌ର ପୂର୍ବତନ ମ୍ୟାନେଜର ପରିଡା ବିଭିନ୍ନ ଅନୁଷ୍ଠାନରୁ ବେଆଇନ ଭାବେ ଅର୍ଥ ସଂଗ୍ରହ କରୁଥିବା ନେଇ ଭିଜିଲାନ୍ସ ନିକଟରେ ଅଭିଯୋଗ ହୋଇଥିଲା। ଏହି ତଥ୍ୟ ଆଧାରରେ ରାଜ୍ୟ ଭିଜିଲାନ୍ସ ବିଭାଗ ତାଙ୍କ ଗତିବିଧି ଉପରେ ନଜର ରଖିଥିଲା। ବିଶ୍ୱସ୍ତସୂତ୍ରରୁ ଖବରପାଇ ଭିଜିଲାନ୍ସ ଟିମ ୫. ୫୪ ଲକ୍ଷ ଟଙ୍କା ସହ ତାଙ୍କୁ କାବୁ କରିଥିଲା। ସେ ନେଉଥିବା ଟଙ୍କାର ହିସାବ ଭିଜିଲାନ୍ସ ଟିମକୁ ଦେଇପାରି ନ ଥିଲେ। ରୋହିତ ଉକ୍ତ ଟଙ୍କା ଧରି ବସ ଯୋଗେ ଭୁବନେଶ୍ୱର ଖସି ପଳାଇବା ପାଇଁ ବସକୁ ଅପେକ୍ଷା କରିଥିଲେ ବୋଲି ଭିଜିଲାନ୍ସ ଟିମ ସୂଚନା ଦେଇଛନ୍ତି।

## ଏନ୍‌ଏଚ୍ ୪୯ ଓଏମ୍‌ସି ଛକରେ ସିରିଜ୍ ଦୁର୍ଘଟଣା

କେନ୍ଦୁଝର, ୩୧।୭
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ଜଣେ ମୃତ, ୧୧ରୁ ଉର୍ଦ୍ଧ୍ୱ ଆହତ**


ଦୁର୍ଘଟଣାଗ୍ରସ୍ତ ବସ୍।

କେନ୍ଦୁଝର ସଦର ଥାନା ଶୁଆକାଟି ଓଏମ୍‌ସି ଛକ ଏନ୍‌ଏଚ୍ ୪୯ରେ ସୋମବାର ସିରିଜ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବୁଲେଟ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ରୁ ଉର୍ଦ୍ଧ୍ୱ ବସ୍‌ଯାତ୍ରୀ ଆହତ ହୋଇଛନ୍ତି। ମୃତକ ପାଟଣା ଥାନା ଖଡ଼ିକାପଦା ଗ୍ରାମର ତ୍ରିନାଥ ମହାନ୍ତ। ଗୁରୁତରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣା ପରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଗାଡ଼ି ଅଟକି ରହିଥିଲା।

ସୂଚନା ଅନୁଯାୟୀ, ତ୍ରିନାଥ କେନ୍ଦୁଝର ସହରରେ ଏକ ମୋଟର ସାଇକେଲ ଗ୍ୟାରେଜ କରିଥିଲେ। ସୋମବାର ପୂର୍ବାହ୍ନ ୧୧ଟାରେ କୌଣସି କାମରେ ଶୁଆକାଟି ଯାଉଥିଲେ। ଓଏମ୍‌ସି ଛକରେ ଏକ ସିମେଣ୍ଟ ବୋଝେଇ ଟ୍ରକ୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ସେ ରାସ୍ତାରେ ଛିଟିକି ପଡ଼ିଥିବା ବେଳେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ସମୟରେ ରାସ୍ତା ଜାମ୍ ହୋଇଯାଇଥିବା ବେଳେ କେନ୍ଦୁଝରରୁ କାଞ୍ଜିପାଣି ଆଡକୁ ଯାଉଥିବା ଅମ୍ବା ବସ୍ ପଛରେ ଏକ ଟ୍ରକ୍ ଧକ୍କା ଦେବାରୁ ୧୧ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆଉ ଏକ ମିନିବସ ଦୁର୍ଘଟଣା ଘଟାଇଥିବା ଟ୍ରକ୍ ପଛରେ ପିଟି ହୋଇ ରାସ୍ତାକଡ଼ ଡ୍ରେନ୍ ଭିତରକୁ ପଶିଯାଇଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଆହତଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେହିପରି ଜାତୀୟ ରାଜପଥ ୪୯ରେ ତେନ୍ତୁଳି ପାର୍କିଂ ନିକଟରେ ୨ ଟ୍ରକ୍ ମଧ୍ୟରେ ଧକ୍କା ହୋଇଛି। ଫଳରେ କିଛି ସମୟ ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଥିଲା। ପ୍ରକାଶଯୋଗ୍ୟ, ଓଡ଼ିଶା ଖଣି ନିଗମର ନିଜସ୍ୱ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଦୈନିକ ଶହ ଶହ ଟ୍ରକ୍ ଜାତୀୟ ରାଜପଥ ଉପରେ ଛିଡ଼ା ହୋଇ ରହୁଛି। ଲୁହାପଥର ଲୋଡିଂ ପାଇଁ ଅଞ୍ଚରଠାରୁ ଶୁଆକାଟି ପର୍ଯ୍ୟନ୍ତ ଟ୍ରକ୍ ରାସ୍ତାରେ ଛିଡ଼ା ହାଇ ରହୁଥିବାରୁ ଟ୍ରାଫିକ ସମସ୍ୟା ଉପୁଜୁଛି। ରାସ୍ତା ସଙ୍କୀର୍ଣ୍ଣ ହୋଇଯାଉଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି।

# ନକ୍‌ଆଉଟରେ ଜାପାନ, ଅଷ୍ଟ୍ରେଲିଆ, ନାଇଜେରିଆ

**ହାମିଲଟନ୍, ୩୧।୭ (ପି.ଟି.)**

ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଅଷ୍ଟ୍ରେଲିଆ,ଜାପାନ ଓ ନାଇଜେରିଆ। ସୋମବାର ଜାପାନ, ଜାମ୍ବିଆ ଓ ଅଷ୍ଟ୍ରେଲିଆ ବିଜୟୀ ହୋଇଥିବା ବେଳେ ନାଇଜେରିଆ ଓ ଆୟର୍ଲାଣ୍ଡ ପଏଣ୍ଟ ବାଣ୍ଟିଛନ୍ତି। ଜାମ୍ବିଆ ଏହାର ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ମଧ ରେକର୍ଡ କରିଛି।

**ଜାମ୍ବିଆର ପ୍ରଥମ ବିଜୟ:** ଟୁର୍ନାମେଣ୍ଟରୁ ଆଗୁଆ ବିଦାୟ ନେଇ ସାରିଥିବା ଜାମ୍ବିଆ ଏହାର ପ୍ରଥମ ବିଜୟ ରେକର୍ଡ କରିଛି। ଅନ୍ତିମ ଲିଗ୍ ମ୍ୟାଚରେ କୋଷ୍ଟାରିକାକୁ ୩-୧ରେ ପରାସ୍ତ କରିଛି ଜାମ୍ବିଆ। ମ୍ୟାଚ୍‌ର ତୃତୀୟ ମିନିଟରେ ଲୁଶୋମୋ ଏମ୍‌ୱିିଆ ଟୁର୍ନାମେଣ୍ଟର ଦ୍ରୁତତମ ଗୋଲ ସ୍କୋର କରିଥିଲେ। ୩୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରରୁ ବାର୍ବରା ବନ୍ଦା ଗୋଲ ସ୍କୋର କରିବା ସହିତ ଦଳକୁ ୨-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟରେ କୋଷ୍ଟାରିକା ପକ୍ଷରୁ ଡାଫନେ ମେଲିସା ଗୋଟିଏ ଗୋଲ ପରିଶୋଧ କରିଥିଲେ। ୯୦+୩ ମିନିଟରେ ରାଫେଲ କୁଣ୍ଡାନାଞ୍ଜି ଏକ ଗୋଲ ଦେବା ସହିତ ଦଳକୁ ୩-୧ରେ ବିଜୟୀ କରିଥିଲେ।

**ଅପରାଜେୟ ଜାପାନ:** ସୋମବାର ସ୍ପେନ୍‌କୁ ୪-୦ ଗୋଲରେ ପରାସ୍ତ କରିବା ସହିତ ଗ୍ରୁପ୍ ସିର ଟପ୍ପର ଭାବରେ ନକ୍‌ଆଉଟରେ ପ୍ରବେଶ କରିଛି। ୩ ଟି ଯାକ ମ୍ୟାଚରେ ଅପରାଜେୟ ରହିବା ସହିତ ୯ ପଏଣ୍ଟ ଅର୍ଜନ କରିଛି ଜାପାନ। ସ୍ପେନ୍ ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହିତ ମ୍ୟାଚ୍‌ର ୭୮% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ଜାପାନ ଚମତ୍କାର କାଉଣ୍ଟର ଆଟାକ୍ କରିଥିଲା। ଜାପାନ ପକ୍ଷରୁ ହିଣ୍ଟା ମାୟିଜୱା (୧୨ ଓ ୪୦ମିନିଟ) ଡବଲ ଗୋଲ ସ୍କୋର କରିଥିବା ବେଳେ ରିକୋ ୟୁଏକି(୨୯) ଓ ମିନା ଟନାକା (୮୨) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ଜାପାନ ୩ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୮୨ ତମ ମିନିଟରେ ଟନାକା ବଦଳ ଖେଳାଳି ଭାବରେ ଆସି ସ୍କୋର କରିଥିଲେ। ପରାଜିତ ହୋଇଥିଲେ ମଧ୍ୟ ସ୍ପେନ୍ ଗ୍ରୁପ୍ ସିରୁ ଦ୍ୱିତୀୟ ଦଳ ଭାବରେ ନକ୍ ଆଉଟରେ ସ୍ଥାନ ସୁରକ୍ଷିତ କରି ନେଇଛି।

**ମହିଳା ଫିଫା ବିଶ୍ୱକପ**

**ନକ୍‌ଆଉଟରେ ଅଷ୍ଟ୍ରେଲିଆ:** ଆୟୋଜକ ଦେଶ ଅଷ୍ଟ୍ରେଲିଆ ଏହାର ଅନ୍ତିମ ଲିଗ୍ ମ୍ୟାଚରେ କାନାଡାକୁ ୪-୦ରେ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି। ହେଲି ରାସୋ ଡବଲ୍ ଗୋଲ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆହତ ସମସ୍ୟାରେ ଥିବା ଅଷ୍ଟ୍ରେଲିଆ ପକ୍ଷରୁ ୯ମ ମିନିଟରେ ରାସୋ ପ୍ରଥମ ଗୋଲ କରିଥିଲେ। ୩୯ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ସହିତ ଦଳର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ୫୮ ତମ ମିନିଟରେ ମେରୀ ଫାଓଲର ଅଷ୍ଟ୍ରେଲିଆ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ଇଞ୍ଜୁରୀ ଟାଇମରେ ମିଳିଥିବା ପେନାଲ୍ଟିରୁ ଗୋଲ କରିବା ସହିତ ଦଳକୁ ୪-୦ରେ ଜିତାଇଥିଲେ ଷ୍ଟିଫାନି କାଟଲି। ପରାଜୟ ସହିତ କାନାଡା ନକ୍‌ଆଉଟ ଦୌଡରୁ ବାଦ ପଡିଛି।

**ପଏଣ୍ଟ ବାଣ୍ଟିଲା ନାଇଜେରିଆ:** ଆୟର୍ଲାଣ୍ଡ ସହିତ ମ୍ୟାଚ୍‌କୁ ୦-୦ରେ ଡ୍ର ରଖିବା ସହିତ ନକ୍ ଆଉଟରେ ପ୍ରବେଶ କରିଛି ନାଇଜେରିଆ। ୩ ମ୍ୟାଚରୁ ଦଳ ଗୋଟିଏ ବିଜୟ ଓ ୨ ଡ୍ର ସହିତ ୫ ପଏଣ୍ଟ ହାସଲ କରିଛି। ଆୟର୍ଲାଣ୍ଡ ଦଳ ମ୍ୟାଚ୍‌ରୁ ୬୦ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ବିଫଳ ହୋଇଥିଲା।


ବାର୍ବରା ବନ୍ଦା

## ଟୁର୍ନାମେଣ୍ଟର ୧୦୦୦ତମ ଗୋଲ୍

ମହିଳା ବିଶ୍ୱକପ୍ ଇତିହାସରେ ୧୦୦୦ ତମ ଗୋଲ ସ୍କୋର କରିଥିଲେ ଜାମ୍ବିଆର ବାର୍ବରା ବନ୍ଦା। ଜାମ୍ବିଆ ଦଳ ଏହାର ପ୍ରଥମ ବିଶ୍ୱକପ ଖେଳୁଥିବା ବେଳେ ୨୩ ବର୍ଷୀୟା ବାର୍ବରା ମଧ ନିଜ ପ୍ରଥମ ବିଶ୍ୱକପ ଖେଳୁଛନ୍ତି। ପ୍ରଥମ ବିଶ୍ୱକପର ତୃତୀୟ ମ୍ୟାଚରେ ଫରୱାର୍ଡ ଖେଳାଳି ବିଶ୍ୱକପ ଇତିହାସର ୧୦୦୦ ତମ ଗୋଲ ସ୍କୋର କରିଥିଲେ। ଆମେରିକା ଦଳଗତ ଭାବରେ ସର୍ବାଧିକ ୧୪୨ ଗୋଲ ସ୍କୋର କରିଥିବା ବେଳେ ବ୍ରାଜିଲର ମାର୍ଟା ସର୍ବାଧିକ ୧୭ ବ୍ୟକ୍ତିଗତ ଗୋଲ ସ୍କୋର କରିଛନ୍ତି।


ଆଶେସ ଟ୍ରଫି ସହ ଦୁଇ ଅଧିନାୟକ ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ ଓ ଇଂଲଣ୍ଡର ବେନ୍ ଷ୍ଟୋକ୍ସ।

# ଓଭାଲ ଟେଷ୍ଟ ଜିତିଲା ଇଂଲଣ୍ଡ

## ଆଶେସ୍ ବଜାୟ ରଖିଲା ଅଷ୍ଟ୍ରେଲିଆ

**ଲଣ୍ଡନ, ୩୧।୭**

କେନିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ପଞ୍ଚମ ଆଶେସ ଟେଷ୍ଟକୁ ଜିତି ନେଇଛି ଇଂଲଣ୍ଡ। କ୍ରିସ୍ ଓକ୍ସ ଓ ମୋଇନ୍ ଅଲୀଙ୍କ ଘାତକ ବୋଲିଂ ବଳରେ ଅଷ୍ଟ୍ରେଲିଆକୁ ୪୯ ରନ୍‌ରେ ପରାସ୍ତ କରିଛି ଇଂଲଣ୍ଡ। ଅନ୍ତିମ ଦିବସରେ ୨୪୯ ରନ୍ ଆବଶ୍ୟକ ରହିଥିବା ବେଳେ ଷ୍ଟିଭେନ୍ ସ୍ମିଥ୍ ଓ ଟ୍ରାଭିସ୍ ହେଡ ଲଢୁଆ ବ୍ୟାଟିଂ କରି ଆଶା ସଞ୍ଚାର କରିଥିଲେ। ବର୍ଷା ବାଧାପ୍ରାପ୍ତ ଅନ୍ତିମ ଦିନରେ କ୍ରିସ୍ ଓକ୍ସ ଓ ମୋଇନ୍ ଅଲୀ ଘାତକ ବୋଲିଂ କରି ଅଷ୍ଟ୍ରେଲିଆ ହାତରୁ ବିଜୟ ଛଡାଇ ନେଇଥିଲେ। ୩୮୪ ରନ୍‌ର ପିଛା କରୁଥିବା ଅଷ୍ଟ୍ରେଲିଆ ସମସ୍ତ ଉଇକେଟ ହରାଇ ୩୩୪ ରନ କରିବାରେ ସମର୍ଥ ହୋଇଥିଲା।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୩୫/୦ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଅନ୍ତିମ ଦିନର ପ୍ରଥମ ସେସନରେ କ୍ରିସ୍ ଓକ୍ସ ଦୁଇ ଓଭର ମଧ୍ୟରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଡେଭିଡ୍ ୱାର୍ନର ପୂର୍ବ ଦିନର ସ୍କୋରରେ ୨ ରନ୍ ଯୋଡି ଓକ୍ସଙ୍କ ପ୍ରଥମ ଶିକାର ହୋଇଥିଲେ। ଏହାର ୧ ରନ୍ ପରେ ଉସ୍‌ମାନ ଖ୍ୱାଜାଙ୍କୁ ନିଜର ଦ୍ୱିତୀୟ ଶିକାର ବନାଇଥିଲେ ଓକ୍ସ। ଦଳୀୟ ସ୍କୋର ୧୬୯ରେ ବ୍ୟକ୍ତିଗତ ୧୩ ରନ୍ କରି ମାର୍ନସ ଲାବୁଶେନ୍ ଆଉଟ ହୋଇଥିଲେ। ଲାବୁଶେନ୍‌ଙ୍କୁ ଆଉଟ କରି ମାର୍କ ଉଡ୍ ଇଂଲଣ୍ଡ ଶିବିରରେ ଆଶା ସଞ୍ଚାର କରିଥିଲେ। ତେବେ ଚତୁର୍ଥ ଉଇକେଟରେ ୯୫ ରନ୍ ଯୋଡିଥିଲେ ଷ୍ଟିଭେନ୍ ସ୍ମିଥ୍(୫୪) ଓ ଟ୍ରାଭିସ୍ ହେଡ୍(୪୩)। ଉଭୟ ୨୩ ଓଭର ଧରି ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କ ମୁକାବିଲା କରିଥିଲେ। ଚା ପାନ ବିରତି ପୂର୍ବରୁ ବର୍ଷା ହେବା କାରଣରୁ ଖେଳ ବନ୍ଦ ରହିଥିଲା। ଚା ପାନ ବିରତିରୁ ଫେରିବା ପରେ ସ୍ମିଥ୍ ଓ ହେଡ୍ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିଥିଲେ। ଚା ପାନ ବିରତି ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ନିୟନ୍ତ୍ରଣରେ ମ୍ୟାଚ ରହିଥିବା ବେଳେ ଇଂଲଣ୍ଡ ପକ୍ଷରୁ ମୋଇନ୍ ଅଲୀ ଓ କ୍ରିସ୍ ଓକ୍ସ ଘାତକ ବୋଲିଂ କରି ମ୍ୟାଚ ଛଡାଇ ଆଣିଥିଲେ। ହେଡ୍ ୪୩ ରନ୍ କରିଥିବା ବେଳେ ମୋଇନ୍ ଅଲୀଙ୍କ ବଲରେ ଆଉଟ ହୋଇଥିଲେ। ଏହାର ୯ ବଲ୍ ପରେ ୫୪ ରନ୍ କରିଥିବା ସ୍ମିଥ୍ ପ୍ୟାଭିଲିୟନ୍ ଫେରିଥିଲେ। ସ୍ମିଥ୍ ଆଉଟ ହେବା ପରେ ପରବର୍ତ୍ତୀ ଦୁଇ ଓଭରରେ ମିଚେଲ ମାର୍ଶ(୬) ଓ ମିଚେଲ୍ ଷ୍ଟାର୍କ(୦) ଆଉଟ ହୋଇ ଅଷ୍ଟ୍ରେଲିଆକୁ ସଙ୍କଟରେ ପକାଇଥିଲେ। ଆଲେକ୍ସ କେରୀ(୨୮), ପ୍ୟାଟ କୁମିନ୍ସ(୯) ଓ ଟଡ ମର୍ଫି (୧୮) କିଛି ସମୟ ଧରି ସଂଘର୍ଷ କରିଥିଲେ। ଅନ୍ତିମ ଟେଷ୍ଟ ଖେଳୁଥିବା ଷ୍ଟୁଆର୍ଟ ବ୍ରଡ ଶେଷ ଦୁଇ ଉଇକେଟ ଅକ୍ତିଆର କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ୪ ଓ ମୋଇନ୍ ଅଲୀ ୩ ଉଇକେଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଷ୍ଟୁଆର୍ଟ ବ୍ରଡ ୨ ଓ ମାର୍କ ଉଡ୍ ୧ ଉଇକେଟ ନେଇଥିଲେ। କ୍ରିସ୍ ଓକ୍ସଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ୍ ଷ୍ଟାର୍କ ଓ ଇଂଲଣ୍ଡ ପକ୍ଷରୁ ଓକ୍ସଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।


କ୍ୟାରିୟର୍‌ର ଶେଷ ଟେଷ୍ଟ ଉଇକେଟ ନେବା ପରେ ଉଲ୍ଲସିତ ଷ୍ଟୁଆର୍ଟ ବ୍ରଡ୍।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୯୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ ୯୪.୪ ଓଭରରେ ୩୩୪/୧୦ (ଡେଭିଡ ୱାର୍ନର-୬୦, ଉସମାନ ଖ୍ୱାଜା-୭୨,ଷ୍ଟିଭ୍ ସ୍ମିଥ୍-୫୪ କ୍ରିସ୍ ଓକ୍ସ-୪/୫୦, ମୋଇନ୍ ଅଲୀ-୩/୭୬, ଷ୍ଟୁଆର୍ଟ ବ୍ରଡ୍-୨/୬୨, ମାର୍କ ଉଡ୍-୧/୩୪)।



ଭୁବନେଶ୍ୱରସ୍ଥିତ ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟିଏ ବା ପ୍ରଚେଷ୍ଟା) ପରିସରରେ ସୋମବାର କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଜାତୀୟ ସିନିୟର ଚେସ୍ ପ୍ରସ୍ତୁତି ଶିବିରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ଦେବବ୍ରତ ଭଞ୍ଜ କ୍ରୀଡ଼ା ନିର୍ଦ୍ଦେଶକଙ୍କୁ ଉପହାର ସ୍ୱରୂପ ଏକ ସ୍ମାରକୀ ପ୍ରଦାନ କରିଛନ୍ତି। କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଫିଡେ ଟ୍ରେନର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବୁମ୍‌ରା ଅଧିନାୟକ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଡବ୍‌ଲିନଠାରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଭାରତୀୟ ଦଳର ନେତୃତ୍ୱ ନେବେ। ବହୁ ଦିନ ଧରି ଆଘାତଜନିତ ସମସ୍ୟାରେ ରହିବା ପରେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩ ମ୍ୟାଚ ବିଶିଷ୍ଟ ସିରିଜ ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଖେଳଯିବ। ନ୍ୟୁଜିଲାଣ୍ଡରେ ପିଠିରେ ଅସ୍ତ୍ରୋପଚାର କରିବା ପରେ ସେ ନ୍ୟାଶନାଲ କ୍ରିକେଟ ଏକାଡେମୀରେ କିଛି ଦିନ ରିହାବିଲିଟେଶନରେ ଥିଲେ। ଏହି ଅଗ୍ରଣୀ ପେସ୍ ବୋଲର ନିକଟରେ ଅଲୁର ଗ୍ରାଉଣ୍ଡରେ ଭ୍ରମଣକାରୀ ମୁମ୍ବାଇ ବିପକ୍ଷରେ ୧୦ ଓଭର ପୁରା କୋଟା ବୋଲିଂ କରିଥିଲେ। ଚୟନକର୍ତ୍ତାମାନେ ଦଳରେ କର୍ନାଟକ ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ ସାମିଲ କରିଛନ୍ତି। ଷ୍ଟ୍ରେସ୍ ଫ୍ରାକ୍‌ଚର ପାଇଁ ଅସ୍ତ୍ରୋପଚାର ପୂର୍ବରୁ ଏହି ଡାହାଣହାତୀ ପେସ୍ ବୋଲର ଭାରତ ପାଇଁ ଶେଷ ଧର ଗତବର୍ଷ ଅଗଷ୍ଟରେ ଜିମ୍ବାୱେ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି।

**ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ**


ଯଶପ୍ରୀତ ବୁମ୍‌ରା

**ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ:** ଯଶପ୍ରୀତ ବୁମ୍‌ରା (ଅଧିନାୟକ), ଋତୁରାଜ ଗାଏକ୍ୱାଡ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ରିଙ୍କୁ ସିଂ, ସଞ୍ଜୁ ସାମ୍‌ସନ (ଉଇକେଟ କିପର), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଶାହାବାଜ ଅହମଦ, ରବି ବିଶ୍ନୋଇ, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ମୁକେଶ କୁମାର ଓ ଆଭେଶ ଖାଁ।

# ବ୍ରିଜ୍ ଭୂଷଣଙ୍କ ଘନିଷ୍ଠ ସଞ୍ଜୟ ସଭାପତି ପ୍ରାର୍ଥୀ

## ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ସ୍ଥାନୀୟ ଅଲିମ୍ପିକ ଭବନରେ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ର ବିଭିନ୍ନ ପଦବୀ ପାଇଁ ସୋମବାର ପ୍ରାର୍ଥୀପତ୍ର ଦାଖଲର ଅନ୍ତିମ ଦିବସ ରହିଥିଲା। ସଭାପତି ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ୪ଜଣଙ୍କ ମଧ୍ୟରେ ବିଦାୟୀ ମୁଖ୍ୟ ବ୍ରିଜ ଭୂଷଣ ଶରଣ ସିଂଙ୍କ ଜଣେ ଅନ୍ୟତମ ଘନିଷ୍ଠ ଉତ୍ତର ପ୍ରଦେଶର ସଞ୍ଜୟ ସିଂ ରହିଛନ୍ତି। ବ୍ରିଜ ଭୂଷଣଙ୍କ ଶିବିରରୁ ପ୍ରାର୍ଥୀ ହୋଇଥିବା ଚଣ୍ଡିଗଡ଼ କୁସ୍ତି ସଂଘର ଦର୍ଶନ ଲାଲ୍ ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚନ ଲଢିବେ। ଉତ୍ତରାଖଣ୍ଡର ଏସ୍‌ପି ଦେଶୱାଲ କୋଷାଧ୍ୟକ୍ଷ ପଦ ପାଇଁ ତାଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ଅଗଷ୍ଟ ୧୨ରେ ହେବ। ସେମାନଙ୍କ ପ୍ରତି ୨୫ଟି ରାଜ୍ୟ ୟୁନିଟ୍ ମଧ୍ୟରୁ ୨୨ଟିର ସମର୍ଥନ ରହିଥିବା ବ୍ରିଜ ଭୂଷଣଙ୍କ ଗୋଷ୍ଠୀ ଦାବି କରୁଛନ୍ତି। ସେମାନଙ୍କ ଦଳ ସମସ୍ତ ୧୫ଟି ପଦବୀରେ ବିଜୟ ଲାଭ କରିବ ବୋଲି ଦମ୍ଭୋକ୍ତି ପ୍ରକାଶ କରି କହିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପାଇଁ ଜମ୍ମୁ ଓ କଶ୍ମୀର ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ମହେଶ ମିତ୍ତଲ କୁମାର ରିଟର୍ନିଂ ଅଫିସର ଭାବେ ନିଯୁକ୍ତି ପାଇଛନ୍ତି। ପ୍ରାର୍ଥିପତ୍ର ଦାଖଲ ଶେଷ ତାରିଖ ଅଗଷ୍ଟ ୭ ତାରିଖ ରଖାଯାଇଛି। ଜଷ୍ଟିସ କୁମାରଙ୍କ ସୂଚନା ଅନୁସାରେ ସଭାପତି ପାଇଁ ୪ଜଣ ପ୍ରାର୍ଥୀ ରହିଛନ୍ତି। ସେହିପରି ସିନିୟର ଉପସଭାପତି ପାଇଁ ୩, ଉପସଭାପତି ଲାଗି ୬, ସାଧାରଣ ସମ୍ପାଦକ ପାଇଁ ୩, କୋଷାଧ୍ୟକ୍ଷ ଲାଗି ୨, ଯୁଗ୍ମ ସମ୍ପାଦକ ପାଇଁ ୩ ଏବଂ ୫ କାର୍ଯ୍ୟନିର୍ବାହୀ ସଦସ୍ୟ ପାଇଁ ୯ ଜଣ ଏହିପରି ମୋଟ ୩୦ଜଣ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମଙ୍ଗଳବାର ସମସ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇବ। ସଭପତି ପଦ ପାଇଁ ଜଣେ ମହିଳା ମଧ ପ୍ରାର୍ଥୀ ହୋଇଥିବା ଜଷ୍ଟିସ କୁମାର ପ୍ରକାଶ କରିଛନ୍ତି। ଡବ୍ଲ୍ୟୁଏଫ୍‌ଆଇ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ପାଇଁ ପ୍ରାର୍ଥୀଙ୍କ ମଧ୍ୟରେ ଜଣେ ମହିଳା ଅନୀତା ଶେଓରାନ ରହିଛନ୍ତି। ସେ ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ବ୍ରିଜ ଭୂଷଣଙ୍କ ବିରୋଧରେ ହୋଇଥିବା ଯୌନଶୋଷଣ ଅଭିଯୋଗ ମାମଲାର ଅନ୍ୟତମ ସାକ୍ଷୀ। ଡବ୍ଲ୍ୟୁଏଫ୍‌ଆର ୧୫ଟି ପଦବୀ ପାଇଁ ବ୍ରିଜ ଭୂଷଣଙ୍କ ଗୋଷ୍ଠୀର ୧୮ଜଣ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀ କିନ୍ତୁ ସେମାନେ କେଉଁ ପଦବୀ ପାଇଁ ନିର୍ବାଚନ ଲଢୁଛନ୍ତି ତାହା ସ୍ପଷ୍ଟ ହୋଇନାହିଁ।


ମେଜର କ୍ରିକେଟ ଲିଗ୍ ଚାମ୍ପିୟନ ଏମ୍‌ଆଇ ନ୍ୟୁୟର୍କ ଦଳ।

# ସିରିଜ ନିର୍ଣ୍ଣାୟକ ଦିନିକିଆ ଆଜି

**ଟରୌବା, ୩୧।୭**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ମଙ୍ଗଳବାର ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜ ମାଟିରେ ପ୍ରଥମ ୨ଟି ଦିନିକିଆରେ ଭାରତର ପରୀକ୍ଷା ନିରୀକ୍ଷା କାମ ଦେଇନାହିଁ। ଦ୍ୱିତୀୟ ଦିନିକିଆରେ ହାରି ଭାରତ ସିରିଜ ପରାଜୟ ଆଶଙ୍କାରେ ପଡ଼ିଛି। ୨୦୦୬ ପରଠାରୁ ୱେଷ୍ଟଇଣ୍ଡିଜ ପରିବେଶରେ କେବେ ସିରିଜ ହାରିନାହିଁ। ତେଣୁ ଏଥର ଯଦି ପରାଜିତ ହୁଏ ତେବେ ତାହା ଲଜ୍ଜାଜନକ ହେବ। ଭାରତ ବୃହତ୍ତର ଦୃଷ୍ଟିକୋଣରୁ ପରୀକ୍ଷା ନିରୀକ୍ଷା ଜାରି ରଖିଛି ବୋଲି ଦ୍ୱିତୀୟ ଦିନିକିଆରେ ପରାଜୟ ପରେ କୋଚ୍ ରାହୁଲ ଦ୍ରାବିଡ ପ୍ରକାଶ କରିଥିଲେ। ତେଣୁ ଭାରତ ସେହି ପ୍ରକ୍ରିୟା ଆଗାମୀ ମ୍ୟାଚରେ ମଧ ଜାରି ରଖିବ ବୋଲି ଅନୁମାନ କରାଯାଉଛି। ଏପରିସ୍ଥିତିରେ ପରୀକ୍ଷା ନିରୀକ୍ଷା କାମକରୁ ଏବଂ ସଞ୍ଜୁ ସାମସନ୍ ଓ ସୂର୍ଯ୍ୟକୁମାର ଯାଦବ ମିଡିଲ ଅର୍ଡରରେ କ୍ଲିକ୍ କରନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ନିଶ୍ଚିତ ଆଶା ରଖିବ।


ଦ୍ୱିତୀୟ ଦିନିକିଆରେ ପରାଜୟ ପରେ ଭାରତୀୟ ଦଳ।

## ସୂର୍ଯ୍ୟ, ସାମ୍‌ସନଙ୍କ ଉପରେ ନଜର

ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଯଦି ବିଶ୍ରାମ ଦେବା ଧାରା ଜାରି ରୁହେ ତେବେ ଭଲ ଫଳାଫଳ ପାଇଁ ସୂର୍ଯ୍ୟକୁମାରଙ୍କୁ ବଡ଼ ଇନିଂସ ଖେଳିବାକୁ ପଡ଼ିବ। ଟି୨୦ରେ ତାଙ୍କର ଅଲ୍-ରାଉଣ୍ଡ ଗେମ୍‌କୁ ସେ ୫୦ ଓଭର ଫର୍ମାଟରେ ଦେଖାଇବାକୁ ସଂଘର୍ଷ କରୁଛନ୍ତି। ସଞ୍ଜୁ ସାମ୍‌ସନଙ୍କ ପରି ଖେଳାଳି ସୁଯୋଗର ସଦ୍‌ବ୍ୟବହାର କରିପାରି ନାହାନ୍ତି। ସିରିଜ ନିର୍ଣ୍ଣାୟକ ମ୍ୟାଚ ତାଙ୍କ ପାଇଁ ସମ୍ପୂର୍ଣ୍ଣ ସୁଯୋଗ ସଦୃଶ ହେବ। ଦ୍ୱିତୀୟ ଦିନିକିଆ ପରି ସେ ଆଗାମୀ ମ୍ୟାଚରେ ମଧ ତୃତୀୟ ସ୍ଥାନରେ ବ୍ୟାଟିଂ କରିପାରନ୍ତି। ଟେଷ୍ଟ ସିରିଜ ଆରମ୍ଭରୁ ଏପର୍ଯ୍ୟନ୍ତ ଇଶାନ କିଶନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମାତ୍ର ଶୁବମନ ଗିଲ୍‌ଙ୍କ ବ୍ୟାଟ୍‌ରୁ ଏପର୍ଯ୍ୟନ୍ତ ବଡ଼ ସ୍କୋର ମିଳିନାହିଁ। ପ୍ରଥମ ୨ଟି ଗେମ୍‌ରେ ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂରେ କିନ୍ତୁ ନିଜ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଛନ୍ତି। ଆଗକୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ହେବ। ତେଣୁ ତା' ପୂର୍ବରୁ ଶେଷ ଦିନିକିଆରେ ସେ ଭଲ ରନ୍ କରିବା ଆବଶ୍ୟକ ହେଉଛି। ବୋଲିଂ ବିଭାଗ କଥା ଆଲୋଚନା କଲେ ଫାଷ୍ଟ ବୋଲର ଉମ୍ରାନ ଖାଁ ନିଜକୁ ପ୍ରମାଣିତ କରିବା ସମୟ ଆସିଛି। ଏପର୍ଯ୍ୟନ୍ତ ସେ ଉଇକେଟ ଶୂନ୍ୟ ରହିଛନ୍ତି। ତାଙ୍କ ପେସ୍ ଭାରତୀୟ ଦଳ ପାଇଁ ଉପଯୋଗୀ ହୋଇଥିଲେ ହେଁ ବୋଲିଂକୁ ଅଧିକ ଶାଣିତ କରିବାକୁ ପଡ଼ିବ। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଏପର୍ଯ୍ୟନ୍ତ ଭାରତର ପ୍ରଭାବୀ ବୋଲର ରହି ଆସିଛନ୍ତି। ଫଳରେ ତାଙ୍କ ଉତ୍ତମ ବନ୍ଧୁ ୟୁଜବେନ୍ଦ୍ର ଚହଲ ଦଳରେ ସ୍ଥାନ ପାଇବା ସମ୍ଭବ ହୋଇନାହିଁ। ସମ୍ଭବତଃ ୟୁଜବେନ୍ଦ୍ର ଟି୨୦ ସିରିଜ ବେଳକୁ ପଡ଼ିଆକୁ ଓହ୍ଲାଇବେ।

**ଭାରତ ବନାମ ୱେଷ୍ଟଇଣ୍ଡିଜ**

## ଆଶାରେ ହୋପ୍

ଅନ୍ୟପକ୍ଷରେ ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିବା ୱେଷ୍ଟଇଣ୍ଡିଜ ଏଠାରେ ଭାରତ ବିପକ୍ଷରେ ସିରିଜ ବିଜୟୀ ହେବାକୁ ନିଶ୍ଚିତ ଚାହିଁବ। ଯଦି ଏହା ହୁଏ ତେବେ ଦଳ ପାଇଁ ବଡ଼ ଶାନ୍ତ୍ୱନା ହେବ। ଏହାର ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ବ୍ୟାଟରଙ୍କ ପରୀକ୍ଷା ନେଇଛନ୍ତି। ବାମହାତୀ ଗୁଡାକେଶ ମୋତି ବଲ୍‌କୁ ଭଲଭାବେ ଟର୍ନ କରାଇ ପାରୁଥିବାବେଳେ ରୋମାରିଓ ଶେଫର୍ଡ ଶର୍ଟବଲ୍‌ରେ ଉପଯୋଗୀ ହୋଇଛନ୍ତି। ତେବେ ସିରିଜ ଜିତିବାକୁ ହେଲେ ଖେଳାଳିଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

**ମ୍ୟାଚ୍ ସ୍ଥାନ: ଟରୌବା, ତ୍ରିନିଦାଦ**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଟିଡୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ମଣିପୁର ହିଂସା ଘଟଣାରେ ପ୍ରଧାନ ମନ୍ତ୍ରୀଙ୍କୁ ବିରୋଧ କରି ସୋମବାର ରାଞ୍ଚିଠାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବିଧାୟକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଇଣ୍ଟରନେଟ ସେବା ପ୍ରଭାବିତ ହେଉଛି:କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୩୧। ୭ (ଅନିଲ ଦାସ)

ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଇଣ୍ଟରନେଟ ସେବା ପ୍ରଭାବିତ ହୋଇଛି । ରାଜ୍ୟ ସଭାରେ ବିଜେଡି ଏମ୍‌ପି ମାନସ ମଙ୍ଗରାଜଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଆର. ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪୫ ହଜାର ୯୮୯ ଗାଁରେ ଭଏସ କଭରେଜ ଓ ୪୪,୩୮୪ ଗାଁରେ ୪ଜି ସେବା ଉପଲବ୍ଧ ଅଛି । ଆର୍ଥିକ ଅନଗ୍ରସର ଲୋକ କିଭଳି ଇଣ୍ଟରନେଟର ସୁବିଧା ନେଇପାରିବେ ସେ ନେଇ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି। ମୁଖ୍ୟତଃ ଏଲ୍‌ଡବ୍ଲ୍ୟୁଇ-୨ ଯୋଜନାରେ ୧୬୨

### ରାଜ୍ୟରେ ୪୫, ୯୮୯ ଗାଁରେ ଭଏସ କଭରେଜ, ୪୪,୩୮୪ ଗ୍ରାମରେ ୪ଜି ସେବା ଉପଲବ୍ଧ

ଟାୱାର ସ୍ଥାପନ କରାଯାଇଥିବା ବେଳେ ଆକାଂକ୍ଷା ଜିଲା କଭରେଜ ପରିଯୋଜନାରେ ୧୪୯ ଟାୱାର ସ୍ଥାପନା କରାଯାଇଛି। ସେହିଭଳି ବିଏସ୍‌ଏନ୍‌ଏଲ୍ ଦ୍ୱାରା ୨-ଜି ନେଟ୍‌ୱର୍କକୁ ୪-ଜିରେ ପରିବର୍ତ୍ତନ କରାଯିବା ସହ ଏଲ୍‌ଡବ୍ଲ୍ୟୁଇ-୧ ପରିଯୋଜନାରେ ମଧ୍ୟ ସମାନ କାମ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ରାଜ୍ୟରେ ନେଟ୍‌ୱର୍କ ସାନ୍ଦ୍ରତା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସିଛନ୍ତି।

# ପୌର ଉପାଧ୍ୟକ୍ଷଙ୍କ ସମେତ ୬ ବିଜେଡି ଛାଡ଼ିଲେ

ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି । ସୋମବାର ସ୍ଥାନୀୟ ପ୍ରଶାସନ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛି । ତେବେ ଏହି ଉଚ୍ଛେଦକୁ କେନ୍ଦ୍ର କରି ବରଗଡ଼ ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ଜନକ ଅଗ୍ରୱାଲ, ଦଳୀୟ ନେତା ରମେଶ କୁମାର ଅଗ୍ରୱାଲ, ଦିଲୀପ ସାୱାଡ଼ିଆ, ନରେଶ ମିତ୍ତଲ ଏବଂ ସନ୍ଦୀପ ସାୱଡ଼ିଆ ବିଜେଡି ଛାଡ଼ିଛନ୍ତି। ଏ ନେଇ ସେମାନେ ନିଜ ନିଜ ଇସ୍ତଫାପତ୍ର ଦଳର ଜିଲା ସଭାପତି ପ୍ରଭାସ କୁମାର ସିଂଙ୍କ ପାଖକୁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ସିଂଙ୍କୁ ତାଙ୍କ ମୋବାଇଲ ନଂ- ୯୪୩୭୧୪୧୯୬୩ରେ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ ।

ସେମାନେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ବରଗଡ଼ ସହରର ଶହେ ବର୍ଷର

### ବରଗଡ଼ରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

ପୁରୁଣା ବସ୍ତିରେ ଦୀର୍ଘଦିନରୁ ବସବାସ ସହିତ ବ୍ୟବସାୟ କରିଆସୁଥିବା ଜନସାଧାରଣଙ୍କ ଦୋକାନ ଗୃହ, ବାସଗୃହକୁ ଜିଲା ପ୍ରଶାସନ ହଠାତ୍ ଭାଙ୍ଗି ଧୂଳିସାତ୍ କରିଦେଇଛି। ସେମାନେ ଏହାର ଦୃଢ଼ ପ୍ରତିବାଦ କରୁଛନ୍ତି ବୋଲି ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ପୁରୁଣାବସ୍ତିର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ ବିଜେଡିର ପ୍ରାଥମିକ ସଦସ୍ୟତା ସମେତ ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିବା ସୂଚନା ଦେଇଥିବାବେଳେ ଇସ୍ତଫାପତ୍ର ଗ୍ରହଣ କରିବା ପାଇଁ ଦଳର ଜିଲା ସଭାପତିଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଦଳରୁ ଇସ୍ତଫା ଦେଇଥିବା ପୌର ଉପାଧ୍ୟକ୍ଷ ଅଗ୍ରୱାଲ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୫ ଏବଂ କାଉନସିଲର ଅଗ୍ରୱାଲ ୱାର୍ଡ ନଂ-୬ରେ ବିଜେଡିରୁ ପ୍ରତିଦ୍ୱନ୍ଦିତା କରି ନିର୍ବାଚିତ ହୋଇଥିଲେ।

### ଜୟଦେବ, ଶରତଙ୍କୁ ଚିରଞ୍ଜୀବ ଭେଟିବା ନେଇ

# ଜୋର ଧରିଲା ରାଜନୀତି

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

ଦଳରୁ ନିଲମ୍ବିତ କଂଗ୍ରେସର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ସୋମବାର ବରିଷ୍ଠ ନେତା ଶରତ ରାଉତ ଏବଂ ଜୟଦେବ ଜେନାଙ୍କୁ ଭେଟିଛନ୍ତି। ଜୟଦେବ ଜେନାଙ୍କ ଘରେ ବସିଥିବା ଏହି ବୈଠକକୁ ନେଇ ରାଜନୈତିକ ମହଲରେ କଂଗ୍ରେସ ରାଜନୀତି ଚର୍ଚ୍ଚାକୁ ବଢ଼ାଇଛି। ଦଳରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ଚିରଞ୍ଜୀବ କାହିଁକି ଜୟଦେବ ଓ ଶରତଙ୍କୁ ସାକ୍ଷାତ କଲେ ଏହା ପଛରେ କ'ଣ କାରଣ ରହିଛି ତାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି। ବରିଷ୍ଠ ନେତାମାନଙ୍କୁ ଭେଟି ଚିରଞ୍ଜୀବ ତାଙ୍କ ନିଲମ୍ବନ ଆଦେଶ ଉଠାଇବା ସପକ୍ଷରେ ମତ ରଖିବା ପାଇଁ ଜୟଦେବ ଏବଂ ଶରତଙ୍କ ସହ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ବୈଠକରେ ଶରତ ଏବଂ ଜୟଦେବ ମଧ୍ୟ ତାଙ୍କୁ କିପରି ପୁଣିଥରେ ଦଳକୁ ଫେରାଇ ହେବ ସେନେଇ

- ଏଆଇସିସି ସଭାପତି, ଶୃଙ୍ଖଳା କମିଟିକୁ ଭେଟିବା ନେଇ ଆଲୋଚନା
- ଅନ୍ୟମାନେ ଯିଏ ବୈଠକରେ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ: ଶରତ

ବାଟ ଦେଖାଇଥିବା ଜଣାପଡ଼ିଛି। ଯଥାଶୀଘ୍ର ଯାଇ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ଶୃଙ୍ଖଳା କମିଟି ସେକ୍ରେଟାରି ମେମ୍ବର ଏବଂ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନିଜ ସପକ୍ଷ ରଖିବା ପାଇଁ ଦୁଇ ବରିଷ୍ଠ ନେତା ଚିରଞ୍ଜୀବଙ୍କୁ ପ୍ରସ୍ତାବ ଦେଇଥିବା ବେଳେ ସେ ମଧ୍ୟ ଏହି କଥାରେ ରାଜି ହୋଇଛନ୍ତି। ଅନ୍ୟପଟେ ଉକ୍ତ ବୈଠକରେ ଅନ୍ୟ କେଉଁମାନେ ଯୋଗ ଦେଇଥିଲେ ସେମାନେ ସେଠାରେ କ'ଣ ଭାଷଣ ରଖିଥିଲେ ତା'ର ଭିଡିଓ କପି ନେଇ ରାହୁଲ ଏବଂ ଶୃଙ୍ଖଳା କମିଟି ପାଖରେ ପହଞ୍ଚାଇବାକୁ ଆଲୋଚନା ହୋଇଛି। ତେବେ ମିଳିଥିବା ସୂଚନା ମୁତାବକ ଗତ ୨୪ ତାରିଖରେ ଶରତ ରାଉତ ଦିଲ୍ଲୀ ଗସ୍ତରେ ଥିବା ବେଳେ ଏ ସମ୍ପର୍କରେ ଏଆଇସିସି ସଭାପତି ଏବଂ ଶୃଙ୍ଖଳା କମିଟିର ସେକ୍ରେଟାରି ମେମ୍ବରଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ସେ କହିଥିବା ଜଣାପଡିଛି। ଏହାସହ ଯେଉଁ ବୈଠକ ଲାଗି ଏତେସବୁ ହୋଇଛି ସେଥିରେ ରାଜ୍ୟ କଂଗ୍ରେସର ଅନ୍ୟ କେତେଜଣ ନେତା ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଆଇସିସି ନିଟକରେ ଶରତ ଦାବି କରିଥିବା ନେଇ ମଧ୍ୟ ଜଣାପଡିଛି। ସେପଟେ ଏହି ୩ ନେତାଙ୍କ ଭେଟଘାଟକୁ ନେଇ ଶରତ କହିଛନ୍ତି, ଦଳ ପାଇଁ ଯାହା ଭଲ ହେବ ସେକଥା କହିବାକୁ ପଛଘୁଞ୍ଚା ଦେବୁନି। ଚିରଞ୍ଜୀବ କହୁଛନ୍ତି ସେ ଦଳ ଛାଡିବେନି। ଅନ୍ୟ କୌଣସି ଦଳକୁ ମଧ୍ୟ ତାଙ୍କର ଯିବାର ନାହିଁ। ତେଣୁ ସେ ତାଙ୍କ ମତ ଯାଇ ଶୃଙ୍ଖଳା କମିଟି ପାଖରେ ରଖିବା ସହ ଦଳର ଶୀର୍ଷ ନେତୃତ୍ୱଙ୍କୁ ଭେଟିବାକୁ ଆମେ କହିଛୁ। ବହୁ ଲୋକ ଦଳରେ ଏଘର ମାଉସୀ ସେଘର ପିଉସୀ ହେଉଛନ୍ତି। ସେମାନେ ଦଳକୁ ଦୀର୍ଘବର୍ଷ ହେଲା କ୍ରମାଗତ ଭାବେ କ୍ଷତି କରି ଚାଲିଛନ୍ତି। ଚିରଞ୍ଜୀବ ଯୋଗ ଦେଇଥିବା ମିଟିଂରେ ଅନ୍ୟ ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ସେଠାରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ। ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ସୂଚନାଯୋଗ୍ୟ ଶରତ ଏବେ ଏଆଇସିସି ସମ୍ପାଦକ ଥିବା ସହିତ ପଶ୍ଚିମବଙ୍ଗର ସହପ୍ରଭାରୀ ଅଛନ୍ତି। ସେଠାରେ ଚେଲ୍ଲା କୁମାର ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ତେଣୁ ପ୍ରଭାରୀଙ୍କୁ ଶରତ ବୁଝାଇବା ସହିତ ଦିଲ୍ଲୀରେ ଚିରଞ୍ଜୀବଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଲାଗି ଆଲୋଚନା କରିଥିବା ଜଣାପଡିଛି।

## ବିଧାନସଭା ନିର୍ବାଚନ: ୫ ରାଜ୍ୟ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା କଂଗ୍ରେସ

**ଜୟପୁର,୩୧।୭:** ଆଗାମୀ ଦିନରେ ରାଜସ୍ଥାନ ସମେତ ଆଉ କେତେକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ସୋମବାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିଷ୍ପତ୍ତି କ୍ରମେ ଏହି ଦାୟିତ୍ୱ ଦିଆଯାଇଛି। ରାଜସ୍ଥାନର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ମଧୁସୂଦନ ମିସ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଶକ୍ତିକାନ୍ତ ସେଛିଲଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ସେହିପରି ମଧ୍ୟପ୍ରଦେଶରେ ରଣଦୀପ ସୁର୍ଜେୱାଲାଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ଦାୟିତ୍ୱ, ଚନ୍ଦ୍ରକାନ୍ତ ହାଣ୍ଡୋରଙ୍କୁ ପର୍ଯ୍ୟବେକ୍ଷକ ଏବଂ ଛତିଶଗଡ଼ ଲାଗି ପ୍ରୀତମ ସିଂଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ, ମିନାକ୍ଷୀ ନଟରାଜନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ଅନ୍ୟପଟେ, ତେଲଙ୍ଗାନାରେ ଦୀପା ଦାସମୁନ୍‌ସିଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ଓ ଡ. ସିରିଭେଲା ପ୍ରସାଦଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ମିଜୋରାମରେ ସଚିନ ରାଓଙ୍କୁ ପର୍ଯ୍ୟବେକ୍ଷକ ମିଳିଛି।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ଭୁବନେଶ୍ୱର,୩୧।୭(ଅନିଲ ଦାସ)

କଟକ ଜିଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଡ଼ାମରାଇ ଗ୍ରାମପଞ୍ଚାୟତର ସରପଞ୍ଚ ନାରାୟଣ ସେଠୀ, ପଞ୍ଚାୟତ ସମିତିସଭ୍ୟ ସୋନାଲି ପ୍ରିୟଦର୍ଶିନୀ ରାଉତ, ନାଏବ ସରପଞ୍ଚ ଆରତୀ ଜେନାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଉପସ୍ଥିତ ରହି ସମସ୍ତ ଭାଜପା କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ୍ ହେଉଛନ୍ତି ବୋଲି ଯୋଗଦେଇଥିବା ଭାଜପା କର୍ମୀମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ତଥା ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଜେନା ଆହ୍ୱାନ ଦେଇଥିଲେ। ବିଜୁ ଜନତା ଦଳରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପ୍ରତାପ କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୋଡ଼ାମରାଇ ଗ୍ରାମପଞ୍ଚାୟତର ଆଲୋକ ଜେନା, ବାଇଧର ରାଉତ, ପ୍ରତାପ ବେହେରା, ମହେନ୍ଦ୍ର ସେଠୀ, ମନୋଜ ଜେନା, ଗୋବିନ୍ଦ ଚନ୍ଦ୍ର ଜେନା, ଅର୍ଦ୍ଧେନ୍ଦୁ ଶେଖର ଜେନା, ଗଣେଶ ପ୍ରଧାନ, ଝୁନୁ ମହାନ୍ତି, ରାଜେଶ ବେଦାନ୍ତ, ଗୋବିନ୍ଦ ଜେନା, ବାସନ୍ତୀ ଜେନା, ସୁଶାନ୍ତି ଜେନା, ବଳରାମ ଜେନାଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ୍ ହୋଇଛନ୍ତି ।

# ବିଡିଓ କହୁଛନ୍ତି ଅଧ୍ୟକ୍ଷଙ୍କୁ ଜୋତାରେ ପିଟିବେ: ପ୍ରଦୀପ୍ତ

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

କଳାହାଣ୍ଡିର ଭବାନୀପାଟଣା ବିଡିଓ କହୁଛନ୍ତି ସେ ବ୍ଲକ ଅଧ୍ୟକ୍ଷଙ୍କୁ ଜୋତାରେ ପିଟିବେ। ଆହୁରି କହୁଛନ୍ତି ସେମାନଙ୍କୁ କୁଆଡେ 'ରାଜନୈତିକ ମ୍ୟାନେଜମେଣ୍ଟ' କରିବାକୁ ପଡେ। ଏହାର ଅର୍ଥ ରାଜ୍ୟ ସରକାର ସରକାରୀ ବାବୁମାନଙ୍କୁ ବିଜେଡିକୁ ନିର୍ବାଚନରେ ଜିତାଇବା ଓ ଶାସକ ଦଳର ନେତାଙ୍କୁ ଠିକା କାମ ଦେବା, ପ୍ରତିପକ୍ଷର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଜୋତାରେ ପିଟିବା ଦାୟିତ୍ୱ ଦେଇଛନ୍ତି। ଏଥିରୁ ଆହୁରି ଜଣାପଡୁଛି ଯେ, ଓଡ଼ିଶାରେ ପ୍ରଶାସନିକ ଅରାଜକତା ବଢ଼ିଛି। ଯଦି ଜଣେ ବିଡିଓ ଏଭଳି ବୟାନବାଜି କରନ୍ତି ତାହାଲେ ଜିଲାପାଳ, ସଚିବସ୍ତରର ଅଧିକାରୀ ଓଡ଼ିଶାର ଜନପ୍ରତିନିଧିଙ୍କୁ କିଭଳି ହତାଦର କରୁଥିବେ ଏଥିରୁ ସ୍ପଷ୍ଟ ବୋଲି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ୍ତ କହିଛନ୍ତି ଯେ, ଭବାନୀପାଟଣା ବିଡିଓଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ରାଜ୍ୟରେ ଏବେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ଘୋଷଣା କରିଛନ୍ତି। କିନ୍ତୁ ସେଥିରେ ନିର୍ବାଚିତ ଜନପ୍ରତିନିଧିଙ୍କ କିଛି ଭୂମିକା ରହିବ ନାହିଁ ବୋଲି ସରକାର ଗାଇଡଲାଇନରେ ଉଲ୍ଲେଖ କରିଛନ୍ତି। ଜିଲାପାଳଙ୍କ ହାତରେ ସବୁ କ୍ଷମତା, ସିଏ ଯାହା ଚାହିଁବେ ତାହା କରିବେ। ବିଡିଓମାନେ ନିଜକୁ ମାଲିକ ଭାବିଲେଣି। ଏହା କ'ଣ ନବୀନ ଓଡ଼ିଶା କି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ବିଜେଡି ନେତା, ମନ୍ତ୍ରୀ, ବିଧାୟକମାନେ ସଚିବମାନଙ୍କ ପାଇଁ ଟେଣ୍ଟ, ଜଳଖିଆ ବ୍ୟବସ୍ଥା କରୁଛନ୍ତି। ବିଡିଓ କହୁଛନ୍ତି ସେ ଚେୟାରମ୍ୟାନଙ୍କୁ ପିଟିବେ। ବିଡିଓ, ଜିଲାପାଳ, ସଚିବମାନେ ଏବେ ବିଧାୟକ ଓ ଏମ୍‌ପିଙ୍କ କୌଣସି କଥା ଶୁଣୁନାହାନ୍ତି। ବିଜେଡି ବିଧାୟକମାନେ ସଚିବଙ୍କ ଆଗରେ ମୂଷା ଭଳି ହେଉଛନ୍ତି। ରାଜ୍ୟରେ ପ୍ରଶାସନିକ ଅରାଜକତା ବଢ଼ିଛି। ପୂର୍ବରୁ 'ଆମ ଗାଁ ଆମ ବିକାଶ' ଯୋଜନାରେ ମଧ୍ୟ ସମାନ ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ପ୍ରକଳ୍ପ ଅନୁମୋଦନ ଦିଆଯିବ କହି ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିଲା। ଶାସକ ଦଳ କର୍ମୀମାନେ ଦୁର୍ନୀତି କଲେ ରାଜ୍ୟ ସରକାର ଘଣ୍ଟ ଘୋଡ଼ାଉଛନ୍ତି ଯାହା ଆଶ୍ଚର୍ଯ୍ୟଚକିତ କରୁଛି ବୋଲି ପ୍ରଦୀପ୍ତ କହିଛନ୍ତି।

# ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯାଉ: ବସନ୍ତ

ନୂଆଦିଲ୍ଲୀ(କୁଲଦୀପ ସିଂ),୩୧।୭

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଲୋକସଭା ନିୟମ ୩୭୭ ଅନୁଯାୟୀ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ହାଇକୋର୍ଟରେ କୌଣସି ଆବେଦନ କରିବା ପାଇଁ ପଶ୍ଚିମ ଓଡ଼ିଶାରୁ କଟକ ଯିବା ଲାଗି ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସ୍ଥାନର ଦୂରତା ତଥା ଯାତାୟାତ ଖର୍ଚ୍ଚ ଅତ୍ୟଧିକ ହେଉଥିବାରୁ ପଶ୍ଚିମ ଓଡ଼ିଶାର ବିଶେଷକରି ଏଠାକାର ପଛୁଆ ଅଞ୍ଚଳର ଲୋକେ ହାଇକୋର୍ଟ ଯାଇ କୌଣସି ଆବେଦନ କରିପାରୁନାହାନ୍ତି। ଏନେଇ ସେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀଙ୍କୁ ଭେଟି ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବେଞ୍ଚ ପ୍ରତିଷ୍ଠା ଲାଗି ପଶ୍ଚିମ ଓଡ଼ିଶାର ଯେ କୌଣସି ଜିଲାରେ ସ୍ଥାନ ନିରୂପଣ ପାଇଁ କୁହନ୍ତୁ ବୋଲି ଅନୁରୋଧ କରିଛନ୍ତି। ବେଞ୍ଚ ପ୍ରତିଷ୍ଠା ହେଲେ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବା ସହ ସମାଜର ସବୁବର୍ଗ ଲୋକେ ହାଇକୋର୍ଟରେ ଆବେଦନ ପାଇଁ ସୁଯୋଗ ପାଇପାରିବେ ବୋଲି ଭାଜପା ଏମ୍‌ପି ବସନ୍ତ କହିଛନ୍ତି।


## Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି-8249976746. D-74897

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790. D-0861

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା-300/-. 7978663279. D-74895

PURCHASE

Lethe Workshop ପାଇଁ 2nd hand with good working condition ଥିବା Lethe Machine, Power Press, Hydraulic Press, Plate sharing Machine ଏବଂ Lethe ସମ୍ବନ୍ଧୀୟ ଅନ୍ୟାନ୍ୟ Machinery ଆବଶ୍ୟକ। ଇଚ୍ଛୁକ ବିକ୍ରେତା ଯୋଗାଯୋଗ କରନ୍ତୁ। Mob- 9937199625, 8144662274. D-0946




Asribadada Panchakarma herbal SPA Kesharimall, Bhubaneswar. Contact: 8926173473. D-75013

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly opened (One8 Spa)/(Salon Service) with expert therapist, 9938843929. D-75136

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655. D-75132

All types of professional body massage by professional therapy. Contact 7077933109/ 9556924059/ 8658803018. D-0932

Spa Kerala Body Massage only best Therapist @699/- Bhubaneswar. 9337672475. D-0857

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

On the basis of affidavit No. 1103 Dated 06.04.2023, before the Executive Magistrate, Simulia, one Basanta Kumar Panda, S/o Daitari Panda, Village/P.O. Chandrapada, Simulia, Balasore declared that his nick names was Babu Panda and actual name is Basanta Kumar Panda, both names belongs to him as same and single Person. It is notified for Public clearance and confirmation. D-0950

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଶିଶୁ ପାଇଁ ବରଦାନ

**ମା’** କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କର ଜୀବନରକ୍ଷା ହୋଇପାରୁଛି ଏବଂ ଶିଶୁ ମୃତ୍ୟୁହାର କମିଯାଇପାରୁଛି । ତେଣୁ ଶିଶୁଙ୍କୁ ସୁସ୍ଥ ସବଳ ଓ ନୀରୋଗ ରଖିବା ପାଇଁ ମା’ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ବିଷୟରେ ସଚେତନ କରାଇବା ଲାଗି ୧୯୯୧ ଫେବୃୟାରୀ ୧୪ରେ ୱାର୍ଲ୍ଡ ଆଲିଆନ୍ସ ଫର୍ ବ୍ରେଷ୍ଟ ଫିଡିଂ ଆକ୍ସନ ପ୍ରତିଷ୍ଠା କରାଯାଇଥିଲା। ୧୯୯୨ ରୁ ଅଗଷ୍ଟ ପ୍ରଥମ ସପ୍ତାହକୁ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇଥିଲା। ଜାତିସଂଘର ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍ଓ) ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଇଥିଲା। ସେବେଠୁ ପ୍ରତିବର୍ଷ ଏହି ସପ୍ତାହ ପାଳନ କରାଯାଉଛି ଏବଂ ସ୍ଲୋଗାନ ଘୋଷଣା କରାଯାଉଛି। ଚଳିତ ବର୍ଷ ଏହାର ସ୍ଲୋଗାନ ହେଉଛି– ‘ଏନାବ୍ଲିଂ ବ୍ରେଷ୍ଟଫିଡିଂ: ମେକିଂ ଏ ଡିଫରେନ୍ସ ଫର୍ ୱର୍କିଂ ପ୍ୟାରେଣ୍ଟ୍ସ’।

**ମା’ କ୍ଷୀର ହେଉଛି ପ୍ରକୃତିର ଏକ ବିସ୍ମୟକର ବ୍ୟବସ୍ଥା। ଶିଶୁଟିଏ ଜନ୍ମହେବା ମାତ୍ରେ ତା’ର ଅଭିବୃଦ୍ଧି ନିମନ୍ତେ ମା’ ସ୍ତନରୁ ଝରିଆସେ ଏହି ଅମୃତର ଉତ୍ସ; ଯେଉଁଥିରେ ଶିଶୁର ଶାରୀରିକ ତଥା ମାନସିକ ବିକାଶ ଲାଗି ଭରିରହିଥାଏ ସମସ୍ତ ଆବଶ୍ୟକ ପୋଷକତତ୍ତ୍ୱ। ତେଣୁ ଜନ୍ମହେବାର ୬ମାସ ପର୍ଯ୍ୟନ୍ତ ପ୍ରତି ଶିଶୁକୁ ମା’ କ୍ଷୀର ଖୁଆଇବା ନିହାତି ଆବଶ୍ୟକ...**





## ମା’ କର୍ମଜୀବୀ ହୋଇଥିଲେ...

**ସା**ଧାରଣତଃ ଶିଶୁକୁ ଅତି କମ୍‌ରେ ୬ ମାସ ପର୍ଯ୍ୟନ୍ତ କେବଳ ମା’କ୍ଷୀର ଖାଇବାକୁ ପରାମର୍ଶ ଦିଆଯାଏ। ହେଲେ ମା’ କର୍ମଜୀବୀ ହୋଇଥିଲେ ତାଙ୍କୁ ପ୍ରସବର କିଛି ମାସ ମଧ୍ୟରେ କର୍ମକ୍ଷେତ୍ରରେ ଯୋଗଦେବାକୁ ପଡ଼ିଥାଏ। ସେଥିପାଇଁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇବାରେ ଅବହେଳା ହୋଇଥାଏ। ଏଭଳି କ୍ଷେତ୍ରରେ ମା’ ଡବାକ୍ଷୀର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ମା’ କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ। ତେଣୁ କର୍ମଜୀବୀ ମହିଳା ଚାହିଁଲେ ଡବାକ୍ଷୀର ପରିବର୍ତ୍ତେ ନିଜ କ୍ଷୀର କାଢ଼ି(ଏକ୍ସପ୍ରେସ୍‌ଡ ମଦର୍ସ ମିଲ୍କ ବା ଇଏମ୍‌ଏମ୍) ଶିଶୁ ପାଇଁ ସଞ୍ଚୟକରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇପାରିବେ। ସକାଳେ ଶିଶୁକୁ ଖୁଆଇସାରିବା ପରେ ହାତରେ ବା ହସ୍ତଚାଳିତ ବ୍ରେଷ୍ଟ୍ ପମ୍ପ୍, ଇଲେକ୍ଟ୍ରିକ୍ ବା ବ୍ୟାଟେରିଚାଳିତ ବ୍ରେଷ୍ଟ୍ ପମ୍ପ୍ ସାହାଯ୍ୟରେ କ୍ଷୀର କାଢ଼ି ରଖିପାରିବେ। ଏହାକୁ ଫ୍ରିଜ୍‌ରେ ୭-୮ ଦିନ ପର୍ଯ୍ୟନ୍ତ ରଖି ମଧ୍ୟ ଶିଶୁକୁ ଖୁଆଇପାରିବେ।



ଏପରିକି ଡିପ୍ ଫ୍ରିଜ୍‌ରେ ୧ମାସ ପର୍ଯ୍ୟନ୍ତ ଷ୍ଟୋର କରିପାରିବେ। ତେବେ ଏଥିପାଇଁ ସଂକ୍ରମଣର ଆଶଙ୍କା ଥିବାରୁ ପ୍ରତିଦିନ ନିଜର ତଟକା କ୍ଷୀର କାଢ଼ି ଶିଶୁକୁ ଖୁଆଇବା ଭଲ। ଦିନକୁ ୭ ରୁ ୮ ଥର କ୍ଷୀର କାଢ଼ିବା ଦ୍ୱାରା ସ୍ତନରେ କ୍ଷୀର କମିବା କିମ୍ବା ସ୍ତନ ଦରଜ ହେବା ଭଳି ସମସ୍ୟା ଦେଖାଦେଇ ନ ଥାଏ। ପ୍ରତିଥର କ୍ଷୀର କାଢ଼ିଲା ବେଳେ ତା’ ପାଇଁ ସଫା କିମ୍ବା ଅଲଗା ପାତ୍ର ବ୍ୟବହାର କରିବା ନିରାପଦ। କ୍ଷୀର କଢ଼ାହେବାର ୧ ଘଣ୍ଟା ମଧ୍ୟରେ ଫ୍ରିଜ୍‌ରେ ରଖି ଶିଶୁକୁ ଖୁଆଇପାରିବେ। ଯଦି ଶିଶୁ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଖାଇବ, ତେବେ ସଙ୍ଗେ ସଙ୍ଗେ ମା କ୍ଷୀର ଫ୍ରିଜ୍‌ରେ ରଖିବେ କିମ୍ବା ଥଣ୍ଡା ପାଣି ପାତ୍ରରେ ରଖି ଘୋଡ଼ାଇ ଦେବେ। ଫ୍ରିଜ୍‌ରୁ କାଢ଼ିବା ପରେ କ୍ଷୀର ରୁମ୍ ଟେମ୍ପରେଚରକୁ ଆସିବା ପରେ ଶିଶୁକୁ ଖୁଆନ୍ତୁ ଏବଂ ସଂକ୍ରମଣ ନ ହେବା ଲାଗି ବଳକା କ୍ଷୀରକୁ ଫିଙ୍ଗି ଦିଅନ୍ତୁ।

## ସ୍ତନ୍ୟଦାତ୍ରୀଙ୍କ ଖାଦ୍ୟ...

**ମା’** କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିଅମ୍, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି। ତେଣୁ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା’ ଶରୀରରୁ ହ୍ରାସ ପାଉଛି, ଯାହାକୁ ଭରଣା କରିବା ଆବଶ୍ୟକ। ନଚେତ୍ ମା’କୁ ଏସବୁ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ତେବେ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ କିମ୍ବା ଭିଟାମିନ୍ ଔଷଧ, ପ୍ରୋଟିନ୍ ପାଉଡର, ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ ଇତ୍ୟାଦି ଖାଇଲେ ମା’ ଶାରୀରିକ ଆବଶ୍ୟକତା ଭରଣା କରିହେବା ସହ କ୍ଷୀର ଅଧିକ ହେବ। ସେହିପରି କେହି କେହି ସ୍ତନ୍ୟଦାତ୍ରୀ ମା’ଙ୍କୁ ଏହା ଖାଇବା ଠିକ୍ ନୁହେଁ, ଏହା ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି। ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଠିକ୍ ପରିମାଣରେ କ୍ଷୀର ହେବା ସହ ମା’ ଶରୀର ସୁସ୍ଥ ରହିବା ଲାଗି ମା’ ଯାହାବି ପୂର୍ବରୁ ଖାଉଥିଲେ ତା’ଠାରୁ ଅଧିକ ପରିମାଣରେ ଖାଦ୍ୟ ଆବଶ୍ୟକ। ଅର୍ଥାତ୍ ଦୈନିକ ଭାତ ୬୦ ଗ୍ରାମ୍, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ୍ ଏବଂ ଚିନି, ଗୁଡ଼ ୧୦ ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭକରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ, ସୁସ୍ୱାଦୁ ଏବଂ ସୁପାଚ୍ୟ ହେବା ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଉଥିବା ଅଧିକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ। ଏହାବ୍ୟତୀତ କେବଳ କେତୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଇଁ ଠିକ୍ ନୁହେଁ।



## ସ୍ତନ୍ୟପାନ ବଢ଼ାଏ ମା’ର ସୌନ୍ଦର୍ଯ୍ୟ

–ଡା. ସରୋଜିନୀ ଷଡ଼ଙ୍ଗୀ

**ଶି**ଶୁକୁ ସ୍ତନ୍ୟପାନ କରାଇବା କେବଳ ଶିଶୁ ପାଇଁ ଉପକାରୀ ନୁହେଁ ବରଂ ଏହାଦ୍ୱାରା ମା’ ମଧ୍ୟ ସୁସ୍ଥ ରହିବା ସହ ପାଲଟିଯାଏ ସୌନ୍ଦର୍ଯ୍ୟମୟୀ। ମାତୃତ୍ୱ ଲାଭ କରିବା ମାତ୍ରେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି ପଛରେ ରହିଛି ମା’ ଦେହରେ ଝରୁଥିବା ହର୍‌ମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍‌ର କରାମତି। ତେବେ ଦୁଃଖର ବିଷୟ ଏବେ ବି ଅନେକ ଆଧୁନିକ ମା’ ଏବଂ କର୍ମଜୀବୀ ମହିଳାମାନେ ସୌନ୍ଦର୍ଯ୍ୟହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଞ୍ଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯିବା ସହ ସ୍ତନ ଢିଲା ହୋଇ ଓହଳିପଡ଼ିବ ଏବଂ ବକ୍ଷର ଚର୍ମ ମଧ୍ୟ କୁଞ୍ଚିତ ହୋଇଯିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଞ୍ଚିତ କରିଥାଏ। କିନ୍ତୁ ଏହି ଧାରଣା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା’ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା’ଦେହରୁ ଅଯଥା ଚର୍ବି ଅଂଶ ଓ ମୋଟାପଣିଆ (ଓବେସିଟି)କୁ କମାଇଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା’ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା’ର ମାସିକ ଋତୁସ୍ରାବ ବିଳମ୍ବରେ ହୋଇଥାଏ (ଲାକ୍ଟେସନାଲ ଆମିନୋରିଆ) ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପ୍‌ସନ୍)।

ସ୍ତନ୍ୟପାନ ମଧ୍ୟ ମା’କୁ ଅନେକ ରୋଗରୁ ରକ୍ଷା କରିଥାଏ ଯଥା– ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା’କ୍ଷୀର ଖାଇବାକୁ ଦିଆଯାଇଥାଏ। ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏଁ ସ୍ତନ୍ୟପାନ କରାଇଥିଲେ, ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ ଭାଗ ସ୍ତନକର୍କଟ ରୋଗ ହେବା ଆଶଙ୍କା କମିଯାଇଥାଏ। ୬ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା’ର ମେନୋପଜ୍ ଆଗରୁ ସ୍ତନକର୍କଟ ରୋଗ ହେବା ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥିବା ବେଳେ ୭ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ମା’ର ସ୍ତନକର୍କଟ ରୋଗ ହେବା ଆଶଙ୍କା ପ୍ରାୟ ରୁହେନାହିଁ। ଏହାବ୍ୟତୀତ ଶିଶୁକୁ କ୍ଷୀର ଖୁଆଇଲେ ମା’ଠାରେ ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର), ଜରାୟୁଗ୍ରୀବା କର୍କଟରୋଗ (ସର୍ଭାଇକାଲ କ୍ୟାନ୍‌ସର), ରିଉମାଟଏଡ୍ ଆର୍ଥ୍ରାଇଟିସ୍, ହାଡ଼ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି କମ୍ ଆଶଙ୍କା ଥାଏ। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା’ର ରକ୍ତରେ କୋଲେଷ୍ଟରାଲ୍ ଓ ଟ୍ରାଇଗ୍ଲିସରାଇଡ୍ (ରକ୍ତରେ ଚର୍ବି ଅଂଶ) କମ୍ ପରିମାଣରେ ଥାଏ। ତେଣୁ ମା’କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

ସ୍ତନ୍ୟପାନ କରାଇବା ଦ୍ୱାରା ମା’ ଓ ଶିଶୁ ଭିତରେ ଏକ ସ୍ନେହର ବନ୍ଧନ ଗଢ଼ିଉଠେ। ଏହାଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେକରିଥାଏ, ତା’ର ଶାରୀରିକ ଓ ମାନସିକ ବିକାଶ ଭଲ ହେବା ସହ ମା’କୁ ମଧ୍ୟ ଭାବନାତ୍ମକ ସନ୍ତୋଷ ମିଳିଥାଏ ଏବଂ ମା’ର ସୌନ୍ଦର୍ଯ୍ୟ ବୃଦ୍ଧି କରେ।

*–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ*
*ମୋ–୯୪୩୭୦୫୫୦୦୭*

**ଶିଶୁ କ୍ଷୀର ଖାଇବା ଦ୍ୱାରା ମା’ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ ଏବଂ ମା’ର ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ...**



## ସ୍ତନ୍ୟପାନ ସର୍ବୋତ୍ତମ: ଶିଶୁ ପାଇଁ ଅମୃତସମ

–ଡା. ଅନନ୍ତ ଆଚାର୍ଯ୍ୟ

**ଦେ**ଶର ସୁସ୍ଥତା ବିଷୟ ବିଚାରକୁ ନେଲେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କଥା ମନ ମଧ୍ୟକୁ ଆସିଯାଏ। ଯେଉଁ ଦେଶର ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର କମ୍ ସେହି ଦେଶ ଉନ୍ନତ ଓ ସୁସ୍ଥ ଦେଶ। ମାତୃ ମୃତ୍ୟୁହାର ଅପେକ୍ଷା ଆମ ଦେଶରେ ଶିଶୁ ମୃତ୍ୟୁହାର ଅଧିକ। ମାତୃ ମୃତ୍ୟୁହାର ଆମ ଦେଶରେ ୧ ଲକ୍ଷରେ ୧୧୯ ଥିଲାବେଳେ ଶିଶୁ ମୃତ୍ୟୁହାର ୧ ହଜାରରେ ଏହା ୩୬ ଜଣ। ତେଣୁ ଶିଶୁ ମୃତ୍ୟୁହାର କମାଇବାକୁ ହେଲେ ଶିଶୁକୁ ସମସ୍ତ ରୋଗର ପ୍ରତିଷେଧକ ଟିକା Colostrum vaccine (OCV) ବା Oral Breast Feeding Vaccine ( OBV) ସ୍ତନ୍ୟପାନର ୨୪ ଘଣ୍ଟା ମଧ୍ୟରେ ଦେବା ଦରକାର। ଆମେ ଶିଶୁ ଜନ୍ମର ୨୪ ଘଣ୍ଟା ମଧ୍ୟରେ ଶିଶୁଠାରେ ପୋଲିଓ ରୋଗର ପ୍ରତିରୋଧ କ୍ଷମତା ବଢ଼ାଇବା ପାଇଁ OPV (Oral Polio Vaccine) ଦେଇଥାଉ ଓ ଯକ୍ଷ୍ମାରୋଗର ପ୍ରତିରୋଧକ୍ଷମତ୍ୱ ବଢ଼ାଇବା ପାଇଁ ବିସିଜି ଟିକା ଦେଉଥାଉ। ଏଗୁଡ଼ିକ ସିନା ଗୋଟିଏ ଗୋଟିଏ ରୋଗର ପ୍ରତିରୋଧକ୍ଷମତ୍ୱ ବଢ଼ାଏ ମାତ୍ର ସ୍ତନ୍ୟପାନ ସମସ୍ତ ରୋଗର ପ୍ରତିରୋଧକ୍ଷମତ୍ୱ ଶିଶୁଠାରେ ଉତ୍ପନ୍ନ କରାଇ ଶିଶୁକୁ ମୃତ୍ୟୁମୁଖରୁ ରକ୍ଷାକରେ। ସେଥିପାଇଁ ତ ମାଆକ୍ଷୀରର ଅନ୍ୟନାମ ଅମୃତ। ଆଜକୁ ୩ ହଜାର ବର୍ଷ ପୂର୍ବେ ମହର୍ଷି ଚରକ କହିଥିଲେ–

**ଜୀବନଂ ବୃହଣଂ ସାତ୍ମ୍ୟଂ ସ୍ନେହନଂ ମାନୁଷଂପୟଃ**
**ନାବନଂ ରକ୍ତପିତ୍ତସ୍ୟ ତର୍ପଣଂ ଚାକ୍ଷିରୋଗିଣାମ୍।**

ଅର୍ଥାତ୍ ଏହା ପ୍ରାଣ ରକ୍ଷାକାରୀ, ସମସ୍ତ ଧାତୁର ପୋଷକ, ପ୍ରତିକ୍ରିୟା ବିହୀନ ଓ ସୌମ୍ୟ ଗୁଣବର୍ଦ୍ଧକ। ମା’ କ୍ଷୀର ରକ୍ତପିତ୍ତ(Bleeding Disorder) ରୋଗୀଠାରେ ନସ୍ୟକର୍ମରେ ଓ ଚକ୍ଷୁରୋଗୀମାନଙ୍କଠାରେ ତର୍ପଣ କ୍ରିୟାରେ ବ୍ୟବହାର୍ଯ୍ୟ।

**‘‘ଅଧଘଣ୍ଟା ମଧ୍ୟରେ କଷକ୍ଷୀର: ପ୍ରତିଷେଧକ ଶିଶୁ ରୋଗର’’**

ମା’ କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ ତଥା ସର୍ବୋତ୍କୃଷ୍ଟ ଖାଦ୍ୟ। ମା’ କ୍ଷୀର ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ସୁଷମ ଖାଦ୍ୟ। ସ୍ତନ୍ୟପାନ ଉଭୟ ମା’ ଓ ଶିଶୁ ପାଇଁ ଅତ୍ୟନ୍ତ ହିତକାରୀ। ଶିଶୁକୁ ମା’ କ୍ଷୀର ବ୍ୟତୀତ ଅନ୍ୟ କୌଣସି କ୍ଷୀର ଯେପରି ଗାଈ, ମଇଁଷି ବା ଡବା କ୍ଷୀର କିମ୍ବା ମହୁ, ଗୁଡ଼, ଗ୍ଲୁକୋଜ୍ ପାଣି ଆଦି ଅନ୍ୟ କୌଣସି ତରଳ ପଦାର୍ଥ ଦେବା ଅନୁଚିତ। ଶିଶୁ ଜନ୍ମ ହେବାର ଅଧ ଘଣ୍ଟାଏ (୩୦ ମିନିଟ୍) ମଧ୍ୟରେ ମା’ କ୍ଷୀର ଖୁଆଇବା ଅତ୍ୟନ୍ତ ଆବଶ୍ୟକ। ଏହି କ୍ଷୀରରେ କୋଲଷ୍ଟ୍ରମ୍ ଥାଏ, ଯାହା ଶିଶୁକୁ ରୋଗ ସଂକ୍ରମଣରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ମା’ କ୍ଷୀରରେ ଶକ୍ତି ପ୍ରଦାନକାରୀ କୋଲଷ୍ଟ୍ରମ୍ ପ୍ରଚୁର ପରିମାଣରେ ରହିଥାଏ : ଯାହା ଶିଶୁକୁ ତରଳ ଝାଡ଼ା, ନିମୋନିଆ ଆଦି କେତେକ ମାରାତ୍ମକ ରୋଗ ସଂକ୍ରମଣରୁ ରକ୍ଷା କରିଥାଏ ଏବଂ ଶିଶୁ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଶିଶୁ ଜନ୍ମହେବାର ଅଧଘଣ୍ଟାଏ ମଧ୍ୟରେ ସ୍ତନ୍ୟପାନ ନିହାତି ଅପରିହାର୍ଯ୍ୟ। ଅନେକ ଅଞ୍ଚଳରେ ଏହି କଷକ୍ଷୀରକୁ ଅପରିଷ୍କାର କ୍ଷୀର କହି ପିଙ୍ଗିଦିଆଯାଏ ; ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ଏହି କୋଲଷ୍ଟ୍ରମ ବା କଷକ୍ଷୀର ଶିଶୁକୁ ଆବଶ୍ୟକ ଥିବା ପୁଷ୍ଟିସାର, ସୂକ୍ଷ୍ମପୋଷଣ, ରୋଗ ପ୍ରତିରୋଧକ ଶକ୍ତି ଆଦି ପ୍ରଦାନ କରିଥାଏ। ଶିଶୁ ଜନ୍ମହେବା ପରେ ପରେ ସ୍ତନ୍ୟପାନ କରାଇବା ଦ୍ୱାର ମା’ର ଗର୍ଭାଶୟ ମଧ୍ୟ ସଙ୍କୁଚିତ ହୋଇଥାଏ ; ଫଳରେ ପ୍ରସବଜନିତ ରକ୍ତ ହାନି ହ୍ରାସ ହୁଏ। ଅସ୍ତ୍ରୋପଚାର ଦ୍ୱାରା ପ୍ରସବ କରାଯାଇଥିବା ଶିଶୁକୁ ମା’ର ଅବସ୍ଥା ସ୍ଥିର ହେବା ମାତ୍ରେ ୪ ରୁ ୬ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଯିବା ଆବଶ୍ୟକ

**‘‘୬’ମାସ ଖାଲି ସ୍ତନ୍ୟପାନ : ଉଭୟଙ୍କୁ ଦିଏ ସୁସ୍ଥ ଜୀବନ’’**

ଶିଶୁର ଅଭିବୃଦ୍ଧି ପାଇଁ ମା’ କ୍ଷୀରରେ ସମସ୍ତ ପ୍ରକାର ପୁଷ୍ଟିସାର, ପୋଷକତତ୍ତ୍ୱ ଆଦି ଭରପୂର ରହିଥାଏ ଏବଂ ଶିଶୁ ଏହାକୁ ଠିକ୍ ଭାବରେ ହଜମ କରିବାରେ ସମର୍ଥ ହୋଇଥାଏ। ମା’ କ୍ଷୀର ଶିଶୁକୁ ସୁହାଇବା ଭଳି ଉଷ୍ମତା ବଜାୟ ରଖେ ଏବଂ ଶିଶୁକୁ ବୁଦ୍ଧିମାନ ହେବାରେ ସାହାଯ୍ୟ କରିଥାଏ। ଏହି କ୍ଷୀର ଶିଶୁକୁ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ମେଦ ବହୁଳତା ଭଳି ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ। ମା’ କ୍ଷୀରରେ ଥିବା ଆମିନୋଏସିଡ୍ ଶିଶୁ ଆଖିରେ ରେଟିନାର ବିକାଶ କରେ। ଫଳରେ ଶିଶୁ ଭଲ ଦେଖିପାରେ। ସ୍ତନ୍ୟପାନ ଯୋଗୁ ଶିଶୁକୁ ବାହ୍ୟ ସଂକ୍ରମଣ ଆଶଙ୍କା ମଧ୍ୟ ଯଥେଷ୍ଟ କମ୍ ଥାଏ। ସର୍ବୋପରି ସ୍ତନ୍ୟପାନ ଦ୍ୱାରା ମା’ ଓ ଶିଶୁ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ। ନିୟମିତ ସ୍ତନ୍ୟପାନ ମା’ ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ଏହାଦ୍ୱାରା ମା’ ଦେହରୁ ଚର୍ବି କମିବା ସହ ସ୍ତନ କର୍କଟ, ଗର୍ଭାଶୟ ଓ ଡିମ୍ବାଶୟ କର୍କଟ ଆଶଙ୍କା ମଧ୍ୟ କମ୍ ରହିଥାଏ। ଶିଶୁକୁ ୬ ମାସ ବୟସ ହେବା ପର୍ଯ୍ୟନ୍ତ ଗାଈ, ମଇଁଷି ଓ ଡବାକ୍ଷୀର କିମ୍ବା ମହୁ, ଗ୍ଲୁକୋଜ୍ ପାଣି ଆଦି ଦେବା ଅନୁଚିତ। ଏହାଦ୍ୱାରା ଶିଶୁର ମା’ କ୍ଷୀର ପିଇବାର ପରିମାଣ କମିଯାଏ ଏବଂ ଏଗୁଡ଼ିକ ରୋଗ ସଂକ୍ରମଣର ମାଧ୍ୟମ ହୋଇପାରେ। ଶିଶୁକୁ ୬ ମାସ ହେବା ପରେ ସ୍ତନ୍ୟପାନ ସହ ଅର୍ଦ୍ଧ ତରଳ ସିଝା ଖାଦ୍ୟ ଦେବା ଆରମ୍ଭ କରିବା ଉଚିତ। ଯେତେ ମାସ ପର୍ଯ୍ୟନ୍ତ ସମ୍ଭବ ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ।

**‘‘ସ୍ତନ୍ୟପାନ ପାଇଁ ସ୍ୱତନ୍ତ୍ର ଧ୍ୟାନ: ସୁରକ୍ଷିତ କରେ ଶିଶୁ ଜୀବନ’’**

ପ୍ରସବ ପରେ ତୁରନ୍ତ ଶିଶୁକୁ ମା’ ଦେହରେ ଲଗାଇ ଶୁଆଇବା ଦରକାର। ପ୍ରଥମେ ସ୍ତନକୁ ଭଲ ଭାବେ ପରିଷ୍କାର କରି ଶିଶୁକୁ ପିଆଇବା ଦରକାର। ଦୈନିକ ଅନ୍ତତଃ ପକ୍ଷେ ମା’ ନିଜ ଶିଶୁକୁ ୮-୧୦ ଥର ୧୦-୧୫ମିନିଟ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ସ୍ତନ୍ୟପାନ କରାଇବା ଦରକାର। ତେବେ ସ୍ତନ୍ୟପାନ ସମୟରେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଯଥା ;



– ମା’ ଆରାମରେ ବସି ଶିଶୁକୁ କୋଳରେ ଧରି କ୍ଷୀର ଖୁଆଇବା ଭଲ। ଶିଶୁକୁ ଶୁଆଇ କ୍ଷୀର ଖୁଆଇବା ଅନୁଚିତ।
– ସ୍ତନ୍ୟପାନ ପୂର୍ବରୁ ହାତ ସାବୁନରେ ଧୋଇବା ସହ ଫୁଟାପାଣିରେ ଧୁଆ ହୋଇଥିବା ସଫା କପଡ଼ାରେ ସ୍ତନକୁ ପୋଛିବା ଦରକାର।
– ମା’ ପ୍ରତିଦିନ ପେଟ ପୂରା ଖାଇବା ସହ ସ୍ତନ୍ୟପାନ କରାଇବା ପୂର୍ବରୁ ଜୁସ୍, ସୁପ୍ କିମ୍ବା ପାଣି ନିହାତି ପିଇବା ଆବଶ୍ୟକ।
– ଶିଶୁକୁ କ୍ଷୀର ଦେବା ବେଳେ ମା’ ମନରେ ଭୟ, ଗ୍ଲାନି, ଉଦ୍‌ବେଗ, ଆଶଙ୍କା, ଅଶାନ୍ତି ଭଳି ଭାବନା ନ ରହିବା ଦରକାର। ମା’ ଖୁସି ମନରେ ଶିଶୁ ଖୁଆଇଲେ ଏହା ଉଭୟଙ୍କ ପାଇଁ ଭଲ।
– ଖୁଆଇବା ପରେ ଶିଶୁକୁ କାନ୍ଧରେ ପକାଇ ପିଠିକୁ ଥାପୁଡ଼ାଇବା ଦରକାର। ଏହାଦ୍ୱାରା ଶିଶୁର ଗ୍ୟାସ୍ ହେବା ଏବଂ ପେଟ ଯନ୍ତ୍ରଣାରେ ଶିଶୁ କାନ୍ଦିବା ସମସ୍ୟା ଦୂର ହୋଇଥାଏ।

*– ଜିଲା ଆୟୁର୍ବେଦ ଚିକିତ୍ସାଳୟ, ଢେଙ୍କାନାଳ*
*ମୋ:୯୪୩୭୨୨୧୬୧୬*

# ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ



ପଦକ ସହ ଭାରତୀୟ ତୀରନ୍ଦାଜ ଦଳ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଚେଙ୍ଗଡୁ (ଚାଇନା), ୩୧।୭ (ପି.ଟି.)**

ଚଳିତ ୩୧ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ୟୁନିଭର୍ସିଟି ଦଳର ପ୍ରତିଯୋଗୀମାନେ ତୀରନ୍ଦାଜୀ ଓ ଶୁଟିଂରେ ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଶୁଟିଂରେ ଗୋଟିଏ ରୌପ୍ୟ ଏବଂ ତୀରନ୍ଦାଜୀରେ ଗୋଟିଏ ରୌପ୍ୟ ପଦକ ପାଇଛି। ସଙ୍ଗମପ୍ରୀତ ସିଂ ଓ ଅଭନିତ କୌର କମ୍ପାଉଣ୍ଡ ତୀରନ୍ଦାଜୀରେ ଚାମ୍ପିୟନ ହୋଇଥିବା ବେଳେ ଭାରତ ଏହି କ୍ରୀଡ଼ାରେ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ତିନୋଟି ବ୍ରୋଞ୍ଜ ହାସଲ କରିଛି। ଓଭର ଅଲ୍ ଭାରତ ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଚାଇନା (୧୭-୫-୪) ଟେବୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହା ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୋରିଆ (୧୦-୧୦-୪) ଓ ଜାପାନ (୧୦-୬-୭) ରହିଛନ୍ତି। ପୂର୍ବରୁ ଭାରତୀୟ ଦଳ ଏହାର ଶ୍ରେଷ୍ଠ ପ୍ରଦର୍ଶନ ୨୦୧୫ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ କରିଥିଲା। ସେଥିରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପାଇଥିଲା। ମାତ୍ର ଚଳିତ ସଂସ୍କରଣରେ ଭାରତ ଏହି ସଂଖ୍ୟାକୁ ଅତିକ୍ରମ କରିଯାଇଛି। ସମସ୍ତ ୩ ସ୍ୱର୍ଣ୍ଣ କମ୍ପାଉଣ୍ଡ ବିଭାଗରୁ ଆସିଛି। ବ୍ୟକ୍ତିଗତ ପୁରୁଷ ବିଭାଗରେ ବିସ୍‌ଲା, ମହିଳାରେ ଅଭିନୀତ ଏବଂ ମିକ୍ସଡ ଟିମ୍‌ରେ ସାଇନି ଓ ପ୍ରଗତି ସମସ୍ତ ୩ ସ୍ୱର୍ଣ୍ଣ ଜିତିଛନ୍ତି। କମ୍ପାଉଣ୍ଡ ତୀରନ୍ଦାଜମାନେ ଆହୁରି ମଧ୍ୟ ଦୁଇଟି ବ୍ରୋଞ୍ଜ ପଦକ ପୁରୁଷ ଟିମ୍ (ରିଷଭ ଯାଦବ, ସାଇନି ଓ ବିସ୍‌ଲା) ଏବଂ ପୁରୁଷ ବ୍ୟକ୍ତିଗତ ବିଭାଗରେ ହାସଲ କରିଛି। ରିକର୍ଭ ତୀରନ୍ଦାଜମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତେବେ ସଙ୍ଗୀତା, ତନିଶା ବର୍ମା ଓ ରୀତା ସାୱାନ୍‌ଙ୍କୁ ନେଇ ମହିଳା ଦଳ ଏକ ବ୍ରୋଞ୍ଜ ଜିତିଛି।

### ଶୁଟିଂରେ ଐଶ୍ୱରିଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ସୋମବାର ଭାରତୀୟ ଶୁଟରମାନେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଛନ୍ତି। ଐଶ୍ୱରୀ ପ୍ରତାପ ସିଂ, ଦିବ୍ୟାଂଶ ସିଂ ପନୱାର, ଅର୍ଜୁନ ବବୁତାଙ୍କୁ ନେଇ ଭାରତୀୟ ପୁରୁଷ ଦଳ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏଥି ସହିତ ଦଳ ବିଶ୍ୱରେକର୍ଡ ଭଙ୍ଗ କରିଛି। ଭାରତୀୟ ୟୁନିଭର୍ସିଟି ଟିମ୍ ୧୮୯୪.୭ ପଏଣ୍ଟ ସ୍କୋର କରି ଟାଇଟଲ ଜିତିଛି। ୨୦୧୮ରେ ଚାଇନା ଏହାଠାରୁ ୭.୩ ପଏଣ୍ଟ କମ୍ ସ୍କୋର କରି ବିଶ୍ୱ ରେକର୍ଡର ଅଧିକାରୀ ଥିଲା। ଏଠାରେ ଚାଇନା (୧୮୮୧.୯) ରୌପ୍ୟ ଏବଂ କାଜାଖସ୍ତାନ (୧୮୭୮.୨) ବ୍ରୋଞ୍ଜ ପାଇଛି। ଅନ୍ୟପକ୍ଷରେ ପୁରୁଷ ୧୦ ମିଟର ରାଇଫଲରେ ଭାରତର ଐଶ୍ୱରି ପ୍ରତାପ ସିଂ ତୋମାର (୨୫୨.୬) ସ୍ୱର୍ଣ୍ଣ ଜିତିଥିବା ବେଳେ ରୌପ୍ୟପଦକ ଭାରତର ଦିବ୍ୟାଂଶ ସିଂ ପନୱାର (୨୫୧.୦) ରୌପ୍ୟ ଏବଂ ଚାଇନାର ସଙ୍ଗ ଉହାନ (୨୨୯) ବ୍ରୋଞ୍ଜ ପାଇଥିଲେ। ଭାରତୀୟ ଶୁଟିଂ ଟିମ୍ ସଦସ୍ୟ ଐଶ୍ୱରି ପ୍ରତାପ ସିଂ ତୋମାର ଚଳିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଜିତି ଚହଳ ସୃଷ୍ଟି କରିଛନ୍ତି। ସେ ପୁରୁଷ ୧୦ ମିଟର ଏୟାର ରାଇଫଲ, ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ, ପୁରୁଷ ୧୦ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ହାସଲ କରିଥିବା ବେଳେ ୫୦ମିଟର ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପାଇଛନ୍ତି।

# ଭାରତୀୟ ଡେଭିସ୍ କପ୍ ଟିମ୍‌ରେ ଦିଗ୍‌ବିଜୟ ପ୍ରତାପ

**ନୂଆଦିଲ୍ଲୀ, ୩୧।୭ (ପି.ଟି.):** ଲକ୍ଷ୍ନୌଠାରେ ମରକ୍କୋ ବିପକ୍ଷରେ ଖେଳାଯିବାକୁଥିବା ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲା ପାଇଁ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ସୋମବାର ୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ନୂତନ ଖେଳାଳି ଭାବେ ଦିଗ୍‌ବିଜୟ ପ୍ରତାପ ସିଂ ସ୍ଥାନ ପାଇଛନ୍ତି। ସେପ୍ଟେମ୍ବର ୧୬ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏହି ମୁକାବିଲା ଲାଗି ସୁମିତ ନାଗାଲ, ଶଶି କୁମାର ମୁକୁନ୍ଦ, ୟୁକି ଭାମ୍ବ୍ରି, ରାମକୁମାର ରମାନାଥନ ଏବଂ ରୋହନ ବୋପାନ୍ନାଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। ବୋପାନ୍ନାଙ୍କର ଏହା ହେଉଛି ଫେୟାରୱେଲ ମୁକାବିଲା। ଦେଶର ଟପ୍ ଡବଲ୍ସ ଖେଳାଳି ଗତ ମାସରେ କହିଥିଲେ ସେ ଡେଭିସ୍ କପ୍ କ୍ୟାରିୟରର ଅନ୍ତଃ ଘଟାଇବେ। ରୋହିତ ରାଜପାଲ ପୂର୍ବଭଳି ଅଣ ଖେଳାଳି ଅଧିନାୟକ ରହିବେ। ଏଆଇଟିଏ କହିଛି ଖେଳାଳି ଚୟନ ବେଳେ ବିଭିନ୍ନ ଦିଗରୁ ବିଚାର କରାଯାଇଛି। ତନ୍ମଧ୍ୟରେ ଖେଳାଳିଙ୍କ ର୍‍ୟାଙ୍କିଙ୍ଗ, ଉପଲବ୍ଧି, ପ୍ରଦର୍ଶନ ଏବଂ ବର୍ତ୍ତମାନର ଫର୍ମ ରହିଛି। ମୁଖ୍ୟ ଦଳ ସହିତ ସାକେତ ମାଇନେନି ମନଦ ଦେହାମ୍‌ନେ, ମନିଶ ସୁରେଶ କୁମାର, କରଣ ସିଂ ଓ ୟୁବାନ ନାଣ୍ଡାଲ ପ୍ରମୁଖ ଟ୍ରେନିଂ ନେଉଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ୱାର୍ଲ୍ଡ ଗ୍ରୁପ୍ ପ୍ଲେଅଫ୍‌ରେ ଡେନମାର୍କଠାରୁ ୨-୩ରେ ହାରିଯିବା ପରେ ଭାରତୀୟ ଦଳ ୱାର୍ଲ୍ଡ ଗ୍ରୁପ୍-୨କୁ ଖସିଆସିଛି।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ



ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେରେ ଅଂଶଗ୍ରହଣ କରିଥିବା ଓଡ଼ିଶା କରାଟେକା।

## ‘ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେ

**ଭୁବନେଶ୍ୱର, ୩୧।୭ (ତପନ ସ୍ୱାଇଁ)**

ଚଳିତ ମାସ ୨୯ ଓ ୩୦ ତାରିଖ ଦୁଇଦିନଧରି କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୭ମ ‘ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ଏଥିରେ ଓଡ଼ିଶାର ୫ କରାଟେକା ଓ ୨ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଡି. ଭଗବାନ ରେଡ୍ଡୀ, ରିତେଶ ରାୟ, ସୁମନ ଶେଖର ଦାସ, ରିତେଶ ମହାନ୍ତି ଓ ସାହିଲ କୁମାର। କରାଟେକାଙ୍କ ମଧ୍ୟରୁ କୃଷ୍ଣ ଚନ୍ଦ୍ର ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇ ଡବଲ ସଫଳତା ପାଇଛନ୍ତି। କୃଷ୍ଣ ୬୦ କେଜି ବ୍ୟକ୍ତିଗତ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି କୃଷ୍ଣଙ୍କ ସମେତ ଡି. ଭଗବାନ ରେଡ୍ଡୀ, ରୀତେଶ ରାୟ, ସୁମନ ଶେଖର ଦାସ ଓ ରାଜେଶ ମହାପାତ୍ରଙ୍କୁ ନେଇ ଗଠିତ ଦଳ ଟିମ୍ ଫାଇନାଲରେ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ସୁମନ ଶେଖର ଦାସ ୮୪ କେଜି ବ୍ୟକ୍ତିଗତ ଫାଇଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ସେ ମଧ୍ୟ ୨ଟି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୬ଟି ଦେଶରୁ ମୋଟ ୫୨୯୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟିମ୍ ଫାଇଟିଂରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ବିହାର, ଉତ୍ତର ପ୍ରଦେଶ ଓ ମାଲେସିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବ୍ରୋଞ୍ଜ ପାଇଥିଲେ। ଓଡ଼ିଶା ଦଳକୁ ରାଜ୍ୟ କରାଟେ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଡୁରାଣ୍ଡ କପ୍: ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୩୧।୭ (ସରୋଜ ଜେନା)**

ଏସିଆର ସର୍ବ ପୁରାତନ ଫୁଟବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ଅଗଷ୍ଟ ୩ ତାରିଖରୁ ଆରମ୍ଭ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ପକ୍ଷରୁ ଏହାର ରିଜର୍ଭ ଟିମ୍‌କୁ ଘୋଷଣା କରାଯାଇଛି। ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଓଡ଼ିଆ ଖେଳାଳିଙ୍କୁ ଟୁର୍ନାମେଣ୍ଟରେ ସୁଯୋଗ ମିଳିବ। କୋଲକାତା ଓ ଆସାମରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଆସାମର କୋକ୍ରାଝରରେ ଓଏଫ୍‌ସି ଏହାର ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ଗ୍ରୁପ୍ ଏଫ୍‌ରେ ଦଳ ଇଣ୍ଡିଆନ୍ ଆର୍ମି, ବୋଡୋଲାଣ୍ଡ ଓ ରାଜସ୍ଥାନ ୟୁନାଇଟେଡ ସହିତ ସ୍ଥାନ ପାଇଛି। ଓଏଫ୍‌ସି ୭ତାରିଖରେ ଇଣ୍ଡିଆନ୍ ଆର୍ମି ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ।




E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP

NARAYANI MOTORS
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

SKY AUTOMOBILES
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

TUSHI MOTORS
CUTTACK: 9078076450. PANIKOILI: 9078076450. ATHAGARH: 9078076450.

ODYSSEY MOTORS
ANGUL: 7752076136, 9776901481. PALLAHARA: 7873565435, 9437831123.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only **Ex – Showroom Price Delhi.

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ